ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୨/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, March 22/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 119 | ମୂଲ୍ୟ ₹୭/-



## ଚରିତ୍ର ଉପରେ ଅଙ୍କିତାଙ୍କ ଫୋକସ୍

ଅଭିନେତ୍ରୀ ଅଙ୍କିତା ଲୋଖାଣ୍ଡେ ଟଙ୍କା ପଛରେ ନ ଗୋଡ଼ାଇ ଭଲ ଚରିତ୍ର ଥିବା ପ୍ରୋଜେକ୍ଟ ଉପରେ ଫୋକସ୍ କରନ୍ତି ବୋଲି କହିଛନ୍ତି।

୦୨

୧୪

## ଶରଥ କମଲ ଅଲିମ୍ପିକ୍ସରେ ପତାକା ବାହକ

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଟିଟି ଖେଳାଳି ଶରଥ କମଲ ଭାରତୀୟ ଦଳର ପତାକା ବାହକ ଭାବେ ମନୋନୀତ ହୋଇଛନ୍ତି।



# କେନ୍ଦ୍ରକୁ ଡବଲ୍ ଝଟକା

ଲୋକ ସଭା ନିର୍ବାଚନକୁ ମାସେରୁ କମ୍ ସମୟ ଥିବାବେଳେ ଗୁରୁବାର ଭାରତର ୨ ସର୍ବୋଚ୍ଚ ସାମ୍ବିଧାନିକ ସଂସ୍ଥା ସୁପ୍ରିମକୋର୍ଟ ଏବଂ ନିର୍ବାଚନ କମିଶନ (ଇସିଆଇ)ଙ୍କଠାରୁ କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍କା ଲାଗିଛି। ସରକାର ବିରୋଧୀ ଖବରକୁ ଚିହ୍ନଟ କରି ରୋକିବା ସକାଶେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଅଧୀନରେ ଫ୍ୟାକ୍ଟ ଚେକ୍ ୟୁନିଟ ପ୍ରତିଷ୍ଠା ପାଇଁ ଇଲେକ୍ଟ୍ରୋନିକ୍ ଏବଂ ଆଇଟି ମନ୍ତ୍ରଣାଳୟ ବୁଧବାର ବିଜ୍ଞପ୍ତି ଜାରି କରିଥିଲା। ଗୁରୁବାର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନାଗରିକଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ପ୍ରଭାବିତ ହେବା ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି ନିର୍ବାଚନ ତାରିଖ ଘୋଷଣା ହେବା ସତ୍ତ୍ୱେ ଇଲେକ୍ଟ୍ରୋନିକ୍ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଲୋକଙ୍କ ମୋବାଇଲକୁ ହ୍ୱାଟ୍ସଆପ୍‌ରେ ମେସେଜ୍ ପଠାଯାଉଥିଲା। 'ବିକଶିତ ଭାରତ ସମ୍ପର୍କ' ବ୍ୟାନରରେ କେନ୍ଦ୍ରୀୟ ଯୋଜନାର ସଫଳତା ବଖାଣୁଥିବା ହ୍ୱାଟ୍ସଆପ୍ ବାର୍ତ୍ତା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଇସିଆଇଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ବାଚନ ଆୟୋଗ ଏହାକୁ ତତ୍କାଳ ବନ୍ଦ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫ୍ୟାକ୍ଟ ଚେକ୍ ୟୁନିଟ୍ ସ୍ଥାପନ ଉପରେ ସ୍ଥଗିତାଦେଶ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୩(ପି.ଟି.)

ମିଥ୍ୟା ଖବରକୁ ଚିହ୍ନଟ କରିବା ନିମନ୍ତେ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ(ପିଆଇବି) ଅଧୀନରେ ଫ୍ୟାକ୍ଟ ଚେକ୍ ୟୁନିଟ୍ (ଏଫ୍‌ସିୟୁ) ସ୍ଥାପନ ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଅଭିବ୍ୟକ୍ତି ସ୍ୱାଧୀନତା ପ୍ରଭାବିତ ହେବ ଦର୍ଶାଇ ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ସୂଚନା ପ୍ରଯୁକ୍ତି ନିୟମାବଳୀ,୨୦୨୧ ଅନୁଯାୟୀ ଫ୍ୟାକ୍ଟ ଚେକ୍ ୟୁନିଟ୍ ସ୍ଥାପନ ପାଇଁ ଇଲେକ୍ଟ୍ରୋନିକ୍ ଏବଂ ଆଇଟି ମନ୍ତ୍ରଣାଳୟ ଦ୍ୱାରା ବୁଧବାର



ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫେକ୍ ନ୍ୟୁଜ୍‌କୁ ଚିହ୍ନଟ ଲାଗି ଏଫ୍‌ସିୟୁ ସ୍ଥାପନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଗତ ୧୧ ତାରିଖରେ ବମ୍ବେ ହାଇକୋର୍ଟ ମନା କରିଦେଇଥିବାବେଳେ ☞ପୃଷ୍ଠା–୪

## 'ବିକଶିତ ଭାରତ' ମେସେଜ୍ ବନ୍ଦକଲେ ଇସି

ନୂଆଦିଲ୍ଲୀ,୨୧।୩(ପି.ଟି.)

ଲୋକ ସଭା ଏବଂ ୪ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ସହ ଦେଶରେ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ତେଣୁ ସରକାରଙ୍କ ସଫଳତାର ପ୍ରଚାର ପାଇଁ ହ୍ୱାଟ୍ସଆପ୍ ଜରିଆରେ ଲୋକଙ୍କ ପାଖକୁ 'ବିକଶିତ ଭାରତ ସମ୍ପର୍କ' ବାର୍ତ୍ତା ପଠାଇବା ତୁରନ୍ତ ବନ୍ଦ କରିବାକୁ ନିର୍ବାଚନ କମିଶନ (ଇସି) କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହ୍ୱାଟ୍ସଆପ୍ ଜରିଆରେ ଜନସାଧାରଣଙ୍କ ପାଖକୁ ସରକାର ବାର୍ତ୍ତା ପଠାଉଥିବା ଅଭିଯୋଗ ପାଇବା ପରେ ତାହାକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ବାଚନ କମିଶନ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତଙ୍କୁ ଯେପରି ସମାନ ସୁବିଧା ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଏଭଳି କେତେକ ନିଷ୍ପତ୍ତି ନିଆଯାଇଥିବା ଇସି କହିଛନ୍ତି। ଏଭଳି ବାର୍ତ୍ତା ଯେପରି ଲୋକଙ୍କ ପାଖକୁ ପଠା ନ ଯାଏ, ସେଥିପାଇଁ ତୁରନ୍ତ ଏକ ଅନୁପାଳନ ରିପୋର୍ଟ ଦେବାକୁ ନିର୍ବାଚନ ଆୟୋଗ ☞ପୃଷ୍ଠା–୪

## ଭେଣ୍ଟିଲେଟରରେ ଦାମ ରାଉତ

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୩(ଅନିଲ ଦାସ)

ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ସେ ଭେଣ୍ଟିଲେଟରରେ ଏବେ ଥିବାବେଳେ ତାଙ୍କର ବ୍ରେନ୍ ଡେଡ୍ ହୋଇଥିବା ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ସୂଚନା ଦେଇଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ଦାମଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାମଙ୍କ ଗୁରୁତର ଅବସ୍ଥା ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ
ଚାଇନାର ବିସ୍ତାରବାଦ

## କେଜ୍‌ରିୱାଲ ଗିରଫ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଇଡି ପକ୍ଷରୁ ଗିରଫ କରି ନିଆଯାଉଛି।

ନୂଆଦିଲ୍ଲୀ,୨୧।୩

ଅବକାରୀ ନୀତି ଜାଲିଆତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରିଛି। କେଜ୍‌ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ମନା କରିଦେବା ପରେ ଇଡି ଅଧିକାରୀମାନେ ତାଙ୍କ ସରକାରୀ ବାସଭବନରେ ପହଞ୍ଚି ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜେରା ପରେ ଗିରଫ କରିଛନ୍ତି। ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯିବା ଏହା ପ୍ରଥମ ଘଟଣା। ତେବେ ଗିରଫଦାରୀକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ବରିଷ୍ଠ ନେତା ଆତିଶି କହିଛନ୍ତି। ପୂର୍ବରୁ ଏହି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଗିରଫ ହୋଇ ଜେଲରେ ରହିଛନ୍ତି।

ଅବକାରୀ ଦୁର୍ନୀତି ମାମଲାରେ ଗୁରୁବାର ହାଜର ହେବା ପାଇଁ କେଜ୍‌ରିୱାଲଙ୍କୁ ଇଡି ନବମ ସମନ ଜାରି କରିବା ପରେ ଆପ୍ ନେତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ସମୟରେ ଇଡି କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦିଆଯାଇପାରିବ ନାହିଁ। ଏପ୍ରିଲ ୨୨ରେ ମୁଖ୍ୟ ପିଟଶନ ସହ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଆବେଦନ ଉପରେ ଅଧିକ ବିଚାର କରାଯିବ ବୋଲି ଜଷ୍ଟିସ୍ ସୁରେଶ କୁମାର କୈତ୍ ଏବଂ ମନୋଜ ଜୈନଙ୍କ ଖଣ୍ଡପୀଠ ☞ପୃଷ୍ଠା–୪

### କେଜ୍‌ରିୱାଲଙ୍କ ଗିରଫଦାରି ଗଣତନ୍ତ୍ରର ହତ୍ୟା: କଂଗ୍ରେସ






# ନୂଆ ଇସି ନିଯୁକ୍ତିରେ ଲାଗିଲାନି ରୋକ

## ଅରାଜକତା, ଅନିଶ୍ଚିତତା ସୃଷ୍ଟି ହେବ କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୩(ପି.ଟି.)**

ନୂଆ ନିର୍ବାଚନ କମିଶନର(ଇସି) ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁଙ୍କ ନିଯୁକ୍ତି ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ସ୍ଥଗିତାଦେଶ ଲଗାଇଲେ ଅରାଜକତା ଏବଂ ଅନିଶ୍ଚିତତା ସୃଷ୍ଟି ହେବ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି। ନିର୍ବାଚନ ଆୟୋଗ କାର୍ଯ୍ୟପାଳିକାଙ୍କ ଅଧୀନରେ ନୁହନ୍ତି ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେବା ସହ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନର(ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ଆଇନ, ୨୦୨୩ରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ମନା କରିଛନ୍ତି। ତେବେ ଉକ୍ତ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ମୁଖ୍ୟ ପିଟିଶନଗୁଡ଼ିକୁ ଅଦାଲତ ଅନୁଧ୍ୟାନ କରୁଛନ୍ତି ବୋଲି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିବା ସହ କେନ୍ଦ୍ର ସରକାରଙ୍କୁ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୫କୁ ଧାର୍ଯ୍ୟ ହୋଇଛି।



କଂଗ୍ରେସ ନେତା ଜୟା ଠାକୁର ଏବଂ ଏନଜିଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଅନ୍ୟମାନଙ୍କ ପକ୍ଷରୁ କେନ୍ଦ୍ରର ସିଇସି ଏବଂ ଇସି ନିଯୁକ୍ତି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯିବା ସହ ନୂଆ ଇସିଙ୍କ ନିଯୁକ୍ତି ଉପରେ ସ୍ଥଗିତାଦେଶ ଲଗାଇବାକୁ ନିବେଦନ କରାଯାଇଥିଲା। ସ୍ଥଗିତାଦେଶ ପାଇଁ କରାଯାଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ନିର୍ବାଚନର ମାତ୍ର କିଛି ସପ୍ତାହ ପୂର୍ବରୁ ନୂଆ ଇସିଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ନିଯୁକ୍ତିକୁ ସ୍ଥଗିତ ରଖିବାର ପରିଣାମ ଖରାପ ହେବ। ଏହା ବ୍ୟତୀତ ନବନିଯୁକ୍ତ ଇସିମାନଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିବା ଖଣ୍ଡପୀଠ କହିଛନ୍ତି। ତେବେ ଏତେ ତରବରିଆ ଭାବେ ୨ ନୂଆ ଇସିଙ୍କୁ କ'ଣ ପାଇଁ ନିଯୁକ୍ତ କରାଗଲା ବୋଲି ଖଣ୍ଡପୀଠ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ପୂର୍ବରୁ ସରକାରଙ୍କ ନିଷ୍ପତ୍ତିରେ ଇସି ନିଯୁକ୍ତ ହେଉଥିବାବେଳେ ଏବେ ସଂସଦୀୟ ଆଇନ ଅନୁଯାୟୀ ନିଯୁକ୍ତ ହୋଇଛନ୍ତି। ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଆଇନ ପ୍ରଣୟନ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣଙ୍କୁ କହିଥିଲେ। ଇସି ନିଯୁକ୍ତି ପାଇଁ ଗଠିତ ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ୍ ଦିଆଯାଇଥିବାରୁ ସୁପ୍ରିମକୋର୍ଟଙ୍କ ରାୟ ପାଳନ ହୋଇ ନ ଥିବା ଭୂଷଣ ଅଭିଯୋଗ ଆଣିଥିଲେ। ଏହାର ଜବାବରେ ସୁପ୍ରିମକୋର୍ଟ କହିଥିଲେ, ୨୦୨୩ର ସାମ୍ବିଧାନିକ ପୀଠ ରାୟରେ ସିଇସି ଏବଂ ଇସି ନିଯୁକ୍ତି ପାଇଁ ନୂଆ ଆଇନରେ ଗଠିତ ଚୟନ କମିଟିରେ ନ୍ୟାୟପାଳିକାରୁ ପ୍ରତିନିଧି ରହିବେ ବୋଲି କେଉଁଠି କୁହାଯାଇ ନ ଥିଲା। ଅଦାଲତ ଏହାକୁ ପାର୍ଲାମେଣ୍ଟ ହାତରେ ଛାଡ଼ିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି।

# ନାବାଳକଙ୍କୁ ୨୪ ଥର ଛୁରି ଭୁସାଯାଇଛି: ହତ୍ୟାକାରୀଙ୍କ ଭାଇ ଗିରଫ

### ବଦାୟୁଁ ଡବଲ ମର୍ଡର ମାମଲା

**ବଦାୟୁଁ/ବରେଲି,୨୧।୩(ପି.ଟି.)**

ଉତ୍ତରପ୍ରଦେଶର ବଦାୟୁଁରେ ୨ ନାବାଳକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଏନ୍କାଉଣ୍ଟରରେ ନିହତ ହୋଇଥିବାବେଳେ ତାଙ୍କ ଭାଇ ବରେଲି ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିଛି। ମୃତ ଆୟୁଷଙ୍କ ଶରୀରରେ ୧୩ ଥର ଛୁରି ଭୁସାଯାଇଥିବାବେଳେ ସାନଭାଇ ଆୟାନଙ୍କୁ ୧୧ ଥର ଛୁରିମାଡ଼ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମଙ୍ଗଳବାର ବାବା କଲୋନିରେ ହତ୍ୟାକାଣ୍ଡ ପରେ ମୁଖ୍ୟ ଅଭିଯୁକ୍ତ ସାଜିଦଙ୍କ ଭାଇ ଜାଭେଦ ଫେରାର ଥିଲେ। ଆତ୍ମସମର୍ପଣ ପରେ ତାଙ୍କୁ ଜେରା ପାଇଁ ବଦାୟୁଁ ଅଣାଯାଇଥିବା ଏସ୍‌ପି ଆଲୋକ ପ୍ରିୟଦର୍ଶୀ କହିଛନ୍ତି। ଏନ୍କାଉଣ୍ଟରରେ ସାଜିଦ ନିହତ ହେବା ପରେ ତାଙ୍କ ମା' ନଜନିନ୍ ପ୍ରତିକ୍ରିୟାରେ କହିଛନ୍ତି, ନିରୀହ ଶିଶୁଙ୍କ ମୃତ୍ୟୁରେ ସେମାନଙ୍କ ପରିବାରର ଦୁଃଖ ମୁଁ ବୁଝିପାରୁଛି। ପୁଅ ଯଦି ଭୁଲ୍ କରିଥାଏ, ତେବେ ଏନ୍କାଉଣ୍ଟରରେ ମରିବା ଯୁକ୍ତିଯୁକ୍ତ ବୋଲି ନଜନିନ କହିଛନ୍ତି।

# ଇଲେକ୍ଟୋରାଲ ବଣ୍ଡ ତଥ୍ୟ ଛାଡ଼ିଲେ ଇସି

**ନୂଆଦିଲ୍ଲୀ,୨୧।୩(ପି.ଟି.)**

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଇଲେକ୍ଟୋରାଲ ବଣ୍ଡ କ୍ରମିକ ନମ୍ବର ସହ ସମସ୍ତ ତଥ୍ୟ ପ୍ରଦାନ କରିବା ପରେ ନିର୍ବାଚନ କମିଶନ (ଇସି) ଏହାକୁ ଗୁରୁବାର ସନ୍ଧ୍ୟାରେ ସାର୍ବଜନୀନ କରିଛନ୍ତି। ଇସିଆଇ ୱେବ୍‌ସାଇଟ୍‌ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଫ୍ୟୁଚର ଗେମିଂ ଡିଏମ୍‌କେକୁ ସର୍ବାଧିକ ଚାନ୍ଦା ଦେଇଥିବାବେଳେ ଭାଜପା ଏବଂ ତୃଣମୂଳ କଂଗ୍ରେସକୁ ଚାନ୍ଦା ଦେଇଥିବା ଜଣାପଡ଼ିଛି। ଲଟେରି କିଙ୍ଗ୍ ସାଣ୍ଟିଆଗୋ ମାର୍ଟିନଙ୍କ କମ୍ପାନୀ ଫ୍ୟୁଚର ଗେମିଂ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସକୁ ୨୮୫ କୋଟି ଟଙ୍କା ଦେଇଛି। ଉକ୍ତ କମ୍ପାନୀରୁ ଭାଜପା ଅନ୍ୟୂନ ୧୦୦ କୋଟି ପାଇଥିବାବେଳେ ୱାଇଏସ୍‌ଆର୍ କଂଗ୍ରେସ ୧୫୦ କୋଟି ଟଙ୍କା ପାଇଛି। ଫ୍ୟୁଚର ଗ୍ରୁପ୍ ଡିଏମ୍‌କେକୁ ଇଲେକ୍ଟୋରାଲ ବଣ୍ଡରେ ୫୦୯ କୋଟି ଟଙ୍କା ଦେଇଥିବା ପୂର୍ବରୁ ପ୍ରକାଶ ପାଇଥିଲା।

ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ଏସ୍‌ବିଆଇ ଇଲେକ୍ଟୋରାଲ ବଣ୍ଡର କ୍ରମିକ ନମ୍ବର ସମେତ ସବିଶେଷ ତଥ୍ୟ ନିର୍ବାଚନ କମିଶନଙ୍କ ପାଖରେ ଗୁରୁବାର ଦାଖଲ କରିଥିଲା। କ୍ରମିକ ନମ୍ବର ଦିଆଯାଇଥିବାରୁ କେଉଁମାନେ କେଉଁ ଦଳକୁ ଚାନ୍ଦା ଦେଇଛନ୍ତି, ତାହା ଜଣାପଡ଼ିଯିବ। ନିର୍ବାଚନ କମିଶନଙ୍କୁ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରାଗଲା ବୋଲି ଏସ୍‌ବିଆଇ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଆକାଉଣ୍ଟର ସାଇବର ସୁରକ୍ଷା ପ୍ରତି ସାଲିସ୍ ଯେପରି ନ ହୁଏ, ସେଥିପାଇଁ ରାଜନୈତିକ ଦଳଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏବଂ କେୱାଇସି ବିବରଣୀ ସାର୍ବଜନୀନ କରାଯାଇ ନାହିଁ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ଦୀନେଶ କୁମାର ଖରା ସତ୍ୟପାଠରେ ଜଣାଇଛନ୍ତି। ସେହିପରି ସୁରକ୍ଷାଗତ କାରଣରୁ ଇଲେକ୍ଟୋରାଲ ବଣ୍ଡ କ୍ରେତାମାନଙ୍କ କେୱାଇସିକୁ ମଧ୍ୟ ସାର୍ବଜନୀନ କରାଯାଇ ନାହିଁ। ତଥ୍ୟ ବାହାରେ ଏସବୁ ସୂଚନା ସିଷ୍ଟମରେ ଫିଡ୍ ହୋଇ ନାହିଁ। ରାଜନୈତିକ ଦଳଗୁଡ଼ିକୁ ଚିହ୍ନଟ କରିବାରେ ଉକ୍ତ ତଥ୍ୟ ଜରୁରୀ ନୁହେଁ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ କହିଥିଲେ। ଏସ୍‌ବିଆଇ ଦେଇଥିବା ତଥ୍ୟରୁ ବଣ୍ଡ କ୍ରେତାଙ୍କ ନାଁ, ଚାନ୍ଦା ପରିମାଣ, ବଣ୍ଡର ନିର୍ଦ୍ଦିଷ୍ଟ ନମ୍ବର ଏବଂ ଏହାକୁ ନଗଦ କରିଥିବା ରାଜନୈତିକ ଦଳର ନାଁ ଜଣାପଡ଼ିବ। ବଣ୍ଡକୁ ଏନ୍‌କ୍ୟାଶ୍ କରିଥିବା ରାଜନୈତିକ ଦଳର ବ୍ୟାଙ୍କ ଆକାଉଣ୍ଟ ନମ୍ବରର ଶେଷ ୪ଟି ଅଙ୍କ, ଚାନ୍ଦା ପରିମାଣ ଏବଂ ଏନ୍‌କ୍ୟାସ ହୋଇଥିବା ବଣ୍ଡର ବିଶିଷ୍ଟ ନମ୍ବର ଦିଆଯାଇଛି। ବ୍ୟାଙ୍କ ପାଖରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ଯେତେସବୁ ତଥ୍ୟ ରହିଛି, ମାର୍ଚ୍ଚ ୨୧ରେ ତାହାକୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# କାର୍ତ୍ତି ୫୦ ଲକ୍ଷ ଲାଞ୍ଚ ନେଇଥିଲେ: ଇଡି

### ଚାଇନା କର୍ମଚାରୀଙ୍କୁ ଭିଜା ମାମଲା

**ନୂଆଦିଲ୍ଲୀ,୨୧।୩**

ପଞ୍ଜାବରେ ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ କରିଥିବା କମ୍ପାନୀର ଚାଇନା କର୍ମଚାରୀଙ୍କୁ ଭିଜା କରାଇଦେବା ପାଇଁ କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ ଜଣେ ସହଯୋଗୀଙ୍କ ଜରିଆରେ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୁରୁବାର ଅଭିଯୋଗ କରିଛି। ଜାଲ୍ କାରବାର ଜରିଆରେ ଉକ୍ତ ଲାଞ୍ଚ ଅର୍ଥ କାର୍ତ୍ତିଙ୍କ କମ୍ପାନୀ ଆକାଉଣ୍ଟକୁ ଯାଇଥିଲା। ତାମିଲନାଡୁର ଶିବଗଙ୍ଗା ଆସନରୁ କାର୍ତ୍ତି ଏମ୍‌ପି ରହିଛନ୍ତି। ଇଡି ଚାର୍ଜଶିଟ୍‌ରେ କାର୍ତ୍ତିଙ୍କ ସମେତ ତାଙ୍କ କମ୍ପାନୀ ଆଡଭାଣ୍ଟେଜ୍ ଷ୍ଟ୍ରାଟେଜିକ୍ କନ୍‌ସଲ୍ଟାଣ୍ଟ ପ୍ରା.ଲିଃ, ତାଙ୍କ ସହଯୋଗୀ ତଥା ଆକାଉଣ୍ଟାଣ୍ଟ ଏସ୍. ଭାସ୍କରରମଣ, ଚାଇନା କର୍ମଚାରୀ କାର୍ଯ୍ୟ କରୁଥିବା ତାଲୱାଣ୍ଡି ସାବୋ ପାୱାର ନାଁ ରହିଛି।



ବାରାଣସୀର ମଣିକର୍ଣ୍ଣିକା ଘାଟ ଶ୍ମଶାନରେ ଶ୍ରଦ୍ଧାଳୁମାନେ 'ଭସ୍ମ' ହୋଲି ପାଳନ କରୁଛନ୍ତି।

# ଭାରତୀୟ ଅଞ୍ଚଳ ଭାବେ ଅରୁଣାଚଳକୁ ଆମେରିକାର ସ୍ୱୀକୃତି

**ୱାଶିଂଟନ/ବେଜିଂ,୨୧।୩(ପି.ଟି.)**

ଅରୁଣାଚଳପ୍ରଦେଶ ଭାରତୀୟ ଅଞ୍ଚଳ ବୋଲି ଆମେରିକା ସ୍ୱୀକୃତି ଦେବା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅତିକ୍ରମ କରି ଚାଇନାର କୌଣସି ଏକତରଫା କାର୍ଯ୍ୟକୁ ଦୃଢ଼ ବିରୋଧ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୯ ତାରିଖରେ ଅରୁଣାଚଳପ୍ରଦେଶ ଗସ୍ତ କରି ସେଲା ଟନେଲ ଉଦ୍‌ଘାଟନ କରିଥିଲେ। ଏହି ଅଞ୍ଚଳ ଚାଇନାର ବୋଲି କହି ବେଜିଂ ମୋଦିଙ୍କ ଗସ୍ତକୁ ବିରୋଧ କରିଥିଲା। ଜିଜାଙ୍ଗ (ତିବ୍ବତର ଚାଇନା ନାମ)ର ଦକ୍ଷିଣ ଭାଗ ଚାଇନାର ଅବିଚ୍ଛେଦ୍ୟ ଅଞ୍ଚଳ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଝାଙ୍ଗ୍ ଜିଓଗାଙ୍ଗ କହିଥିଲେ। ଭାରତ ଏହି ତଥାକଥିତ ଅରୁଣାଚଳପ୍ରଦେଶକୁ ବେଆଇନ ଭାବେ

### ପ୍ରତିବାଦ ଜଣାଇଲା ଚାଇନା

ନିଜର ଦାବି କରୁଛି, ଯାହାକୁ ବେଜିଂ କଦାପି ସ୍ୱୀକୃତି ଦେବ ନାହିଁ ବୋଲି ସେ କହିଥିଲେ। ଅରୁଣାଚଳପ୍ରଦେଶ ଭାରତର ବୋଲି ବାଇଡେନ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ବେଦାନ୍ତ ପଟେଲ କହିବା ପରେ ବେଜିଂ ଏହାର ପ୍ରତିବାଦ କରିଛି। ଆମେରିକାର ସ୍ୱୀକୃତିକୁ ଆମେ ଜୋର୍‌ଦାର ବିରୋଧ କରିବୁ। ଭାରତ-ଚାଇନା ସୀମା ବିବାଦରେ ଆମେରିକାର କିଛି କରିବାର ନାହିଁ ବୋଲି ବେଜିଂ କହିଛି। ଯୁକ୍ତରାଷ୍ଟ୍ର ଏହାର ଭୂରାଜନୈତିକ ସ୍ୱାର୍ଥ ପାଇଁ ଅନ୍ୟ ଦେଶର ବିବାଦକୁ ଉସୁକାଉଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି।

# ତାମିଲନାଡୁ ରାଜ୍ୟପାଳଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

### ପୋନମୁଡିଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତି ଦେବାକୁ ମନା କରିବା ମାମଲା



ଆର୍.ଭି. ରବି

**ନୂଆଦିଲ୍ଲୀ,୨୧।୩(ପି.ଟି.)**

ତାମିଲନାଡୁ ରାଜ୍ୟ କ୍ୟାବିନେଟରେ ବରିଷ୍ଠ ଡିଏମ୍‌କେ ନେତା କେ. ପୋନମୁଡିଙ୍କୁ ପୁନଃନିଯୁକ୍ତି ଦେବାକୁ ରାଜ୍ୟପାଳ ଆର୍.ଭି. ରବି ମନା କରିଦେବା ଘଟଣାରେ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏଭଳି ଘଟଣା ଗମ୍ଭୀର ଚିନ୍ତାଜନକ ବୋଲି ଅଦାଲତ କହିଛନ୍ତି। ରବି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଏହି ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୋନମୁଡିଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ଉକ୍ତ ରାୟ ଉପରେ ସୁପ୍ରିମକୋର୍ଟ ନିକଟରେ ସ୍ଥଗିତାଦେଶ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ସୁପାରିସ ସତ୍ତ୍ୱେ ରାଜ୍ୟପାଳ ପୋନମୁଡିଙ୍କୁ ପୁନର୍ବାର ମନ୍ତ୍ରୀ ପଦରେ ନିଯୁକ୍ତି ଦେବା ଲାଗି ମନା କରିଦେଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ରାଜ୍ୟପାଳଙ୍କ ଏଭଳି ନିଷ୍ପତ୍ତିରେ ବିସ୍ମୟ ପ୍ରକାଶ କରିଛନ୍ତି। ପୋନମୁଡିଙ୍କୁ ପୁନର୍ବାର ନିଯୁକ୍ତି ଦେବା ସାମ୍ବିଧାନିକ ନୈତିକତା ବିରୋଧୀ ବୋଲି ଜଣେ ରାଜ୍ୟପାଳ କିପରି କହିପାରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ଏହା ସୁପ୍ରିମକୋର୍ଟଙ୍କ ଅବମାନନା କରୁଛି। ତାଙ୍କୁ ଯେଉଁମାନେ ପରାମର୍ଶ ଦେବା କଥା ସେମାନେ ଉପଯୁକ୍ତ ପରାମର୍ଶ ଦେଇ ନାହାନ୍ତି। ଯଦି ରାଜ୍ୟପାଳ ନିଷ୍ପତ୍ତି ନ ନିଅନ୍ତି, ତେବେ ଅଦାଲତ ସମ୍ବିଧାନ ଅନୁଯାୟୀ ତାଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# କଂଗ୍ରେସ ଅର୍ଥ ବ୍ୟବସ୍ଥାକୁ ପଙ୍ଗୁ କରିବାକୁ ମୋଦିଙ୍କ ଉଦ୍ୟମ

**ନୂଆଦିଲ୍ଲୀ,୨୧।୩**

ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କ ଉପରେ କଂଗ୍ରେସ ଜୋର୍‌ଦାର ବର୍ଷିଛି। କଂଗ୍ରେସର ଆର୍ଥିକ ବ୍ୟବସ୍ଥାକୁ ପଙ୍ଗୁ କରିଦେବା ପାଇଁ ପ୍ରଧାନମନ୍ତ୍ରୀ ବ୍ୟବସ୍ଥିତ ଉଦ୍ୟମ କରିଥିବା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଗୁରୁବାର କହିଛନ୍ତି। କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟରୁ ଜବରଦସ୍ତ ଟଙ୍କା ଉଠାଇ ନିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦଳର ସବୁ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିବା ଅଭିଯୋଗ କରିଥିଲେ। ଆୟକର ରିଟର୍ଣ୍ଣ ଦାଖଲ ପ୍ରସଙ୍ଗରେ ଆକାଉଣ୍ଟ ଅଚଳ କରିଦିଆଯାଇଥିବାରୁ ଆମେ ନିର୍ବାଚନ ପ୍ରଚାର କରିପାରୁ ନାହୁଁ। ନିର୍ବାଚନ ଲଢ଼ିବା ପାଇଁ ଆମ କ୍ଷମତାକୁ ନଷ୍ଟ କରିଦିଆଯାଇଛି



ଖବରଦାତା ସମ୍ମିଳନୀରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ସୋନିଆ ଓ ରାହୁଲ ଗାନ୍ଧୀ।

### ଅଭିଯୋଗ ଆଣିଲେ ସୋନିଆ

ବୋଲି ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ କହିଥିଲେ। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ଏହା କେବଳ କଂଗ୍ରେସକୁ ପ୍ରଭାବିତ କରିନାହିଁ ବରଂ ଆମ ଗଣତନ୍ତ୍ରକୁ ପ୍ରଭାବିତ କରିଛି ବୋଲି ସୋନିଆ କହିଥିଲେ। ଇଲେକ୍ଟୋରାଲ ବଣ୍ଡ ପଛରେ ଥିବା ବିବାଦକୁ ନେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା କେନ୍ଦ୍ରକୁ ସମାଲୋଚନା କରିଥିଲେ। ବିବାଦୀୟ ନିର୍ବାଚନୀ ବଣ୍ଡରୁ ଭାଜପା ସର୍ବାଧିକ ଫାଇଦା ଉଠାଇଥିଲାବେଳେ ମୁଖ୍ୟ ବିରୋଧୀ ଦଳର ଅର୍ଥବ୍ୟବସ୍ଥାକୁ ପଙ୍ଗୁ କରିଦିଆଯାଇଥିବା ସୋନିଆ କହିଛନ୍ତି।

## ଫୁର୍‌ସତ

# ଗୁହାରମୋତିରେ ଶେଷରେ ହୁଏ ସୂର୍ଯ୍ୟାସ୍ତ

**ନୂଆଦିଲ୍ଲୀ:** ଆମ ଦେଶକୁ ବିବିଧତାର ଦେଶ ବୋଲି କୁହାଯାଇଥାଏ। ଏଠାରେ ବିଭିନ୍ନ ଧର୍ମ, ଜାତି ଓ ଭାଷାର ଲୋକେ ବସବାସ କରନ୍ତି। ପାହାଡ, ଜଙ୍ଗଲ ଓ ସମୁଦ୍ର ଘେରି ରହିଥିବା ଏହି ଦେଶର ବିଭିନ୍ନ ସ୍ଥାନରେ ଭିନ ଭିନ୍ନ ଲୋକେ ରୁହନ୍ତି। ଏଠାକାର ଖାଦ୍ୟ, ପାନୀୟ, ପୋଷକ ବି ଭିନ୍ନ ଭିନ୍ନ ହୋଇଥାଏ। ଏସବୁ ପରେ ବି ଦେଶବାସୀଙ୍କ ମନରେ ଅନେକତାରେ ଏକତାର ଭାବନା ଭରି ରହିଛି। ଭୌଗୋଳିକ ମାନଚିତ୍ରରେ ବିବିଧତାର କୌଣସି ଅନ୍ତ ନାହିଁ।

ଦେଶର କେଉଁ ସ୍ଥାନରେ ମୁଷଳଧାରାରେ ବର୍ଷା ହୋଇଥାଏ ତ ଆଉ କେଉଁଠି ଅସହ୍ୟ ଗରମ ଅନୁଭୂତ ହୋଇଥାଏ। ଆଉ କେଉଁଠି ପ୍ରବଳ ଥଣ୍ଡା ହୋଇଥାଏ। ଏମିତି ବି କିଛି ସ୍ଥାନ ଅଛି ଯେଉଁଠି ସର୍ବ ପ୍ରଥମେ ଲୋକେ ଉଦୟ ସୂର୍ଯ୍ୟଙ୍କୁ ଦେଖିଥାଆନ୍ତି ତ ପୁଣି କେଉଁଠି ସବୁଠୁ ଶେଷରେ ସୂର୍ଯ୍ୟ ଅସ୍ତ ହୋଇଥାଏ। ଏହି ବିବିଧତା ଭରା ଦେଶରେ ଆଜିବି ଏମିତି କିଛି ତଥ୍ୟ ରହିଛି ଯାହା ଆମକୁ ଆଶ୍ଚର୍ଯ୍ୟ କରିଥାଏ। ସାଧାରଣତଃ ସମସ୍ତେ ଭାବି ଥାଆନ୍ତି ଆମ ଦେଶରେ ସବୁଠୁ ଆରମ୍ଭରେ ଅରୁଣାଚଳ ପ୍ରଦେଶରେ ସୂର୍ଯ୍ୟ ଉଦୟ ହୋଇଥାଆନ୍ତି।

ଅରୁଣାଚଳ ପ୍ରଦେଶ ଅର୍ଥାତ୍ ଅରୁଣ ଅର୍ଥ ସୂର୍ଯ୍ୟ ଚଳ ଅର୍ଥ ଉଦୟ, ଏହାର ଅର୍ଥ ହେଉଛି ଏହି ରାଜ୍ୟରେ ସୂର୍ଯ୍ୟୋଦୟ ପ୍ରଥମେ ହୋଇଥାଏ। ଅରୁଣାଚଳ ପ୍ରଦେଶର ଡୋଙ୍ଗ ଭ୍ୟାଲିରେ ଥିବା ଦିବାଂଗ ଘାଟି ଏକମାତ୍ର ଏମିତି ସ୍ଥାନ ଯେଉଁଠି ଦିନ ଓ ରାତି ଦେଶର ଅନ୍ୟ ରାଜ୍ୟଠାରୁ ଭିନ୍ନ ହୋଇଥାଏ। ଏବେ ସେଠାରେ ସକାଳ ୫ଟାରେ ସୂର୍ଯ୍ୟୋଦୟ ହୋଇଥାଏ, ଜୁନରେ ଏଠାରେ ସକାଳ ୪ଟା ୩୦ରେ ସୂର୍ଯ୍ୟୋଦୟ ହୋଇଥାଏ। ଏଇଠି ମନକୁ ପ୍ରଶ୍ନ ଆସେ ତେବେ ଦେଶର କେଉଁ ସ୍ଥାନରେ ସବୁଠୁ ଶେଷରେ ସୂର୍ଯ୍ୟାସ୍ତ ହୋଇଥାଏ।



କୁହାଯାଏ ଗୁଜରାଟର ଗୁହାର ମୋତିରେ ସବୁଠୁ ଶେଷରେ ସୂର୍ଯ୍ୟାସ୍ତ ହୋଇଥାଏ। କାରଣ ଗୁଜରାଟ ଦେଶର ପଶ୍ଚିମରେ ଅବସ୍ଥିତ ଓ ଏଠାକାର ଗାଁ ଶେଷ ପଶ୍ଚିମ ବିନ୍ଦୁରେ ଅବସ୍ଥିତ। ଏଠାରେ ଜୁନରେ ସନ୍ଧ୍ୟା ୭ଟା ୩୯ରେ ସୂର୍ଯ୍ୟାସ୍ତ ହୋଇଥାଏ। ଏହି ସମୟରେ ଦେଶରେ ଅନ୍ୟ ସ୍ଥାନରେ ଅନ୍ଧାର ହୋଇଯାଇଥାଏ। ତେଣୁ ଅରୁଣାଚଳ ପ୍ରଦେଶ ଦେଶର ପୂର୍ବରେ ହୋଇଥିବାରୁ ଏଠାରେ ପ୍ରଥମ ସୂର୍ଯ୍ୟୋଦୟ ହୋଇଥାଏ ଓ ଗୁଜରାଟ ପଶ୍ଚିମରେ ହୋଇଥିବାରୁ ଏଠାରେ ସୂର୍ଯ୍ୟୋଦୟ ଶେଷରେ ହୋଇଥାଏ। ସେଥିପାଇଁ ଏଠାରେ ସୂର୍ଯ୍ୟାସ୍ତ ବି ଶେଷରେ ହୋଇଥାଏ।

# ଚରିତ୍ର ଉପରେ ଅଙ୍କିତାଙ୍କ ଫୋକସ୍

**ମୁମ୍ବାଇ:** ବିଗ ବସ ୧୭ ଫେମ ଅଙ୍କିତା ଲୋଖଣ୍ଡେ କିଛି ନା କିଛି କାରଣ ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି। ଏହି ଅଭିନେତ୍ରୀ ତାଙ୍କ କ୍ୟାରିୟର ଟେଲିଭିଜନ ଶୋ' 'ପବିତ୍ର ରିସ୍ତା'ରୁ ଆରମ୍ଭ କରିଥିଲେ। ଏହାପରଠାରୁ ହିଁ ତାଙ୍କର ଫ୍ୟାନ ଫଲୋଇଙ୍ଗ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଆଜି ଏହି ଅଭିନେତ୍ରୀଙ୍କ ପାଇଁ କୌଣସି ବିଶେଷ ପରିଚୟର ଆବଶ୍ୟକତା ନାହିଁ। ଅଙ୍କିତା ଟେଲିଭିଜନ ସହ କିଛି ବଲିଉଡ ମୁଭିରେ ବି ନଜର ଆସିଛନ୍ତି।

ନିକଟରେ ଅଙ୍କିତା ତାଙ୍କ ସ୍ୱାମୀ ଭିକ୍କି ଜୈନଙ୍କ ସହ ରିୟଲିଟି ଶୋ' ବିଗ ବସ ୧୭ ସିଜନରେ ଏକାଠି ନଜର ଆସିଥିଲେ। ଏଥିରେ ଉଭୟଙ୍କ ଝଗଡ଼ା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ହେଲେ ଶୋ'ରୁ ବାହାରକୁ ଆସିବା ପରେ ଉଭୟଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କ ଖୁବ ଭଲଭାବେ ବାରି ହୋଇ ପଡିଥିଲା। ଅଙ୍କିତାଙ୍କ ଅଭିନୀତ ମୁଭି 'ବୀର ସାୱରକର' ମାର୍ଚ୍ଚ ୨୨ରେ ରିଲିଜ ହେବାକୁ ଯାଉଛି। ଏଥିରେ ସେ ଅଭିନେତା ରଣଦୀପ ହୁଡ୍ଡାଙ୍କ ସହ ଲିଡ ରୋଲରେ ନଜର ଆସିବେ। ଫିଲ୍ମ ରିଲିଜ ପୂର୍ବରୁ ଅଙ୍କିତା ତାଙ୍କ କ୍ୟାରିୟରକୁ ନେଇ ଚମକାଇବା ଭଳି କଥା କହିଛନ୍ତି। ସେ କହିଛନ୍ତି ମୋ କ୍ୟାରିୟରରେ ଟଙ୍କା ନୁହେଁ ବରଂ ରୋଲ ଜରୁରୀ। ଏକ ସାକ୍ଷାତକାରରେ ସେ କହିଛନ୍ତି, ମୋ ପାଇଁ ଟଙ୍କା ସବୁବେଳେ ଦ୍ୱିତୀୟ ନମ୍ବରରେ ଆସିଥାଏ। ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଚରିତ୍ର। ମୁଁ କେବେ ବି ଟଙ୍କା ପଛରେ ଗୋଡାଇ ନାହିଁ। ମୁଁ ସବୁବେଳେ ପ୍ରଥମେ ପ୍ରୋଜେକ୍ଟ ଉପରେ ଫୋକସ କରିଥାଏ। ଆଜିର ଦିନରେ ମୁଁ ଶୋ' ଓ ଫିଲ୍ମ ଫ୍ରିରେ କରିବାକୁ ପ୍ରସ୍ତୁତ ଅଛି।



ଅଙ୍କିତା ଲୋଖଣ୍ଡେ




# ଏମ୍‌ପି ଭର୍ତ୍ତୃହରିଙ୍କ ବିରୋଧରେ କୋର୍ଟରେ ଚାର୍ଜଫ୍ରେମ୍

## ପୋଲିସ ଏସ୍‌ଆଇଙ୍କୁ ମାଡ଼ ମାମଲା

- ୨୦୧୧ ନେତାଜୀ ଜୟନ୍ତୀରେ ଅଭିଯୋଗ ହୋଇଥିଲା
- ତତ୍କାଳୀନ ଏସ୍‌ଆଇ ଅମିତାଭ ମହାପାତ୍ର ଏବେ ଏସିପି

**କଟକ,୨୧।୩ (କାର୍ତ୍ତିକ ସାହୁ)**

୨୦୧୧ ଜାନୁଆରୀ ୨୩ରେ ଜଣେ ପୋଲିସ ଏସ୍‌ଆଇଙ୍କୁ ମାଡ଼ ଅଭିଯୋଗ ନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବିରୋଧରେ ରୁଜୁ ମାମଲାରେ କଟକ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି। ମହତାବଙ୍କ ବିରୋଧରେ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୫୩ ଓ ୫୦୬ ଲାଗୁ କରାଯାଇଛି। ଅଭିଯୋଗକାରୀ ଏସ୍‌ଆଇ ଜଣକ ହେଲେ ଅମିତାଭ ମହାପାତ୍ର। ସେତେବେଳେ ସେ ମଙ୍ଗଳାବାଗ ଥାନାରେ ଏସ୍‌ଆଇ ଥିବାବେଳେ ଏବେ କମିଶନରେଟ୍ ପୋଲିସରେ ଏସିପି ଭାବେ କାର୍ଯ୍ୟରତ ଅଛନ୍ତି।

ସୂଚନା ଅନୁଯାୟୀ, ୨୦୧୧ ଜାନୁଆରୀ ୨୩ ତାରିଖ ନେତାଜୀ ଜୟନ୍ତୀରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମ୍ୟୁଜିୟମ୍‌ର ସୁରକ୍ଷା ଦାୟିତ୍ୱରେ ତତ୍କାଳୀନ ଏସ୍‌ଆଇ ମହାପାତ୍ର ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ କଟକ ଡିସିପିଙ୍କ ନିର୍ଦ୍ଦେଶ ଅନୁସାରେ ମ୍ୟୁଜିୟମ ମଧ୍ୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ମହାପାତ୍ର ସେହି ନିର୍ଦ୍ଦେଶ ପାଳନ କରୁଥିଲେ। ମୁଖ୍ୟମନ୍ତ୍ରୀ ମ୍ୟୁଜିୟମ ଭିତରେ ପରିଦର୍ଶନ କରୁଥିବା ସମୟରେ ଭିତରକୁ କାହାରିକୁ ଯିବାକୁ ଏସ୍‌ଆଇ ମହାପାତ୍ର ଦେଉ ନ ଥିଲେ। ଏହି ସମୟରେ ଏମ୍‌ପି ମହତାବ ପଛରୁ ଆସିଲେ ଓ ତାଙ୍କୁ ଗାଳି କଲେ। ମହତାବଙ୍କୁ ଭିତରକୁ ଏସ୍‌ଆଇ ମହାପାତ୍ର ଛାଡ଼ି ଦେଇଥିଲେ। ଘଟଣାଟି ଉକ୍ତ ଦିନ ମଧ୍ୟାହ୍ନ ପ୍ରାୟ ୧୨.୩୦ ସମୟରେ ଘଟିଥିଲା। ମାତ୍ର କୌଣସି ଦୋଷ ନ ଥାଇ ଏମ୍‌ପି ମହତାବ ତାଙ୍କୁ ଚାପୁଡ଼ା ମାରିଥିଲେ ବୋଲି ସେ ଦରଘାବଜାର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ତଦନ୍ତ କରାଯାଇଥିଲା। ଏନେଇ ଏମ୍‌ପି ମହତାବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

# ଭାଜପାର ୩ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ରହିଲାନି ଓଡ଼ିଶା

## ଆସନ୍ତା ସିଇସି ବୈଠକ ପରେ ସ୍ପଷ୍ଟ ହୋଇପାରେ ମେଣ୍ଟ ବିଷୟ

**ଭୁବନେଶ୍ୱର,୨୧।୩(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ନେତୃବୃନ୍ଦ ଗୁରୁବାର ଦିଲ୍ଲୀରୁ ଫେରିଛନ୍ତି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମେଣ୍ଟ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସବୁ କହିସାରିଛନ୍ତି। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଯାହା ନିଷ୍ପତ୍ତି ହେବ ଜଣାଇ ଦିଆଯିବ। ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ଘୋଷଣା ହେବ ବୋଲି ସେ କହିଛନ୍ତି।

ଗତ ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ରାଜ୍ୟ ନିର୍ବାଚନ କମିଟି ବୈଠକ ବସିଥିଲା। ଏଥିରେ ଦଳ ପକ୍ଷରୁ ରାଜ୍ୟର ବିଭିନ୍ନ ଲୋକ ସଭା ଏବଂ ବିଧାନସଭା କ୍ଷେତ୍ରରେ କେଉଁମାନେ ପ୍ରାର୍ଥୀ ହେବେ ସେନେଇ ସବିଶେଷ ଆଲୋଚନା କରାଯାଇଥିଲା। ଏହାପରେ ରାଜ୍ୟ ନିର୍ବାଚନ କମିଟିରେ ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀ ତାଲିକା ଧରି ଗତ ସୋମବାର ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ପ୍ରମୁଖ ଦିଲ୍ଲୀ ଗସ୍ତ କରିଥିଲେ। ମିଳିଥିବା ସୂଚନା ମୁତାବକ, ଏହା ମଧ୍ୟରେ ଓଡ଼ିଶାର ପ୍ରାର୍ଥୀ ତାଲିକା ନେଇ ଦିଲ୍ଲୀରେ ୩ ଥର ବୈଠକ ବସିସାରିଲାଣି। ହେଲେ ଗୁରୁବାର ଦଳ ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲେ ମଧ୍ୟ ସେଥିରେ ଓଡ଼ିଶା ନାହିଁ। ତେଣୁ ଶୁକ୍ରବାର ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହାପରେ ଦଳ ପକ୍ଷରୁ ଯେଉଁ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ସେଥିରେ ଓଡ଼ିଶାରୁ କେତେଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ହେବା ପୂର୍ବରୁ ରାଜ୍ୟ ନେତୃବୃନ୍ଦ ଓଡ଼ିଶା ଫେରି ଆସିବା ନେଇ ଆହୁରି ଦ୍ୱନ୍ଦ୍ୱ ବଢ଼ିଛି। ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ଜାତୀୟ ଗଣମାଧ୍ୟମ ସଂସ୍ଥାରେ ବିଜେଡି-ଭାଜପା ମେଣ୍ଟ ନେଇ ଯେଉଁ ମତ ରଖିଛନ୍ତି ତାକୁ ନେଇ ଏବେ ମଧ୍ୟ ବହୁ ନେତା ଓ କର୍ମୀ ସନ୍ଦେହରେ ଅଛନ୍ତି। ହେଲେ ଏବେ ମଧ୍ୟ ଭାଜପା ରାଜ୍ୟରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଦଳର ରାଜ୍ୟ ନେତୃବୃନ୍ଦ ଯୁକ୍ତି ରଖୁଛନ୍ତି। ବିଜେଡି ମଧ୍ୟ ପର୍ଯ୍ୟାୟକ୍ରମେ ଯେପରି ପୁରୀ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଆସିକା ଆଦି ଲୋକ ସଭା କ୍ଷେତ୍ରକୁ ନେଇ ସମୀକ୍ଷା ଆରମ୍ଭ କରିଛି, ତାକୁ ଦେଖିବା ପରେ ମଧ୍ୟ ଅନେକଙ୍କ ମତ ବୋଧହୁଏ ରାଜ୍ୟରେ ଆଉ ମେଣ୍ଟ ହୋଇ ନ ପାରେ। ହେଲେ କେତେଜଣ ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା, ରାଜନୀତିରେ କିଛି ଅସମ୍ଭବ ନୁହେଁ। ଓଡ଼ିଶାରେ ନିର୍ବାଚନ ପାଇଁ ଆହୁରି ଅନେକ ସମୟ ରହିଥିବାରୁ ଶେଷ ସମୟରେ ମଧ୍ୟ ମେଣ୍ଟ ନେଇ କିଛି ବି ଘୋଷଣା ହୋଇପାରେ। ତେବେ ଏନେଇ ଭାଜପାର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ସ୍ପଷ୍ଟ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡି ଯେଉଁସବୁ ଲୋକ ସଭା ଆସନର ନେତାମାନଙ୍କୁ ଡାକି ସମୀକ୍ଷା କରୁଛି ସେଠାରେ ଉକ୍ତ ଆସନର ପ୍ରାର୍ଥୀମାନଙ୍କୁ ଗ୍ରୀନ୍ ସିଗ୍ନାଲ ଦେଇ ଛାଡୁଥିବା ସୂଚନା ମିଳିଛି।

# ଭିସୁଟ୍‌ରେ ଅରୁଚିକର ପୋଷାକକୁ ବାରଣ

## ବସନ୍ତ ଉତ୍ସବ ବେଳେ ନିୟମ ଲାଗୁ ପାଇଁ ବିଜ୍ଞପ୍ତି

**ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର)**

ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ୨୨ରୁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଟେକ୍ନୋ-କଲ୍‌ଚରାଲ ଫେଷ୍ଟ-୨୦୨୪ ବସନ୍ତ ଉତ୍ସବ ଆୟୋଜିତ ହେବ। ଏହି ଉତ୍ସବରେ ଅରୁଚିକର ପୋଷାକ ପରିଧାନକୁ ବାରଣ କରାଯାଇଛି। ଏ ସମ୍ପର୍କରେ ଭିସୁଟ୍ କର୍ତ୍ତୃପକ୍ଷ ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରିତ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ବସନ୍ତ ଉତ୍ସବ ସମୟରେ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କୁ ଭାରତୀୟ ପାରମ୍ପରିକ ପୋଷାକ ପରିଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବିଶ୍ୱବିଦ୍ୟାଳୟ ପରିସରରେ ପାଶ୍ଚାତ୍ୟ ତଥା ଅରୁଚିକର ପୋଷାକ ପରିଧାନକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ଲାଗୁକରିବାକୁ ନିର୍ଦ୍ଦେଶ ମଧ୍ୟ ରହିଛି। ଏହି ସମୟରେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରି ନ ଥିବା ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ କୌଣସି


ଭିସୁଟ୍ ମୁଖ୍ୟ ଫାଟକ।

ବ୍ୟକ୍ତିଙ୍କୁ ଭିସୁଟ୍ ପରିସରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଏପରି କି ନିର୍ଦ୍ଦେଶ ଖିଲାପୀଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞପ୍ତି ମାଧ୍ୟମରେ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି, ବସନ୍ତ ଉତ୍ସବ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖି ପାରମ୍ପରିକ ପୋଷାକ ପରିଧାନ ଦିଗରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ଶିକ୍ଷକଙ୍କ ମାଡ଼ରେ ନର୍ସରି ଛାତ୍ର ଲହୁଲୁହାଣ

**ରାଇଘର,୨୧।୩**
**(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୁନ୍ଦେଇ ଥାନା ଅଧୀନ କାନାଡିହି ଗ୍ରାମର ଜଣେ ଛାତ୍ର ସ୍କୁଲ ଶିକ୍ଷକଙ୍କ ମାଡ଼ରେ ଲହୁଲୁହାଣ ହୋଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଛାତ୍ରଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ତାଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ଛାତ୍ର ଜଣକ ହେଲେ କାନାଡ଼ିହି ଗ୍ରାମର ଲଗନୁ ସତନାମୀଙ୍କ ପୁଅ ଧନରାଜ (୫)। ସେ ହାଟଭରଣ୍ଡିସ୍ଥିତ ଶହୀଦ ବିର୍ସା ମୁଣ୍ଡା ଘରୋଇ ସ୍କୁଲରେ ନର୍ସରି ଛାତ୍ର।

ସୂଚନାନୁଯାୟୀ, ସବୁଦିନ ଭଳି ଧନରାଜ ଗୁରୁବାର ସକାଳ ୮ଟାରେ ସ୍କୁଲ ଅଟୋରେ ବିଦ୍ୟାଳୟ ଯାଇଥିଲେ। ମଧ୍ୟାହ୍ନ ୧ଟାରେ ଧନରାଜଙ୍କୁ ଘରେ ଛାଡ଼ିବାବେଳକୁ ସ୍କୁଲରେ ସେ ମାଡ଼ ଖାଇଥିବା ଅଟୋ ଡ୍ରାଇଭର କହିଥିଲେ। ପରିବାର ଲୋକେ ପିଲାଟିର ଶାର୍ଟ ଖୋଲି ଦେଖିଥିଲେ। ଧନରାଜଙ୍କର ପିଠି ସାରା ନୋଳା ଫାଟିଯାଇଥିବା ଦେଖି ପରିବାର ଲୋକେ ତାଙ୍କୁ ପଚାରିଥିଲେ। ପଚାରିବାରୁ ସ୍କୁଲରେ



ସାର୍ ବାଡ଼ିରେ ପ୍ରବଳ ମାରିଥିବା କଥା ଧନରାଜ କହିଥିଲେ। ଏହା ପରେ ଲଗନୁ କୁନ୍ଦେଇ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ କେସ୍ ନଂ. ୪୯/୨୪ରେ ମାମଲା ରୁଜୁ କରିଛି। ଶିକ୍ଷକ ଜୟରାମ ଗଣ୍ଡଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା କୁନ୍ଦେଇ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପୁରୁଣା ଭୁବନେଶ୍ୱର କେଦାରଲେନସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୨ଟା ୩୦।
- ଉତ୍ତର ପୁରୁଷ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## କଟକ

- ଶ୍ରୀଶ୍ରୀ ହରିବଂଶ ଦେବ ମହାପ୍ରଭୁଙ୍କ ପାରାୟଣ ଉତ୍ସବ ଶୁଭାରମ୍ଭ, ସ୍ଥାନ: କରଡ଼ା ବଡ଼ମ୍ବା, ସମୟ: ସକାଳ ୬ଟା।
- ପଞ୍ଚସଖା ସାଂସ୍କୃତିକ ଅନୁଷ୍ଠାନର ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ତୁଳସୀପୁର, ସମୟ: ବଡ଼ମ୍ବା, ଅପରାହ୍ନ ୨ଟା।

## ପୁରୀ

- ସୁଧା ଅନୁଷ୍ଠାନ ପକ୍ଷରୁ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ, ସ୍ଥାନ: ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ସମୟ: ସକାଳ ୯ଟା ୩୦।
- ସାକ୍ଷୀଗୋପାଳ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ସାଗର ସ୍ନାନଯାତ୍ରା ପାଇଁ ସମନ୍ୱୟ ବୈଠକ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ରଙ୍ଗଶାଳା ପକ୍ଷରୁ ନାଟକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ରାତି ୮ ଟା।

## ଖୋର୍ଦ୍ଧା

- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଜାଗୃତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପଲା, ଖୋର୍ଦ୍ଧା, ସମୟ : ଅପରାହ୍ନ ୩ଟା।
- ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଦୋଳ ଉତ୍ସବ ଆରମ୍ଭ, ସ୍ଥାନ: ଶ୍ରୀବାସୁଦେବଙ୍କ ବିଜେସ୍ଥଳୀ, ପଦ୍ମପୁର (ଖାରଡ଼ପଲ୍ଲୀ), ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ, ସ୍ଥାନ: ଭୋଗରାଇ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆ,ସମୟ:ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ ତୃତୀୟ ଦିବସ (ଆରଟିପିଏଏ ଏମ୍-୨୦୨୪ ), ସ୍ଥାନ: ପିଜି କାଉନସିଲ୍ ହଲ, ଏଫ୍ ଏମ୍ ବିଶ୍ୱବିଦ୍ୟାଳୟ,ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବସନ୍ତ ଉତ୍ସବ-୨୦୨୪, ସ୍ଥାନ: ରୂପସା ନୀଳମଣି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରସଗୋଲା ଦିବସ ପାଳନ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର, ବ୍ରିଟ୍ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନର ଉଦ୍‌ଯାପନୀ ପର୍ବ, ସ୍ଥାନ: ରୂପ୍‌ସା, ଉପର ବାରାପାଳ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବେଧି,ବଡ଼ଶୋଳ ଓ ଦେଉଳି, ଶୁଳିଆପଦା ବ୍ଲକ, ସମୟ: ସକାଳ ୯ ଟା।
- ବାବା ମଙ୍ଗଳେଶ୍ୱର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ, ସ୍ଥାନ: ଉଦଳା ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୦ ଟା୩୦।

## ଭଦ୍ରକ

- ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଆଗରପଡ଼ା ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଆମ୍ବଗଡିଆ, ହାଟଡିହୀ, ସମୟ: ପ୍ରାତଃ ୫ଟା୩୦।
- ଚବିଶ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଭୂଷୁଗାଁ, ଭଦ୍ରାସାହି, ବଡ଼ବିଲ, ସମୟ: ସକାଳ ୬ଟା।
- କଂଗ୍ରେସର ଗ୍ୟାରେଣ୍ଟିକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ପାଟଣା, ସାହରପଡ଼ା ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ପାଟଣା ବୈତରଣୀ କୂଳ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।

## ବ୍ରହ୍ମପୁର

- ଜିଆର୍‌ପି ଥାନା ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ରେଳବାଇ ଇନଷ୍ଟିଚ୍ୟୁଟ ପ୍ରାଙ୍ଗଣ,ସମୟ: ସକାଳ ୯ଟା ୩୦।
- ବିଇଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ , ସ୍ଥାନ:ମାନସ ଭବନ,ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଜଙ୍ଗଲ ସୁରକ୍ଷା ସଚେତନତା, ସ୍ଥାନ: ବେଲଗୁଣ୍ଠା, ସରସ୍ୱତୀ ଶିଶୁ ବିଦ୍ୟାଭବନ, ସମୟ: ସକାଳ ୮ଟା।
- ଜଙ୍ଗଲ ନିଆଁ ରୋକିବାକୁ ସଚେତନତା, ସ୍ଥାନ: ବେଲଗୁଣ୍ଠା, ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ ଗୌଡିଆବୋରଦା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଆଇସିଏମ୍‌ଏସ୍ କଲେଜରେ ଯୁବ ମହୋତ୍ସବ, ସ୍ଥାନ: ଗୁଣପୁର, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ,ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ବିକାଶ ସର୍ଭେ କାର୍ଯ୍ୟକ୍ରମ, ସ୍ଥାନ: ଏକ୍ସବୋର୍ଡ ବିଦ୍ୟାଳୟ,କୋରାପୁଟ,ସମୟ: ପୂର୍ବାହ୍ନ ୧୧ଟା।
- ଚାଟୁଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନ: ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତ କ୍ରିକେଟ୍ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ସେମିନାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟର ସୁନାବେଡ଼ା କ୍ୟାମ୍ପସ୍, ସମୟ: ଅପରାହ୍ନ ୩ଟା।
- ଜୁଭେନାଇଲ ଓ ପୋକ୍ସୋ ଆଇନ ସମ୍ପର୍କିତ ସମୀକ୍ଷା କାର୍ଯ୍ୟକ୍ରମ,ସ୍ଥାନ: ଜିଲା ଜଜ୍‌କୋର୍ଟ ଅତିଥି ଗୃହ ଜୟପୁର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ଆଶା କର୍ମୀଙ୍କ କର୍ମଶାଳା, ସ୍ଥାନ: ଝରିଗାଁ ମିଶନ ଶକ୍ତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକୃତି ଶିବିର, ସ୍ଥାନ: ଉମରକୋଟ ସାନଖଡ଼କା ସଂରକ୍ଷିତ ଜଙ୍ଗଲ, ସମୟ: ପୂର୍ବାହ୍ନ ୧୧ଟା।
- ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଝରିଗାଁ ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ ନାକଟିଦେଉଳ ପଥୁରିଆ ଗ୍ରାମ, ସମୟ: ସକାଳ ୮ଟା।
- ହନୁମାନ ଓ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାନକୁଣ୍ଡେସରା ଗ୍ରାମ, ସମୟ: ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ପକ୍ଷରୁ ଶିକ୍ଷାଭ୍ରମଣ, ସ୍ଥାନ: ଡେବ୍ରୀଗଡ଼ ଅଭୟାରଣ୍ୟ, ସମୟ: ସକାଳ ୮ଟା ୩୦।
- ଭିସୁଟ୍ ଟେକ୍ନୋ କଲ୍‌ଚରାଲ ଫେଷ୍ଟ ୨୦୨୪, ସ୍ଥାନ: ଭିସୁଟ୍ ପରିସର, ବୁର୍ଲା, ସମୟ: ସକାଳ ୯ଟା।
- ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମ୍ବଲପୁର, ସମୟ: ସକାଳ ୯ଟା।

## ବଲାଙ୍ଗୀର

- ଦୋଳପୂର୍ଣ୍ଣମୀ ଉପଲକ୍ଷେ ୨୪ପ୍ରହର ନାମଯଜ୍ଞର କଳସ ଶୋଭାଯାତ୍ରା, ସ୍ଥାନ: ସଇଁତଳା ହାଟପଦା, ସମୟ: ସକାଳ ୮ଟା ୩୦।
- ୨୪ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଦେଓଗାଁ ବ୍ଲକ କନ୍ଧପାଲି, ସକାଳ:୯ଟା।
- ଟିଟିଲାଗଡ଼ ସରସ୍ୱତୀ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ କାର୍ଯକ୍ରମ, ସ୍ଥାନ: ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ମୁରିବାହାଲ ବ୍ଲକ ଡଙ୍ଗରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହାଜପାଣି, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତର ପୁତୁଲାମହୁଲ, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସବ୍‌ଜୁନିୟର ଅସୀଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ, ସ୍ଥାନ: ଆର.ଏନ୍.ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ମଧ୍ୟାହ୍ନ ୧୨ଟା ୩୦। ଏଥିସହିତ ଜାତୀୟ ଅସୀଚାଳନା ପ୍ରତିଯୋଗିତା ସକାଶେ ଓଡ଼ିଶା ଟିମ୍ ସଦସ୍ୟଙ୍କ ନାମ ଘୋଷଣା ଓ ଖବରଦାତା ସମ୍ମିଳନୀ, ସମୟ: ଅପରାହ୍ନ ୧ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ : ବୀରମହାରାଜପୁର ବ୍ଲକ ହୀରାପାଲି ଗ୍ରାମ, ସମୟ: ସକାଳ ୭ଟା।
- ଦେଶ୍‌ଫାଲ୍ ଲୋକକଳା ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳା ଦୋଳମଣ୍ଡପ ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।
- ତରଭା ବ୍ଲକ ସରଗଜରେ ବିଷ୍ଣୁ ମହାଯଜ୍ଞର ସପ୍ତମ ଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସରଗଜ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସଂଯୁକ୍ତ କୃଷକ ସଂଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ସ୍ଥାନ: ଚର୍ଦାପାଲି ମହିମା ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ବୈଠକ, ସ୍ଥାନ: ଆଇଓସିଏଲ ଗେଷ୍ଟ ହାଉସ୍ ନୃସିଂହନାଥ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହନାଥ ଆୟୁର୍ବେଦ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ଲୋକ ମହୋତ୍ସବ, ସ୍ଥାନ: ଚର୍ଦାପାଲି ମହିମା ଆଶ୍ରମ, ସମୟ: ରାତି ୯ଟା।

## ସୁନ୍ଦରଗଡ଼

- ସାହାଜବାହାଲରେ ନାମ ସଂକୀର୍ତ୍ତନ ପାଇଁ ଅଧିବାସ,ସ୍ଥାନ:କୀର୍ତ୍ତନ ମଣ୍ଡପ,ସମୟ: ସନ୍ଧ୍ୟା ୭ ଟା।
- ପାମରା ଗ୍ରାମରେ ନାମ ସଂକୀର୍ତ୍ତନ ପାଇଁ ଅଧିବାସ, ସ୍ଥାନ: ଶିବ ମନ୍ଦିର ସମ୍ମୁଖ ମଣ୍ଡପ,ସମୟ:ସନ୍ଧ୍ୟା ୭ ଟା।

## ରାଉରକେଲା

- ଆଇଆଇଏମ୍ଏମ୍ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଦି ମିରର୍ ପକ୍ଷରୁ ପ୍ରି ହୋଲି, ସ୍ଥାନ: ସେକ୍ଟର-୧୬, ଶ୍ରଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ହୋଲି ମିଳନ ନେଇ ବୈଠକ, ସ୍ଥାନ: ନୋବୋଲ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ କବିତା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

## ଦେବଗଡ଼

- ଦଳ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାତୀଶାଳ,ଦେବଗଡ଼, ସମୟ:ସନ୍ଧ୍ୟା ୭ଟା।
- ମହାବିଷ୍ଣୁ ଅଷ୍ଟପ୍ରହରୀ ନାମ ଯଜ୍ଞ ଉଦ୍‌ଯାପନ, ପୂର୍ଣ୍ଣାହୁତି, ସ୍ଥାନ: ରିଆମାଳ ବ୍ଲକ ରେଙ୍ଗଲବାହାଲ, ସମୟ: ସକାଳ ୭ଟା। ପ୍ରସାଦ ସେବନ, ସମୟ: ସକାଳ ୭ଟା ୩୦।
- ବିଶେଷ କାର୍ଯ୍ୟକ୍ରମ 'ବୈଠକ କୀର୍ତ୍ତନ',ସ୍ଥାନ: ରିଆମାଳ ବ୍ଲକ ରେଙ୍ଗଲବାହାଲ, ସମୟ: ସକାଳ ୮ଟା।

## କଳାହାଣ୍ଡି

- ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ଭାଜପାର ବିଧାନ ସଭା କ୍ଷେତ୍ରୀୟ ନିର୍ବାଚନ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ବାଲିଛଡ଼ା ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ନେହେନା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଆଶ୍ରମ ବିଦ୍ୟାଳୟ ପରିସର, ସମୟ: ପହରାହ୍ନ ୨ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ଆଗ୍ରେନ ଗାଁ, ସମୟ: ଅପରାହ୍ନ ୨ଟା। ସ୍ଥାନ: କୋମନା ବ୍ଲକ ରେଙ୍ଗାବାହାଲ ଗାଁ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିନ, ସ୍ଥାନ: ବୌଦ୍ଧ ବ୍ଲକ କମିରା ଗ୍ରାମଧି, ସମୟ: ସକାଳ ୬ଟା।
- ପ୍ରଥମ ସାମ୍ବତ୍ସରିକ ଉତ୍ସବ ଓ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୌଦ୍ଧ ବ୍ଲକ ଚଣ୍ଡିତଳ ଗ୍ରାମ, ସମୟ: ସକାଳ ୬ଟା।
- ଶିବ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ତବଡା ଗ୍ରାମ , ସମୟ: ସକାଳ ୬ଟା।
- ଷୋହଳ ପ୍ରହର ନାଯଯଜ୍ଞ ଅବସରରେ କଳସ ଯାତ୍ରା, ସ୍ଥାନ: କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଲଣ୍ଡାପଦର ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: କଣ୍ଟାମାଳ ବ୍ଲକ କୁଲତାଯୋର ପଞ୍ଚାୟତ ନୂଆଁପାଲି ଶିବମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହଲର ଆଦର୍ଶ ଖେଳପଡିଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ଚତୁର୍ଥ ଦିବସ, ସ୍ଥାନ: ବୌଦ୍ଧ ବ୍ଲକ ଅଁଳାପାଲି ଓ ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଫାଲଗୁନ ପୂର୍ଣ୍ଣିମା ଦୋଳ ମହୋତ୍ସବ ଅବସରରେ କଳସ ଯାତ୍ରା,ସ୍ଥାନ: ବୌଦ୍ଧ ବ୍ଲକର ଦହ୍ୟା, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଓଡ଼ିଶୀ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଦେଉଳିଁ ଗ୍ରାମ, ସମୟ:ସକାଳ ୬ ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀ, ସ୍ଥାନ: ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ଓଡ଼ିଶା ନଦୀ ସମ୍ମିଳନୀ, ସ୍ଥାନ: ହୋଟେଲ ଆଶିୟାନା ହିଲ୍ ଭିୟୁ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବନ ବିଭାଗ ଉପଦେଷ୍ଟା କମିଟିର ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଏଡ୍‌ସ୍ ପ୍ରତିରୋଧକ ଓ ନିୟନ୍ତ୍ରଣ ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୪ଟା।
- ରାଧାକୃଷ୍ଣଙ୍କ ଦୋଳମେଳଣ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ବଜ୍ରକୋଟ ଭ୍ରିଙ୍ଗେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସ ବାବାଜୀ ମହାରାଜଙ୍କ ତ୍ରୟୋଦଶ ସ୍ମରଣ ଉତ୍ସବ ଶୁଭାରମ୍ଭ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ନିତାଇଗୌର ସେବାଶ୍ରମ ପରିସର, ସମୟ: ସକାଳ ୯ଟା।
- ଇଭିଏମ୍/ଭିଭିପିଏଟି ୱେରହାଉସ ତ୍ରୟମାସିକ ଅନୁଧ୍ୟାନ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର,ଜଗତସିଂହପୁର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ନୟାଗଡ଼

- ବିଶ୍ୱଶାନ୍ତି ଯଜ୍ଞର ପୂଜାର୍ଚ୍ଚନା, ସ୍ଥାନ: ନୟାଗଡ଼ ବ୍ଲକ୍ ଭାଟସାହିର ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ସକାଳ ୮ଟା।
- ରାମଚରିତ ମାନସ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ପଶ୍ଚିମମୁଖା ହନୁମାନ ମନ୍ଦିର, ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ତୃତୀୟ ବାର୍ଷିକ ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଚାଉପଲ୍ଲୀ ଗାଁ, ସମୟ: ସକାଳ ୮ଟା।
- ନୀଳମାଧବଙ୍କ ବାରେଣି ବୁଢ଼ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୪ଟା।
- ନୀଳମାଧବ ଜୀଉ ପୀଠରେ ଦୋଳ ଠାକୁରଙ୍କ ଗ୍ରାମ୍ୟ ପରିକ୍ରମା, ସ୍ଥାନ: କଣ୍ଟିଲୋ ଦୟଣାଚୋରି ବଗିଚା, ସମୟ: ସନ୍ଧ୍ୟା ୭ଟା୩୦।
- ଗଡ଼ ଉତ୍ସବ ଆରମ୍ଭ, ସ୍ଥାନ: ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିର, ସମୟ:ରାତି ୧୦ଟା।

## କେନ୍ଦ୍ରାପଡ଼ା

- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଶ୍ରୀ ରଘୁନାଥଜୀଉ ପୀଠ, ସଛପଡା ଓ ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ପଞ୍ଚମ ବାର୍ଷିକ ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଠ ବେଳାଭୂମି, ରାଜନଗର, ସମୟ:ଅପରାହ୍ନ ୪ଟା।
- ରାଧାକାନ୍ତଜୀଉ ନାଟ୍ୟ ପରିଷଦର ନାଟକ ଉତ୍ସବ, ସ୍ଥାନ:ନୋଳସାହି, ରାଜନଅର ମେଳଣ ପଡ଼ିଆ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିପ୍ରଗତି ଯୁବକ ସଂଘ ପକ୍ଷରୁ ମା'ବଜ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ତେରଗାଁ, ମହାକାଳପଡ଼ା,ସମୟ:ସନ୍ଧ୍ୟା ୬ଟା।

## ଯାଜପୁର

- ଭୀମ ଆର୍ମି ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଶ୍ରୀକଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ମହାମେଳି,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜନ ସମ୍ପର୍କ ପଦଯାତ୍ରା ଓ ଜନସମାବେଶ,ସ୍ଥାନ: ନରସିଂହପୁର ଖେଳପଡ଼ିଆରୁ ଅଚ୍ୟୁତପୁର ପଡ଼ିଆ ସମୟ: ସକାଳ ୯ ଟା।
- ବ୍ୟାସନଗର ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ, ସ୍ଥାନ : ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା କାରଣରୁ ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ ଶାନ୍ତି ବ୍ୟାହତ ହେବ। ସାଧାରଣ ଘଟଣା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ଅସହିଷ୍ଣୁ ମନୋଭାବ ନେଇ ପରୋକ୍ଷ ଶତ୍ରୁତା ଆଚରଣ କରିବେ।

**ବୃଷ** ଆଜି ଅର୍ଥ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅଶାନ୍ତି ଅନୁଭବ କରିବେ। ଟଙ୍କା ପଇସାର ଅଭାବ ରହିବ ନାହିଁ। ଯାତ୍ରା ସ୍ଥଗିତ ରହିଯାଇପାରେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ସମୟ ଲାଗିପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ** ଦରକାରୀ କାଗଜପତ୍ର କିମ୍ବା ସୁନା ଜିନିଷ ହଜିଯିବାର ସମ୍ଭାବନା ରହିଛି। ଯେଉଁ କାମରେ ଆଜି ହାତ ଦେବେ ସେଥିରେ ନିଶ୍ଚିତ ଭାବରେ ସଫଳତା ଅର୍ଜନ କରିବେ। ଆନୁଷ୍ଠାନିକ କାମ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯିବେ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିପାରେ।

**କର୍କଟ** ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ନ ଘଟିବାରୁ ଚିନ୍ତିତ ରହିପାରନ୍ତି। ସାଧାରଣ କଥାରେ ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରୁ ଉପକୃତ ହେବେ। ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ପରିବାରରେ କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ସକାଳୁ ସକାଳୁ ସାମାନ୍ୟ କଥାକୁ କେନ୍ଦ୍ର କରି ବନ୍ଧୁଙ୍କ ସହ ମନାନ୍ତର ଯୋଗୁ ସୁଖ ରହିବ ନାହିଁ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବା ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଆଜି ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ପାଇ ସକାଳ ସମୟଟି ଭଲରେ ଅତିବାହିତ ହେବ। ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ସନ୍ତାନଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗିରହିବ।

**ବିଛା** ଅତୀତ ସ୍ମୃତିଚାରଣ କରି ମାନସିକ ସ୍ତରରେ ବିଚଳିତବୋଧ କରିବେ। ଅଧିକ ସମୟ ପରିସ୍ଥିତିକୁ ନଜର ରଖି ନୀରବ ରହିବାକୁ ପସନ୍ଦ କରିପାରନ୍ତି। ଆଜିର ଯାତ୍ରାକାଳୀନ ଫେରନ୍ତା ବାଟରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ରକ୍ତଚାପ କିମ୍ବା ଡାଇବେଟିସ୍‌ଜନିତ ରୋଗରେ ପୀଡ଼ା ବଢ଼ିପାରେ।

**ଧନୁ** ସମ୍ପର୍କୀୟଙ୍କ ବେଖାତିର ମନୋଭାବ ସାଙ୍ଗକୁ ମର୍ମଭେଦୀ ବାକ୍ୟବାଣରେ ଅତିଷ୍ଠ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅଧସ୍ତନଙ୍କୁ ଉପଯୁକ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଆଣ୍ଠୁଗଣ୍ଠି ବାତଜନିତ କଷ୍ଟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ମକର** ଅନ୍ୟମାନଙ୍କ ପ୍ରରୋଚନାରେ ପଡି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପଦ ହେବ। ବାଣିଜ୍ୟ, ବ୍ୟବସାୟ ମାନ୍ଦା ହେବ ନାହିଁ କିନ୍ତୁ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ହେବ ନାହିଁ।

**କୁମ୍ଭ** ଆପଣଙ୍କ ଓଜନଦାର କଥାର ପ୍ରଭାବରେ ଆଜିର କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବାରୁ ଆନନ୍ଦିତ ରହିବେ। ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ସମୟ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ କଳହ ଦେଖାଦେଇ ପାରେ। ପରିସ୍ଥିତିରେ ପଡି ବନ୍ଧୁଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାପୂର୍ବରୁ ସମସ୍ୟା ଆସିପାରେ। ବନ୍ଧୁ ପରିଜନଙ୍କ ସହିତ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ରାଶି ନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୫୨ ଗତେ ଘ.୦୬।୪୦ ମଧ୍ୟେ, ଘ.୦୭।୨୮ ଗତେ ଘ.୦୮।୫୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୨୩ ଗତେ ଘ.୧୧।୫୩ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଫ୍ୟାକ୍ଟ ଚେକ୍ ୟୁନିଟ୍...

ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)କୁ ନେଇ ପ୍ରଶ୍ନ ଉଠୁଥିବାରୁ ଏହା ଉପରେ ଆମକୁ ବିଚାର କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ମନ୍ତ୍ରଣାଳୟ ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ଏହା ଉପରେ ରୋକ୍ ଲାଗିବା ଆବଶ୍ୟକ। କାରଣ ଅନୁଚ୍ଛେଦ ୩(୧)(ଖ)(୫)ର ବୈଧତାକୁ ଚ୍ୟାଲେଞ୍ଜ ଗୁରୁତର ସାମ୍ବିଧାନିକ ପ୍ରଶ୍ନ ସହ ଜଡିତ। ବାକ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତା ନିୟମର ପ୍ରଭାବକୁ ହାଇକୋର୍ଟ ଅନୁଧ୍ୟାନ କରିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

ଆଇଟି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମାବଳୀ, ୨୦୨୧ର ନିୟମ ୩(୧)(ଖ)(୫) ଅନୁଯାୟୀ କେନ୍ଦ୍ର ସରକାରଙ୍କ ସମ୍ପର୍କିତ ସମସ୍ତ ମିଥ୍ୟା ଖବର କିମ୍ବା ଭୁଲ୍ ତଥ୍ୟକୁ ମୁକାବିଲା କରିବା କିମ୍ବା ସତର୍କ କରାଇବା ପାଇଁ ଏଫ୍‌ସିୟୁ ଏକ ନୋଡାଲ ଏଜେନ୍ସି ହେବ। ଗତବର୍ଷ ସଂଶୋଧିତ ହୋଇଥିବା ଉକ୍ତ ନିୟମାବଳୀ ଅନୁଯାୟୀ, କୌଣସି ଖବର ଜାଲ୍, ମିଥ୍ୟା କିମ୍ବା ସେଥିରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ନେଇ ବିଭ୍ରାନ୍ତିକର ତଥ୍ୟ ରହିଥିବା ଜଣାପଡ଼ିଲେ ଫ୍ୟାକ୍ଟ ଚେକ୍ ୟୁନିଟ୍ ଏ ସମ୍ପର୍କରେ ସୋସିଆଲ ମିଡିଆ ସଂସ୍ଥାକୁ ଜଣାଇଦେବ। ଉକ୍ତ ଅନ୍‌ଲାଇନ ସଂସ୍ଥା ସେଗୁଡ଼ିକୁ ହଟାଇଦେବ। ଫ୍ୟାକ୍ଟ ଫାଇଣ୍ଡିଂ ୟୁନିଟ୍ ଉପରେ ସ୍ଥଗିତାଦେଶ ଲଗାଇବାକୁ ବମ୍ବେ ହାଇକୋର୍ଟ ମନା କରିବା ପରେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଥିଲେ। ଷ୍ଟାଣ୍ଡ-ଅପ୍ କମେଡିଆନ୍ କୁନାଲ କାମ୍ରା ଏବଂ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଏହା ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## 'ବିକଶିତ ଭାରତ'...

ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୧୬ ତାରିଖରେ ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିଠି ସହ ଉକ୍ତ ବାର୍ତ୍ତା ପଠାଯାଇଥିଲା। ତେବେ ସିଷ୍ଟମ ସମସ୍ୟା ଏବଂ ସୀମିତ ନେଟ୍‌ୱର୍କ ଯୋଗୁ କେତେଜଣଙ୍କ ପାଖରେ ଏହି ବାର୍ତ୍ତା ବିଳମ୍ବରେ ପହଞ୍ଚିଥିବା ମନ୍ତ୍ରଣାଳୟ କମିଶନଙ୍କୁ ଜଣାଇଛି। ସୂଚନା ଅନୁଯାୟୀ ଏମ୍‌ସିସି ଲାଗୁ ହେବା ସତ୍ତ୍ୱେ ନାଗରିକମାନଙ୍କ ଫୋନ୍‌କୁ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ବାର୍ତ୍ତା ଆସିଥିବାରୁ ଇସିଙ୍କ ନିକଟରେ ଅନେକ ଅଭିଯୋଗ ହୋଇଥିଲା। ବାର୍ତ୍ତାକୁ ନେଇ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଆପତ୍ତି ଉଠାଇବା ସହ ଏମ୍‌ସିସି ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନଙ୍କୁ ନିବେଦନ କରିଥିଲେ।

## ଭେଣ୍ଟିଲେଟରରେ ଦାମ...

ସମ୍ପର୍କରେ ସୂଚନା ପାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ କହିଛନ୍ତି, ଦାମୋଦର ରାଉତଙ୍କ ଅସୁସ୍ଥତା ବିଷୟରେ ଜାଣି ମୁଁ ଚିନ୍ତିତ। ତାଙ୍କର ଆଶୁ ଆରୋଗ୍ୟ ସହ ଦୀର୍ଘଜୀବନ କାମନା କରୁଛି।

ପୁଅ ସମ୍ବିତଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୧୮ ତାରିଖ ବିଳମ୍ବିତ ରାତିରେ ବାପା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ମେଡିକାଲ ନେବା ବାଟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହେବାପରେ ବାପାଙ୍କୁ କାର୍ଡିଓପଲ୍‌ମୋନାରି ରେସୁସିଟେଶନ(ସିପିଆର୍) ଦିଆଯାଇ ନ ଥିବା ସମ୍ବିତ ଅଭିଯୋଗ କରିଛନ୍ତି। ସିପିଆର୍ ନ ଦେବାରୁ ବାପାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଏହାପରେ ତୁରନ୍ତ ତାଙ୍କୁ ସେଠାରୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବାପାଙ୍କ ଚିକିତ୍ସା ଚାଲିଛି। ତେବେ ସମ୍ବିତଙ୍କ ଅଭିଯୋଗ ଉପରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ସିପିଆର୍ ଦେଲା ଭଳି ଅବସ୍ଥା ଦାମଙ୍କର ନ ଥିଲା। କାଜୁଆଲିଟିରେ ପହଞ୍ଚିବା ପରେ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଥିଲା। ତାଙ୍କର ଅକ୍ସିଜେନ୍ ସ୍ତର କମିଯାଇଥିଲା। କିଡ୍‌ନୀ ଠିକ୍ ନ ଥିଲା। ଡାକ୍ତର ତୁରନ୍ତ ଦେଖିଥିଲେ, ଇସିଜି ହୋଇଥିଲା, ଅକ୍ସିଜେନ୍ ଦିଆଯାଇଥିଲା। ଯେହେତୁ ଆମର ଏଠି କିଡ୍‌ନୀ ଡାକ୍ତର ନାହାନ୍ତି, ରେଫର କରିବାକୁ ପଡ଼ିଲା। ପ୍ରାଥମିକ ଚିକିତ୍ସା ସାରି ୩୦ ମିନିଟ ଭିତରେ ତାଙ୍କୁ ରେଫର କରାଯାଇଥିଲା। ତାଙ୍କୁ ସିପିଆର୍ ଦେଲା ଭଳି ଅବସ୍ଥା ନ ଥିଲା। ତେଣୁ ସିପିଆର୍ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି।

## କେଜ୍‌ରିୱାଲ ଗିରଫ...

କହିଥିଲେ। ହାଜର ହେବା ତାରିଖ ବଦଳାଇବା ପାଇଁ ତାଙ୍କ ଓକିଲ ଅଦାଲତଙ୍କୁ ନିବେଦନ କରିଥିଲେ। ବର୍ତ୍ତମାନ ରଦ୍ଦ ହୋଇଥିବା ଦିଲ୍ଲୀ ଅବକାରୀ ନୀତିରେ ଦକ୍ଷିଣ ଭାରତୀୟ ମଦ ବ୍ୟବସାୟୀମାନେ ଲାଭବାନ ହୋଇଥିଲେ। ସାଉଥ୍ ଲବିରୁ ଆପ୍‌କୁ ୧୦୦ କୋଟି ଟଙ୍କା ମିଳିଥିଲା ବୋଲି ଇଡି ଅଭିଯୋଗ ଆଣିଥିଲା। ଉକ୍ତ ମାମଲାରେ ଜେରା ପାଇଁ ହାଜର ହେବା ନିମନ୍ତେ ୫୫ ବର୍ଷୀୟ କେଜ୍‌ରିୱାଲଙ୍କୁ ୯ ଥର ସମନ ହେବା ସତ୍ତ୍ୱେ ସେ ଏହାକୁ ଏଡ଼ାଇ ଚାଲିଥିଲେ। ଲୋକ ସଭା ନିର୍ବାଚନ ପ୍ରଚାର ଚାଲିଥିବାବେଳେ ବିରୋଧୀ ପକ୍ଷର ଜଣେ ତୁଙ୍ଗ ନେତାଙ୍କୁ ଗିରଫ କରାଯିବା ପରେ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ ସମୟରେ କେଜ୍‌ରିୱାଲଙ୍କ ଗିରଫଦାରି ଅସାମ୍ବିଧାନିକ। ଏହା ଗଣତନ୍ତ୍ରର ହତ୍ୟା ସଦୃଶ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଏହି ଗିରଫଦାରି ଦୁର୍ନୀତିର ପରାଜୟ ଏବଂ କେଜ୍‌ରିୱାଲ ତତ୍କାଳ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେବା ଉଚିତ୍ ବୋଲି ଭାଜପା କହିଛି।

# ‘ଗତାନୁଗତିକ ପନ୍ଥା ନ ଆପଣେଇ ନିଜେ ସୃଜନଶୀଳ ହେବା’



ଡ. ସୁକାନ୍ତ କିଶୋର ମହାପାତ୍ର

ବ୍ରହ୍ମପୁରସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ ଦେଶର ଅଗ୍ରଣୀ ଅନୁଷ୍ଠାନ ମଧ୍ୟରୁ ଗୋଟିଏ। ନିଷ୍ଟ ବିଶ୍ୱବିଦ୍ୟାଳୟ ପରିଚାଳନା କରୁଥିବା ଏସ୍ଏମ୍ ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ଡ. ସୁକାନ୍ତ କିଶୋର ମହାପାତ୍ର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସୁପରିଚିତ। ସେ ଏନ୍ଆଇଟି ରାଉରକେଲାରୁ ଇଞ୍ଜିନିୟରିଂ ସାରିବା ପରେ ୟୁଏସ୍ଏ ଷ୍ଟିଭେନ୍ସ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି. ହାସଲ କରିଥିଲେ। ଟେଲିକମ୍ୟୁନିକେଶନ ଇଣ୍ଡଷ୍ଟ୍ରିରେ ୩୦ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ଡ. ମହାପାତ୍ର ବିଭିନ୍ନ ଅନ୍ତର୍ଜାତୀୟ କମ୍ପାନୀରେ ନେତୃତ୍ୱ ନେବା ସହ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ. ମହାପାତ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...

**ପ୍ର-ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷାର ବ୍ୟାପକତା ବୃଦ୍ଧି କରିବାରେ କେଉଁ ଆହ୍ୱାନର ସମ୍ମୁଖୀନ ହୋଇଥାଏ?**

ଉ- ଦେଶର ପ୍ରଗତି ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭରକରେ। ଚାଇନା ଓ ୟୁଏସ୍ ପରେ ଭାରତ ବିଦ୍ୟାର୍ଥୀଙ୍କ ସଂଖ୍ୟାରେ ତୃତୀୟ। ଶିକ୍ଷା ଅଧିକାର ଆଇନ ତଥା ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି। ସେହିପରି ଜାତୀୟ ଶିକ୍ଷାନୀତି ୨୦୨୦ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ସରଳ କରିଛି। ତେବେ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ଆହ୍ୱାନକୁ ଘରୋଇ ଶିକ୍ଷାନୁଷ୍ଠାନ ସାମ୍ନା କରୁଥିଲେ ମଧ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆମର ପ୍ରଧାନ ଲକ୍ଷ୍ୟ। ଏମିତି ଦେଖିବାକୁ ଗଲେ ସାରା ବିଶ୍ୱରେ ଅନେକ ଘରୋଇ ଅନୁଷ୍ଠାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଛି।

**ପ୍ର-ଶିକ୍ଷାକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର କ’ଣ ପ୍ରଭାବ ରହିଛି?**

ଉ- ଡିଜିଟାଲ ବିପ୍ଳବ ଦ୍ୱାରା ଟେକ୍ନୋଲୋଜି ବ୍ୟବହାରରେ ଶିକ୍ଷା ବ୍ୟବସ୍ଥାକୁ ଫଳପ୍ରଦ କରାଯାଇପାରିବ। କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସ୍ୱାସ୍ଥ୍ୟ, ବାଣିଜ୍ୟ, ବ୍ୟବସାୟ, ଉତ୍ପାଦନଠାରୁ ଆରମ୍ଭ କରି ଶିକ୍ଷା କ୍ଷେତ୍ରକୁ ମଧ ପ୍ରଭାବିତ କରୁଛି। ସେହିପରି କୃତ୍ରିମ ବୁଦ୍ଧିମତ୍ତା ପ୍ରଫେସରମାନେ ପିଲାଙ୍କୁ ପାଠ ପଢ଼ାଇପାରିବେ। ବର୍ତ୍ତମାନ ଏଆଇ ସହଯୋଗରେ ପରୀକ୍ଷା ପରିଚାଳନା ମଧ ଶୃଙ୍ଖଳିତ ହୋଇପାରୁଛି।

**ପ୍ର-ନିଷ୍ଟ ବିଶ୍ୱବିଦ୍ୟାଳୟର କେଉଁ ବିଶେଷତ୍ୱ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିଥାଏ? ଏ କ୍ଷେତ୍ରରେ ଆପଣଙ୍କ ଜୀବନଯାତ୍ରା କିପରି ରହିଛି?**

ଉ-ନିଷ୍ଟ ବିଶ୍ୱବିଦ୍ୟାଳୟ ୪ଟି କଥାକୁ ଗୁରୁତ୍ୱ ଦେଇଥାଏ। ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପ୍ରାଥମିକତା, ବିଦ୍ୟାର୍ଥୀଙ୍କ ଦ୍ୱାରା ଗବେଷଣା ଓ ଆବିଷ୍କାର, ସମାଜ ପ୍ରତି ଦାୟିତ୍ୱବୋଧ ଏବଂ ନିଷ୍ଟ ପରିବାର ହିଁ ବିଶ୍ୱବିଦ୍ୟାଳୟକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ। ଦେଶର ଶ୍ରେଷ୍ଠ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି । କାରଣ ଶିକ୍ଷାକ୍ଷେତ୍ରରେ ଆମେ ପିଲାଙ୍କ ମୂଳଦୁଆ ଓ ସୃଜନଶୀଳତାକୁ ଗୁରୁତ୍ୱ ଦେଇଥାଉ। ପିଲାଙ୍କୁ ଗବେଷଣା ପାଇଁ ଯଥେଷ୍ଟ ସୁଯୋଗ ମିଳିଥାଏ। ମୋ ଜୀବନଯାତ୍ରା କଥା କହିବାକୁ ଗଲେ, ଏହା ଅତ୍ୟନ୍ତ ରୋମାଞ୍ଚକର ଏବଂ ଆନନ୍ଦମୟ। ମୁଁ ଭାଗ୍ୟବାନ୍ ଯେ, ଛାତ୍ର ଜୀବନଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ଅନେକ ଉଜ୍ଜ୍ୱଳ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିଛି। ସେମାନଙ୍କଠାରୁ ମୁଁ ବହୁତ କିଛି ଶିଖିଛି।

**ପ୍ର- ଶିକ୍ଷାକ୍ଷେତ୍ରରେ ବ୍ୟବସାୟିକ ସଫଳତା ପାଇବା ପାଇଁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ?**

ଉ- କେବଳ ଶିକ୍ଷାକ୍ଷେତ୍ର ନୁହେଁ, ଯେକୌଣସି କ୍ଷେତ୍ରରେ ସଫଳତା ପାଇବା ପାଇଁ ପ୍ରଥମେ ନିଜେ ନିଜକୁ ଜାଣିବା ଦରକାର। ଯେଉଁଥିରେ ରୁଚି ସେହି କ୍ଷେତ୍ରରେ ଆଗକୁ ବଢ଼ିବା ଆବଶ୍ୟକ। ଲୋକଙ୍କୁ ଅନୁକରଣ ନ କରି ଲୋକ କିପରି ଆପଣଙ୍କୁ ଅନୁକରଣ କରିବେ ସେଥିପାଇଁ ଉଦ୍ୟମ କରିବା ଉଚିତ। ଜୀବନ ବହୁତ ଛୋଟ ଏବଂ ଖୁସି ରହିବା ସଫଳତାର ଚାବିକାଠି। ଆପଣଙ୍କ କର୍ମ ଦ୍ୱାରା ସବୁବେଳେ ଅନ୍ୟକୁ ଖୁସି ରଖନ୍ତୁ।

**ପ୍ର-ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କେବଳ ପରୀକ୍ଷାରେ ଭଲ ମାର୍କ ଆଣିବା ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହୋଇଯାଇଛି କି?**

ଉ-ଏକଥା ସତ୍ୟ ଯେ, ଭାରତୀୟ ଶିକ୍ଷା ପ୍ରଣାଳୀ ମୂଳତଃ ପାଠ୍ୟଖସଡ଼ାକୁ କଣ୍ଠାଗ୍ରତ କରିବା ପଦ୍ଧତି ଉପରେ ପର୍ଯ୍ୟବସିତ। ଅନେକ ସମୟରେ ଦେଖାଯାଏ ଛାତ୍ରଟିର ମୌଳିକ ମୂଲ୍ୟବୋଧ ଏବଂ କିଛି ନୂତନ କରିବାର ଇଚ୍ଛା ଏହି ତଥାକଥିତ କଣ୍ଠାଗ୍ରତ କରିବା ଶୈଳୀ ପାଇଁ ନିଜର ଗୁରୁତ୍ୱ ହରାଇଥାଏ। ଯେକୌଣସି ଗୋଟିଏ ବିଷୟରେ ମୂଲ୍ୟାଙ୍କନ ହିଁ ବିଦ୍ୟାର୍ଥୀଟିର ସାମଗ୍ରିକ ମୂଲ୍ୟବୋଧକୁ ସୂଚାଇଥାଏ। ବିଦ୍ୟାର୍ଥୀମାନେ ବସ୍ତୁତଃ ପ୍ରଚଳିତ ଧାରାକୁ ଅନୁସରଣ କରିବାକୁ ଉପଦେଶ ପାଇଥା’ନ୍ତି। ଫଳରେ ଆମ ସମାଜରେ ନୂତନତ୍ୱ ପ୍ରାୟ ଦେଖାଯାଏ ନାହିଁ। ତେଣୁ ଛାତ୍ରୀଛାତ୍ରମାନେ ନୁହନ୍ତି, ସମାଜର ପ୍ରତ୍ୟେକ ବ୍ୟକ୍ତି ଗତାନୁଗତିକ ଚିନ୍ତାଧାରା ବଦଳରେ ନିଜର ସୃଜନାତ୍ମକ ଚିନ୍ତାଧାରାକୁ ଅନୁସରଣ କରିବା ଆବଶ୍ୟକ।

ଧରିତ୍ରୀ | OrissaPOST
BUSINESS EMINENCE AWARDS



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଗୁରୁବାର ରାତିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଓଡ଼ିଶା ଆମ୍ ଆଦ୍‌ମୀ ପାର୍ଟି ଆବାହକ ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କୁ ନୋଟିସ

## ଦୋଷମୁକ୍ତ ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟଙ୍କୁ ଗଲା ସିବିଆଇ

କଟକ,୨୧।୩ (କାର୍ତ୍ତିକ ସାହୁ)

ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କୁ ହାଇକୋର୍ଟ ଗୁରୁବାର ନୋଟିସ୍ ଜାରି କରିଛନ୍ତି। ଦୁର୍ନୀତି ନିବାରଣ ଆଇନ୍‌ରୁ ହାଁସଦାଙ୍କୁ ଦୋଷମୁକ୍ତ କରାଯିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସିବିଆଇ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟ ଉକ୍ତ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ନୋଟିସ ଜାରି କରିଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କୁ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ୨୦୧୪ରେ ଗିରଫ କରିଥିଲା। ସେ ନବଦିଗନ୍ତ କ୍ୟାପିଟାଲ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଚିଟ୍‌ଫଣ୍ଡ ସଂସ୍ଥା ସହ ଲିଙ୍କ୍ ମାମଲାରେ ଗିରଫ ହୋଇଥିଲେ। ସେତେବେଳେ ନବଦିଗନ୍ତର ସିଏମ୍‌ଡି ଅଞ୍ଜନ ବଳିୟାରସିଂ, ପ୍ରତିଷ୍ଠାତା ପ୍ରଦୀପ କୁମାର ଓ କେନ୍ଦୁଝରର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ମଧ ଗିରଫ ହୋଇଥିଲେ। ହାଁସଦା ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ଥିବାବେଳେ ଗୋଟିଏ ଦିନ ସଂସଦରେ ଯୋଗଦେବା ନିମନ୍ତେ ଅନୁମତି ଦେବାକୁ ୨୦୧୫ରେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। କାରଣ ଲଗାତର ୬୦ ଦିନ ସଂସଦରେ ଅନୁପସ୍ଥିତ ରହିଲେ ସଭ୍ୟ ପଦ ରଦ୍ଦ ହେବାର ଆଇନ ରହିଛି। ଏହି କାରଣରୁ ତାଙ୍କ ଆବେଦନକୁ ହାଇକୋର୍ଟ ଗ୍ରହଣ କରି ଅନୁମତି ଦେଇଥିଲେ। ହାଁସଦା ସିବିଆଇ ହେପାଜତରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଇ ସଂସଦରେ ଗୋଟିଏ ଦିନ ଯୋଗ ଦେବା ପରେ ପୁଣି ତାଙ୍କୁ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାର ବିଚାର ପରେ ନିମ୍ନ କୋର୍ଟ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗରୁ ହାଁସଦାଙ୍କୁ ଦୋଷମୁକ୍ତ କରିଥିଲେ। ଏହାକୁ ନେଇ ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

# ଓଏମ୍‌ବିଏଡିସି ପାଣ୍ଠିରୁ ଖର୍ଚ୍ଚ ହେବ ୬୫.୩୨ କୋଟି

## ଯଯାତି କେଶରୀ ମେଡିକାଲ କଲେଜ

■ ଗୃହ, ଅନ୍ୟାନ୍ୟ ନିର୍ମାଣରେ ଏହି ଅର୍ଥ ବିନିଯୋଗ ନିଷ୍ପତ୍ତି
■ ପୂର୍ବ ନିଷ୍ପତ୍ତିରେ ବ୍ୟତିକ୍ରମ ଅଭିଯୋଗ



ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା)

କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜିଂ ମୋଡ୍‌ରେ ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ଓ ଅଧ୍ୟାପନା ଡାକ୍ତରଖାନା ଗୃହ ନିର୍ମାଣ ପ୍ରାୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୦୨୪-୨୫ ଆର୍ଥିକ ଶିକ୍ଷାବର୍ଷରେ ୧ଶହ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜରେ ନାମ ଲେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେଣୁ ବିଭିନ୍ନ ମହଲରୁ ଦାବି ଅନୁଯାୟୀ ଏହି କଲେଜର ନାମକରଣ ସମ୍ରାଟ ଯଯାତି କେଶରୀଙ୍କ ନାମରେ ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ରଖାଯାଇଛି। ମେଡିକାଲ କଲେଜ ଏବଂ ଉକ୍ତ ନାମକରଣକୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ଇତିମଧ୍ୟରେ କଲେଜ ଗୃହର ଅନ୍ୟାନ୍ୟ ନିର୍ମାଣ ପାଇଁ ପୁଣି ୧୦୪ କୋଟି ୧୬ ଲକ୍ଷ ୬୮ ହଜାର ୫୩୨ ଟଙ୍କା ମଞ୍ଜୁର ହୋଇଛି। ଏଥିମଧ୍ୟରୁ ୬୫ କୋଟି ୩୨ ଲକ୍ଷ ୯୦ ହଜାର ୬୦୩ ଟଙ୍କା ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଅଥାତ୍ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠିରୁ ପ୍ରଦାନ କରାଯାଇଛି। ଉକ୍ତ ପାଣ୍ଠିରୁ କେଉଁ କେଉଁ ବିଭାଗରେ କେତେ ଖର୍ଚ୍ଚ କରାଯିବ ଏବଂ ଅବଧି ସମୟ ମଧ୍ୟରେ ପାଣ୍ଠି ଖର୍ଚ୍ଚ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ହେଲେ ଓଏମ୍‌ବିଏଡିସି ପାଣ୍ଠି ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ଖର୍ଚ୍ଚ କରାଯିବ ବୋଲି ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହାର ଏଠାରେ ବ୍ୟତିକ୍ରମ ଘଟିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଏଥିପାଇଁ ବିପୁଳ ପାଣ୍ଠି ମହଜୁଦ ରହିଥିଲେ ହେଁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଣ୍ଠି ଅନ୍ୟ କ୍ଷେତ୍ରରେ କାହିଁକି ବିନିଯୋଗ ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନୱାଡି କେନ୍ଦ୍ର), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ରହିଛି। ଏଥିନିମନ୍ତେ ବିଭିନ୍ନ ବିଭାଗଗୁଡ଼ିକ ଓଏମ୍‌ବିଏଡିସିକୁ ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରଦାନ କରିଥାନ୍ତି। ଏହି ଡିପିଆର ଆଧାରରେ ଓଏମ୍‌ବିଏଡିସି ଦ୍ୱାରା ପ୍ରକଳ୍ପଗୁଡ଼ିକ ଅନୁମୋଦନ ହୋଇଥାଏ। ଏହି କ୍ରମରେ ଯାଜପୁର ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପରେ ୮୯.୩୫ କୋଟି ଟଙ୍କା ସର୍ବାଧିକ ଭାବେ ଖର୍ଚ୍ଚ ହୋଇଛି। ଗାଇଡ୍ ଲାଇନ ଅନୁସାରେ ଅନ୍ୟାନ୍ୟ କ୍ଷେତ୍ରରେ ଖର୍ଚ୍ଚ ପରିମାଣ ନୈରାଶ୍ୟଜନକ ରହିଛି। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ ଓଏମ୍‌ବିଏଡିସିରେ ପାଣ୍ଠି ଥାଇ ମଧ ଗତ ୪ବର୍ଷ ହେଲା ପ୍ରଶାସନିକ ଉଦାସୀନତା କାରଣରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି । ଅନ୍ୟପକ୍ଷେ ଜିଲାର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ୨୦୨୦ ଡିସେମ୍ବରରେ ମେଡିକାଲ କଲେଜ ନିର୍ମାଣ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଥିଲା। ଏଥିପାଇଁ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ୪୨୬ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଆଙ୍କୁଲା ଛକ ନିକଟରେ ନିର୍ଦ୍ଧାରିତ ୪୦ଏକର ଜମିର ବ୍ୟବସ୍ଥା ହୋଇଥିଲା। ଏହାକୁ ଜିଲାର ସମସ୍ତ ବର୍ଗର ଲୋକେ ସ୍ୱାଗତ କରିଥିଲେ। ଜିଲାରେ ଏକ ମେଡିକାଲ କଲେଜ ସ୍ୱପ୍ନ ପୂରଣ ହେଲା ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। କିନ୍ତୁ ଖଣି ଖନନ ଦ୍ୱାରା ପ୍ରଦୂଷଣ ଓ ପରିବେଶଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଅନୁନ୍ନତ ସୁକିନ୍ଦା ବ୍ଲକ ଅଞ୍ଚଳରେ କାହିଁକି ଓଏମ୍‌ବିଏଡିସି ପାଣ୍ଠି ସର୍ବାଧିକ ଖର୍ଚ୍ଚ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ମେଡିକାଲ କଲେଜ ପାଇଁ ମଞ୍ଜୁର ପାଣ୍ଠିରେ ଗୃହ ନିର୍ମାଣ ସର୍ବାଧିକ ୫୬.୭୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବାକି ମୋଡୁଲାର ଓଟି, ସାଇଟ୍ ଡେଭଲପ୍‌ମେଣ୍ଟ, ଚିଲର ପ୍ଲାଣ୍ଟ ରୁମ୍, ମେଡିକାଲ ଗ୍ୟାସ୍ ପ୍ଲାଣ୍ଟ ରୁମ, ପାର୍କିଂ, ଡ୍ରେନ, ସାଇଟ୍ ଫିଲିଂ, ସୋଲାର ହଟ୍ ୱାଟର ସିଷ୍ଟମ, ମେଡିକାଲ ଗ୍ୟାସ ପାଇପ୍ ସିଷ୍ଟମ, ଇଲେକ୍ଟ୍ରିକାଲ ୱାର୍କ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚ କରାଯିବାକୁ ନିର୍ଦ୍ଦେଶ ହୋଇଛି।

ମେଡିକାଲ କଲେଜ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗବାନ ସାହୁଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ପର୍ଯ୍ୟାୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁସାରେ ଓଏମ୍‌ବିଏଡିସି ପାଣ୍ଠି ମଞ୍ଜୁର ହୋଇଛି ।

# ତଦନ୍ତ ବେଳେ କର୍ମଚାରୀ ଦୋଷ ଲଦାଲଦି

## ଝାରପଡ଼ା ଜେଲକୁ କେମିତି ଗଲା ଗଞ୍ଜେଇ, ମାଦକଦ୍ରବ୍ୟ

ଭୁବନେଶ୍ୱର,୨୧।୩ (ସୂର୍ଯ୍ୟକାନ୍ତ ବେହେରା)




ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ ପରିସରକୁ ବେଆଇନ ଭାବେ ନିଶାଦ୍ରବ୍ୟ ଯିବା ଓ କଏଦୀଙ୍କ ମଧ୍ୟରେ ମାରପିଟ ଘଟଣାର ବିଭାଗୀୟ ତଦନ୍ତ ଚାଲିଛି। ତେବେ ସୁରକ୍ଷା ବଳୟରେ ଥିବା ରାଜ୍ୟର ଏହି ପ୍ରମୁଖ ଜେଲ୍ ଭିତରକୁ ଗଞ୍ଜେଇ, ଚିଲମ, ବିଡ଼ି, ସିଗାରେଟ ଆଦି ସାମଗ୍ରୀ କେମିତି ଗଲା ଓ ଏହାକୁ କେବଳ କଏଦୀ ନା ଆଉ କିଏ ବ୍ୟବହାର କରୁଥିଲେ, ପୁଣି ଦାୟିତ୍ୱରେ ରହୁଥିବା ଅଧିକାରୀ ଓ କର୍ମଚାରୀମାନେ କେମିତି ଜାଣିପାରୁ ନ ଥିଲେ, ତାହାକୁ ନେଇ ଏକାଧିକ ପ୍ରଶ୍ନ ଉଙ୍କିମାରୁଛି। ଧରାପଡିବା ଭୟରେ କଏଦୀଙ୍କ ସହ ସମ୍ପର୍କରେ ଥିବା କର୍ମଚାରୀଙ୍କର ଛାତି ଧଡ଼ଧଡ଼ ହେବାରେ ଲାଗିଛି। ତଦନ୍ତ ଅଧିକାରୀମାନେ ପଚରାଉଚରାବେଳେ କର୍ମଚାରୀମାନେ ପରସ୍ପରକୁ ଦୋଷ ଲଦାଲଦି ହେଉଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ସମ୍ପର୍କିତ ରିପୋର୍ଟ ଗୃହ ବିଭାଗକୁ ପଠାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ତଦନ୍ତ ସରିବା ପରେ ଜେଲ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କୁ ସର୍ବସମ୍ମୁଖକୁ ଆଣି କାର୍ଯ୍ୟାନୁଷ୍ଠାନ ନେବ ନା ପୂର୍ବଭଳି ତଦନ୍ତ ନାଁରେ ସମୟ ଗଡ଼ାଇ ଘଟଣାକୁ ଚପାଇ ଦେବ ତାହାକୁ ନେଇ ଏବେ ନାନା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ତଦନ୍ତ ସମୟରେ ଏହି ଜେଲରେ ରହିଥିବା ବଡ଼ ସମସ୍ୟା ସାମ୍ନାକୁ ଆସିଛି। କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହୁଥିବାରୁ ସେମାନଙ୍କୁ ପରିଚାଳନା କରିବା କଷ୍ଟକର ହୋଇପଡୁଛି। ଅଧିକ ଚାପ ବାହାନାରେ ମଧ କର୍ମଚାରୀମାନେ ଠିକ୍‌ଭାବେ ଦାୟିତ୍ୱ ତୁଲାଉ ନ ଥିବା ଅଭିଯୋଗ ଉଠୁଛି। କେତେଜଣ କର୍ମଚାରୀ ଜେଲ୍‌ରେ ରାଜ୍ କରୁଥିବା ଅପରାଧୀ ଗୋଷ୍ଠୀ ସହ ରହି ସେମାନଙ୍କୁ ଭିତିରି ସହଯୋଗ କରୁଛନ୍ତି। ଅପରାଧୀ-ଜେଲ୍ କର୍ମଚାରୀଙ୍କ ମଧୁଚନ୍ଦ୍ରିକାକୁ ଧରିବା ତଦନ୍ତକାରୀ ଅଧିକାରୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଦୃଢ଼ ପଦକ୍ଷେପ ନିଆଗଲେ ଜେଲ୍‌ରେ ବେଆଇନ କାର୍ଯ୍ୟକଳାପ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଛି। ଅପରପକ୍ଷେ ପ୍ରତି ରବିବାର ପୋଲିସ ଦ୍ୱାରା କରାଯିବାକୁ ଥିବା ଜେଲ ପରେଡ ମଧ ନିୟମିତ ଭାବେ ହେଉନାହିଁ। ଜେଲ କର୍ମଚାରୀ ଏବଂ ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଜେଲ୍ ଭିତରେ ନିଶା କାରବାର ସହ ମାଦକ ଦ୍ରବ୍ୟର ଅବାଧ ପ୍ରବେଶ ଚିନ୍ତାର କାରଣ ପାଲଟିଛି।

# ପରିବେଶର ସମୃଦ୍ଧି ପାଇଁ ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା ଜରୁରୀ

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ

## ୪୦ଜଣ ପାଇଲେ ବିଶ୍ୱ ବନ ଦିବସ ପୁରସ୍କାର

ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)

ପ୍ରକୃତି ଯେତିକି ସମ୍ପଦ ଓଡ଼ିଶାକୁ ଦେଇଛି, ସେତିକି ସମ୍ପଦ ଦେଶର ଅନ୍ୟ କୌଣସି ରାଜ୍ୟକୁ ପ୍ରଦାନ କରିନାହିଁ। ତେଣୁ ପରିବେଶର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୃଷ୍ଟି ତଥା ସୁରକ୍ଷା ଅପରିହାର୍ଯ୍ୟ। ଆମେ ଯଦି ଏଗୁଡ଼ିକର ସୁରକ୍ଷା କରିବା ନାହିଁ ତା’ହେଲେ ଭବିଷ୍ୟତ ପିଢ଼ି ଆମକୁ କ୍ଷମା ଦେବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ଗୁରୁବାର ସୂଚନାଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ପ୍ରଗତି ଓ ପ୍ରକୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଉଭୟଙ୍କ ମଧ୍ୟରେ ଠିକ୍ ସନ୍ତୁଳନ ରକ୍ଷା କରି ଆମକୁ ଆଗକୁ ଅଗ୍ରସର ହେବାକୁ ପଡ଼ିବ। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ରିପୋର୍ଟ ୨୦୨୧ ଅନୁଯାୟୀ, ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଉଭୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୮୯୩ ବର୍ଗ କିଲୋମିଟର ଅଭିବୃଦ୍ଧି ଘଟିଛି। ଜଙ୍ଗଲ ଅଭିବୃଦ୍ଧି ଦ୍ୱାରା ବର୍ଷା ଅଧିକ ହେବା ସହ ଭୂପୃଷ୍ଠ ପାନୀୟ ଜଳ ଓ ପ୍ରଦୂଷଣ ସମସ୍ୟା ହ୍ରାସ ପାଇଥାଏ। ତେଣୁ ଆମକୁ ବୃକ୍ଷ ରୋପଣକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ ବୋଲି ସାହୁ ମତ ଦେଇଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ ‘ଜଙ୍ଗଲ ଓ ଅଭିନବୀକରଣ’ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ବନ୍ୟପ୍ରାଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ।

ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଫରେଷ୍ଟଗାର୍ଡ, ଫରେଷ୍ଟର ଏବଂ ଫରେଷ୍ଟ ରେଞ୍ଜର ପଦବୀର ୪୦ଜଣ ବନ କ୍ଷେତ୍ର କର୍ମଚାରୀ/ଅଧିକାରୀଙ୍କୁ ‘ବିଶ୍ୱ ବନ ଦିବସ ପୁରସ୍କାର’ ପ୍ରଦାନ କରାଯାଇଥିଲା। ସେହିପରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସଙ୍କଳନ କରି ‘ଓଡ଼ିଶା ବନ ବିଭାଗ ୨୦୨୪ର ହାଇଲାଇଟ୍’ ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ସୁରକ୍ଷା ଓ ଚିରସ୍ଥାୟୀ ପରିଚାଳନା) ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିବାବେଳେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହ ବିଭାଗ ପକ୍ଷରୁ ଓଡ଼ିଶାର ବନ୍ୟଜନ୍ତୁ, ନନ୍ଦନକାନନ, ଇକୋ-ଟୁରିଜମ୍, ଔଷଧୀୟ ବୃକ୍ଷ, ବିଭାଗୀୟ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।



ଅତିଥିମାନେ ଜଣେ ବନ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା



# ଚାଇନାର ବିସ୍ତାରବାଦ



ବ୍ରହ୍ମ ଚେଲାନି

ଭାରତ-ପ୍ରଶାନ୍ତ ମହାସାଗରରେ ଆଞ୍ଚଳିକ ତଥା ସାମୁଦ୍ରିକ ସ୍ଥିତିକୁ ବଦଳାଇବା ପାଇଁ ଚାଇନା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଗୁପ୍ତ ଭାବରେ କାର୍ଯ୍ୟ କରିଆସିଛି। ଚାଇନାର ଏଭଳି ପଦକ୍ଷେପ ଅଷ୍ଟ୍ରେଲିଆ, ଭାରତ, ଜାପାନ, ତାଇୱାନ ଏବଂ ଦକ୍ଷିଣ-ପୂର୍ବ ଏସୀୟ ପଡ଼ୋଶୀ ଦେଶଗୁଡ଼ିକ ସମେତ ଆମେରିକା ସହ ଉତ୍ତେଜନା ବୃଦ୍ଧି କରିଛି। ୟୁରୋପ ଏବଂ ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧରେ ଆମେରିକାର ଧ୍ୟାନ ଏବଂ ସମ୍ବଳ କେନ୍ଦ୍ରିତ ହୋଇଥିବାରୁ ଚାଇନା ଏବେ ଏହାର ବିସ୍ତାରବାଦରେ ଅଧିକ ଆକ୍ରମଣାତ୍ମକ ହୋଇଯାଇଛି। ପୂର୍ବାପେକ୍ଷା ଚାଇନାର ଆଞ୍ଚଳିକ ପ୍ରଭୁତ୍ୱ ବଢ଼ିଯାଇଛି। ପ୍ରାୟ ଦୈନିକ ତାଇୱାନକୁ ଅସୁବିଧାରେ ପକାଇବା ଲାଗି ନୂଆ ଉପାୟ ଖୋଜୁଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ତାଙ୍କ ଦେଶ ସହ ତାଇୱାନକୁ ମିଶାଇବା ଲାଗି ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି (ଯଦିଓ ଅନ୍ତର୍ଜାତୀୟ ଆଇନ କିମ୍ବା ଇତିହାସରେ ଏହି ଲକ୍ଷ୍ୟର କୌଣସି ଆଧାର ନାହିଁ)। ତାଇୱାନର ବାୟୁ ପ୍ରତିରକ୍ଷା କ୍ଷେତ୍ରକୁ ଦଖଲ କରିବା ଏବଂ ଦ୍ୱୀପକୁ ଚାରି ପାଖରୁ ଯୁଦ୍ଧ ଜାହାଜ ଘେରି ରହିଥିବାରୁ ଯୁଦ୍ଧ ଆଶଙ୍କା ବୃଦ୍ଧିପାଉଛି, ଯାହା ବିଶ୍ୱର ଭୂରାଜନୈତିକ ସ୍ଥିତିକୁ ପରିବର୍ତ୍ତନ କରିଦେବ।

ହିମାଳୟ ଅଞ୍ଚଳରେ ମଧ୍ୟ ଯୁଦ୍ଧର କଳା ବାଦଲ ଘୋଟିଆସୁଛି। ସେଠାରେ ପାଖାପାଖି ଚାରି ବର୍ଷ ଧରି ଭାରତର ସୀମାନ୍ତ ଅଞ୍ଚଳକୁ ଚାଇନା ବାରମ୍ବାର ଜବରଦଖଲ ହେତୁ ସାମରିକ ଉତ୍ତେଜନା ଜାରି ରହିଛି। ପୂର୍ବ ଚାଇନା ସାଗରରେ ଜାପାନ ନିୟନ୍ତ୍ରିତ ସେନ୍‌କାକୁ ଦ୍ୱୀପପୁଞ୍ଜର ଆଞ୍ଚଳିକ ଜଳ ଏବଂ ବାୟୁ କ୍ଷେତ୍ରରେ ଚାଇନା ଅନୁପ୍ରବେଶ କରି ତାହାକୁ ନିଜର ବୋଲି ଦାବି କରୁଛି। ଏହା ଜାପାନକୁ ପୁନର୍ବାର ସାମରିକ ଶକ୍ତି ବୃଦ୍ଧି କରିବାକୁ ପ୍ରେରିତ କରିଛି। ତେବେ ଦକ୍ଷିଣ ଚାଇନା ସାଗରରେ ସବୁଠୁ ବଡ଼ ବିପଦ ଆସିପାରେ। ସେଠାରେ ଚାଇନା ତା'ର ପ୍ରଭାବ ଜାହିର କରିବାର ପ୍ରୟାସ ହେତୁ ଆମେରିକାର ଯୁଦ୍ଧ ଜାହାଜ ଏବଂ ବିମାନ ସହିତ ବିପଜ୍ଜନକ ମୁକାବିଲାର ନିକଟତର ହୋଇଛି। ଅନେକ ବର୍ଷ ଧରି ଦକ୍ଷିଣ ଚାଇନା ସାଗର ଉପରେ ଚାଇନା ନିଜର ପ୍ରାଧାନ୍ୟକୁ ଦୃଢ଼ କରିବାକୁ ନିରନ୍ତର କାର୍ଯ୍ୟ କରିଆସୁଛି । ସେହି ଅଞ୍ଚଳର ବିପୁଳ ସମ୍ବଳକୁ ଶୋଷଣ କରିବାରେ ଲାଗିଛି। ଏହାସହ ରଣନୀତିକ ସ୍ଥିତିକୁ ଏକ ଗୁରୁତ୍ୱପୂର୍ଣ୍ଣ କରିଡର ଭାବରେ ବ୍ୟବହାର କରୁଛି, ଯେଉଁ ବାଟ ଦେଇ ବିଶ୍ୱର ଏକ ତୃତୀୟାଂଶ ନୌପରିବହନ ହେଉଛି। ଏଥିପାଇଁ ଚାଇନା ପୁରୁଣା କୋରାଲ ରିଫ୍ (ପ୍ରବାଳ ପାଚେରି) ଉପରେ କୃତ୍ରିମ



ଦ୍ୱୀପ ନିର୍ମାଣ କରିଛି ଏବଂ ଏହି ପ୍ରବାଳଦ୍ୱୀପକୁ ସାମରିକ ଘାଟିରେ ପରିଣତ କରିଛି। ଏହି ପଦକ୍ଷେପ ଅନ୍ତର୍ଜାତୀୟ ଆଇନ ସମେତ ଦି ହେଗ୍‌ରେ ଥିବା ଏକ ଅର୍ବିଟାଲ ଟ୍ରିବ୍ୟୁନାଲର ୨୦୧୬ ରାୟର ଖୋଲା ଉଲ୍ଲଂଘନ କରୁଛି। ଏହି ରାୟ ଦକ୍ଷିଣ ଚାଇନା ସାଗରରେ ଚାଇନାର ଦାବିକୁ ଅଗ୍ରାହ୍ୟ କରେ। ଏହା ହୋଇଥିଲେ ମଧ୍ୟ ଶାସନରେ ରହିଆସିଥିବା ଆମେରିକାର ୩ଟି ପ୍ରଶାସନ ପକ୍ଷରୁ କମ୍ ପ୍ରତିରୋଧ କରାଯାଇଛି। ଫଳସ୍ୱରୂପ ଚାଇନା ବିନା ସଂଘର୍ଷରେ ଏକପାଖିଆ ଭାବେ ଏହାର ସାମୁଦ୍ରିକ ସୀମା ବିସ୍ତାର କରିବାରେ ସଫଳ ହୋଇଛି।

ବର୍ତ୍ତମାନ ଚାଇନା ନୌସେନା ଏବଂ ବାୟୁସେନା ପଡ଼ୋଶୀ ଦେଶଗୁଡିକର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍(ଇଇଜେଡ୍)ରେ ପଇଁତରା ମାରୁଛି। ଏହାର ତଟରକ୍ଷୀ ବାହିନୀ ତଥା ସୈନ୍ୟବାହିନୀ ଅନ୍ୟ ଦେଶର ସମୁଦ୍ରରେ ଥିବା ତୈଳ ଉତ୍ତୋଳନ ଏବଂ ଗ୍ୟାସ କ୍ଷେତ୍ରରେ ଅନୁପ୍ରବେଶକରି ପାଟ୍ରୋଲିଂ କରୁଛି। ଆମେରିକା ସହିତ ଫିଲିପାଇନ୍ସ ଓ ଭିଏତ୍‌ନାମ ଭଳି କ୍ଷୁଦ୍ର ପଡ଼ୋଶୀ ଦେଶଗୁଡ଼ିକର ଜାହାଜକୁ ନିରୀକ୍ଷଣ କରିବା, ପିଛା କରିବା ଏବଂ ହଇରାଣ କରିବା ପାଇଁ ଚାଇନା ତାହାର ନୌସେନାକୁ ବ୍ୟବହାର କରିଆସୁଛି। ସେହିସବୁ ଅଞ୍ଚଳକୁ ତାହାର ବୋଲି ଚାଇନା ଦାବି କରିଆସୁଛି। ଏପରିକି ମାଛଧରା ଡଙ୍ଗାଗୁଡ଼ିକୁ ଟାର୍ଗେଟ କରି ଧ୍ୱଂସ କରାଯାଉଛି। ଚାଇନାର ଜାହାଜଗୁଡ଼ିକ ବର୍ତ୍ତମାନ ସୁଚିନ୍ତିତ ଭାବରେ ଅନ୍ୟ ଜାହାଜକୁ ବୁଡାଇଦେଉଛି କିମ୍ବା ଧକ୍କା ଦେଉଛି। ଚାଇନା ତାହାର ଆଞ୍ଚଳିକ ଦାବି ହାସଲ କରିବାରେ ଏବଂ ଦକ୍ଷିଣ ଚାଇନା ସାଗରରେ ମାଛଧରା ଓ ଶକ୍ତି ଉତ୍ତୋଳନ ଅଧିକାରକୁ ଦୃଢ଼ କରିବାରେ ଅଧିକ ଆକ୍ରମଣାତ୍ମକ ହେବ ବୋଲି ଏଥିରୁ ସ୍ପଷ୍ଟ ମନେହେଉଛି।

ଦକ୍ଷିଣ ଚାଇନା ସାଗରରେ ସାମରିକ ଶକ୍ତି ବୃଦ୍ଧି କରିବା ଫିଲିପାଇନ୍ସ ଏବଂ ଭିଏତ୍‌ନାମ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିବ। କିନ୍ତୁ ଭିଏତ୍‌ନାମ ଏକ ସ୍ୱାଧୀନ ବୈଦେଶିକ ନୀତି ଆପଣାଉଥିବାବେଳେ ଏହା ଅପରିହାର୍ଯ୍ୟ ବୋଲି ତା'ର ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଆମେରିକାର ଦୀର୍ଘ ଦିନର ସହଯୋଗୀ ଫିଲିପାଇନ୍ସର ୧୯୫୧ ପରଠାରୁ ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି ବଳବତ୍ତର ରହିଛି। ତଥାପି ଦକ୍ଷିଣ ଚାଇନା ସାଗରରେ ଚାଇନାର ବିସ୍ତାରବାଦକୁ ଦେଖିଲେ ଏବେ ଫିଲିପାଇନ୍ସ ଉପରେ ନିଜ ସୁରକ୍ଷା ଦାୟିତ୍ୱ ଛାଡ଼ି ଦେଇ ତା'ଠାରୁ ଆମେରିକା ଦୂରେଇଯାଇଛି। ୨୦୧୨ରେ ଚାଇନା ଯେତେବେଳେ ଫିଲିପାଇନ୍ସର ଇଇଜେଡ୍ ମଧ୍ୟରେ ଅବସ୍ଥିତ ଏକ ପାରମ୍ପରିକ ମାଛଧରା ଅଞ୍ଚଳ ସ୍କାର୍ବୋରୋଫ୍ ଶୋଆଲକୁ ଦଖଲ କଲା, ସେତେବେଳେ ଆମେରିକାର ରାଷ୍ଟ୍ରପତି ବାରାକ ଓବାମାଙ୍କ ପ୍ରଶାସନ ଚୁପ ରହିଲା। ସେବେଠାରୁ ଚାଇନା ଫିଲିପାଇନ୍ସର ଇଇଜେଡ୍ ମଧ୍ୟରେ ଥିବା ଅନ୍ୟ ଅଞ୍ଚଳକୁ ନିୟନ୍ତ୍ରଣ କରିବାରେ ଲାଗିଛି। ସହଯୋଗର ଚୁକ୍ତି ପରେ ମଧ୍ୟ ଆମେରିକା ତା'ସହଯୋଗୀକୁ ସାମାନ୍ୟ ସହଯୋଗ କରିନାହିଁ । ଏଥିରେ ପରିବର୍ତ୍ତନ ହେବା ସମ୍ଭାବନା ମଧ୍ୟ ନାହିଁ । ୟୁକ୍ରେନ୍ ଏବଂ ଗାଜା ଯୁଦ୍ଧରେ ଆମେରିକା ସାହାଯ୍ୟ କରୁଛି। ଫଳରେ ତା'ସାମରିକ ସମ୍ବଳ ହ୍ରାସ ପାଉଥିବାରୁ ଶେଷରେ ଚାଇନା ସହିତ ଆମେରିକା ସିଧାସଳଖ ମୁକାବିଲା କରିବା ଦରକାର। କିନ୍ତୁ ଚାଇନା ସହିତ ସିଧାସଳଖ ମୁକାବିଲା କରିବାକୁ ଆମେରିକା ମନା କରୁଛି। ତଥାପି ଏକ ସଂଘର୍ଷର ସମ୍ଭାବନା ରହିଛି, ଯାହା ଅଧିକ ବିନାଶକାରୀ ହେବ। ପ୍ରକୃତରେ ଦକ୍ଷିଣ ଚାଇନା ସାଗରରେ ଦୃଢ଼ତା ହାସଲ କରିବା ପାଇଁ ଆମେରିକା ଏକଦଶନ୍ଧି ପୂର୍ବେ ହିଁ ଚାଇନାକୁ ଅନୁମତି ଦେଇଛି ଓ ସେବକାର ସ୍ଥିତିକୁ ପୁନଃ ସଂରକ୍ଷଣ କରିବା ଏବେ ସମ୍ପୂର୍ଣ୍ଣ ଯୁଦ୍ଧ ବିନା ସମ୍ଭବ ହେବ ନାହିଁ। ଦକ୍ଷିଣ ଚାଇନା ସାଗରରେ ସମ୍ପ୍ରତି ଉତ୍ତେଜନା ବୃଦ୍ଧି ସୂଚାଏ ଯେ, ବିପଦ ଓ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇଥିଲେ ମଧ୍ୟ ଜିନ୍‌ପିଙ୍ଗ ପୂର୍ବାପେକ୍ଷା ଅଧିକ ନିର୍ଭୀକ ହୋଇଯାଇଛନ୍ତି। ଏହି ସମୟରେ ଚାଇନାର ଆକ୍ରମଣାତ୍ମକ ବିସ୍ତାରବାଦକୁ ରୋକିବାରେ ଆମେରିକାର ବିଫଳତା ନିଜର ସୁରକ୍ଷା ଏବଂ ବାଣିଜ୍ୟିକ ସ୍ୱାର୍ଥକୁ କ୍ଷୁଣ୍ଣ କରୁଛି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୂଚାଇ ଦେଇଛନ୍ତି ଯେ, ଚାଇନା ସହିତ ଆମେରିକା ପ୍ରତିଦ୍ୱନ୍ଦ୍ୱିତା ଚାହେଁ, ଯୁଦ୍ଧ ନୁହେଁ। କିନ୍ତୁ ଚାଇନା ରଣନୀତିକ ପ୍ରାଧାନ୍ୟ ଚାହୁଁଛି। ଦକ୍ଷିଣ ଚାଇନା ସାଗରକୁ ପାଇବା ପାଇଁ ଯୁଦ୍ଧ ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁଛି। ଦକ୍ଷିଣ ଚାଇନା ସାଗର ଆମେରିକାର ସଂକଳ୍ପର ଏକ ପରୀକ୍ଷା ପାଲଟିଛି, ଯେଉଁଠି ବାଇଡେନ୍ ବିଫଳ ହୁଅନ୍ତୁ ବୋଲି ଜିନ୍‌ପିଙ୍ଗ ଚାହୁଁଛନ୍ତି। ବିଶ୍ୱ, ବିଶେଷକରି ଚାଇନାର ବିସ୍ତାରବାଦକୁ ବିରୋଧ କରୁଥିବା ଆଗ ଧାଡ଼ିର ଦେଶଗୁଡ଼ିକ କେବଳ ଭାବିପାରନ୍ତି ଯେ ଜିନ୍‌ପିଙ୍ଗ ଭୁଲ ରାସ୍ତାରେ ଅଛନ୍ତି। ତେବେ ସେମାନେ ଏହା ମଧ୍ୟ ଚାହାନ୍ତି ଯେ, ଆମେରିକା ବିନା ଯୁଦ୍ଧରେ ଚାଇନାକୁ ମୁକାବିଲା କରିବାର ଉପାୟ ଖୋଜୁ।

**ପ୍ରଫେସର , ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ସ୍ୱତନ୍ତ୍ର ଆହ୍ୱାନ



ପ୍ରଦୀପ୍ତ କୁମାର ମିଶ୍ର

ମାର୍ଗଶିର ମାସର ଗୁରୁବାର ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ଉଲ୍ଲେଖ ଅଛି ଯିଏ ଅନ୍ନ ନଷ୍ଟ କରେ ସେ ଭୋକିଲା ରହେ। ତାକୁ ଅନ୍ନ ବସ୍ତ୍ର ଅଭାବ ହୁଏ। ଏ କଥା ଆମର ଘରୋଇ କଥାରେ ବି ରହିଛି, ଯିଏ ଅନ୍ନ ନଷ୍ଟ କରେ ସେ ଦାରିଦ୍ର୍ୟ ଯନ୍ତ୍ରଣା ଭୋଗ କରେ। ପିଲାବେଳେ ମାଆ ବୁଢ଼ୀମା ଏହି କଥା କହି କେବେ ଖାଦ୍ୟ ଫିଙ୍ଗିବାକୁ ଦିଅନ୍ତି ନାହିଁ। ଅନ୍ନ ନଷ୍ଟ ନ ହେବା ପାଇଁ ଘରେ ମାଆମାନେ ବାସି ଖାଦ୍ୟଖାଇ ରୋଗରେ ପଡ଼ିବାର ନଜିର ଅଛି। ଖାଦ୍ୟ ନଷ୍ଟ କଲେ ସେ ଲୋକଙ୍କୁ ଲକ୍ଷ୍ମୀଛଡ଼ା ଓ ଅଲକ୍ଷଣା ଆଖ୍ୟା ଦିଆଯାଇଥାଏ। ଅଯଥାରେ ଶସ୍ୟ ନଷ୍ଟ ନ କରିବା ପାଇଁ ଗୋଟିଏ ଛୋଟିଆ ପୌରାଣିକ ଗଳ୍ପର ଅବତାରଣା କରାଯାଇପାରେ। ସମ୍ରାଟ ଯୁଧିଷ୍ଠିରଙ୍କ ରାଜ୍ୟରେ ଅକାଳ ପଡ଼ିବାରୁ ଶସ୍ୟ ଉତ୍ପାଦନ ହୋଇପାରିଲା ନାହିଁ। ଶସ୍ୟ ପାଇଁ ସେ ପଡ଼ୋଶୀ ରାଜ୍ୟର ରାଜାଙ୍କର ସାହାଯ୍ୟ ନେଲେ। ପଡ଼ୋଶୀ ରାଜ୍ୟରୁ ଶସ୍ୟ ପାଇଁ ଭୀମଙ୍କୁ ପଠାଯାଇଥିଲା। ଭୀମ ଶସ୍ୟ ଆଣିବା ବେଳେ ବୁଣି ହୋଇଥିବା ଶସ୍ୟକୁ ରାଜା ନିଜେ ଖୁଣ୍ଟିଥିଲେ। ଭୀମ ଭାବିଲେ ଏ ରାଜା ଜଣେ କୃପଣ ବ୍ୟକ୍ତି ନିଶ୍ଚିତ। ଶଗଡ଼ରେ ଶସ୍ୟ ଆସିଲାବେଳେ ଗୋଟିଏ କଚ୍ଚା ରାସ୍ତାରେ କାଦୁଅରେ ଶଗଡ଼ ଚକ ଧସିଗଲା। ରାଜାଙ୍କ ପାଖକୁ ଖବର ଗଲାରୁ ସେ ନିର୍ଦ୍ଦେଶ ଦେଲେ ଯେ ଗୋଟିଏ ଶଗଡ଼ର ଶସ୍ୟକୁ ସେହି କାଦୁଅରେ ଢାଳି ଦିଆଯାଉ। ସେମିତି ହେଲାରୁ ସବୁ ଶଗଡ଼ ପାରିହୋଇଗଲା। ଯେତେବେଳେ ଭୀମ ଏ କଥା ଯୁଧିଷ୍ଠିରଙ୍କୁ କହିଲେ ସେ ଉତ୍ତର ଦେଲେ ରାଜା ଗୋଟିଏ ଗୋଟିଏ ଶସ୍ୟକୁ ତଳେ ପଡ଼ିବାରେ ନଷ୍ଟ କରିବାକୁ ଦେଲେନି ଯାହା ଅଯଥା ଅପଚୟ । କିନ୍ତୁ ରାସ୍ତାକୁ ସଜାଡ଼ିବା ପାଇଁ ଗୋଟିଏ ମାତ୍ର ସହଜ ଉପାୟ କେବଳ ଶସ୍ୟକୁ ସେହି ସ୍ଥାନରେ ପୋତିଦେବା। ଏହା ତାଙ୍କର ହଠାତ ବିପର୍ଯ୍ୟୟ ପରିଚାଳନାର ଅସଲ ଗୋଟିଚାଳନା ମାତ୍ର। କିନ୍ତୁ ଅନ୍ୟଏକ ଦିଗ ଯେଉଁଠି ସେ ଗୋଟିଏ ଗୋଟିଏ ଶସ୍ୟକୁ ଗୁରୁତ୍ୱ ଦେଉଥିଲେ ଯାହା ଖାଦ୍ୟ ପାଇଁ ଉଦ୍ଦିଷ୍ଟ।

ଏଠାରେ ସେ ଖାଦ୍ୟନଷ୍ଟ ନ କରିବା ପାଇଁ ସନ୍ଦେଶ ଦେଇଥିଲେ। ବର୍ତ୍ତମାନ ସେହିପରି କୁହାଯାଇପାରେ ଯେ ଆଗାମୀ କାଲିର ସୁସ୍ଥ ଅନୁଚିନ୍ତା ପାଇଁ ଖାଦ୍ୟ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ। ଯାହାକୁ ଆମେ ଏବେର ପିଢ଼ି ଗୁରୁତ୍ୱ ଦିଏନାହିଁ। ଆମେ ପିଲାବେଳେ ଜେଜେମାଆଙ୍କଠାରୁ ଅବଶ୍ୟ ଶୁଣିଛୁ ଯେ ଘରେ ଖାଦ୍ୟ ନଷ୍ଟ କଲେ ସହସ୍ର ଲୋକ ପୃଥିବୀରେ ଖାଦ୍ୟ ଅଭାବ ଗୋଟେ ଓଳି ପାଇଁ ରହନ୍ତି। କଥାଟା କେବଳ ଭୟମୂଳକ ଦୃଷ୍ଟାନ୍ତ ହୋଇପାରେ କିନ୍ତୁ ଏହି ଭୟ ଆମକୁ ବଳେଇ ଖାଇବାକୁ ବାଧ୍ୟ କରୁଥିଲା ଅଥବା ନଷ୍ଟ କରିଦେଉ ନ ଥିଲା। ଖାଦ୍ୟ ନଷ୍ଟ ବେଳେ ବ୍ୟକ୍ତି ଜଣକ ଗରିବୀ କ'ଣ ଅନୁଭବ କରି ନଥାଇପାରେ,କିନ୍ତୁ ତାହାର ପୂର୍ବପିଢ଼ି ଗରିବୀକୁ ବହୁ ପାଖରୁ ଅନୁଭବ କରିଥିଲେ। ଏବର ପିଢ଼ିକୁ ସେପରି ଶିକ୍ଷା ଦିଆଗଲାନି, ଯାହା ନଷ୍ଟ କରିବାରେ ସେମାନେ ବେପରୁଆ ହୋଇଗଲେ। ଭୋଜିରେ ଡାଲି, ତରକାରି, ମାଛ, ମାଂସ ସବୁ ନଷ୍ଟ ହେଉଛି। ଦୋକାନ ହୋଟେଲରେ ଖାଦ୍ୟ ନଷ୍ଟ କରାଯାଉଛି। ଭୋଜିରେ ଲୋକଦେଖାଣିଆ ବା ପ୍ରତିଯୋଗିତା କରି ନିଜକୁ ସମ୍ଭ୍ରାନ୍ତ ଭାବିବା ଦ୍ୱାରା ଖାଦ୍ୟ ବହୁଳ ନଷ୍ଟ ହୁଏ। ସମୟ ଆସିବ ଆମେ ନଷ୍ଟ ହେଉଥିବା ଖାଦ୍ୟ, ଜଳ ପାଇଁ ଦିନେ ଅନୁତାପ କରିବା। ଅନୁଶାସନର ଜୀବନଶୈଳୀ, ଉପଯୁକ୍ତ ସଂରକ୍ଷଣର ଚିନ୍ତନ ଏହି ଅପଚୟରୁ ଆଗାମୀ ସମୟରେ ରକ୍ଷା କରିପାରିବ। ଏହିପରି ଜୀବନଶୈଳୀ ଆମକୁ ଆଗାମୀ କାଲି ପାଇଁ ଏକ ଉନ୍ନତ ଜୀବନଶୈଳୀ ଶିକ୍ଷା ଦେବା ପାଇଁ ସାହାଯ୍ୟ କରିବ। ପୂର୍ବରୁ ପିଲାବେଳେ ଆମେ ଅନୁଭବ କରିଛୁ ଯେ ରୁଟିଟିଏ ପାଇଁ କେତେ ସଂଗ୍ରାମ କରିବାକୁ ପଡୁଥିଲା। ଅଟା ଯେମିତି ଏକ ମୂଲ୍ୟବାନ ସମ୍ପଦ ଥିଲା, ଗରିବଙ୍କ ଘରେ ରାତିରେ ଚୁଲି ଜଳୁ ନ ଥିଲା। ରୁଟି, ନାଲି ଚା ଖାଇ କିମ୍ବା ବିରି ଓ ଚାଉଳର ପିଠା ଖାଇ ଲୋକେ ବିଲକୁ କାମ କରିବାକୁ ଯାଉଥିଲେ। ଏବେ ତାହା ଭାବିଲେ ଏ ପିଢ଼ିକୁ ଅବଶ୍ୟ ଗପ ଲାଗୁଥିବ, କିନ୍ତୁ ପୂର୍ବ ଅପେକ୍ଷା ଏବେ ଖାଦ୍ୟ ନଷ୍ଟ ବହୁତ, ଯାହା ଚିନ୍ତାର ବିଷୟ। ଜଳ ପାଇଁ ଖରାଦିନେ ଚୁଆଖୋଳି ଦୂଷିତ ପାଣିକୁ ପିଉଥିଲେ,ଏବେ ପାଣି ନଷ୍ଟ କାହାକୁ ବିଚଳିତ କରେନି। ଆମ ଶିକ୍ଷାରେ ଖାଦ୍ୟ ଓ ଜଳ ସଂରକ୍ଷଣ ପାଇଁ ସେମିତି ପ୍ରାବଧାନ ନାହିଁ। ଯାହା ରହିବା ଏକାନ୍ତ ଆବଶ୍ୟକ ବୋଲି ଆମେ ଅନୁଭବ କରୁଛୁ। ତେଣୁ ଏ ସମ୍ପର୍କରେ ଆମେ ଏବେ ଏକ ନିଆରା ଶପଥ ମାନସିକ ସ୍ତରରେ ଅବଶ୍ୟ ଗ୍ରହଣ କରିବା ସର୍ବାଦୌ ଆବଶ୍ୟକ, ଯାହା ସମସ୍ତଙ୍କ ପାଇଁ ଉପଯୁକ୍ତ ଶିକ୍ଷା ହୋଇପାରିବ। ଆସନ୍ତୁ ଆମେ ଶପଥଟିଏ ନିଶ୍ଚିତ ନେବା ଯେ ଆମେ ଖାଦ୍ୟ ଓ ଜଳ ନଷ୍ଟ ନ କରି ପରବର୍ତ୍ତୀ ପିଢ଼ିକୁ ଏକ ସୁସ୍ଥ ଖବର ଦେବାରେ ସହାୟତା କରିବା।

**ଅରେଇ, ଯାଜପୁର**
**ମୋ:୯୬୫୮୬୧୪୭୨୮**

## ଏଇ ଭାରତରେ

ହୋଲିରେ ରାସାୟନିକ ରଙ୍ଗର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବା ଲାଗି ମୁମ୍ବାଇର ଦୁଇ ଭାଇ ଗୌରାଙ୍ଗ ଓ ସୌରଭ ମୋଟ୍ଟା ଜୈବିକ ଅବିର ତିଆରି କରିଛନ୍ତି। ଭିଲ୍ ଆଦିବାସୀମାନଙ୍କ ଦ୍ୱାରା ପଳାଶ ଓ ଗଙ୍ଗାନଗରୀ ଗୋଲାପରୁ ଜୈବିକ ଅବିର ତିଆରି କରାଯାଉଛି। କମଳା ରଙ୍ଗର ଅବିର ପଳାଶ ଫୁଲରୁ ପ୍ରସ୍ତୁତ ହେଉଛି। ହଳଦିଆ ଅବିର ପଳାଶଫୁଲ ଓ ହଳଦୀ ମିଶାଇ କରାଯାଉଛି। ସବୁଜ ରଙ୍ଗ ବିଭିନ୍ନ ଗଛର ପତ୍ର ଓ ଫୁଲରୁ ପ୍ରସ୍ତୁତ ହେଉଛି ଏବଂ ସବୁରଙ୍ଗରେ ମକାଗୁଣ୍ଡ ମିଶାଯାଉଛି। ଏହି ଅବିରକୁ ସେମାନେ 'ମଙ୍କ୍ ବୌଫି' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏବେସୁଦ୍ଧା ଦୁଇଭାଇ ୪୦ଟନ୍ ରଙ୍ଗ ବିକ୍ରି କରିସାରିଲେଣି। ଅବିରରେ କୌଣସି କୃତ୍ରିମ ଜିନିଷ ମିଶାଯାଇ ନ ଥିବାରୁ ଏହା ପରିବେଶ ଓ ତ୍ୱଚା ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ। ଏହାକୁ ଯେ କେହି ଖାଇଲେ ବି କୌଣସି କ୍ଷତି ନାହିଁ ବୋଲି କୁହନ୍ତି ଗୌରାଙ୍ଗ। ସୌରଭ ଆଇଟି ଓ ଗୌରାଙ୍ଗ ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର କରିଥିଲେ ବି ସେମାନେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଫୁଲରୁ ରଙ୍ଗ ତିଆରି କରିବା ଭିଲ୍ ଆଦିବାସୀଙ୍କର ଏକ ପୁରାତନ କଳା । ଦୁଇଭାଇ ମୁମ୍ବାଇରେ 'ଜୁଲିୟସ' ଏନ୍‌ଜିଓ ଗଠନ କରି ମହାରାଷ୍ଟ୍ର, ରାଜସ୍ଥାନ ଓ ଛତିଶଗଡ଼ରେ ଭିଲ୍ ଆଦିବାସୀଙ୍କର ଏହି କଳାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୨ ମାର୍ଚ୍ଚ ୧୯୭୫**

- ରାଉରକେଲାରେ ରାଜ୍ୟର ତୃତୀୟ ଟେଲେକ୍ସ ଏକ୍ସଚେଞ୍ଜ କେନ୍ଦ୍ର ଉଦ୍‌ଘାଟିତ।
- ଦୁଇ ନିୟୁତ ଡଲାର ବୈଦେଶିକ ମୁଦ୍ରାର ଚୋରା କାରବାର ଅଭିଯୋଗରେ ଗିରଫ ହୋଇଥିବା ଚମ୍ପକଲାଲ୍ ଜେହାଦ ଗାନ୍ଧୀଙ୍କୁ ଜାମିନ ପ୍ରଦାନ।
- କାମ୍ବୋଡିଆର ପୋଚେଙ୍ଗଟଙ୍ଗ ବିମାନଘାଟୀ ନିକଟବର୍ତ୍ତୀ ତୁଅଲଲିପଠାରେ ଥିବା ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରାଗାରକୁ ବିଦ୍ରୋହୀ ସୈନ୍ୟଙ୍କ ପୁନଃ ଦଖଲ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 9 | 1 | | | |
| 7 | 1 | | | 5 | 2 | | | |
| | | 2 | | | | | 8 | |
| | | 6 | 3 | | | | | 9 |
| | 5 | | | | | | | |
| 3 | | | 5 | 7 | | | | 6 |
| | 8 | | | | | | 4 | |
| | | | | 6 | | 8 | | |
| | | 4 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 2 | 4 | 7 | 6 | 1 | 9 | 8 |
| 4 | 1 | 8 | 5 | 3 | 9 | 6 | 7 | 2 |
| 7 | 9 | 6 | 8 | 1 | 2 | 5 | 3 | 4 |
| 8 | 2 | 9 | 1 | 4 | 5 | 7 | 6 | 3 |
| 6 | 5 | 7 | 9 | 8 | 3 | 2 | 4 | 1 |
| 3 | 4 | 1 | 2 | 6 | 7 | 8 | 5 | 9 |
| 9 | 8 | 4 | 7 | 5 | 1 | 3 | 2 | 6 |
| 2 | 6 | 5 | 3 | 9 | 8 | 4 | 1 | 7 |
| 1 | 7 | 3 | 6 | 2 | 4 | 9 | 8 | 5 |

ଗତକାଲିର ଉତ୍ତର

# ଭାରତୀୟ ଗଣତନ୍ତ୍ରରେ ଅତିବୁଦ୍ଧି



ହରେକୃଷ୍ଣ ପଣ୍ଡା

ଭାରତ ସ୍ୱାଧୀନତା ଲାଭ କରିବା ପରେ ଜନସାଧାରଣ ସଂସଦ ଓ ସାଂସଦଙ୍କଠାରୁ ଯାହା ଆଶା କରୁଥିଲେ ତାହା ପାଇପାରିନାହାନ୍ତି। ନିର୍ବାଚନରେ ଅର୍ଥ କାରବାର, ସ୍ୱଚ୍ଛ ଓ ଆଦର୍ଶବାଦୀ ଲୋକପ୍ରତିନିଧି ବାଛିବା କ୍ଷେତ୍ରରେ ଜନତା ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଭାରତୀୟ ଶାସନର ପ୍ରାରମ୍ଭରୁ ଦଳବଦଳ ନୀତି, ସଂସଦରେ ବିଲ୍ ପାସ୍ ବା ଆସ୍ଥା ଭୋଟ ପାଇଁ ଅର୍ଥ କାରବାର ଆଦି ଘଟଣା ଶୁଣାଯାଏ। ଆରମ୍ଭରୁ ଅଦ୍ୟାବଧି ଚଳିଆସିଥିବା ଏଭଳି ଏକ ଘୃଣ୍ୟ ପ୍ରଥାର ବିଲୋପ କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ କ୍ରାନ୍ତିକାରୀ ପଦକ୍ଷେପ ନେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ । ପାର୍ଲାମେଣ୍ଟ ବା ବିଧାନସଭାରେ ଭୋଟ ଦେବା କିମ୍ବା ଉଦ୍‌ବୋଧନ ଦେବା ପାଇଁ ଲାଞ୍ଚ ନେଉଥିବା ସାଂସଦ ଏବଂ ବିଧାୟକମାନେ ମକଦ୍ଦମାରୁ ମୁକ୍ତ ନୁହନ୍ତି ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏପରିକି ସେମାନେ ମୁକ୍ତି ପାଇବା ପାଇଁ ଦାବି କରିପାରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ୧୯୯୮ର ଜେଏମ୍ଏମ୍ ଲାଞ୍ଚ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବୃହତର ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ସେ କହିଛନ୍ତି, ଲାଞ୍ଚ ନେବା ଏକ ଅପରାଧ। ଗୃହରେ ଏମ୍‌ପି ଏବଂ ବିଧାୟକମାନଙ୍କ କାର୍ଯ୍ୟ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ସୂଚାଇ ଦେଇଛନ୍ତି।

ଗୃହରେ ନିର୍ଭୟରେ ବିଚାରବିମର୍ଶ କରିବା ପାଇଁ ସାଂସଦମାନଙ୍କୁ ସମ୍ବିଧାନ ଏକ ସ୍ୱତନ୍ତ୍ର ଅଧିକାର ଦେଇଛି। ଏହି ଅଧିକାରକୁ ସେମାନେ ବହୁଦିନ ଧରି ଉଲ୍ଲଂଘନ କରିଆସିଥିବା ଘଟଣା ସାଧାରଣଙ୍କ ଦୃଷ୍ଟିକୁ ଆସି ନ ଥିଲା। ୧୯୯୮ରେ ପିଭି ନରସିଂହ ରାଓଙ୍କ ମାମଲା ଥିଲା, ଯେଉଁଥିରେ ପୂର୍ବତନ କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କୁ ବଞ୍ଚାଇବାକୁ ଯାଇ କେତେକ ସାଂସଦ ଲାଞ୍ଚ ନେଇ ଭୋଟ ଦେଇଥିଲେ। ଏହି ଘଟଣାରେ ମାମଲା ରୁଜୁ କରାଯାଇଥିଲା ଓ ତାହାକୁ ୫ ଜଣିଆ ଖଣ୍ଡପୀଠ ବିଚାରକରି ରାୟ ଦେଇଥିଲେ ଯେ, ଗୃହରେ ଭୋଟ ବା ଭାଷଣ ଦେବାକୁ ନେଇ ଆଇନ ପ୍ରଣେତାମାନଙ୍କୁ କାଠଗଡ଼ାକୁ ଟଣାଯାଇ ପାରିବ ନାହିଁ। ସେତେବେଳେ କୌଣସି ବୁଦ୍ଧିଜୀବୀ ସୁପ୍ରିମକୋର୍ଟ ରାୟ ବିରୋଧରେ ମତ ଦେବାକୁ ଚାହିଁ ନ ଥିଲେ। ଯାହାଫଳରେ ସଂସଦ ଭିତରେ କ'ଣ ଘଟୁଛି ତାହା ପଦାକୁ ଆସିପାରୁ ନ ଥିଲା। ସଂସଦ ଭିତରେ ଯେଉଁ ଭାଷଣ ଦିଆଯାଏ ତାହା ବେଳେବେଳେ କେତେକ ସାଂସଦଙ୍କ ସ୍ୱାର୍ଥସମ୍ବଳିତ ବୋଲି କେହି ବିଶ୍ୱାସ କରି ନ ଥିଲେ। ସମ୍ପ୍ରତି ତୃଣ ମୂଳ କଂଗ୍ରେସର ପୂର୍ବତନ ସାଂସଦ ମହୁଆ ମୈତ୍ର ଶିଳ୍ପପତିଙ୍କଠାରୁ ଲାଞ୍ଚ ଗ୍ରହଣକରି ଲୋକ ସଭାରେ ପ୍ରଶ୍ନ ପଚାରୁଥିଲେ ବୋଲି ଭାଜପାର ଦୁଇଜଣ ସାଂସଦ ମହୁଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗକୁ ବାଚସ୍ପତି ସ୍ୱାଧିକାର କମିଟିକୁ ପଠାଇଥିଲେ। କମିଟି ଅଭିଯୋଗର ସତ୍ୟାସତ୍ୟ ଥିବା ଦର୍ଶାଇଛନ୍ତି। ସତରେ ଗୃହ ମଧ୍ୟରେ ଏପରି କାର୍ଯ୍ୟକଳାପ କିପରି ଦେଶର ଜନତାଙ୍କୁ ବୋକା ବନେଇ ଚାଲିଛି, ଭାବିଲେ ଦୁଃଖ ଆସେ। ଗଣତାନ୍ତ୍ରିକ ଦେଶରେ ଲୋକଙ୍କ ଆଶା ଆକାଂକ୍ଷାକୁ ପାଥେୟକରି ଯେଉଁମାନେ ସଂସଦ ଭବନକୁ ଆସନ୍ତି ସେମାନଙ୍କ ମଧ୍ୟରେ ଏପରି ପ୍ରତିନିଧି ଅଛନ୍ତି, ଯିଏ ନିଜ ସ୍ୱାର୍ଥ ପାଇଁ ଦେଶଟାକୁ ବଳିଦେବାକୁ ପଛାଉନାହାନ୍ତି। ଲାଞ୍ଚ ନେଇ ଶିଳ୍ପପତି,



ପୁଞ୍ଜିପତି, ରାଷ୍ଟ୍ରଦ୍ରୋହୀଙ୍କ ସ୍ୱାର୍ଥ ସାଧନ ପାଇଁ ଗୃହରେ ଭାଷଣ ଦେବା, ଆସ୍ଥା ଅନାସ୍ଥା ଭୋଟ ସମୟରେ ଲାଞ୍ଚ ନେଇ ସମର୍ଥନ ଯୋଗାଇବା ଭାରତୀୟ ଗଣତନ୍ତ୍ର ପାଇଁ ଯେତିକି ଲଜ୍ଜାଜନକ ନିର୍ବାଚନ ମଇଦାନରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କୁ ପ୍ରତାରିତ କରିବା ତତୋଧିକ ଲଜ୍ଜାଜନକ ବୋଲି କୁହାଯାଇପାରେ। ଏଭଳି ଆଚରଣର ଅନ୍ତ ଘଟିନାହିଁ। ଏବେ ବି ଚାଲିଛି, ଯାହା ଚିନ୍ତାର ବିଷୟ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଲାଞ୍ଚ ଯୋଗୁ ଜଣେ ଏକ ନିର୍ଦ୍ଦିଷ୍ଟ ପକ୍ଷକୁ ଭୋଟ ଦେବାକୁ ପ୍ରେରିତ ହୁଅନ୍ତି ଏବଂ ଏହା ଭାରତୀୟ ଗଣତନ୍ତ୍ରର ଭିତ୍ତିଭୂମିକୁ ନଷ୍ଟ କରିଦିଏ। ଲାଞ୍ଚ ସଂସଦୀୟ ଅଧିକାର ଦ୍ୱାରା ସୁରକ୍ଷିତ ନୁହେଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି। ଏହି ରାୟ ପରେ ଏଭଳି ଘଟଣାର ଅନ୍ତ ଘଟିବ ବୋଲି ଆଶା କରାଯାଏ। ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ସୀମାରେ ସେନାମାନେ ନିଜର ପ୍ରାଣବଳି ଦେଉଥିବା ବେଳେ କିଛି ଲୋକପ୍ରତିନିଧି ନିଜକୁ ସୁରକ୍ଷିତ ରଖି ଦେଶକୁ ବିକିଦେବା ନିମନ୍ତେ ଉଦ୍ୟମ କରୁଥିବା ଯେତିକି ବିସ୍ମୟକର ସେତିକି ଦୁଃଖଦାୟକ। ଏହା ଏକ ଗଭୀର ଓ ମର୍ମଭେଦୀ ଯନ୍ତ୍ରଣା ଭାରତୀୟ ଗଣତନ୍ତ୍ର ପାଇଁ।

ଏହିଭଳି ସମତୁଲ ଘଟଣା ଆହୁରି ଅନେକ ରହିଛି। ସେଥିମଧ୍ୟରୁ ସରକାରୀ ଅଫିସ୍‌ଗୁଡ଼ିକରେ ପିସି କାରବାର। ଭାରତର ବିଭିନ୍ନ ପ୍ରଦେଶରେ ରାଜକୋଷକୁ କିପରି ଖର୍ଚ୍ଚ କରାଯାଉଛି ସେଥିରେ କେତେ ସ୍ୱଚ୍ଛତା ରହୁଛି ତାହା ବିଚାର କରାଯିବା ଆବଶ୍ୟକ। ଏହି ପିସି ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉନାହିଁ କାହିଁକି? ପିସି କାରବାର ଯୋଗୁ ରାଜକୋଷ ପ୍ରଭାବିତ ହେଉଥିବା ବେଳେ ଏହା ବିରୋଧରେ ଜନମତ ଅନୁସାରେ ସରକାର ଏହାର ବିଲୋପ ସାଧନ କରିବା ଦରକାର। ତା' ନ ହେଲେ ଶାସନରେ ସ୍ୱଚ୍ଛତା ଆସିବ ନାହିଁ। ଜନସାଧାରଣଙ୍କ ଅନ୍ୟତମ ଅଭିଯୋଗ ହେଉଛି ଦଳଗୁଡ଼ିକର ନିର୍ବାଚନୀ ଖର୍ଚ୍ଚ ନିର୍ଦ୍ଧାରଣ। ଦେଶରେ ଲୋକ ସଭା ଓ ବିଧାନସଭା ଆସନ ପାଇଁ ୫ ବର୍ଷରେ ଥରେ ନିର୍ବାଚନ ହୁଏ। ସରକାରଙ୍କ ପକ୍ଷରୁ ଏହି ନିର୍ବାଚନୀ ଖର୍ଚ୍ଚ ଲୋକ ସଭା ପାଇଁ ୭୫ ଲକ୍ଷ, ବିଧାନସଭା ଲାଗି ୪୦ ଲକ୍ଷ ଟଙ୍କା ପ୍ରାର୍ଥୀ ଖର୍ଚ୍ଚ କରିବେ। ଜଣେ ଗରିବ ଆଦିବାସୀ, ଯିଏ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ, ଦକ୍ଷ ସିଏ ପ୍ରାର୍ଥୀ ହେବା ପାଇଁ କେବେହେଲେ ମନ ବଳାଇବ କି? କାରଣ ସିଏ ଏତେଟଙ୍କା ଆଣିବ କେଉଁଠୁ? ସେଥିପାଇଁ ଯୋଗ୍ୟ, ଦକ୍ଷ ପ୍ରତିନିଧି ସଂସଦ କିମ୍ବା ବିଧାନସଭାକୁ ଯାଇପାରନ୍ତି ନାହିଁ। କୁହାଯାଏ, ପାର୍ଟି ଏଥିପାଇଁ ୫୦ ଲକ୍ଷ ଭଳି ଆର୍ଥିକ ସହାୟତା ଯୋଗାଇଦିଅନ୍ତି। ଏଠାରେ ପ୍ରଶ୍ନ ଉଠେ, ପାର୍ଟି ଏହି ଟଙ୍କା ଆଣିବ କେଉଁଠୁ। ଦିନକୁ ଦିନ ନିର୍ବାଚନ ବ୍ୟୟବହୁଳ ହେବାରେ ଲାଗିଛି। କୁହାଯାଏ, ପାର୍ଟି ବିଭିନ୍ନ ଉପାୟରେ ପୁଞ୍ଜିପତି, ଶିଳ୍ପପତିଙ୍କଠାରୁ ଅର୍ଥ ଆଣେ। ସେଥିପାଇଁ ଇଲେକ୍ଟୋରାଲ ବଣ୍ଡକୁ ସରକାର ଅନୁମୋଦନ କରିଛନ୍ତି। ତେବେ ଚିନ୍ତା କରନ୍ତୁ ସେମାନେ ଏହି ଅର୍ଥ କାହିଁକି ଦିଅନ୍ତି? ସେମାନେ ନିଶ୍ଚିତ ସରକାରୀ ଅନୁକମ୍ପା ଲାଭ କରନ୍ତି। ଦରଦାମ୍ ବୃଦ୍ଧିର ଏହା ହେଉଛି ଏକ ବଡ଼ କାରଣ। ତେବେ ଦଳ ପାଇଁ ଦଳୀୟ କର୍ମୀ ବା ସଦସ୍ୟମାନେ କିମ୍ବା ଲୋକପ୍ରତିନିଧିମାନେ ନିଜ ପକେଟରୁ କାହିଁକି ନ ଦେଉଛନ୍ତି? ଏଭଳି ପ୍ରଥାକୁ ସରକାର ଉଠାଇଦେଇ ଲୋକଙ୍କ ଟିକସ ଅର୍ଥକୁ ସତ୍‌ଉପାୟରେ କାହିଁକି ଖର୍ଚ୍ଚ ନ କରିବେ? ଏହି ପ୍ରଥା ଯାହା ପୁଞ୍ଜିପତିଙ୍କଠାରୁ ଅର୍ଥ ଲାଞ୍ଚ ନେଇ ସଂସଦ ବା ବିଧାନସଭାରେ ସେମାନଙ୍କ ସ୍ୱାର୍ଥ ପାଇଁ ଦେଶର ମହତର ଲକ୍ଷ୍ୟକୁ ଭୁଲି ଯୁକ୍ତି କରିବା ବା ଭାଷଣ ଦେବା ଅର୍ଥ ସେଇଆ ନୁହେଁ କି। ତେବେ ସାଂସଦଙ୍କ ଅତିବୁଦ୍ଧି ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରୁଛି।

**ସୟଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଘେରାବନ୍ଦୀରେ ମୈତ୍ରୀ ଜନପଦ ବାସିନ୍ଦା

ମହାଶୟ,

ହଂସପାଳ ଫ୍ଲାଏଓଭର ନିର୍ମାଣ ୧୮ ମାସରେ ସରିବାକୁ ଥିବା କାମ ୪୫ ମାସ ପରେ ବି ସରୁନି । ସମ୍ପୃକ୍ତ ଠିକାଦାରଙ୍କ ଅପରିଣାମଦର୍ଶିତା ପାଇଁ ଆମେ ବହୁତ ଦୁଃଖ ଭୋଗିଲୁଣି। ଏବେ ସେହି ଦୁଃଖ ବଢ଼ିଯାଇଛି। ଆମେ କଲୋନୀ ଭିତରେ ଏକପ୍ରକାର ବନ୍ଦୀଜୀବନ ବିତାଉଛୁ। ଜାତୀୟ ରାଜପଥରେ ଯାଉଥିବା ସବୁ ଗାଡ଼ି ପାଖ ସର୍ଭିସରେ ଛଡ଼ାଯାଉଥିବାରୁ ରାସ୍ତାରେ ଏତେ ଭିଡ଼ ଯେ କଲୋନୀରୁ ମୁଖ୍ୟ ରାସ୍ତାକୁ ଯାଇହେଉନି କି କଟକ ପଟୁ ଆସିଲେ କଲୋନୀକୁ ଆସିବା ସମ୍ଭବ ହେଉନାହିଁ। ଏହାସହ ପୁରୀ କେନାଲ ପୋଲ ଉପରେ ବିପରୀତ ଦିଗରୁ ଯାଉଥିବା ଗାଡ଼ିରେ ଆକ୍ସିଡେଣ୍ଟ ହେବା ନିଶ୍ଚିତ, ତା' ବ୍ୟତୀତ ରଙ୍ଗ୍ ସାଇଡ୍‌ରେ ଆସିବା ଉଚିତ ନୁହେଁ। ଆମେ ହୁଏତ ନହରକଣ୍ଟା ଗାଆଁବାଟେ ବୁଲିଯାଇ ପାରିଥାନ୍ତୁ, କିନ୍ତୁ ସେ ରାସ୍ତା ବନ୍ଦ । ପୁରୀ କେନାଲ ପୋଲର ଠିକ୍ ପୂର୍ବରୁ ରାସ୍ତାକୁ ବୁଲାଇ ପୁଣି ମୁଖ୍ୟ ରାସ୍ତାରେ ମିଶାଇଥିଲେ ଅସୁବିଧା ହୋଇ ନ ଥା'ନ୍ତା । ମାତ୍ର ତାହା ହେଲା ନାହିଁ। ବର୍ତ୍ତମାନ ଆକ୍ସିଡେଣ୍ଟରେ ବହୁ ଜୀବନ ଯିବାର ସମ୍ଭାବନା ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଟ୍ରାଫିକ୍ ପୋଲିସ ଏଥିପାଇଁ ମ୍ପଦକ୍ଷେପ ନେବା ପାଇଁ ଅନୁରୋଧ ।

**-ବୈଷ୍ଣବ ଚରଣ ମହାନ୍ତି, ୧୨ ମୈତ୍ରୀ ଜନପଦ, ନହରକଣ୍ଟା, ଭୁବନେଶ୍ୱର**

## ଚିରନ୍ତନୀ

ନାହିଁ ତ କଳନା କେତେ ଶତ ପଥ ଆସିଲି ଦଳି
ଯାପିଥିଲି କେତେ ଯାମିନୀ ନିବିଡ଼ ସୁଖର ମୋହେ।
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ ଶିମୁଳିପାଳ !
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶାନ୍ତି ପାଇଁ ଜଳ

ପୃଥିବୀର ୭୧ ପ୍ରତିଶତ ହେଉଛି ଜଳ। ତଥାପି ପୃଥିବୀର ଅନେକ ଭାଗରେ ଜଳାଭାବ ଦେଖାଦେଉଛି। ବାସ୍ତବରେ ଦେଖିଲେ ପୃଥିବୀରେ ମୋଟ ଜଳର ୯୭ ପ୍ରତିଶତ ସାଗର ଏବଂ ମହାସାଗରରେ ଅଛି, ଯେଉଁଥିରେ ଲବଣ ଅଂଶ ଅଧିକ ଥିବାରୁ ତାହା ପାନୀୟଯୋଗ୍ୟ କିମ୍ବା କୃଷିକାର୍ଯ୍ୟ ପାଇଁ ମଧ୍ୟ ଯୋଗ୍ୟ ହୋଇ ନ ଥାଏ। ଅବଶିଷ୍ଟ ତିନି ପ୍ରତିଶତ ଜଳରୁ ୨.୫ ପ୍ରତିଶତ ବରଫ ଆକାରରେ କିମ୍ବା ପୃଥିବୀର ବହୁ ଗଭୀରରେ ଅଛି। ଏଣୁ ମାତ୍ର ୦.୫ ପ୍ରତିଶତ ଜଳକୁ ପୃଥିବୀର ପ୍ରାୟ ୮୦୦ କୋଟି ଲୋକଙ୍କ ସମେତ ପ୍ରାଣୀସମ୍ପଦ ବ୍ୟବହାର କରିଥାଆନ୍ତି। ପୁନଶ୍ଚ ଏହି ଜଳ ପୃଥିବୀର ପ୍ରତ୍ୟେକ ଅଞ୍ଚଳରେ ସମାନ ଭାବରେ ଉପଲବ୍ଧ ହୋଇ ନ ଥାଏ। କେଉଁ ଅଞ୍ଚଳରେ ଆବଶ୍ୟକତାଠାରୁ ଅଧିକ ଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଏହା ନାମମାତ୍ର ଅଛି।

ଜଳ ହିଁ ଜୀବନ। ପାନୀୟ ଓ କଳକାରଖାନା ବ୍ୟତୀତ କୃଷି ପାଇଁ ଏହା ବହୁଳ ଭାବରେ ବ୍ୟବହୃତ ହୁଏ। ମିଳିତ ଜାତିସଂଘର ତଥ୍ୟରୁ ଜଣାପଡିଛି ଯେ, ପୃଥିବୀରେ ଉପଲବ୍ଧ ମଧୁର ଜଳର ୭୨ ପ୍ରତିଶତ କୃଷି କାର୍ଯ୍ୟ ପାଇଁ ଏବଂ ୧୬ ପ୍ରତିଶତ ଘରୋଇ ବ୍ୟବହାର ପାଇଁ ଏବଂ ୧୨ ପ୍ରତିଶତ କଳକାରଖାନା ପାଇଁ ବ୍ୟବହୃତ ହେଉଛି। ଏହି କାରଣରୁ ପୃଥିବୀର ସମସ୍ତ ପ୍ରାଚୀନ ସଭ୍ୟତା ନଦୀ କୂଳରେ ଗଢ଼ିଉଠିଥିଲା। ଆଜିର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ କଳ କାରଖାନାରେ ଜଳର ଆବଶ୍ୟକତା ଥିବାରୁ ଅନେକ କାରଖାନା ନଦୀ କୂଳରେ ସ୍ଥାପିତ ହୋଇଛି। କଳକାରଖାନାର ବର୍ଜ୍ୟଜଳ ନଦୀରେ ମିଶି ନଦୀ ଜଳକୁ ପ୍ରଦୂଷିତ କରୁଛି। ଗଙ୍ଗା ଓ ଯମୁନା ନଦୀ ଏତେ ପରିମାଣରେ ପ୍ରଦୂଷିତ ହୋଇଛି ଯେ ଅନେକ ସ୍ଥାନରେ ଏହା ସ୍ନାନଯୋଗ୍ୟ ହୋଇ ରହିନାହିଁ। ନଦୀ ପ୍ରଦୂଷଣ ପୃଥିବୀରେ ସୀମିତ ଜଳ ଉପଲବ୍ଧତାକୁ ହ୍ରାସ କରୁଛି। ପୃଥିବୀର ୨୨୦କୋଟି ଲୋକ ନିରାପଦରେ ପାନୀୟ ଜଳ ପାଇବାକୁ ବଞ୍ଚିତ ହୋଇଛନ୍ତି। ପୃଥିବୀର ପ୍ରାୟ ଅଧା ଲୋକ ବର୍ଷର କିଛି ସମୟ ପାଇଁ ଜଳାଭାବର ସମ୍ମୁଖୀନ ହୋଇଥାଆନ୍ତି।

ମଧୁର ଜଳର ପ୍ରମୁଖ ଉତ୍ସ ହେଉଛି ନଦୀ, ପୁଷ୍କରିଣୀ ଓ ହ୍ରଦ। ପୃଥିବୀର ଅନେକ ନଦୀ ଏକାଧିକ ଦେଶ ଦେଇ ପ୍ରବାହିତ ହୋଇଛି ଏବଂ ପ୍ରାୟ ୩୦୦ କୋଟି ଲୋକ ଏହି ନଦୀ ଜଳ ଉପରେ ନିର୍ଭର କରିଥାଆନ୍ତି। ଉଦାହରଣ ସ୍ୱରୂପ ବ୍ରହ୍ମପୁତ୍ର ନଦୀ ଚାଇନା ଓ ଭାରତ ମଧ୍ୟରେ ଏବଂ ସତଲୁଜ, ବିୟାସ, ରାବି, ଝେଲମ୍, ଚେନାବ ଏବଂ ସିନ୍ଧୁ ନଦୀ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରବାହିତ ହେଉଛି। ଅନେକ ସମୟରେ ଅନ୍ତଃରାଷ୍ଟ୍ରୀୟ ନଦୀ ଜଳ ବଣ୍ଟନକୁ ନେଇ ବିବାଦ ଦେଖାଦେଇଛି। ନଦୀର ଉପରି ଭାଗରେ ଥିବା ଦେଶ ଏହାର ଜଳକୁ ବନ୍ଧ ଦ୍ୱାରା ଆବଦ୍ଧ କରି ଅଧିକାଂଶ ଭାଗକୁ ନିଜେ ବ୍ୟବହାର କରିବା ଦ୍ୱାରା ତଳ ଭାଗରେ ଥିବା ଦେଶ କମ୍ ଜଳ ପାଇଥାଏ। ଫଳରେ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥାଏ ଏବଂ ଏହା ବିବାଦ ଏବଂ ଏପରିକି ଯୁଦ୍ଧର କାରଣ ହୋଇଥାଏ। ଅବଶ୍ୟ କେତେକ ଅନ୍ତଃରାଷ୍ଟ୍ରୀୟ ନଦୀ ପାଇଁ ସମ୍ପୃକ୍ତ ଦେଶଗୁଡିକ ମଧ୍ୟରେ ଚୁକ୍ତି ହୋଇ ନିର୍ବିବାଦରେ ଏହାର ଜଳ ଉପଯୋଗ ହେଉଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ 'ସିନ୍ଧୁ ଜଳ ଚୁକ୍ତି' ହେଉଛି ଏହାର ଏକ ଉଦାହରଣ। ଦୁଇ ଦେଶ ମଧ୍ୟରେ କେତେଥର ଯୁଦ୍ଧ ହୋଇଥିଲା ଏବଂ ସମ୍ପର୍କରେ ଫାଟ ଥିଲେ ସୁଦ୍ଧା ଏହି ଚୁକ୍ତି ଠିକ୍ ଭାବରେ କାର୍ଯ୍ୟ କରୁଛି। ପୃଥିବୀର ୧୫୩ଟି ନଦୀ ଓ ହ୍ରଦର ଜଳକୁ ଏକାଧିକ ଦେଶ ବ୍ୟବହାର କରୁଛନ୍ତି, ମାତ୍ର ୨୪ଟି ଦେଶ ଏଥିପାଇଁ ସହଯୋଗଭିତ୍ତିକ ଚୁକ୍ତି କରିଛନ୍ତି। ଏହି ନଦୀଗୁଡିକରେ ପୃଥିବୀରେ ଉପଲବ୍ଧ ମଧୁର ଜଳର ୬୦ ପ୍ରତିଶତ ଅଛି।

ସେହିପରି ଗୋଟିଏ ଦେଶର ଅନ୍ୟ ରାଜ୍ୟ ମଧ୍ୟରେ ନଦୀ ଜଳ ବଣ୍ଟନକୁ ନେଇ ସମସ୍ୟା ରହୁଛି। ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି କାବେରୀ ଜଳ ବିବାଦ। କର୍ଣ୍ଣାଟକ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ୧୯୯୦ ମସିହାରୁ ଟ୍ରିବ୍ୟୁନାଲ ସ୍ଥାପିତ ହୋଇ ମଧ୍ୟ ନିର୍ଣ୍ଣାୟକ ରାୟ ପ୍ରକାଶ ପାଇ ନାହିଁ। ସେହିପରି ମହାନଦୀ ଜଳକୁ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ବିବାଦ ହୋଇ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ଏହାର ରାୟ କେବେ ବାହାରିବ ଜଣାନାହିଁ। ପୋଲାଭରମ ପ୍ରକଳ୍ପ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦର ଅନ୍ୟ ଏକ ଉଦାହରଣ।

ଜଳ ହେଉଛି ପ୍ରକୃତିଦତ୍ତ ଏବଂ ଏହା ସମଗ୍ର ମାନବ ଜାତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଏଣୁ ବିବାଦ ନ କରି ସହଯୋଗଭିତ୍ତିରେ ଏହାକୁ ବ୍ୟବହାର କରିବା ଉଚିତ। ମିଳିତ ଜାତିସଂଘ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବରେ ଘୋଷଣା କରିଛି ଏବଂ ପ୍ରତ୍ୟେକ ବର୍ଷ ଏହି ଦିନରେ ଜଳ ସମ୍ବନ୍ଧୀୟ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା ହୋଇଥାଏ। ଚଳିତ ବର୍ଷ ପାଇଁ ଏହି ଦିବସ ଉପଲକ୍ଷେ ବାର୍ତ୍ତା ହେଉଛି– 'ଶାନ୍ତି ପାଇଁ ଜଳ'।



### ଏ ବର୍ଷର ବାର୍ତ୍ତା

ଜଳ ହେଉଛି ପ୍ରକୃତିଦତ୍ତ ଏବଂ ଏହା ସମଗ୍ର ମାନବ ଜାତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଏଣୁ ବିବାଦ ନ କରି ସହଯୋଗଭିତ୍ତିରେ ଏହାକୁ ବ୍ୟବହାର କରିବା ଉଚିତ। ମିଳିତ ଜାତିସଂଘ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବରେ ଘୋଷଣା କରିଛି ଏବଂ ପ୍ରତ୍ୟେକ ବର୍ଷ ଏହି ଦିନରେ ଜଳ ସମ୍ବନ୍ଧୀୟ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା ହୋଇଥାଏ। ଚଳିତ ବର୍ଷ ପାଇଁ ଏହି ଦିବସ ଉପଲକ୍ଷେ ବାର୍ତ୍ତା ହେଉଛି- 'ଶାନ୍ତି ପାଇଁ ଜଳ'। ଏହା ଏକ ଯଥାର୍ଥ ବିଷୟ। ଦେଶ-ଦେଶ କିମ୍ବା ଅନ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ହେବା ପରିବର୍ତ୍ତେ ସହଯୋଗଭିତ୍ତିରେ ଏହାର ବ୍ୟବହାର ହେବା ଆବଶ୍ୟକ।

ଏହା ଏକ ଯଥାର୍ଥ ବିଷୟ। ଦେଶ-ଦେଶ କିମ୍ବା ଅନ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ହେବା ପରିବର୍ତ୍ତେ ସହଯୋଗଭିତ୍ତିରେ ଏହାର ବ୍ୟବହାର ହେବା ଆବଶ୍ୟକ।

ଜଳ ଶାନ୍ତି ପ୍ରତିଷ୍ଠା କରିପାରେ କିମ୍ବା ଏହା ଯୁଦ୍ଧକୁ ଆମନ୍ତ୍ରଣ କରିପାରେ। ଜଳ ପାଇଁ ଯୁଦ୍ଧ ନ ହେଉ ବରଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଜଳକୁ ବ୍ୟବହାର କରାଯାଉ। ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମେ ବୃଷ୍ଟିପାତ ଶୈଳୀରେ ପରିବର୍ତ୍ତନ ହୋଇଛି ଏବଂ ପୃଥିବୀର ଲୋକସଂଖ୍ୟା ମଧ୍ୟ କ୍ରମଶଃ ବୃଦ୍ଧି ପାଉଛି। ଏହା ଅନ୍ତଃରାଷ୍ଟ୍ରୀୟ କିମ୍ବା ଆନ୍ତଃରାଜ୍ୟ ଜଳ ବିବାଦକୁ ବଢ଼ାଇପାରେ, ମାତ୍ର ନେତା ଏବଂ ବୁଦ୍ଧିଜୀବୀମାନେ ଏହାର ବିହିତ ପ୍ରତିକାର କରି ଶାନ୍ତି ବଜାୟ ରଖିବା ଜରୁରୀ।

**–ଇଂ. ମାୟାଧର ସ୍ୱାଇଁ**
୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଜଳ-ସମସ୍ୟା ଜଣଙ୍କର ନୁହେଁ

'ଭବିଷ୍ୟତରେ ଜଳ ପାଇଁ ଯୁଦ୍ଧ ହେବ'–ଏକଥା ଆଜିର ନୁହେଁ। ୧୯୯୫ ମସିହାରେ ବିଶ୍ୱବ୍ୟାଙ୍କର ଉପସଭାପତି ଡ. ଇସ୍ମାଇଲ୍ ସେରାଗେଲଡିନ୍ ଏକଥା କହିଥିଲେ। କିନ୍ତୁ ଆଜି ଏଇ କଥାର ଯଥେଷ୍ଟ ଯଥାର୍ଥତା ରହିଛି। ସତ କଥା, ଆଜି ଯଦି ଦେଶ-ଦେଶ, ରାଜ୍ୟ-ରାଜ୍ୟ, ଜିଲା-ଜିଲା, ଏପରିକି ଗ୍ରାମ-ଗ୍ରାମ ଭିତରେ ଜଳ ସମସ୍ୟାର ସମାଧାନ ନ ହୁଏ, ତେବେ ଆସନ୍ତାକାଲି ଯୁଦ୍ଧ ହେବ, ଏଥିରେ ସନ୍ଦେହ ନାହିଁ। ତେଣୁ ଆଜି ସାରା ପୃଥିବୀରେ ଏହି ସମାଧାନର ଆବଶ୍ୟକତା ରହିଛି ଏବଂ ସାରା ବିଶ୍ୱବାସୀଙ୍କୁ ଜଳସଙ୍କଟ ସମ୍ପର୍କରେ ଅବଗତ କରାଇବା ଜରୁରୀ ହୋଇପଡ଼ିଛି। ଜଳସମ୍ପଦର ସଦ୍‌ବ୍ୟବହାର ଦିଗରେ ବିଶ୍ୱବାସୀ ସଚେତନ ହେଲେ ଜଳ ସଂରକ୍ଷଣ ସମ୍ଭବ ହୋଇପାରିବ। ଆଜି ଖଣିଜତୈଳ ତୁଳନାରେ ଜଳର ମୂଲ୍ୟ ଅଧିକ। ଯେମିତି ତେଲର ପ୍ରତ୍ୟେକ ବିନ୍ଦୁକୁ ଆମେ ସତର୍କତାର ସହିତ ବ୍ୟବହାର କରୁ, ସେମିତି ପ୍ରତ୍ୟେକ ଜଳବିନ୍ଦୁର ବ୍ୟବହାର ମଧ୍ୟ ବିବେକାନୁମୋଦିତ ହେବାର ସମୟ ଆସିଛି। ଏଥିପାଇଁ ସାରା ପୃଥିବୀବାସୀ ଏକମନ ଓ ଏକପ୍ରାଣ ହେବା ଦରକାର। ତେବେ ଯାଇ ଜଳସମ୍ପଦର ଆଶାନୁରୂପ ସୁବିନିଯୋଗ ସମ୍ଭବ ହେବ।

ବିଶ୍ୱସ୍ତରୀୟ ସମାଧାନ ପରିପ୍ରେକ୍ଷୀରେ ଜାତିସଙ୍ଘର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୃଥିବୀର ୧୯୫ଟି ଦେଶ ମଧ୍ୟରୁ ୧୯୩ଟି ଦେଶକୁ ନେଇ ଗଠିତ ମିଳିତ ଜାତିସଙ୍ଘ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ପୃଥିବୀବାସୀଙ୍କର ମଙ୍ଗଳ ଦିଗରେ କାର୍ଯ୍ୟ କରିଆସୁଛି। ଜଳ ସମସ୍ୟାର ଭୟାବହତାକୁ ଦୂର କରିବା ଦିଗରେ ମଧ୍ୟ ମିଳିତ ଜାତିସଙ୍ଘର ଉଦ୍ୟମ ସ୍ୱାଗତଯୋଗ୍ୟ। ଜଳସମ୍ପଦର ସୁପରିଚାଳନା ଦିଗରେ ଜାତିସଂଘର ପ୍ରୟାସ ପୂର୍ବକ ୧୯୯୨ ମସିହାରେ ଏହାର ପ୍ରସ୍ତାବ ଅନୁସାରେ ୧୯୯୩ ମସିହାରୁ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ହିସାବରେ ପାଳନ କରାଯାଇ ଆସୁଛି। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଜନସାଧାରଣଙ୍କୁ ଜଳସମସ୍ୟାର କାରଣ ସମ୍ପର୍କରେ ସଚେତନ କରିବା ଓ ଏହାର ସମାଧାନ ଦିଗରେ ସମସ୍ତଙ୍କୁ ଉତ୍ସାହିତ କରିବା। ସମସ୍ତେ ଅନୁଭବ କରନ୍ତୁ– ସମସ୍ୟାର ସମାଧାନ କେବଳ ବୈଜ୍ଞାନିକମାନଙ୍କର କାମ ନୁହେଁ, ବରଂ ଆମେ ସମସ୍ତେ ଚିନ୍ତା କରିବା ଉଚିତ। ଜଳ-ସମସ୍ୟା ଜଣକର ନୁହେଁ, ବରଂ ଏହା ସମସ୍ତଙ୍କର ସମସ୍ୟା।

ଯଦି କୌଣସି ଅଞ୍ଚଳରେ ଜଳ ପ୍ରଦୂଷଣ ହେତୁ ଜଳକଷ୍ଟ ଦେଖାଯାଏ ଓ ଲୋକମାନେ ବ୍ୟବହାର ଉପଯୋଗୀ ଜଳ ପାଇବାରୁ ବଞ୍ଚିତ ହୁଅନ୍ତି, ତେବେ ଅସ୍ଥିରତା ଉପୁଜିବ। ସେମାନଙ୍କର ସାମୂହିକ ଉନ୍ନତି ମଧ୍ୟ ସମ୍ଭବ ହୋଇପାରିବ ନାହିଁ। ଜଳାଭାବ ଓ ଜଳର ଅସମ ବଣ୍ଟନ ଘଟିଲେ ସେହି ଅଞ୍ଚଳରେ ଆନ୍ଦୋଳନ ଓ ଗୋଷ୍ଠୀକନ୍ଦଳ ଆରମ୍ଭ ହେବ। ସେହି କନ୍ଦଳ ଭବିଷ୍ୟତରେ ରାଜ୍ୟ କିମ୍ବା ରାଷ୍ଟ୍ରସ୍ତରୀୟ ଅସ୍ଥିରତା ସୃଷ୍ଟିର ପ୍ରତ୍ୟକ୍ଷ ବା ପରୋକ୍ଷ କାରଣ ସାଜିବ। ଠିକ୍ ଯେମିତି ଅଦୃଶ୍ୟ ଜଳୀୟବାଷ୍ପରୁ ଦୃଶ୍ୟମାନ ଘନୀଭୂତ ଜଳକଣିକା, ଘନୀଭୂତ ଜଳକଣିକାରୁ ବର୍ଷାବିନ୍ଦୁ, ବର୍ଷାବିନ୍ଦୁରୁ ନଦୀର ପ୍ରବାହ ଓ ଶେଷରେ ନଦୀଜଳରୁ ବିଶାଳ ସମୁଦ୍ର ସୃଷ୍ଟି ହୁଏ। ବିଶାଳ ସିନ୍ଧୁକୁ ଦେଖିଲେ ଜଣେ ବିଶ୍ୱାସ କରିବନି ଯେ, କ୍ଷୁଦ୍ର ଜଳବିନ୍ଦୁ ହିଁ ଏହାର ଜନନୀ। ଠିକ୍ ସେମିତି ପୃଥିବୀର ବିଭିନ୍ନ ଅଞ୍ଚଳର ଜଳ ସମ୍ପର୍କିତ ସ୍ଥାନୀୟ କନ୍ଦଳ ଦିନେ ବିଶ୍ୱଯୁଦ୍ଧର କାରଣ ହୋଇପାରେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏକାଧିକ କାରକ ରହିଛି। ଜଳ-ସମସ୍ୟାର ସମାଧାନ ଏକ ବଡ଼ କାରକ। ଯଦି ପୃଥିବୀ ଗ୍ରହରେ ଅନୁଭୂତ ସମୁଦାୟ ଜଳ ସମ୍ପଦର ସମାନ ବଣ୍ଟନ ହୋଇପାରିବ, ତାହା ସ୍ଥିରତା ସୃଷ୍ଟିରେ ସହାୟକ ହେବ।

**– ଡ. କମଳାକାନ୍ତ ଜେନା**
ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ରାଜ୍ୟ ଖବର

## 'କବିତାକୁ ନେଇ ଆଭିମୁଖ୍ୟ ବଦଳିବା ଦରକାର'

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କବିତା ଦିବସ

ଭୁବନେଶ୍ୱର,୨୧।୩
(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ବିଶ୍ୱ କବିତା ଦିବସ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା କବି ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସେ କହିଲେ, ସାମ୍ପ୍ରତିକ କବିତା ଯେଉଁଭଳି ପାଠକୀୟ ଆଦୃତ ପାଇବା କଥା ସେଥିରୁ ବଞ୍ଚିତ ହେଉଛି। ସବୁବେଳେ ହୃଦୟକୁ ଛୁଇଁପାରୁଥିବା କବିତା ବହୁ ଅସାମାହିତ ପ୍ରଶ୍ନର ଉତ୍ତର ଦେଇପାରେ। କବିତାକୁ ନେଇ ଆଭିମୁଖ୍ୟ ବଦଳିବା ଦରକାର ବୋଲି ଦାସ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ରକ୍ଷକ ନାୟକ କହିଲେ, କବିତା ମାଧ୍ୟମରେ ମଣିଷର ଆବେଗ ଓ ଉଦ୍‌ବେଳନ ପ୍ରକାଶିତ ହୁଏ। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା କବି ମଧୁସୂଦନ ଦାଶ କହିଲେ, କବିତା ସବୁବେଳେ ସରଳ ସାଧନା ଜରିଆରେ କବିକୁ ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ ସହ ପରିଚୟ କରାଇଥାଏ। କବି ଡ. ଦିଲୀପ କୁମାର ସ୍ୱାଇଁ କହିଲେ, କବିତା ହେଉଛି ଜୀବନର ପ୍ରକୃତ ସତ୍ୟତା। କୁଳପତି ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ସମସ୍ୟା ବହୁଳ ଜୀବନରେ ହିଁ ସବୁବେଳେ କିଛିଟିଏ ହୃଦୟସ୍ପର୍ଶୀ କବିତା ରଚନାରେ ସମର୍ଥ ହୋଇପାରେ ବୋଲି କହିଥିଲେ। କୁଳସଚିବ ଅନାମିକା ଅଧିକାରୀ କବିତା ଦିବସର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅବିନାଶ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ସ୍ୱରଚିତ କବିତାମାନ ପାଠ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ କବିତାକୁ ନେଇ ଏକ ବିଶେଷ ପ୍ରାଚୀର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ଉତ୍କଳ ସସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁବାର ବିଶ୍ୱ କବିତା ଦିବସ ପାଳନ କରାଯାଇଛି।

## କ୍ଷମତାକୁ ଆସିଲେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଦେବୁ: କଂଗ୍ରେସ

ଭୁବନେଶ୍ୱର,୨୧।୩(ସୁନିତ୍ ମିଶ୍ର)

'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ଏଭଳି ଏକ ବାର୍ତ୍ତା ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ନିର୍ବାଚନ ପୂର୍ବରୁ ଜାରି କରାଯାଇଥିବା ଇସ୍ତାହାର ମଧ୍ୟରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସହାୟତା ରାଶିକୁ ନେଇ ରାଜ୍ୟବାସୀଙ୍କ ପାଖରେ କଂଗ୍ରେସ ସଂକଳ୍ପବଦ୍ଧ ବୋଲି ଦଳର ମୁଖପାତ୍ର ପ୍ରଶାନ୍ତ ଶତପଥୀ କହିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ କହିଛନ୍ତି, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତ ରାଜ୍ୟବାସୀଙ୍କୁ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ବାର୍ଷିକ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପ୍ରଦାନ କରାଯିବ। ଦୁର୍ଘଟଣାରେ ଆଘାତପ୍ରାପ୍ତ ଯେକୌଣସି ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା କରାଯିବ। ବରିଷ୍ଠ ନାଗରିକଙ୍କ ପାଇଁ ମାସକୁ ୨ ଥର ଭ୍ରାମ୍ୟମାଣ ପରୀକ୍ଷା ଜରିଆରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏତଦ୍ ବ୍ୟତୀତ ପ୍ରତି ଜିଲାରେ ଗୋଟିଏ ମେଡିକାଲ କଲେଜ ଏବଂ ଅନ୍ତତଃ ପକ୍ଷେ ଗୋଟିଏ ନର୍ସିଂ କଲେଜ ପ୍ରତିଷ୍ଠା କରାଯିବ। ଓଡ଼ିଶାର ଦୁର୍ବଳ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଅସଜଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣ ଦାୟୀ। ସାଧାରଣ ଭାବେ ଜନସଂଖ୍ୟାର ୮ରୁ ୧୦% ଲୋକ ନିଜ ଆତ୍ମୀୟସ୍ୱଜନଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଟଙ୍କା ଖର୍ଚ୍ଚକରି ଗରିବ ହୋଇଯାଆନ୍ତି। ଏ ଦେଶର ୬୭% ଲୋକ ନିଜ ଖର୍ଚ୍ଚରେ ସରକାରୀ କିମ୍ବା ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି। ରାଜ୍ୟରେ ନିରାମୟ ଯୋଜନାରେ ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ଦିଆଯିବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା ବେଳେ ସୁନେତ୍ର ଯୋଜନା ଏକ ପ୍ରହେଳିକା ପାଲଟିଛି। ବିଏସ୍‌କେୱାଇ କାର୍ଡର ସହାୟତା ରାଶିର ସୀମା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ଖର୍ଚ୍ଚ ଉପରାନ୍ତେ ଯଦି ପରିବାରର କୌଣସି ମହିଳା ହୋଇଥାନ୍ତି ଆଉ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। କଂଗ୍ରେସର ୨୫ ଲକ୍ଷ ଟଙ୍କାର ଗ୍ୟାରେଣ୍ଟି ସହ ପ୍ରତ୍ୟେକ ପରିବାରର ସମସ୍ତ ସଦସ୍ୟଙ୍କୁ ବାର୍ଷିକ ମାଗଣା ଚିକିତ୍ସା ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ପ୍ରଦାନ କରାଯିବ ବୋଲି ପ୍ରଶାନ୍ତ କହିଛନ୍ତି।

## ୪ ଶିକାରୀ ଗିରଫ, ୫ ବନ୍ଧୁକ ଜବତ

ନୀଳଗିରି,୨୧।୩
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବନ କର୍ମଚାରୀଙ୍କ ଉପରେ ଶିକାରୀଙ୍କ ଆକ୍ରମଣ ପରେ ଆକ୍ସନ ମୋଡ୍‌କୁ ଆସିଛି ବନ ବିଭାଗ। ନୀଳଗିରିସ୍ଥିତ କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ବାହାବନ୍ଧ ନିକଟ ଡେଉଁଚଖାଲ ଓ ବାବନ୍ଧ ଗାଁରେ ରାତି ଅଧିଆ କୁଲଡିହା ବନ ବିଭାଗ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ନୀଳଗିରି ପୋଲିସ ମିଳିତ ଚଢ଼ାଉ କରି ୪ ଶିକାରୀଙ୍କୁ ଗିରଫ କରିବା ସହ ୫ ବନ୍ଧୁକ ଜବତ କରିଛନ୍ତି। ଗିରଫ ଶିକାରୀମାନେ ହେଲେ ଜୁଣିଆ ସିଂ (୬୫), ମଗୁଂଲୁ ସିଂ (୨୭), କାଲା ସିଂ (୩୫) ଓ ରବିନ୍ଦ୍ର ସିଂ। ଗତ ୪ ଦିନ ମଧ୍ୟରେ ୬ ଶିକାରୀ ଗିରଫ ହେଲେଣି।

ସୂଚନା ଅନୁଯାୟୀ, ସୋମବାର ରାତିରେ ବନ ବିଭାଗ ପକ୍ଷରୁ ସର୍ଚ୍ଚ ଅପରେସନ ବେଳେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀ ଗୁରୁତର ହୋଇଥିଲେ। ମଙ୍ଗଳବାର ଭୋର ସମୟରେ ନୀଳଗିରି ପୋଲିସ ଏବଂ ବନଚବିଭାଗର ମିଳିତ ଚଢାଉ ପରେ ଔପଦା ବ୍ଲକ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ ନାମକ ବ୍ୟକ୍ତିଙ୍କ ଘରୁ ୪ରୁ ଅଧିକ ଦେଶୀ ବନ୍ଧୁକ, ଲୁହା ବ୍ୟାରେଲ ସହ ବନ୍ଧୁକ ତିଆରି ସରଞ୍ଜାମ, ଦେଶୀ ପିସ୍ତଲ ମିଳିବା ପରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଠାବ କରାଯାଇଥିଲା। ତେବେ ଅଭୟାରଣ୍ୟ ପାଦଦେଶରେ ବହୁ ସଂଖ୍ୟାରେ ଦେଶୀ ବନ୍ଧୁକ ଥିବା ସୂଚନା ବନ ବିଭାଗ ପାଖରେ ଥିବାରୁ ଉକ୍ତ ଅଞ୍ଚଳରେ ବନ୍ୟପ୍ରାଣୀ ପିସିସିଏଫଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ନୀଳଗିରି ପୋଲିସର ମିଳିତ ସହଯୋଗରେ ବୁଧବାର ବିଳମ୍ବିତ ରାତିରେ କମ୍ବିଂ ଅପରେସନ କରାଯାଇଥିଲା।

## ଆଜିଠାରୁ ଯୁକ୍ତ ୨ ଖାତାଦେଖା

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହେବ। ଚଳିତଥର ୨ଟି ପର୍ଯ୍ୟାୟରେ ଖାତା ଦେଖାହେବ। ପ୍ରଥମ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୨ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୪ରୁ ୧୫ ତାରିଖ ଯାଏ ଚାଲିବ। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ଉଭୟ ଅଫ୍‌ଲାଇନ୍ ଓ ଇ-ମୂଲ୍ୟାୟନ କରାଯିବ। ୬୯ଟି ଜୋନ୍‌ରେ ଅଫଲାଇନ୍ ଖାତାଦେଖା ହେବ। ସେହିପରି ୪୧ଟି ଜୋନ୍‌ରେ ଅନଲାଇନ୍ ମୂଲ୍ୟାୟନ ପାଇଁ ନିଷ୍ପତ୍ତି ହୋଇଛି। ଭୋକେଶନାଲ୍ ଟ୍ରେଡ୍‌କୁ ବାଦ ଦେଲେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମସ୍ତ ବିଷୟ, ଇଣ୍ଟିଗ୍ରେଟେଡ୍ ଭୋକେଶନାଲ୍ ବିଷୟ ଏବଂ କଳା ବିଭାଗର ଅନ୍ୟ ସମସ୍ତ ମାତୃଭାଷା ବିଷୟର ଇ- ମୂଲ୍ୟାୟନ କରାଯିବ। କଳା ବିଭାଗର ଅନ୍ୟ ସମସ୍ତ ବିଷୟର ଅଫଲାଇନ୍ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟ ଅଫଲାଇନ୍ ଖାତାଦେଖା ପାଇଁ ୨୮୦୦ ଶିକ୍ଷକ ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୩୭୦୦ ଶିକ୍ଷକ ନିଯୁକ୍ତ ହୋଇଛନ୍ତି।

## ଦୁର୍ଘଟଣାରେ ସରପଞ୍ଚଙ୍କ ମୃତ୍ୟୁ

ଧର୍ମଶାଳା,୨୧।୩(ବଟକୃଷ୍ଣ ପରିଡ଼ା)



ପ୍ରଦ୍ୟୁମ୍ନ କୁମାର ମହାନ୍ତି

ଏକ ସଡ଼କ ଦୁର୍ଘଟଣାରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି (୪୧)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ମିର୍ଜାପୁରରେ ହେଉଥିବା ଏକ ଭୋଜିରେ ଯୋଗଦେବାକୁ ଜଣକ ସ୍କୁଟରରେ ବସି ସେ କାଏମା-ଗୋକର୍ଣ୍ଣେଶ୍ୱର ନଦୀବନ୍ଧ ରାସ୍ତାରେ ଯାଉଥିଲେ। ଏହି ସମୟରେ ଭୁବନ ନିକଟ ରାସ୍ତାରେ ଥିବା ଏକ ହମ୍ପସରେ ସ୍କୁଟର ଭାରସାମ୍ୟ ହରାଇବାରୁ ସେ ଖସିପଡ଼ିଥିଲେ। ଫଳରେ ସେଠାରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଖବର ଜଣାପଡିବା ପରେ ଧର୍ମଶାଳା ମେଡିକାଲ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଯୁବ ସଂଗଠକ ମଦନ ମୋହନ ନାୟକ, ଯୁବ ବିଜେଡି ବ୍ଲକ ସଭାପତି କ୍ଷିତୀଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଧର୍ମଶାଳା ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପ୍ରଦ୍ୟୁମ୍ନ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଦକ୍ଷ ସଙ୍ଗଠକ ଥିଲେ। ସେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୫୦୦ରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତାଙ୍କ ଅକାଳ ବିୟୋଗରେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ତାଙ୍କର ଅନ୍ତିମ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଜଣେ ଜିଲାପାଳ, ୨ଜଣ ଏସ୍‌ପି ବଦଳି କରିବାକୁ ଇସିଆଇଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୩(ଅନିଲ ଦାସ)

ଓଡ଼ିଶା ସମେତ ଗୁଜରାଟ, ପଞ୍ଜାବ ଏବଂ ପଶ୍ଚିମବଙ୍ଗରେ ଅଣକ୍ୟାଡର ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରିବାକୁ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଓଡ଼ିଶାର ଢେଙ୍କାନାଳ ଜିଲାପାଳ, କଟକ ଗ୍ରାମାଞ୍ଚଳ ଏସ୍‌ପି ଓ ଦେବଗଡ଼ ଏସ୍‌ପିଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୪ ରାଜ୍ୟର ୫ ଜିଲାପାଳ, ୮ ଜଣ ଏସ୍‌ପି ଏବଂ ଏସ୍‌ଏସ୍‌ପିଙ୍କୁ ବଦଳି କରିବାକୁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ ଅଣକ୍ୟାଡର ଅଧିକାରୀମାନେ ଜିଲା ମାଜିଷ୍ଟ୍ରେଟ୍ (ଡିଏମ୍) ଏବଂ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ପୋଲିସ ଅଧୀକ୍ଷକ) ପଦବୀରେ ଅଛନ୍ତି ସେମାନଙ୍କ ବଦଳି ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଦେଶର ୪ଟି ରାଜ୍ୟକୁ ଏହି ନୋଟିସ୍ ପଠାଯାଇଛି।

## ନକଲି ଆର୍‌ଟିଓ,ଏମ୍‌ଭିଆଇ ଗିରଫ

ବାଲେଶ୍ୱର(ମାନସ ବିଶ୍ୱାଳ)/ ଜଳେଶ୍ୱର (ରବିନାରାୟଣ ପାତ୍ର),୨୧।୩

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରୁ ଗୁରୁବାର ପୂର୍ବାହ୍ନରେ ପୋଲିସ ନକଲି ଆର୍‌ଟିଓ ଏବଂ ଏମ୍‌ଭିଆଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଳେଶ୍ୱର ଥାନା ନହଁଞ୍ଜୋରା ଗ୍ରାମର ତୁଷାର ରଞ୍ଜନ ପରିଡ଼ା (୩୪) ଓ ଝାଡ଼ଖଣ୍ଡ ରାଜ୍ୟ ନନ୍ଦିକଆ ଅଞ୍ଚଳର ଶମ୍ଭୁ ସାହୁ (୨୭)। ସେମାନଙ୍କଠାରୁ ଲାପଟପ୍ ଓ ବିଭିନ୍ନ ପ୍ରକାରର ଚେକ୍ ପୋଷ୍ଟ ଓ ଇଣ୍ଟିଗ୍ରେଟେଡ୍ ଚେକ୍‌ପୋଷ୍ଟର ରସିଦ ବହି, ତେଲଙ୍ଗାନା, ପଶ୍ଚିମବଙ୍ଗ, ଓଡ଼ିଶା ସରକାର ଲେଖା ଥିବା ୧୧ଟି ଷ୍ଟାମ୍ପ ସହ ବିଭିନ୍ନ କାଗଜପତ୍ର ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୫୪/୨୪) ରୁଜୁ କରି କୋର୍ଟଚାଲାଣ କରିଥିବା ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ପଶ୍ଚିମବଙ୍ଗ ରାଜ୍ୟର ଷ୍ଟାମ୍ପ ପେପର, ପରିବହନ ବିଭାଗର ବିଭିନ୍ନ ଅଧିକାରୀଙ୍କ ସିଲ୍ ଧରି ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଗାଡ଼ି ଅଟକାଇ ମୋଟା ଅଙ୍କରେ ଅର୍ଥ ଶୋଷଣ କରୁଥିଲେ। ଏହି ଖବର ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ଦ୍ୱୟ ନିଜକୁ ଆର୍‌ଟିଓ ଏବଂ ଏମ୍‌ଭିଆଇ ପରିଚୟ ଦେଇ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରେ ଗାଡ଼ି ଅଟକାଇ କାଗଜପତ୍ର ମାଗୁଥିବା ବେଳେ ଜଳେଶ୍ୱର ଥାନା ପୋଲିସ ସେମାନଙ୍କୁ କାବୁ କରିଥିଲା।




ଜବତ ସାମଗ୍ରୀ ସହ ଗିରଫ ୨ ଅଭିଯୁକ୍ତ।

# ବସୁଧାରୁ ମିଳୁନି ପାଣି, ଖୋଲାକୂଅ ଭରସା

ନୂଆପଡ଼ା,୨୧।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ପଞ୍ଚାୟତ ଗାତିବେଡା ଗାଁରେ ଜଳ ସଙ୍କଟ ଦେଖାଦେଇଥିବା ବେଳେ କୂଅ ପାଣି ଉପରେ ଲୋକେ ନିର୍ଭର କରି ଚଳୁଛନ୍ତି। ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଗାତିବେଡା ଗାଁରେ ୩ଟି ପଡା ମକରଦମପଡା, ଦୋହେଲପଡା ଓ ସରଗିପଡା ରହିଛି। ଦୁଇ ୱାର୍ଡ ବିଶିଷ୍ଟ ଗାଁରେ ୨ଶହ ପରିବାରର ଏକ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ବେଳେ ୧୨ଟି ନଳକୂଅ ରହିଛି। ସେଥି ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିବା ବେଳେ ବାକି ନଳକୂଅରେ ଅଳ୍ପ ଅଳ୍ପ ପାଣି ବାହାରୁଛି। ସେହି ନଳକୂଅରେ ଲାଲ ରଙ୍ଗର ପାଣି ବାହାରୁଥିବାରୁ ଲୋକେ ଡରି ଯାଇ କୂଅ ପାଣି ଉପରେ ନିର୍ଭର କରି ଚଳୁଛନ୍ତି। ନଳକୂଅରେ ଲାଲ ରଙ୍ଗର ପାଣି ବାହାରୁଥିଲେ ମଧ୍ୟ ସରକାରୀ ଭାବେ ପରୀକ୍ଷା କରାଯାଇନାହିଁ। ଲୋକେ ଫ୍ଲୋରାଇଡ ଯୁକ୍ତ ପାଣି ହୋଇଥିବ ବୋଲି ଅନୁମାନ କରି ନଳକୂଅ ପାଣି ବ୍ୟବହାର କରୁନାହାନ୍ତି। ଗାଁରେ ବସୁଧା ଯୋଜନାରେ ଓଭର ଟାଙ୍କି ନିର୍ମାଣ ହୋଇ ପାଇପ ମଧ୍ୟ ବିଛାଯାଇଛି। ପରୀକ୍ଷା ମୂଳକ ଭାବେ ଗୋଟିଏ ସପ୍ତାହ ପାଣି ମଧ୍ୟ ଗାଁକୁ ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ପାଣି ଦେଉ ନ ଥିବାରୁ ଲୋକେ ବାଧ ହୋଇ କୂଅ ପାଣି ବ୍ୟବହାର କରୁଛନ୍ତି। ଗାଁ ଭିତରେ ୩ ଫୁଟ ଗଭୀର ଗାତରେ ବାଲି ଦେଇ ପାଇପ ପୋତିବା ନିୟମ ଥିବା ବେଳେ ଠିକାଦାର ଅଧାରୁ ଏକ ଫଟ ଗଭୀର ଗାତରେ ବିନା ବାଲିରେ ପାଇପ ପୋତିଛନ୍ତି। ପାଇପ ସବୁ ଉପରେ ରହିଥିବାରୁ ଅଧିକ ଓଜନିଆ ଗାଡି ଗଲେ ପାଇପ ସବୁ ଫାଟି ଯାଉଛି। ଓଭର ଟାଙ୍କିଠାରୁ ଗାଁ ପର୍ଯ୍ୟନ୍ତ ୫/୬ ସ୍ଥାନରେ ପାଇପ ଫାଟି ଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଗାତିବେଡା ଗାଁରେ ଗଭୀର ନଳକୂପ କରାଯାଇନାହିଁ। ସୁନାବେଡାଠାରେ ଗଭୀର ନଳକୂପ କରି ସୁନାବେଡା ଟାଙ୍କିରେ ପାଣି ଭର୍ତ୍ତି କରି ଗାତିବେଡା ଟାଙ୍କିକୁ ଯାଉଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ଟାଙ୍କିକୁ ପାଣି ଯାଇ ପାରୁନାହିଁ। ଗ୍ରାମବାସୀ କହିବା ମୁତାବକ ଆମକୁ ବସୁଧା ଯୋଜନା ପାଣି ମିଳୁନାହିଁ। ଘୋଘେର ନାଳା ପାଖରେ ଥିବା କୂଆ ପାଣି ବ୍ୟବହାର କରୁଛୁ। ଖୋଲା କୂଅ ହୋଇଥିବାରୁ ଗଛ ଡାଳପତ୍ର ପଡି ପାଣି ଖରାପ ହୋଇଯାଉଛି। ସେହି କୂଅରେ ଛାଉଣି କରିଦେଲେ ପାଣି ଭଲ ରହି ବ୍ୟବହାର ଯୋଗ୍ୟ ହୋଇପାରନ୍ତା କିମ୍ବା ସେହି କୂଅରେ ମୋଟର ବସାଇ ଟାଙ୍କିକୁ ପାଣି ନିଆ ଗଲେ ସୁବିଧାରେ ପାଣି ପାରିବୁ ବୋଲି ପର୍ଶୁରାମ ମାଝି, ଶ୍ରୀପାଲ ସିଂ ଧରୁଆ, ଅମର ସିଂ ମାଝି, ତୁଳାରାମ ମାଝି, ଭରତୁ ଧରୁଆ, ଭାଗ୍ୟବତି ମାଝି, ଭଳଭଦ୍ର ମାଝି, ରୁକ୍ମଣୀ ମାଝି, ସୂର୍ଯ୍ୟକାନ୍ତି ମାଝି, ଉର୍ମିଳା ମାଝି, ବାସମତି ମାଝି, ଶିବ ଚରଣ ଧରୁଆ ପ୍ରମୁଖ ଦାବି କରିଛନ୍ତି।


ମହିଳାମାନେ କୂଅରୁ ପାଣି ଆଣୁଛନ୍ତି।

## ଗାତିବେଡ଼ା ଗାଁରେ ଜଳ ସଙ୍କଟ

# ଭାଗ ନେବେ କଳାହାଣ୍ଡିର ୨ ପ୍ରତିଯୋଗୀ


କଳାହାଣ୍ଡିର ୨ ପ୍ରତିଯୋଗୀଙ୍କ ସହ କୋଚ।

ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)

## ଜାତୀୟ ସବ୍ ଜୁନିୟର ଉଷୁ ପ୍ରତିଯୋଗିତା

ଜାମ୍ମୁ ୟୁନିଭର୍ସିଟିରେ ଆସନ୍ତା ୨୬ ତାରିଖରୁ ଏପ୍ରିଲ ୧ ପର୍ଯ୍ୟନ୍ତ ହେବାକୁ ଥିବା ୨୩ତମ ଜାତୀୟ ସବ ଜୁନିୟର ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କଳାହାଣ୍ଡିର ଭୌମିକ ଭରଦ୍ୱାଜ ଭୋଇ ଓ ପୃଥିବୀ ରାଜ ଉରାଶଙ୍କର ଟାଉଲୁ ଦୁଇଜଣ ଉଷୁ ଖେଳାଳି ଭାଗ ନେବାକୁ ମନୋନୀତ ହୋଇଛନ୍ତି। ୨୩ ତାରିଖରୁ ତାଙ୍କ କୋଚ କୃଷ୍ଣ ଚନ୍ଦ୍ର ସାହୁଙ୍କ ସହିତ ଓଡିଶା ଉଷୁ ଦଳ ସହିତ ଜାମ୍ମୁକୁ ଯାତ୍ରା କରିବେ। ଏହି ଅବସରରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇ ଖେଳାଳି ଓଡିଶା ରାଜ୍ୟକୁ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ଜିଲା ପାଇଁ ଗୌରବ ଆଣିବେ ବୋଲି କୋଚ ସାହୁ ସୂଚନା ଦେଇଛନ୍ତି ।

# ଗଙ୍ଗାଧର ସାରସ୍ୱତ ସମିତିର ବିଶ୍ୱ କବିତା ଦିବସ

ସିନାପାଲି,୨୧।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଏନ୍‌ସିସି ଭବନରେ ବିଶ୍ୱ କବିତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ସମିତିର ବରିଷ୍ଠ ସଦସ୍ୟ ରବୀନ୍ଦ୍ରନାଥ ଯୋଷୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ କବି ମୁରଲୀଧର ସା, ଚିନ୍ତାମଣି ସାହୁ, ସମିତି ସଭାପତି ତଥା ଯୁବ ଲେଖକ ବୈଷ୍ଣବ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କବିତାକୁ ସାହିତ୍ୟର ପ୍ରାଣ ବୋଲି କହିବା ସହ କବିତା କେବଳ ପାଠକର ମନକୁ କିଣେ ନାହିଁ ବରଂ ଏହା ମାନବୀୟ ସହଦୟତା ସୃଷ୍ଟି କରିବାରେ ସହାୟକ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ୟଙ୍ଗକବି ଶିବ ପ୍ରସାଦ ମେହେରଙ୍କ ସଂଯୋଜନାରେ ପରେଶନାଥ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଚିନ୍ତାମଣି ସାହୁ, ମୁରଲୀଧର ସା, ତରୁଣ କୁମାର ମେହେର, ରମେଶ କୁମାର ହଂସ, ନୀଳାଞ୍ଚଳ ମେହେର, ଗୌତମ ମେହେର, ଲୋଚନ ମେହେର, କମଳଜିତ ବୈକାର, ଯଶୋବନ୍ତ ସା, ବଂଶୀଧର ଜଗତ, ତସ୍ମିନ ମେହେର, ନରସିଂହ ମେହେର, ରଞ୍ଜନ ସା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ଗୌତମ ମେହେର ଧନ୍ୟବାଦ ଦେଇଥିଲେ।

# ପନିପରିବା, ଡାଲିଜାତୀୟ ଚାଷ ନଷ୍ଟ


ମହିଳାମାନେ ମୁଗ ସଂଗ୍ରହ କରୁଛନ୍ତି।





କୋକସରା,୨୧।୩(ଦୁଷ୍ମନ୍ତ କୁମାର ପାଇଯୋଶୀ)

## ଅଦିନିଆ ବର୍ଷା ପ୍ରଭାବ

ଅଦିନିଆ ବର୍ଷା ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ବ୍ଲକରେ ଅମଳକ୍ଷମ ଅବସ୍ଥାରେ ଥିବା ଡାଲି ଜାତୀୟ ମୁଗ, ବିରି, ଚଣା, ହରଡ଼ ସହ ପନିପରିବା ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ଲକର ଅନେକ ପଞ୍ଚାୟତରେ ଜଳ ସେଚନର ସୁବିଧା ନ ଥିବାରୁ ଏହି ପଞ୍ଚାୟତ ଚାଷୀମାନେ ଖରିଫ ଚାଷ ଅମଳ ପରେ ମୁଗ, ବିରି, ଚଣା, ଅଳସି, ସୂର୍ଯ୍ୟମୁଖୀ ଭଳି ଡାଲି ଜାତୀୟ ଓ ତୈଳବିଜ ଜାତୀୟ ଚାଷ ସହ ପନିପରିବା ଚାଷ କରି ନିଜ ପରିବାରର ଭରଣ ପୋଷଣ କରନ୍ତି। ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ଚାଷୀଙ୍କ ଚାଷ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ବ୍ଲକର କାଉଡୋଳା, ଲଡୁଗାଁ, ମୁଷପାଳି, ଡାଲଗୁମା ଗମ୍ଭାରୀଗୁଡା, ଖୁଣ୍ଟିଆ, ଗୋଟମୁଣ୍ଡା, ମହିମା, ଫୁପଗାଁ ପଞ୍ଚାୟତରେ ଡାଲିଜାତୀୟ, ତୈଳବିଜ ଓ ପନିପରିବା ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକ କୃଷି ବିଭାଗ ସୂଚନା ଅନୁସାରେ ବ୍ଲକରେ ଚଳିତବର୍ଷ ୫୫୩୩ ହେକ୍ଟରରେ ଡାଲି ଜାତୀୟ ଚାଷ ହୋଇଛି। କାଳବୈଶାଖୀ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତି ଆକଳନ କରି କୃଷି ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଏ ନେଇ ଗୋଷ୍ଠି କୃଷି ଅଧିକାରୀ ରାକେଶ ରଞ୍ଜନ ମାଝିଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ୧୯ ହେକ୍ଟରରେ ଡାଲି ଜାତୀୟ ଫସଲ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ମିଳିଛି। ଆମେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବା ପରେ ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।

## ଅଦିନିଆ ବର୍ଷାରେ ପିଆଜ ଚାଷ ନଷ୍ଟ ଆଶଙ୍କା

ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ ୨ ଦିନ ତଳେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ବିଶେଷ କରି ଡାଲିଜାତୀୟ ଶସ୍ୟ, ପନିପରିବା ଓ ପିଆଜ ଚାଷୀ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରାୟ ୩୦ରୁ ୪୦ ପ୍ରତିଶତ ପିଆଜ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ବୁଧବାର ଭବାନୀପାଟଣା ସଦର ବ୍ଲକରେ ୧୨ ମି.ମି., କେସିଙ୍ଗା ବ୍ଲକରେ ୩୩.୬ ମି.ମ., କର୍ଲାମୁଣ୍ଡା ବ୍ଲକରେ ୩୮ ମି.ମି., ମଦନପୁର ରାମପୁର ବ୍ଲକରେ ୪୬ ମି.ମି., ନର୍ଲା ବ୍ଲକରେ ୩୫ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଲାଞ୍ଜିଗଡ଼ ବ୍ଲକରେ ୨୫.୮ ମି.ମି., ଥୁଆମୂଳ ରାମପୁର ବ୍ଲକରେ ୪ ମି.ମି., ଧର୍ମଗଡ଼ ବ୍ଲକରେ ୧୨ ମି.ମି., ଜୁନାଗଡ଼ ବ୍ଲକରେ ୨୩.୬ ମି.ମି., କଲମପୁର ବ୍ଲକରେ ୧୩.୨ ମି.ମି., ଜୟପାଟଣା ବ୍ଲକରେ ୪ ମି.ମି., କୋକସରା ବ୍ଲକରେ ୧୭ ମି.ମି. ଓ ଗୋଲାମୁଣ୍ଡା ବ୍ଲକରେ ୪୩.୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଦିନିଆ ବର୍ଷା ଯୋଗୁ ଭେଣ୍ଡି, ଜହ୍ନି, କୋବି ସମେତ ବିଭିନ୍ନ ପନିପରିବା କ୍ଷତି ହୋଇଛି। ସେହିଭଳି ପିଆଜ ଚାଷୀମାନେ ପ୍ରାୟ ୩୦ରୁ ୪୦ ପ୍ରତିଶତ ନଷ୍ଟ ହୋଇଥିବା ଆଶଙ୍କା କରୁଛନ୍ତି। ଡାଲି ଜାତୀୟ ଶସ୍ୟ ପାଇଁ ଅମଳ ହୋଇଥିବା ମୁଗ, ବିରି ଖଳାରେ ଥିବା ବେଳେ ଗଜା ହେବାର ଆଶଙ୍କା ରହିଛି। ଅଦିନିଆ ବର୍ଷା ଯୋଗୁ ପିଆଜ ମୂଲ୍ୟ କମ ଥିବା ଯୋଗୁ ଚାଷୀ କମ ପରିମାଣର ଚାଷ କରିଥିଲେ। ଧାନ ଚାଷ ପରିବର୍ତ୍ତେ ପନିପରିବା ଓ ଅନ୍ୟ ଚାଷ ପ୍ରତି ଆକୃଷ୍ଟ ହୋଇଥିବା ଚାଷୀ ବର୍ତ୍ତମାନ ପ୍ରକୃତିର ଦାଉ ଯୋଗୁ ଚିନ୍ତାରେ ପଡ଼ିଛନ୍ତି।

# ଅଦିନିଆ ବର୍ଷାରେ ଡାଲିଜାତୀୟ ଫସଲ ନଷ୍ଟ


ଓଦା ହୋଇଯାଇଥିବା ମୁଗ ଖରାରେ ଶୁଖାଯାଉଛି।

ରିଷିଡ଼ା,୨୧।୩(ସୁଶାନ୍ତ ମଲ୍ଲିକ)

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଅଦିନିଆ ବର୍ଷା ପ୍ରଭାବରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ପନିପରିବା, ଡାଲିଜାତୀୟ ଫସଲ ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। କର୍ଲାମୁଣ୍ଡା ବ୍ଲକର ରିଷିଡା, ପୌରକେଲା, ଗଜବାହଲ, ସ ମାଲପଡା, ରିଞ୍ଜା, ରେଗେଡା ପଞ୍ଚାୟତରେ ବିଭିନ୍ନ ନଦୀକୂଳ, ଜମିରେ ଚାଷ କରାଯାଇଥିବା ମୁଗ, ବିରି, କୋଳଥ ଫସଲ ଅଦିନିଆ ବର୍ଷାରେ ନଷ୍ଟ ହୋଇଯାଇଛି। ଚାଷୀମାନେ ଓଦା ହୋଇଯାଇଥିବା ମୁଗ ଓ ବିରି ଗଛଗୁଡ଼ିକୁ ଖରାରେ ଶୁଖାଉଛନ୍ତି। ବର୍ଷାରେ ଭିଜିଲେ ମୁଗ ବିରି ମଞ୍ଜିଗୁଡିକ ଗଜା ହୋଇଯାଉଥିବାରୁ ଅମଳରେ ବିଶେଷ ପ୍ରଭାବ ପକାଇବ ବୋଲି ରିଷିଡା ଅଞ୍ଚଳ ଚାଷୀମାନେ ପ୍ରକାଶ କରୁଛନ୍ତି। ଗତ ବୁଧବାର ଅଦିନିଆ ବର୍ଷା ଯୋଗୁ ଏହି ଅଞ୍ଚଳର ପାଗ ଥଣ୍ଡା ହୋଇଯାଇଥିବା ବେଳେ ଗୁରୁବାରରୁ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି। ଏବେ ଏହି ଅଞ୍ଚଳରେ ପିଆଜ ଅମଳ ଆରମ୍ଭ ହୋଇଯାଇଥିବା ବେଳେ ପିଆଜ ଚାଷୀଙ୍କୁ ଅଦିନିଆ ବର୍ଷା ହତାଶ କରିଛି। ତୁରନ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଦାବି ହେଉଛି।

# ସ୍ନାତକ ଆଦର୍ଶ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଡ଼ିଆଲ,୨୧।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲସ୍ଥିତ ସ୍ନାତକ ଆଦର୍ଶ ମହାବିଦ୍ୟାଳୟର ତୃତୀୟ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରାରମ୍ଭିକ ସଙ୍ଗୀତ ପରେ ଅଧକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ. ଫଣିନ୍ଦ୍ରମ ସିଂ ଦେଓ, ମୁଖ୍ୟବକ୍ତା ଭାବେ ମେଜର ଡ. ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ତରୁଣ କୁମାର ପ୍ରଧାନ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଭୁବନେଶ୍ୱର ମୁଦୁଲି ବାର୍ଷିକ ବିବରଣୀ ପାଠ ପରେ ବିଭିନ୍ନ ପ୍ରତିଯୋଗିତାର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଡ. ଶ୍ରୀକାନ୍ତ କୁମାର ବାରିକ ସଂଯୋଜନା କରିଥିବା ବେଳେ ଡ. ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବାଲି ଲିଜଧାରୀଙ୍କ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଦିନକୁ ଦିନ ବାଲି ଲିଜ ଧାରୀଙ୍କ ମନ ମାନି ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଠେମରା ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସ୍ଥାନୀୟ ବାଲିଘାଟ ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବାଲି ଲିଜ ଧାରୀ ଯେତେ ମାତ୍ରାରେ ବାଲି ଖନନ କରିବା କଥା ତାଠୁ ଅଧିକ ଗଭୀର ପର୍ଯ୍ୟନ୍ତ ବାଲି ଖନନ କରୁଛନ୍ତି। ଫଳରେ ଗାଧେଇବାକୁ ଯିବା ଲୋକ ପାଣିରେ ବୁଡିବା ଯିବାର ସମ୍ଭାବନା ରହିଛି। ଯଦି କେହି ବାଲି ଘାଟର ଲିଜ ଧାରୀଙ୍କୁ ଅଭିଯୋଗ କଲେ ତାଙ୍କ କଥା କେହି ଶୁଣୁ ନାହାନ୍ତି। ଜିଲାପାଳ ଏହା ଉପରେ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ କାହାକୁ ବାଲି ଉଠାଇବାକୁ ଦେବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ ଅଫିସ ଆଗରେ ଠେମରା ଗ୍ରାମବାସୀ।

# ଅବଧି ସରିଲା, ପୋଲ ନିର୍ମାଣ ସରିଲାନି


ଗୋଲାଗାଡ ନଦୀରେ ଫାଇବର୍ ଭାସମାନ ଡଙ୍ଗା।


ଗୋଲାଗାଡ଼ ନଦୀରେ ନିର୍ମାଣାଧୀନ ପୋଲ।

ଥୁଆମୂଳ ରାମପୁର,୨୧।୩(ଦୁର୍ଗା କୀର୍ତ୍ତି)

## ଗୋଲାଗାଡ଼ ନଦୀରେ ନିର୍ମାଣାଧୀନ ପୋଲ ଅଧାପନ୍ତରିଆ

■ ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳବାସୀଙ୍କ ଦୁଃଖ ସରୁନି

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଜଳବନ୍ଦୀ ଭାବେ ବାସ କରୁଥିବା ପୋଡାପଦର ଗ୍ରାମପଞ୍ଚାୟତର ୧୬ ଏବଂ ମାଳିଗାଁ ପଞ୍ଚାୟତର ଗୋଟିଏ ଏଭଳି ୧୭ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଏବେ ଅଭିଶପ୍ତ ପାଲଟିଛି। ପୋଡାପଦର ପଞ୍ଚାୟତ ଅଧୀନ ଲିଟିମସ୍କା, ଭୁରଭୁରି ଟେମରା, ଘୃତଖାଲ, ସରାପାସ, ତେନ୍ତୁଳିପଦର, କାରୁବାଡି, ତଳପୁଙ୍ଗା, କଲାଟି, ଉପରପୁଙ୍ଗା, ତଳଝିରି, ଉପରଝିରି, କୁଟ୍ରପାଟ, ଗୁଞ୍ଜିମାଳି, ଉପର ଗୁଞ୍ଜିମାଳି, ଢେପଟେମରା ଏବଂ ମାଳିଗାଁ ପଞ୍ଚାୟତର କେ.ଚେପଟାଘାଟ ଏସବୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ରହିଆସିଛି। ସରକାର ଏହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟଜଳ ପାଇଁ କୋଟି କୋଟି ଟଙ୍କା ଦେଇଛନ୍ତି। କିନ୍ତୁ ସମସ୍ତ ଯୋଜନାକୁ ପ୍ରତିଘାତ କରିଛି ଗୋଲାଗାଡ ନଦୀ ଉପରେ ନିର୍ମାଣ ହେଉଥିବା ପୋଲ। ମାଳିଗାଁ ପଞ୍ଚାୟତ ଡି.ଚେପଟାଘାଟଠାରୁ ପୋଡାପଦର ପଞ୍ଚାୟତକୁ ସଂଯୋଗ ପାଇଁ ଗୋଲାଗାଡ ନଦୀ ଉପରେ ନିର୍ମାଣାଧୀନ ପୋଲ ଅବଧି ଶେଷ ହୋଇସାରିଛି। ୬ କୋଟି ୬୪ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ପୋଲ ୨୧।୦୮।୨୦୨୦ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ୨୦ ଫେବୃଆରୀ ୨୦୨୨ରେ ସମ୍ପୂର୍ଣ୍ଣ ହେବାକୁ ଚୁକ୍ତି ହୋଇଥିଲା। କିନ୍ତୁ ପ୍ରାୟ ୩୦ ପ୍ରତିଶତ କାମ ହୋଇଥିବା ବେଳେ ଠିକାଦାର, ବିଭାଗୀୟ ଯନ୍ତ୍ରୀ ଅବା ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ଅଟକିଛି। କେବେ ଏହି ପୋଲ ନିର୍ମାଣ ହେବ ଏବଂ ଏହି ଜଳବନ୍ଦୀ ଅଞ୍ଚଳକୁ ଗମନାଗମନର ପଥ ଉନ୍ମୁକ୍ତ ହେବ ଏହାର ଉତ୍ତର ନା ପ୍ରଶାସନ ନା ଜନପ୍ରତିନିଧି କାହା ପାଖରେ ମଧ୍ୟ ନାହିଁ। ଗୋଲାଗାଡ ନଦୀରେ ଏକ ଫାଇବର୍ ଭାସମାନ ଡଙ୍ଗାର ଅସ୍ଥାୟୀ ବ୍ୟବସ୍ଥା ହୋଇଛି। ଯାହା ପାରିହୋଇ ଯିବାକୁ ଏକ ଦଉଡିର ସାହାଯ୍ୟ ନେବାକୁ ପଡିଥାଏ। ଗୋଲାଗାଡ ନଦୀକୁ ପାରି ହୋଇ ବିକାଶ ପହଞ୍ଚିବା କଷ୍ଟ ହୋଇଥିଲେ ମଧ୍ୟ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଉଚିତ ତଦାରଖର ଅବହେଳା ଯୋଗୁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକରେ ବ୍ୟାପକ ଅନିୟମିତତା ଆଶଙ୍କା ରହିଛି। ଏଥିସହିତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ମଧ୍ୟ ନଜରକୁ ଆସୁଛି। ଅନ୍ୟପକ୍ଷରେ ୨୦୧୭-୧୮ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର ଅନୁଦାନରେ କେ.ଚେପଟାଘାଟ ଏବଂ ତେନ୍ତୁଳିପଦର ରାସ୍ତା ମଧ୍ୟରେ ଥିବା ସାନ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ବର୍ତ୍ତମାନ ତାହା ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ। ପୋଲ ଅବସ୍ଥା ଠିକ ରହିଥିବା ବେଳେ ଏହାର ସୁରକ୍ଷା ବାଡ ଭୁଷୁଡି ଯାଇଥିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୋଟ ଉପରେ କହିବାକୁ ଗଲେ ଅଞ୍ଚଳ ପାଇଁ ଆଉ ଏକ ସ୍ୱାଧୀନତାର ଅପେକ୍ଷା କରିବାକୁ ପଡିବ କି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶ୍ନ ଉଠୁଛି।

# ବସୁଧାରୁ ମିଳୁନି ପାଣି, ଖୋଲାକୂଅ ଭରସା

ନୂଆପଡ଼ା,୨୧।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ପଞ୍ଚାୟତ ଗାତିବେଡା ଗାଁରେ ଜଳ ସଙ୍କଟ ଦେଖାଦେଇଥିବା ବେଳେ କୂଅ ପାଣି ଉପରେ ଲୋକେ ନିର୍ଭର କରି ଚଲୁଛନ୍ତି। ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଗାତିବେଡା ଗାଁରେ ୩ଟି ପଡା ମକରଦମପଡା, ଦୋହେଲପଡା ଓ ସରଗିପଡା ରହିଛି। ଦୁଇ ୱାର୍ଡ ବିଶିଷ୍ଟ ଗାଁରେ ୨ଶହ ପରିବାରର ଏକ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ବେଳେ ୧୨ଟି ନଳକୂଅ ରହିଛି। ସେଥି ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିବା ବେଳେ ବାକି ନଳକୂଅରେ ଅଳ୍ପ ଅଳ୍ପ ପାଣି ବାହାରୁଛି। ସେହି ନଳକୂଅରେ ଲାଲ ରଙ୍ଗର ପାଣି ବାହାରୁଥିବାରୁ ଲୋକେ ଡରି ଯାଇ କୂଅ ପାଣି ଉପରେ ନିର୍ଭର କରି ଚଲୁଛନ୍ତି। ନଳକୂଅରେ ଲାଲ ରଙ୍ଗର ପାଣି ବାହାରୁଥିଲେ ମଧ୍ୟ ସରକାରୀ ଭାବେ ପରୀକ୍ଷା କରାଯାଇନାହିଁ। ଲୋକେ ଫ୍ଲୋରାଇଡ ଯୁକ୍ତ ପାଣି ହୋଇଥିବ ବୋଲି ଅନୁମାନ କରି ନଳକୂଅ ପାଣି ବ୍ୟବହାର କରୁନାହାନ୍ତି। ଗାଁରେ ବସୁଧା ଯୋଜନାରେ ଓଭର ଟାଙ୍କି ନିର୍ମାଣ ହୋଇ ପାଇପ ମଧ୍ୟ ବିଛାଯାଇଛି। ପରୀକ୍ଷା ମୂଳକ ଭାବେ ଗୋଟିଏ ସପ୍ତାହ ପାଣି ମଧ୍ୟ ଗାଁକୁ ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ପାଣି ଦେଉ ନ ଥିବାରୁ ଲୋକେ ବାଧ୍ୟ ହୋଇ କୂଅ ପାଣି ବ୍ୟବହାର କରୁଛନ୍ତି। ଗାଁ ଭିତରେ ୩ ଫୁଟ ଗଭୀର ଗାତରେ ବାଲି ଦେଇ ପାଇପ ପୋତିବା ନିୟମ ଥିବା ବେଳେ ଠିକାଦାର ଅଧାରୁ ଏକ ଫଟ ଗଭୀର ଗାତରେ ବିନା ବାଲିରେ ପାଇପ ପୋତିଛନ୍ତି। ପାଇପ ସବୁ ଉପରେ ରହିଥିବାରୁ ଅଧିକ ଓଜନିଆ ଗାଡି ଗଲେ ପାଇପ ସବୁ ଫାଟି ଯାଉଛି। ଓଭର ଟାଙ୍କିଠାରୁ ଗାଁ ପର୍ଯ୍ୟନ୍ତ ୫/୬ ସ୍ଥାନରେ ପାଇପ ଫାଟି ଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଗାତିବେଡା ଗାଁରେ ଗଭୀର ନଳକୂପ କରାଯାଇନାହିଁ। ସୁନାବେଡାଠାରେ ଗଭୀର ନଳକୂପ କରି ସୁନାବେଡା ଟାଙ୍କିରେ ପାଣି ଭର୍ତ୍ତି କରି ଗାତିବେଡା ଟାଙ୍କିକୁ ଯାଉଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ଟାଙ୍କିକୁ ପାଣି ଯାଇ ପାରୁନାହିଁ। ଗ୍ରାମବାସୀ କହିବା ମୁତାବକ ଆମକୁ ବସୁଧା ଯୋଜନା ପାଣି ମିଳୁନାହିଁ। ଘୋଘେର ନାଳା ପାଖରେ ଥିବା କୂଆ ପାଣି ବ୍ୟବହାର କରୁଛୁ। ଖୋଲା କୂଅ ହୋଇଥିବାରୁ ଗଛ ଡାଳପତ୍ର ପଡି ପାଣି ଖରାପ ହୋଇଯାଉଛି। ସେହି କୂଅରେ ଛାଉଣି କରିଦେଲେ ପାଣି ଭଲ ରହି ବ୍ୟବହାର ଯୋଗ୍ୟ ହୋଇପାରନ୍ତା କିମ୍ବା ସେହି କୂଅରେ ମୋଟର ବସାଇ ଟାଙ୍କିକୁ ପାଣି ନିଆ ଗଲେ ସୁବିଧାରେ ପାଣି ପାରିବୁ ବୋଲି ପର୍ଶୁରାମ ମାଝି, ଶ୍ରୀପାଲ ସିଂ ଧରୁଆ, ଅମର ସିଂ ମାଝି, ତୁଳାରାମ ମାଝି, ଭରତୁ ଧରୁଆ, ଭାଗ୍ୟବତି ମାଝି, ଭଳଭଦ୍ର ମାଝି, ରୁକ୍ମଣୀ ମାଝି, ସୂର୍ଯ୍ୟକାନ୍ତି ମାଝି, ଉର୍ମିଳା ମାଝି, ବାସମତି ମାଝି, ଶିବ ଚରଣ ଧରୁଆ ପ୍ରମୁଖ ଦାବି କରିଛନ୍ତି।



ମହିଳାମାନେ କୂଅରୁ ପାଣି ଆଣୁଛନ୍ତି।

**ଗାତିବେଡ଼ା ଗାଁରେ ଜଳ ସଙ୍କଟ**

## ସୁବର୍ଣ୍ଣପୁରରେ ଖୋଲିଲା ଡିଆର୍‌ସିଏସ୍ ଅଫିସ



ନୂତନ ଡିଆରସିଏସ୍‌ଙ୍କୁ କର୍ମଚାରୀମାନେ ସ୍ୱାଗତ ଜଣାଉଛନ୍ତି।

ସୋନପୁର,୨୧।୩(ମୃତ୍ୟୁଞ୍ଜୟ ଶତପଥୀ)

**ଯୋଗଦେଲେ ନୂତନ ଅଧିକାରୀ**

ସୁବର୍ଣ୍ଣପୁରରେ ନୂତନ ଭାବେ ଡିଆରସିଏସ୍(ଉପନିବନ୍ଧକ ସମବାୟ ସମିତି ସମୂହ)ଙ୍କ ଅଫିସ ଖୋଲିଛି। ଜିଲାର ପ୍ରଥମ ଡିଆରସିଏସ୍ ଭାବେ ରଶ୍ମିଲତା ବେହେରା ଗୁରୁବାର ଯୋଗଦାନ କରିଛନ୍ତି। ବେହେରା ନୂତନ ଭାବେ ଯୋଗଦାନ କରିବା ପରେ ସୋନପୁର ଏଆରସିଏସ୍(ସହକାରୀ ନିବନ୍ଧକ ସମବାୟ ସମିତି ସମୂହ) ପାଣ୍ଡୁଚରଣ ସାହୁ ଓ ବୀରମହାରାଜପୁର ଏଆରସିଏସ୍ ଗିରିଶ ଚନ୍ଦ୍ର ପୁରୋହିତଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଜିଲାର ପ୍ରତ୍ୟେକ ସମବାୟ ସମିତିର କର୍ମଚାରୀ ମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ସୁବର୍ଣ୍ଣପୁର ଜିଲା ବଲାଙ୍ଗୀର ଡିଆରସିଏସ୍ ଅଫିସ ଅଧୀନରେ ଥିଲା। ସମବାୟ ବିଭାଗର ଯେ କୌଣସି କାମ ପାଇଁ ବଲାଙ୍ଗୀର ଯିବାକୁ ପଡୁଥିଲା। ଦୀର୍ଘଦିନର ଦାବି ପରେ ସୁବର୍ଣ୍ଣପୁର ଜିଲାସ୍ତରରେ ଏହି ଅଫିସ ଖୋଲିଛି। ସୋନପୁର ଓ ବୀରମହାରାଜପୁର ଏଆରସିଏସ୍ ଅଧୀନରେ ଥିବା ସମସ୍ତ ସମବାୟ ସମିତିଗୁଡିକ ଏବେ ସୁବର୍ଣ୍ଣପୁର ଡିଆରସିଏସ୍ ଅଫିସ ଅଧୀନରେ ରହିବ।

## ପୂର୍ବତନ ଷ୍ଟେଟବ୍ୟାଙ୍କ ପରିଚାଳକଙ୍କ ପରଲୋକ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଆଇନ କଲେଜ ରାସ୍ତାରେ ରହୁଥିବା ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କୀର୍ତ୍ତିଚନ୍ଦ୍ର ମିଶ୍ରଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ହେଉଥିଲା। ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଥିଲା। ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲୁଡୁପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମିଶ୍ର ଦୀର୍ଘବର୍ଷ ହେଲା, ବରଗଡ଼ ସହରରେ ଘର କରି ସପରିବାର ରହୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ଅଷ୍ଟାଦଶ ପୁରାଣ ଚାରିଗ୍ରନ୍ଥ ପଠନ କଲେ ୮ଶହ ବ୍ରାହ୍ମଣ



ସୋନପୁର,୨୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ଶୈବପୀଠ ପରିସରରେ ଗୁରୁବାର ଦିନ (ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି) ଅଷ୍ଟାଦଶ ପୁରାଣ ଚାରିଗ୍ରନ୍ଥ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗତର କଲ୍ୟାଣ ପାଇଁ ସୁବର୍ଣ୍ଣପୁର ଜିଲାର ୮ଶହ ବ୍ରାହ୍ମଣ ଯୋଗଦାନ କରି ସାମୂହିକ ଅଷ୍ଟାଦଶ ପୁରାଣ ଚାରିଗ୍ରନ୍ଥ ପଠନ କରିଥିଲେ। ପଠନ କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ପାଣ୍ଡିଆ ସହଯୋଗ କରିଥିଲେ। ପ୍ରାରମ୍ଭରେ ଆୟୋଜକଙ୍କ ପକ୍ଷରୁ ବ୍ରାହ୍ମଣମାନଙ୍କ ପାଦ ଧୋଇ ସେବା କରାଯାଇଥିଲା। ଏଥିପାଇଁ ମଙ୍ଗଳବାର ଶୁଭାଧିବାସ, କଳସଯାତ୍ରା ଓ ବୁଧବାର ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜିତ ହୋଇଥିଲା। ଏହି ଦିବ୍ୟ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ଯୋଗଦାନ କରି ଭଗବତ କୃପା ଓ ବିଭୂକୃପା ଲାଭ କରିଥିଲେ। ସୌଦାମିନୀ, ପୂର୍ଣ୍ଣଚନ୍ଦ୍ର ରଥ, ରାଲି, ଅର୍ଜୁନ ରଥ, ପ୍ରମୋଦିନୀ ଓ ଅଶୋକ ରଥଙ୍କ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅଦିନିଆ ବର୍ଷାରେ ପିଆଜ ଚାଷ ନଷ୍ଟ ଆଶଙ୍କା

ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ ୨ ଦିନ ତଳେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ବିଶେଷ କରି ଡାଲିଜାତୀୟ ଶସ୍ୟ, ପନିପରିବା ଓ ପିଆଜ ଚାଷୀ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରାୟ ୩୦ରୁ ୪୦ ପ୍ରତିଶତ ପିଆଜ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ବୁଧବାର ଭବାନୀପାଟଣା ସଦର ବ୍ଲକରେ ୧୨ ମି.ମି., କେସିଙ୍ଗା ବ୍ଲକରେ ୩୩.୬ ମି.ମି., କର୍ଲାମୁଣ୍ଡା ବ୍ଲକରେ ୩୮ ମି.ମି., ମଦନପୁର ରାମପୁର ବ୍ଲକରେ ୪୬ ମି.ମି., ନର୍ଲା ବ୍ଲକରେ ୩୫ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଲାଞ୍ଜିଗଡ଼ ବ୍ଲକରେ ୨୫.୮ ମି.ମି., ଥୁଆମୂଳ ରାମପୁର ବ୍ଲକରେ ୪ ମି.ମି., ଧର୍ମଗଡ଼ ବ୍ଲକରେ ୧୨ ମି.ମି., ଜୁନାଗଡ଼ ବ୍ଲକରେ ୨୩.୬ ମି.ମି., କଳମପୁର ବ୍ଲକରେ ୧୩.୨ ମି.ମି., ଜୟପାଟଣା ବ୍ଲକରେ ୪ ମି.ମି., କୋକସରା ବ୍ଲକରେ ୧୭ ମି.ମି. ଓ ଗୋଲାମୁଣ୍ଡା ବ୍ଲକରେ ୪୩.୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଦିନିଆ ବର୍ଷା ଯୋଗୁ ଭେଣ୍ଡି, ଜହ୍ନି, କୋବି ସମେତ ବିଭିନ୍ନ ପନିପରିବା କ୍ଷତି ହୋଇଛି। ସେହିଭଳି ପିଆଜ ଚାଷୀମାନେ ପ୍ରାୟ ୩୦ରୁ ୪୦ ପ୍ରତିଶତ ନଷ୍ଟ ହୋଇଥିବା ଆଶଙ୍କା କରୁଛନ୍ତି। ଡାଲି ଜାତୀୟ ଶସ୍ୟ ପାଇଁ ଅମଳ ହୋଇଥିବା ମୁଗ, ବିରି ଖଳାରେ ଥିବା ବେଳେ ଗଜା ହେବାର ଆଶଙ୍କା ରହିଛି। ଅଦିନିଆ ବର୍ଷା ଯୋଗୁ ପିଆଜ ମୂଲ୍ୟ କମ ଥିବା ଯୋଗୁ ଚାଷୀ କମ ପରିମାଣର ଚାଷ କରିଥିଲେ। ଧାନ ଚାଷ ପରିବର୍ତ୍ତେ ପନିପରିବା ଓ ଅନ୍ୟ ଚାଷ ପ୍ରତି ଆକୃଷ୍ଟ ହୋଇଥିବା ଚାଷୀ ବର୍ତ୍ତମାନ ପ୍ରକୃତିର ଦାଉ ଯୋଗୁ ଚିନ୍ତାରେ ପଡ଼ିଛନ୍ତି।

## ସିଏସ୍‌ଆର୍, ସିଆଇଆର୍ ପାଣ୍ଠିରୁ ୧୧ କୋଟିର ଅନୁଦାନ: ଏମ୍‌ପି

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

କେନ୍ଦ୍ର ସରକାରଙ୍କ ଅଧୀନ ମହାନଦୀ କୋଇଲା କମ୍ପାନୀ ଏବଂ ଭାରତ ପେଟ୍ରୋଲିୟମ କର୍ପୋରେଶନର ସିଏସଆର (କର୍ପୋରେଟ୍ ସୋସିଆଲ ରେସପନ୍ସିବିଲିଟି) ଏବଂ ସିଇଆର୍ (କର୍ପୋରେଟ୍ ଏନଭର୍ଣମେଣ୍ଟ ରେସପନ୍ସିବିଲିଟି) ପାଣ୍ଠିରୁ ପ୍ରାୟ ୧୧କୋଟିର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଗୁରୁବାର ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ସେଥିମଧ୍ୟରୁ ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ବୀରଭୂମି ଘେଁସଠାରେ ଶହୀଦ ମାଧୋ ସିଂ ସଂଗ୍ରହାଳୟ ପାଇଁ ୯୭ ଲକ୍ଷ, ବରଗଡ଼ ସୋସିଆଲ କ୍ଲବ ପାଇଁ ୭୫ ଲକ୍ଷ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପାଇଁ ୫୦ଲକ୍ଷ, ନିଶାମଣି ହାଇସ୍କୁଲ ପାଇଁ ୬୫ ଲକ୍ଷ, ତୋରା ଜୁନିୟର କଲେଜ ପାଇଁ ୫୦ଲକ୍ଷ, ବରପାଲି ବ୍ଲକ ବନ୍ଧପାଲି ବୁଣାକାର ଗୋଷ୍ଠି କେନ୍ଦ୍ର ପାଇଁ ୫୧ଲକ୍ଷ, ପଦ୍ମପୁର ମହିଳା ଜୁନିୟର କଲେଜ ପାଇଁ ୩୩ ଲକ୍ଷ, ବରଗଡ଼ ନୃସିଂହ ମନ୍ଦିର ପାଇଁ ୬୦ଲକ୍ଷ, ବରଗଡ଼ ଶ୍ରୀମା ସଙ୍ଗୀତ କଳା ମଣ୍ଡପ ପାଇଁ ୨୫ ଲକ୍ଷ, ଭଟଲି ବୁଣାକାର ଗୋଷ୍ଠି କେନ୍ଦ୍ର ପାଇଁ ୭୭ଲକ୍ଷ ଟଙ୍କା ରହିଛି। ସେହିପରି ବରଗଡ଼ ସାମ୍ବାଦିକ ସଂଘ ପାଇଁ ୨୫ଲକ୍ଷ, ବରଗଡ଼ ନାୟକ ପଡ଼ା କଲ୍ୟାଣ ମଣ୍ଡପ ପାଇଁ ୫୦ ଲକ୍ଷ, ଅତାବିରା ବ୍ଲକ ଟୋପ ହାଇସ୍କୁଲ ପାଇଁ ୪୭ଲକ୍ଷ, ଲହଣ୍ଡା ହାଇସ୍କୁଲ ପାଇଁ ୩୮ଲକ୍ଷ, ଭେଡ଼େନର ଷ୍ଟାଡ଼ିୟମ ପାଇଁ ୪୫ଲକ୍ଷ, ଜହ୍ନାପଡ଼ା କଲ୍ୟାଣ ମଣ୍ଡପ ପାଇଁ ୫୦ଲକ୍ଷ, ବୁରୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପାଇଁ ୧୫ଲକ୍ଷ ଟଙ୍କାର ପ୍ରକଳ୍ପ ରହିଛି। ଅନୁରୂପ ଭାବେ ଭାରତ ପେଟ୍ରୋଲିୟମ କର୍ପୋରେଶନର ସିଇଆର ପାଣ୍ଠିରୁ ବରଗଡ଼ କଟାପାଲି ଶିଶୁ ମନ୍ଦିର ପାଇଁ ୧୮ଲକ୍ଷ, ଡାଙ୍ଗ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୦ଲକ୍ଷ, ତେନ୍ତଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୦ଲକ୍ଷ, ଦେଓଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୯ଲକ୍ଷ ଏବଂ ବରଗାଁ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୦ଲକ୍ଷ ଟଙ୍କାର ଅନୁଦାନ ଅନୁମୋଦନ ଲାଭ କରି ସାରିଥିବାବେଳେ ବରଗଡ଼ ବ୍ଲକରେ କାର୍ଯ୍ୟ ଆରମ୍ଭ ପାଇଁ ୯୭ଲକ୍ଷ ୩୫ହଜାର ଟଙ୍କା ଜମା ହୋଇ ସାରିଥିବା ସୂଚନା ଦିଆଯାଇଛି। ସେହିପରି ମହାନଦୀ କୋଇଲା କମ୍ପାନୀର ସିଏସଆର ପାଣ୍ଠିର ଅଧିକାଂଶ ପ୍ରକଳ୍ପ ଅନୁମୋଦିତ ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଜିଲାର ଭିତ୍ତିଭୂମି ବିକାଶ ପାଇଁ ମହାନଦୀ କୋଇଲା କମ୍ପାନୀ ସମେତ ଆହୁରି ଅନେକ କେନ୍ଦ୍ର ସରକାରଙ୍କ ଅଧୀନ ନିଗମମାନେ ଅର୍ଥ ଯୋଗାଇବା ପାଇଁ ପ୍ରତିଶ୍ରୁତ ଦେଇଥିବା ଏମ୍‌ପି ପୂଜାରୀ ସୂଚନା ଦେଇଛନ୍ତି।

## ଅମ୍ବାଭୋନାରେ ପୋଲିସର ଫ୍ଲାଗମାର୍ଚ୍ଚ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ପୋଲିସ ପ୍ରଶାସନ ପକ୍ଷରୁ ସେତିକି ତତ୍ପରତା ପ୍ରକାଶ ପାଉଛି। ବରଗଡ଼ ଜିଲା ପୋଲିସ ପକ୍ଷରୁ ଏବେଠାରୁ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଉଛି। ଗୁରୁବାର ଅମ୍ବାଭୋନା ଥାନା ଅନ୍ତର୍ଗତ ଭୁକ୍ତା, ପ୍ରକାଶପୁର, ରୁଚିଦା, ଚିଚୋଲି, ବଡ଼ଧରା, କଣ୍ଡପଲା, କପାଶିରା, ଅମ୍ବାଭୋନା ଆଦି ଗ୍ରାମରେ ପୋଲିସ ଫ୍ଲାଗମାର୍ଚ୍ଚ କରିଥିଲା। ଏହା ସହିତ ଅଞ୍ଚଳବାସୀଙ୍କୁ ବିନା ପ୍ରରୋଚନା ଏବଂ ବିନା ପ୍ରଲୋଭନରେ ମତଦାନ କରିବାକୁ ପୋଲିସ କର୍ମଚାରୀମାନେ ସଚେତନ କରାଇଥିଲେ।

## ଜିଲାପାଳଙ୍କ ବିଭିନ୍ନ ସ୍କୁଲର ବୁଥ ପରିଦର୍ଶନ

ଘଣ୍ଟାପଡ଼ା,୨୧।୩(ପ୍ରଭାତ କୁମାର ସାହୁ)



ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବୌଦ୍ଧ ଜିଲାପାଳ ଜେ.ସୋନାଲ କଣ୍ଟାମାଳ ବ୍ଲକର ଉମା ବିଦ୍ୟାଳୟ, ସାନକଲରାକୋଠା, ଗୋଛାଗୋରା, ଫଟାମୁଣ୍ଡା ଆଦି ଅନେକ ବିଦ୍ୟାଳୟରେ ଥିବା ବୁଥ କେନ୍ଦ୍ରଗୁଡ଼ିକ ବୁଲି ସେଠାରେ ସମସ୍ତ ସୁବିଧା ଉପଲବ୍ଧ ଅଛି କି ନାହିଁ ତାର ସ୍ଥିତି ନିରୀକ୍ଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟର ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ବୁଥ କେନ୍ଦ୍ର ପରିଦର୍ଶନରେ ଜିଲାପାଳଙ୍କ ସମେତ କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜୟ ମହନ୍ତ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇଂ ଅଜିତ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ଇଂ ବୈକୁଣ୍ଠନାଥ ମାଝୀ, ଇଂ ଲଳିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣା, ବାଇକ୍ ଆରୋହୀ ମୃତ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ବାଲିଜୁରୀ ରାସ୍ତାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ, ଅତାବିରା ଥାନା ସିଂହପାଲି ଗ୍ରାମର ନିଳମଣି ମେହେର(୨୬)। ପୋଲିସ ଶବକୁ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ମୃତକ ଜଣକ ଏକ ବାଇକ୍ ନଂ. ଓଡ଼ି୧୭ୱାଇ ୦୫୭୮ ଯୋଗେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ରାସ୍ତା ନିର୍ମାଣ ପାଇଁ ରାସ୍ତା ଉପରେ ଅବ୍ୟବସ୍ଥିତଭାବେ ପଡ଼ି ରହିଥିବା ମେଟାଲ୍ ଯୋଗୁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଅଧିକ ତଦନ୍ତ କରୁଛି।

## ଲୋକମହୋତ୍ସବରେ ଦୁଲକିଲା ମହିମା ମଣ୍ଡପ



ଲୋକମହୋତ୍ସବରେ ଉପସ୍ଥିତ ଅତିଥି।

ପଦ୍ମପୁର,୨୧।୩ (ପ୍ରଦୀପ୍ତ ଦାଶ)

**ବିଧାୟିକାଙ୍କ ସମ୍ବଲପୁରୀ ଗୀତରେ ଝୁମିଲେ ଦର୍ଶକ**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଚର୍ଦାପାଲି ମହିମା ମଣ୍ଡପରେ ପ୍ରଥମ ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରେଇପାଲି ବିଧାୟିକା ଚାତୁରୀ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ବରଗଡ ଜିଲା କଂଗ୍ରେସ ଉପସଭାପତି ଟଙ୍କଧର ସାହୁ, କଂଗ୍ରେସ ନେତା ବିଜୟାନନ୍ଦ ପଟ୍ଟନାୟକ, ଦିଲ୍ଲୀପ ଦାନୀ, ମୁଜାଫର ହୁସେନ, ବିକାଶ ବହିଦାର, ସରପଞ୍ଚ ଉପାସୀ ନାଏକ, ସମିତି ସଭ୍ୟ ଅଶୋକ ପ୍ରଧାନ ଯୋଗଦାନ କରି ଲୋକମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାକୁ ଆସି ସେ ସମ୍ବଲପୁରୀ ଗୀତ ହାଏ କୃଷ୍ଣ ହାଏକୃଷ୍ଣ ବୋଲି ଯାଉ ଜୀବନ ଗୀତ ଗାଇ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ମହୋତ୍ସବକୁ ଅରକ୍ଷିତ ପ୍ରଧାନ ଓ ରମେଶ ବାରିକ ସଂଯୋଜନା କରିଥିଲେ।

## ଅବଧି ସରିଲା, ପୋଲ ନିର୍ମାଣ ସରିଲାନି



ଗୋଲାଗାଡ ନଦୀରେ ଫାଇବର୍ ଭାସମାନ ଡଙ୍ଗା।



ଗୋଲାଗାଡ଼ ନଦୀରେ ନିର୍ମାଣାଧୀନ ପୋଲ।

ଥୁଆମୂଳ ରାମପୁର,୨୧।୩(ଦୁର୍ଗା କୀର୍ତ୍ତି)

**ଗୋଲାଗାଡ଼ ନଦୀରେ ନିର୍ମାଣାଧୀନ ପୋଲ ଅଧାପନ୍ତରିଆ**

**■ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳବାସୀଙ୍କ ଦୁଃଖ ସରୁନି**

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଜଳବନ୍ଦୀ ଭାବେ ବାସ କରୁଥିବା ପୋଡାପଦର ଗ୍ରାମପଞ୍ଚାୟତର ୧୬ ଏବଂ ମାଳିଗାଁ ପଞ୍ଚାୟତର ଗୋଟିଏ ଏଭଳି ୧୭ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଏବେ ଅଭିଶପ୍ତ ପାଲଟିଛି। ପୋଡାପଦର ପଞ୍ଚାୟତ ଅଧୀନ ଲିଟିମସ୍କା, ଭୁରଭୁରି ଟେମରା, ଘୁଟୁଖାଲ, ସରାପାସ, ତେନ୍ତୁଳିପଦର, କାରୁବାଡି, ତଳପୁଙ୍ଗା, କଲାଟି, ଉପରପୁଙ୍ଗା, ତଳଝିରି, ଉପରଝିରି, କୁଟୃପାଟ, ଗୁଞ୍ଜମାଳି, ଉପର ଗୁଞ୍ଜମାଳି, ଡେପଟେମରା ଏବଂ ମାଳିଗାଁ ପଞ୍ଚାୟତର କେ.ଚେପଟାଘାଟ ଏସବୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ରହିଆସିଛି। ସରକାର ଏହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟଜଳ ପାଇଁ କୋଟି କୋଟି ଟଙ୍କା ଦେଇଛନ୍ତି। କିନ୍ତୁ ସମସ୍ତ ଯୋଜନାକୁ ପ୍ରତିଘାତ କରିଛି ଗୋଲାଗାଡ ନଦୀ ଉପରେ ନିର୍ମାଣ ହେଉଥିବା ପୋଲ। ମାଳିଗାଁ ପଞ୍ଚାୟତ ଡି.ଚେପଟାଘାଟଠାରୁ ପୋଡାପଦର ପଞ୍ଚାୟତକୁ ସଂଯୋଗ ପାଇଁ ଗୋଲାଗାଡ ନଦୀ ଉପରେ ନିର୍ମାଣାଧୀନ ପୋଲ ଅବଧି ଶେଷ ହୋଇସାରିଛି। ୬ କୋଟି ୬୪ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ପୋଲ ୨୧।୦୮।୨୦୨୦ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ୨୦ ଫେବୃଆରୀ ୨୦୨୨ରେ ସମ୍ପୂର୍ଣ୍ଣ ହେବାକୁ ଚୁକ୍ତି ହୋଇଥିଲା। କିନ୍ତୁ ପ୍ରାୟ ୩୦ ପ୍ରତିଶତ କାମ ହୋଇଥିବା ବେଳେ ଠିକାଦାର, ବିଭାଗୀୟ ଯନ୍ତ୍ରୀ ଅବା ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ଅଟକିଛି। କେବେ ଏହି ପୋଲ ନିର୍ମାଣ ହେବ ଏବଂ ଏହି ଜଳବନ୍ଦୀ ଅଞ୍ଚଳକୁ ଗମନାଗମନର ପଥ ଉନ୍ମୁକ୍ତ ହେବ ଏହାର ଉତ୍ତର ନା ପ୍ରଶାସନ ନା ଜନପ୍ରତିନିଧି କାହା ପାଖରେ ମଧ୍ୟ ନାହିଁ। ଗୋଲାଗାଡ ନଦୀରେ ଏକ ଫାଇବର୍ ଭାସମାନ ଡଙ୍ଗାର ଅସ୍ଥାୟୀ ବ୍ୟବସ୍ଥା ହୋଇଛି। ଯାହା ପାରିହୋଇ ଯିବାକୁ ଏକ ଦଉଡିର ସାହାଯ୍ୟ ନେବାକୁ ପଡିଥାଏ। ଗୋଲାଗାଡ ନଦୀକୁ ପାରି ହୋଇ ବିକାଶ ପହଞ୍ଚିବା କଷ୍ଟ ହୋଇଥିଲେ ମଧ୍ୟ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଉଚିତ ତଦାରଖର ଅବହେଳା ଯୋଗୁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକରେ ବ୍ୟାପକ ଅନିୟମିତତା ଆଶଙ୍କା ରହିଛି। ଏଥିସହିତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ମଧ୍ୟ ନଜରକୁ ଆସୁଛି। ଅନ୍ୟପକ୍ଷରେ ୨୦୧୭-୧୮ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର ଅନୁଦାନରେ କେ.ଚେପଟାଘାଟ ଏବଂ ତେନ୍ତୁଳିପଦର ରାସ୍ତା ମଧ୍ୟରେ ଥିବା ସାନ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ବର୍ତ୍ତମାନ ତାହା ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ। ପୋଲ ଅବସ୍ଥା ଠିକ ରହିଥିବା ବେଳେ ଏହାର ସୁରକ୍ଷା ବାଡ ଭୁଷୁଡି ଯାଇଥିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୋଟ ଉପରେ କହିବାକୁ ଗଲେ ଅଞ୍ଚଳ ପାଇଁ ଆଉ ଏକ ସ୍ୱାଧୀନତାର ଅପେକ୍ଷା କରିବାକୁ ପଡିବ କି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶ୍ନ ଉଠୁଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିଶଙ୍କରା,୨୧।୩(ହୃଦାନନ୍ଦ ବାରିକ):** ତଳସରା ଥାନା ରାମପୁର ପଞ୍ଚାୟତ ଖମପୁର ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଜବତ ହୋଇଛି। ଖବର ଲେଖାହେବା ସୁଦ୍ଧା ସନ୍ଧ୍ୟା ୬ଟାରେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ତଳସରା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବଡ଼ଗାଁ ଅଞ୍ଚଳରେ ବଢ଼ୁଛି ଚୋରି

**ବଡ଼ଗାଁ,୨୧।୩(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ନୂଆରମାଲ ଗ୍ରାମରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିବା ବେଳେ ଗୁରୁବାର ଏହି ଗ୍ରାମର ବୈଶାଖୁ ଟପ୍ପୋଙ୍କୁ ଖୁରୁରା ଦେବାକୁ କହି ୨ ଯୁବକ ଟଙ୍କା ନେଇ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ବଡ଼ଗାଁ ଅଞ୍ଚଳରେ ବାହାର ରାଜ୍ୟର ଲୋକେ କାମ କରିବାକୁ ଆସିବା ପରେ ବାଇକ୍, ପାଣି ପମ୍ପ, ଲୁହା ଉପକରଣ ଚୋରି ହେଉଥିବା ଓ ସରଳ ଅଧିବାସୀଙ୍କୁ ଠକେଇ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ, କିଛି ମାସ ପୂର୍ବେ ପଶ୍ଚିମବଙ୍ଗରୁ ଆସି ଏଠାରେ ଠିକା କାମ କରୁଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକେଇ କରି ନେଇଯାଇଥିଲେ।

### ବାଇକ୍ ଡିକିରୁ ଟଙ୍କା ଲୁଟ୍

**ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ କୋର୍ଟ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ଥିବା ଜଣେ ଶିକ୍ଷକଙ୍କ ବାଇକ୍ ଡିକିରୁ ଗୁରୁବାର ୧୪ହଜାର ଟଙ୍କା ଲୁଟ ହୋଇଛି। କିଞ୍ଜିରକେଲା ଥାନା ଅନ୍ତର୍ଗତ ଦେଓଭୁବନପୁର ଗ୍ରାମର ଶିକ୍ଷକ ନଳ ମାଝି ବିଦ୍ୟୁତ୍ ବିଲ ଦେବାକୁ ସୁନ୍ଦରଗଡ ଆସିଥିଲେ। ବିଦ୍ୟୁତ୍ ଦେୟ ଚେକରେ ନେବାକୁ ବିଦ୍ୟୁତ୍ ବିଭାଗ ଅଫିସ୍ ମନା କରିବାରୁ ସେ ଏଟିଏମରୁ ୧୪ ହଜାର ଟଙ୍କା ଉଠାଇ ଗାଡି ଡିକିରେ ରଖି ହୋଟେଲକୁ ଖାଇବାକୁ ଯାଇଥିଲେ। ଏହି ସୁଯୋଗରେ କେହି ଦୁର୍ବୃର୍ତ୍ତ ବାଇକ ଡିକି ଖୋଲି ୧୪ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ମାଝି ହୋଟେଲରୁ ଖାଇସାରି ଆସି ଦେଖିଲା ବେଳକୁ ଡିକି ଖୋଲାଥିବା ଏବଂ ଟଙ୍କା ନ ଥିବା ଦେଖି ଟାଉନ ଥାନାରେ ରିପୋର୍ଟ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗଞ୍ଜେଇ ଜବତ, ୩ ଗିରଫ

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ଗଞ୍ଜେଇ ଚାଲାଣବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଚିରଗୁଡ଼ିମହନ ଗ୍ରାମର ଆଶିଷ ସେଲମା, ବିକାପଦର ଗ୍ରାମର ଅଶାନ୍ତ ଗୁରୁ ଏବଂ ଭଦ୍ରକ ଜିଲା ଚାନ୍ଦବାଲିର ବିଜୟ ଦାସ। ସେମାନଙ୍କ ପାଖରୁ ୧୫କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ବରଗଡ଼ ରେଳ ଷ୍ଟେଶନ ରାସ୍ତାରେ ଯାଉଥିବା ସମୟରେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା। ସଡ଼କପଥରେ ପୋଲିସ ବ୍ୟାପକ ତନାଘନା ଚଳାଇଥିବାବେଳେ ଅଭିଯୁକ୍ତମାନେ ଟ୍ରେନରେ ଏହା ଚାଲାଣ କରିବାକୁ ଏବେ ଅଭିନବ ପନ୍ଥା ଆଦରି ନେଇଥିବା ଚର୍ଚ୍ଚା ଚାଲିଛି ।



ସୁନ୍ଦରଗଡ଼ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ବନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ଜଙ୍ଗଲ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

**ଜିଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳିତ**

ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବନ ବିଭାଗ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ସଭାପତିତ୍ୱ କରିଥିଲେ। ବନଖଣ୍ଡ ଅଧିନରେ ବନ ସୁରକ୍ଷା ସମିତି ସ୍ତରରେ ଗ୍ରାମାଞ୍ଚଳରେ ଶୁଖିଲା ପତ୍ର, ନଡା, ଗୋବର ଏବଂ ପେଜକୁ ବ୍ୟବହାର କରି ପରିବେଶ ଉପଯୋଗୀ ଜାଳେଣୀ ଇଟା ପ୍ରସ୍ତୁତ କରି ବ୍ୟବହାର କରାଯାଉଛି। ଯାହାଦ୍ୱାରା ବନାଗ୍ନି ନିୟନ୍ତ୍ରଣ ସହିତ ଜଙ୍ଗଲ କ୍ଷୟରେ ରୋକ ଲାଗୁଛି ବୋଲି ବନଖଣ୍ଡ ଅଧିକାରୀ ମିରାସେ କହିଛନ୍ତି। ଏହାବ୍ୟତୀତ ବନବିଭାଗ ଅଧିନରେ ବନ ସୁରକ୍ଷା ସମିତ ସଦସ୍ୟା ସଦସ୍ୟଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏକାଭିମୁଖୀତା କାର୍ଯ୍ୟକ୍ରମ ମାଧ୍ୟମରେ ଛତୁଚାଷ,ଜିଆଖତ ଉତ୍ପାଦନ, ପନିପରିବା ଚାଷ, କୁକୁଡ଼ା ପାଳନ, ଗୋପାଳନ ଏବଂ ବନଜାତ ସାମଗ୍ରୀର ବଜାରୀକରଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଏବଂ ଏହାର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଜିଲା କୃଷି ଅଧିକାରୀ ହରୀହର ନାୟକ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ,ଜିଲା ଅଗ୍ନିଶମ ଅଧିକାର ଅଜୟ କୁମାର ବରାଡ,ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିନିଧି ସୋମନିଥ ଜେନା,ଆଇଟିଡିଏର ପ୍ରତିନିଧି ଦମୟନ୍ତୀ ନାଏକ, ଜଳବିଭାଜିକା, ଜିଲା ସ୍ୱାସ୍ଥ୍ୟସେବା ବିଭାଗର ପ୍ରତିନିଧି,ବନାଞ୍ଚଳ ଆଧିକାରୀ, ବନପାଳ ଏବଂ ବନରକ୍ଷୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗର ସମନ୍ୱୟରେ ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା,ବନାଗ୍ନି ନିୟନ୍ତ୍ରଣ ଏବଂ ବୃକ୍ଷରୋପଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସହକାରୀ ବନ ସଂରକ୍ଷକ ମାନସିକ ମୁର୍ମୁ,ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ସସ୍ମିତ ପାଓ୍ୱାର ପଏଣ୍ଟ ଜରିଆରେ ବିଶ୍ୱ ବନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ସୁନ୍ଦରଗଡ ବନଖଣ୍ଡ ତରଫରୁ ସମ୍ପାଦନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିଶେଷରେ ସହକାରୀ ବନ ସରକ୍ଷକ ମାନସ ମୁର୍ମୁ ଧନ୍ୟବାଦ ଦେଇଥିଲେ।

# ଟ୍ରେଲର ପଛକୁ ଧକ୍କା ଦେଲା ବାଇକ୍ :୨ ମୃତ

ସୁନ୍ଦରଗଡ଼,୨୧।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଏମସିଏଲ ରାସ୍ତାର ସୁରୁଗୁଡା ନିକଟରେ ଗୁରୁବାର ସନ୍ଧ୍ୟାରେ ବ୍ରେକ୍ ଡ୍ରାଉନ ହୋଇ ଛିଡା ହୋଇଥିବା ଏକ ଟ୍ରେଲର ପଛକୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋକଡେଗାର କାର୍ତ୍ତିକ କମାର(୫୦),ସୁଖମତୀ ଖାଡି(୭୦)। ଏଥିସହ ଅନ୍ୟ ଜଣେ ମହିଳା ଅନାମିକା ଖାଡି(୩୦)ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୩ ଜଣ ବାଇକ୍ ଯୋଗେ କୌଣସି କାମରେ ଦର୍ଲିଢିପାକୁ ଯାଉଥିଲେ। ସୁରୁଗୁଡା ନିକଟରେ ଛିଡା ହୋଇଥିବା ଏକ ଟ୍ରେଲର ପଛରୁ ସେମାନେ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଏବଂ ଲେଫ୍ରିପଡା ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ କାର୍ତ୍ତିକ ଏବଂ ସୁଖମତୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

# ବନାଗ୍ନି ରୋକିବାକୁ ସଚେତନତା ବାର୍ତ୍ତା



**୩୧ ବନ ସୁରକ୍ଷା ସମିତିରେ ସଚେତନତା କାର୍ଯ୍ୟକ୍ରମ**

ସୁନ୍ଦରଗଡ଼,୨୧।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ୩୧ଟି ବନ ସୁରକ୍ଷା ସମିତିରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନୂଆଁ ଉଜ୍ଜଳପୁର, ସାନପତ୍ରାପାଲି ଓ କିଞ୍ଜିରକେଲା ସେକ୍ସନର ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ସଚେତନତା ବୈଠକ, ପଦଯାତ୍ରା, ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରଦର୍ଶନ, ସାମୂହିକ ଶପଥ ପାଠ, ଜଙ୍ଗଲଜାତ ଦ୍ରବ୍ୟର ପ୍ରାଥମିକ ସଂଗ୍ରହକାରୀଙ୍କୁ ନିୟନ୍ତ୍ରଣମୂଳକ ବନାଗ୍ନି ଉପରେ ପରାମର୍ଶ ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଜନ ଜାଗରଣ ତଥା ସଚେତନତା ସୃଷ୍ଟି କରିବା ନିମନ୍ତେ ନିରନ୍ତର ପ୍ରୟାସ କରାଯାଉଛି । ମହୁଲ ଋତୁ ଆରମ୍ଭ ବେଳକୁ ଏହି ବନାଗ୍ନିର ମାତ୍ରା ଅତ୍ୟଧିକ ଥିବା ବେଳେ ଏହାକୁ ପ୍ରତିହତ କରିବା ନିମନ୍ତେ ଅଣ୍ଟା ଭିଡିଛି ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳ। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ନିର୍ଦ୍ଦେଶକ୍ରମେ ଗାଁ ଗାଁ ରେ ପ୍ରାଥମିକ ସଂଗ୍ରହକାରୀ, ଯୁବଗୋଷ୍ଠୀ, ମହିଳା ଗୋଷ୍ଠୀ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କୁ ସଚେତନ କରିବା ନିମନ୍ତେ ଗୋଟିଏ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନେତୃତ୍ୱରେ ବନପାଳ ବିନୋଦ ପଟ୍ଟନାୟକ, ହେମବତୀ ସିଂ, କୁନ୍ଦନ ମିଞ୍ଜ, ରାଜୀବ ସାହୁ, ସନ୍ତୋଷିନୀ ସାହାଣୀ, ଦୋଳଗୋବିନ୍ଦ ପାଣିଗ୍ରାହୀ, ବନରକ୍ଷୀ ଜୟପ୍ରକାଶ ପ୍ରଧାନ, ରୂପାଲୀ ସେନାପତି, ପିଙ୍ଗଳା ସେଠ, ସନ୍ଧ୍ୟାରାଣୀ ରାଉଡିଆ, ସୀତା ମହାନନ୍ଦିଆ, ଶୁଭେନ୍ଦୁ ସିଂ, ଚାନ୍ଦନୀ ଦେହୁରିଆ, ବିଶାଖା ପ୍ରଧାନ, ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ହରିପ୍ରିୟା ନାଏକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ଶତାଧିକ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ଦିଆମୁଣ୍ଡାର ଗୌରାଙ୍ଗ ସକୀର୍ତ୍ତନ ମଣ୍ଡଳୀର ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅତ୍ୟନ୍ତ ମନଛୁଆଁ ହୋଇଥିଲା।

# ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳିତ


କଣ୍ଢେଇ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

ଲହୁଣୀପଡା,୨୧।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗର ଗୁରୁବାର କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅନୀଲ କୁମାର ମାହାନ୍ତ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ଆଚାର୍ଯ୍ୟା ଯମୁନା ମାହାନ୍ତ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିବା ସହିତ କଣ୍ଢେଇ ଦିବସ ପାଳନ କରିବା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକତାର ଦ୍ୱାହି ଦେଇ ଅନେକ ମାତାପିତାମାନେ ଏବେ ନିଜର ପିଲାଙ୍କୁ କଣ୍ଢେଇ ଖେଳ ଠାରୁ ଦୂରେଇ ରଖୁଥିଲେ ମଧ୍ୟ ପିଲାଙ୍କ କଣ୍ଢେଇ ପ୍ରତି ଅହେତୁକ ଆଗ୍ରହ ରହିଛି। ଅନ୍ୟ ବିକଳ୍ପ ବ୍ୟବସ୍ଥାକୁ ଅନେକ ଅଭିଭାବକ ଆପଣାଉ ଥିଲେ ମଧ୍ୟ କଣ୍ଢେଇର ଆକର୍ଷିତ ମୋହ ପିଲାଙ୍କ ମଧ୍ୟରେ ରହିଛି। ତେଣୁ ଅଭିଭାବକମାନେ ପିଲାଙ୍କୁ କଣ୍ଢେଇ ଠାରୁ ଦୂରେଇ ରଖିବା ଉଚିତ ନୁହେଁ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ହେମନ୍ତ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁନିତା ମାହାନ୍ତ, ମଞ୍ଜୁବାଳା ମାହାନ୍ତ, ସସ୍ମିତା ମାହାନ୍ତ, ପଲ୍ଲବୀ ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ଅଭିଭାବକମାନେ ଯୋଗ ଦେଇଥିବା ବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶ୍ୟାମବାବାଙ୍କ ଫଗୁଣ ମେଳା ଉଦ୍‌ଯାପିତ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୁଶନପୁରୀସ୍ଥିତ ଶ୍ରୀ ଶ୍ୟାମ ବିହାରୀଙ୍କ ଫଗୁଣ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ବରଗଡ଼ରୁ ଭଟଲି ଅଭିମୁଖେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ନେଇ ଏକ ବିଶାଳ ପଦଯାତ୍ରା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୂର ଦୂରାନ୍ତରରୁ ଶ୍ୟାମବାବାଙ୍କ ଝଣ୍ଡା ଧରି ଶ୍ୟାମଭକ୍ତମାନେ ଚାଲିଚାଲି ଆସି ପ୍ରଭୁଙ୍କ ସାନିଧ୍ୟ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ୨ଟି ଭିନ୍ନରଥ ଟଣା ଯାଇଥିଲା। ଗୋଟିଏ ରଥରେ ବାବାଙ୍କ ଚଳନ୍ତି ପ୍ରତିମା ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ପୂଜା ପାଉଥିବାବେଳେ ଅନ୍ୟରଥରେ ୭ଜଣ ବ୍ରାହ୍ମଣ ଶିଶୁଙ୍କୁ ପଞ୍ଚୁ ପାଣ୍ଡବଭାବେ ବିରାଜମାନ କରାଯାଇଥିଲା। ସମସ୍ତ ଶ୍ରଦ୍ଧାଳୁ ଫଗୁ ଖେଳରେ ମସଗୁଲ ହୋଇ ପଡ଼ିଥିଲେ। ସେହିପରି ଶ୍ରୀ ଶ୍ୟାମବାବାଙ୍କ ଫଗୁଣ ମେଳାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଶ୍ରୀ ଶ୍ୟାମବାବାଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରି ସେ ଆଶିର୍ବାଦ କାମନା କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ କୋର୍ଟ ଚାଲାଣ

ଲହୁଣୀପଡା,୨୧।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମିଥ୍ୟା ପରିଚୟ ଦେଇ ଚାକିରୀର ପ୍ରଲୋଭନ ଦେଖାଇଲେ। ପରେ ତାଙ୍କୁ ଅପହରଣ କରିନେଇ ଏକ ଜାଗାରେ ଲୁଚାଇ ରଖି ବଳାତ୍କାର କରିଥିଲେ। ଏନେଇ ଲହୁଣୀପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର ପୋକ୍ସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତରକେରା ଗ୍ରାମର ପ୍ରଶାନ୍ତ କୁମାର ଲାକ୍ରା(୩୫)। ପୋଲିସ ସୂଚନାରୁ ପ୍ରକାଶ, ଲହୁଣୀପଡା ଥାନା ଅଞ୍ଚଳର ଜଣେ ନାବାଳିକା ଗତମାସ ୨୩ରେ ନିଜ ମାମୁଁ ଘର ଝାଡ଼ଖଣ୍ଡ ଅଞ୍ଚଳକୁ ଯିବାପାଇଁ ରାଉରକେଲା ଯାଇ ଗାଡି ଅପେକ୍ଷା କରିଥିଲେ। ସେହି ସମୟରେ ପ୍ରଶାନ୍ତ ସେଠାରେ ପହଞ୍ଚି କୁଆଡେ ଯିବ ବୋଲି ନାବାଳିକାଙ୍କୁ ପଚାରିଥିଲେ। ନାବାଳିକାଙ୍କ ସରଳତାର ସୁଯୋଗ ନେଇ ବାପ ମା'ଙ୍କ ସମ୍ପର୍କୀୟ କହି ଚାକିରୀର ପ୍ରଲୋଭନ ଦେଖାଇ ସାଙ୍ଗରେ ନେଇ ଯାଇଥିଲେ। ବିରମିତ୍ରପୁର ଅଞ୍ଚଳର ଲାସେ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ରଖି ତାଙ୍କୁ ଜୋରଜବରଦସ୍ତି ବଳାତ୍କାର କରିଥିଲେ। ନାବାଳିକା ମାମୁଁ ଘରେ ପହଞ୍ଚିଲା କି ନାହିଁ ପରିବାର ଲୋକେ ଯୋଗାଯୋଗ କରିଥିଲେ। ହେଲେ ସେ ପହଞ୍ଚି ନ ଥିବା ମାମୁଁ ଘର ଲୋକେ କହିଥିଲେ। ନାବାଳିକାଙ୍କ ପରିବାର ବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଚଳିତମାସ ୫ରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଲାସେ ଗ୍ରାମରେ ଚଢ଼ାଉ କରି ବୁଧବାର ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପ୍ରଶାନ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ପୋଲିସ ଆଗରେ ସେ ସମସ୍ତ କଥା ସ୍ୱୀକାର କରିଥିଲେ। ପୋଲିସ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇ ପରିବାର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ବିଭିନ୍ନ ଦଫାରେ ଥାନାରେ ମାମଲା ରୁଜୁ କରିଛି।

# ମାର୍ଚ୍ଚ ୩୦ରେ ଓକିଲସଂଘ ନିର୍ବାଚନ

**ସଭାପତି ପାଇଁ ୨ ପ୍ରତିଦ୍ୱନ୍ଦୀ**

ରାଜଗାଙ୍ଗପୁର,୨୧।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ରେ ଅନୁଷ୍ଠିତ ହେବ। ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ପରେ ସଭାପତି ପଦରେ ଅଶୋକ କୁମାର ପାଣି ଓ ରାଜିବ ହାଲଦାର ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିପରି ଉପସଭାପତି ପଦ ପାଇଁ ଅର୍ଚ୍ଚନା ମୁଦୁଲି ଓ ରଞ୍ଜିତା ଦଣ୍ଡସେନା ପ୍ରତିଦ୍ୱନ୍ଦିତା କରୁଛନ୍ତି। ସାଧାରଣ ସମ୍ପାଦକ ପଦବୀରେ ନିର୍ଦ୍ୱନ୍ଦ ଭାବେ ବିକାଶ ସରପଟିଆ ଜୟଯୁକ୍ତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ମାଝି, ଲାଇବ୍ରେରୀ ସଂପାଦକ ଦିଲ୍ଲୀପ ସିଂ, ସହ ଲାଇବ୍ରେରୀ ସଂପାଦକ ଗିୟାସୁଦ୍ଦିନ ମହମ୍ମଦ ନିର୍ଦ୍ୱନ୍ଦରେ ବିଜୟ ହୋଇଛନ୍ତି। ସହ ସଂପାଦକ ପଦବୀ ପାଇଁ ଜିତେନ୍ଦ୍ର ନାରାୟଣ ଦାସ ଓ ସୁସିଲ ତିର୍କୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ରହିଛି। ସଂଘର ଏକଜିକ୍ୟୁଟିଭ ବୋର୍ଡ ସଦସ୍ୟ ଭାବେ ନିର୍ଦ୍ୱନ୍ଦରେ ଆକଦାଶ ଅଞ୍ଜୁମ ସରସରି, ପ୍ରଦୀପ କେଶରୱାନି,ସନ୍ତୋଷ କୁମାର ସାହୁ, ନରେଶ ଚନ୍ଦ୍ର ଧଳ,ରାଜେନ୍ଦ୍ର କୁମାର ଗିରି ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଆଇନଜୀବୀ ସୁଧାଂଶୁ ନାଏକ ପରିଚାଳନା କରୁଛନ୍ତି।

# ବୀରମିତ୍ରପୁର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ନେଇ ଆଲୋଚନା

କୁଆଁରମୁଣ୍ଡା,୨୧।୩(ମହେନ୍ଦ୍ର କୁମାର ସାହୁ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବର୍ତ୍ତି ବୀରମିତ୍ରପୁର ଥାନା ଅଞ୍ଚଳରେ କିଭଳି ଶାନ୍ତିଶୃଙ୍ଖଳା ବଜାୟ ରହିପାରିବ ସେ ନେଇ ବୁଧବାର ବିଜେଡିର ବରିଷ୍ଠ ନେତା ତଥା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ବୀରମିତ୍ରପୁର ଥାନାରେ ନୂତନଭାବେ ଯୋଗ ଦେଇଥିବା ଥାନାଧିକାରୀ ବନ୍ଦନା ପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ବରିଷ୍ଠ ବିଜେଡି ନେତା କୁଜୁର ଥାନାଧିକାରୀ ପାତ୍ରଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସ୍ୱାଗତ କରିବା ସହ ବୀରମିତ୍ରପୁର ଥାନା ଅଞ୍ଚଳରେ ଥିବା ବିଭିନ୍ନ ଅପରାଧ ପ୍ରବଣ ବୁଥ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ବାଚନ ସମୟରେ କିଭଳି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେନେଇ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଥାନା ଅଞ୍ଚଳରେ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଆଇଆଇସି ପାତ୍ର ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି।



# ମାଲଗୋଦାମ ଅଞ୍ଚଳରେ ବିଜୁଳି ସଂଯୋଗ ପାଇଁ ସ୍ମାରକପତ୍ର

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ୱାର୍ଡ ନମ୍ବର ୯ ଓ ୧୦ ମାଲଗୋଦାମ ଅଞ୍ଚଳରେ ଟିପିଡ଼ବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଜୁଳି ଯୋଗାଣ କାଟ କରାଯାଇଛି। ଅତ୍ୟଧିକ ବିଜୁଳି ବିଲ୍ ଆସୁଥିବା ଯୋଗୁ ଉପଭୋକ୍ତାମାନେ ବିଲ୍ ଜମା କରି ନ ଥିଲେ। ଫଳରେ ଏହି ସେବା କାଟ କରାଯାଇଛି। ପ୍ରାୟ ୧୫ ଦିନରୁ ୧୦/୨୦ ଘରରେ ବିଜୁଳି କାଟ କରାଯାଇଥିବା ଯୋଗୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମ୍ପ୍ରତି ବିଦ୍ୟାଳୟମାନଙ୍କରେ ପରୀକ୍ଷା ଚାଲୁଥିବା ସହ ମୁସଲମାନ୍ ସମ୍ପ୍ରଦାୟଙ୍କ ପବିତ୍ର ରମ୍‌ଜାନ ମାସ ଜାରି ରହିଛି। ଏଥିରେ ବିଜୁଳି ନ ଥିବାରୁ ବ୍ରତୀମାନଙ୍କୁ ସମସ୍ୟା ହେଉଛି। ଆଉ କିଛି ଦିନ ପରେ ଗ୍ରୀଷ୍ମ ମାସ ଆସିବାକୁ ଯାଉଛି। ତେଣୁ ବିଜୁଳି ବିଲ୍ ସମସ୍ୟାକୁ ନେଇ ପ୍ରତିକାର କରିବାକୁ ଦାବି ହୋଇଛି। ଗୁରୁବାର ପୂର୍ବାହ୍ନରେ ରାଉରକେଲା ଜିଲା କଂଗ୍ରେସ ଓ ସ୍ଥାନୀୟ ବାସିନ୍ଦା ଏକ ସ୍ମାରକପତ୍ର ଗୋପବନ୍ଧୁପାଲୀ ଟିପିଡ଼ବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ଜେଇଙ୍କ ଜରିଆରେ ବରିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଉକ୍ତ ବିଜୁଳି ବିଲ୍‌କୁ କିସ୍ତି ଆକାରରେ ଜମା କରିବାକୁ ସ୍ଥାନୀୟ ବସ୍ତିବାସିନ୍ଦା ନିବେଦନ କରିଛନ୍ତି। ଅପରପକ୍ଷରେ, ଏହି ବିଜୁଳି କାଟ ବନ୍ଦ କରାଯାଉ। ନଚେତ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ସ୍ମାରକପତ୍ର ଦେବା ପୂର୍ବରୁ ଉକ୍ତ ବସ୍ତିବାସୀ ଗୋପବନ୍ଧୁପାଲୀ ବିଜୁଳି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଜେଇଙ୍କ ମାର୍ଫତରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ବସ୍ତିବାସୀ ଓ କଂଗ୍ରେସ କର୍ମୀ।

## ସଂକ୍ଷେପରେ

### ଗୁହାଳ ପାଇଁ ମଞ୍ଜୁର ଟଙ୍କା ମିଳୁ ନ ଥିବା ଅଭିଯୋଗ

**ସମ୍ବଲପୁର,୨୧।୩ (ଭବାନୀ ଶଙ୍କର ଭୋଇ):** ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଲାଉମାଲ ଗ୍ରାମର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମିତି (ସାମୁଲ) ସଦସ୍ୟା ଗୁରୁବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ସରକାରଙ୍କ ପକ୍ଷରୁ ଲୋକଷ୍ଟ ଲୋସିଡ଼ ଯୋଜନାରେ ଗୁହାଳ ନିର୍ମାଣ ପାଇଁ ୬୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏ ନେଇ ସେମାନଙ୍କୁ ସାମୁଲ ତରଫରୁ ସୂଚନା ମଧ୍ୟ ଦିଆଯାଇଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସହାୟତା ରାଶି ୧୨ ଜଣ ସଦସ୍ୟାଙ୍କୁ ମିଳିପାରି ନାହିଁ। ପ୍ରଶାସନ ଏ ନେଇ ଆବଶକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଲିଖିତ ଭାବେ ଜଣାଇଛନ୍ତି।

### ରେଙ୍ଗାଲବାହାଲରେ ଅଷ୍ଟପ୍ରହର ନାମଯଜ୍ଞ

**ରିଆମାଳ, ୨୧।୩(ନିରଞ୍ଜନ ବେହେରା):** ଦେବଗଡ ଜିଲା ରିଆମାଳ ବ୍ଲକ ମଳେହିପଡା ପଞ୍ଚାୟତ ରେଙ୍ଗାଲବାହାଲ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବୁଧବାର ନିକଟସ୍ଥ ସଲ୍ଲଘଟିରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନା କରାଯାଇଥିଲା । ଗୁରୁବାର ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ପରେ ମହାବିଷ୍ଣୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । କର୍ତ୍ତାଭାବେ ଶବଣ କୁମାର ପ୍ରଧାନ ସପତ୍ନୀକ କାର୍ଯ୍ୟନିର୍ବାହ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ପ୍ରଭାକର ପ୍ରଧାନ, ପବିତ୍ର ପ୍ରଧାନ, ଧିରେନ୍ଦ୍ର କୁମାର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ବାବୁଲାଲ ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, ବାବୁଲି ପ୍ରଧାନଙ୍କ ସହିତ ରେଙ୍ଗାଲବାହାଲ ଗ୍ରାମବାସୀ ଉକ୍ତ ଯଜ୍ଞକାର୍ଯ୍ୟରେ ସହଯୋଗ କରୁଛନ୍ତି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ବନ ଦିବସ

**ନାକଟିଦେଉଳ, ୨୧।୩(ବୈକୁଣ୍ଠନାଥ ସାହୁ):** ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ଇଂରାଜୀ ଅଧ୍ୟାପକ ପତିତ ମହାନନ୍ଦ ଯୋଗଦେଇ ବନ ସଂରକ୍ଷଣ ଏହାର ଯତ୍ନ ଉପରେ ଆଲୋକପାତ କରିଥିଲେ। ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୁମାଲି ବେହେରା, ବର୍ଷା ବିଶାଳ, ପିପିଲିକା ବିଶାଳ, ବାସନ୍ତୀ ସାହୁ, ସୁମନ ସାହୁ, ଆନନ୍ଦ କିଷାନ ପ୍ରମୁଖ ବକ୍ତବ୍ୟ ରଖି ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ପ୍ରାୟ ୧୦୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଇତିହାସ ଅଧ୍ୟାପକ ଶରତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସଟ୍ଟା ଏଜେଣ୍ଟ ଗିରଫ

**ବେଲପଡା, ୨୧।୩ (ମନୋଜ କୁମାର ମିଶ୍ର):** ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଚାଚେରବେଙ୍ଗ ଗାଁର ସଟ୍ଟା ଏଜେଣ୍ଟ ଅଖଣ୍ଡ ମେହେର(୪୩)ଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଦୀର୍ଘଦିନରୁ ବେଆଇନଭାବେ ଏହି କାରବାର କରୁଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ସଟ୍ଟା ଖେଳୁଥିବା ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୩ହଜାର ଟଙ୍କା, ୨ଟି ଚିଠାଖାତା ଜବତ କରାଯାଇଥିଲା।

# କ୍ଷତିପୂରଣ ଦାବି, ତେଜୁଛି ଚାଷୀ ଆନ୍ଦୋଳନ

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

**ଜିଲାପାଳଙ୍କୁ ଭେଟିଲେ ଚାଷୀ ପ୍ରତିନିଧି**

- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା ଜାରି
- ତହସିଲ ଅଫିସରେ ତାଲା ପକାଇବେ ଚାଷୀ

ବରଗଡ଼ ଜିଲାରେ ରବି ଧାନ ଫସଲ ଅମଳ ଆଉ ପ୍ରାୟ ଏକ ମାସ ପରେ ଆରମ୍ଭ ହୋଇଯିବ। କିନ୍ତୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଗତ ଖରିଫ ଧାନ ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲକ୍ଷତି ବାବଦ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡ଼ି ଚାଷୀଙ୍କୁ ମିଳିନାହିଁ। କ୍ଷୟକ୍ଷତି ଆକଳନରେ ତାହା ସୀମିତ ରହିଥିବାବେଳେ ସେଥିରେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରିଛି । ଏଭଳି ଅଭିଯୋଗ କରି ବୀମା କ୍ଷତିପୂରଣ ଏବଂ ଇନପୁଟ୍ ସହାୟତା ପ୍ରଦାନ ଦାବିରେ ଜିଲାରେ ଆନ୍ଦୋଳନ ଜୋର୍ ଧରି ବସିଛି। ଏହି ଦାବି ନେଇ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ଧାରଣା, ସ୍ମାରକପତ୍ର ପ୍ରଦାନ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ସହିତ ବୀମା କମ୍ପାନୀ, ପ୍ରଶାସନ ଏବଂ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ମଧ୍ୟ ବସିସାରିଛି। ମାତ୍ର କିଛି ସୁଫଳ ମିଳି ପାରି ନଥିବା ଚାଷୀ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି । ଉପରୋକ୍ତ ଦାବି ନେଇ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟରେ ତାଲା ପକାଇ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଧାରଣା ଗୁରୁବାର ନବମ ଦିନରେ ପହଞ୍ଚିଛି। ରାଜ୍ୟ କୃଷକ ସଂଗଠନ, ଅତାବିରା ଗୁରୁବାର ଧାରଣାର ନେତୃତ୍ୱ ନେଇଥିଲା। ସଙ୍ଗଠନର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ। ଜିଲାପାଳଙ୍କ ସହିତ ସେମାନେ ଅଦିନିଆ ବର୍ଷାଜନିତ ଫସଲକ୍ଷତି ବାବଦକୁ ବୀମା କ୍ଷତିପୂରଣ ଏବଂ ଇନପୁଟ୍ ସବସିଡ଼ି ଉପରେ ଆଲୋଚନା କରିଥିଲେ। ଆସନ୍ତା ୩ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ଫସଲବୀମା କ୍ଷତିପୂରଣ ପାଇବେ ବୋଲି ଜିଲାପାଳ କହିଥିଲେ । ତେବେ ବୀମା କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀ ପ୍ରତିନିଧିମାନେ କହିଥିଲେ।

ଅନ୍ୟପଟେ ଭେଡ଼େନ ଶିବ ମନ୍ଦିର ପ୍ରାଙ୍ଗଣରେ ଚାଷୀଙ୍କ ଏକ ବୈଠକ ବସିଥିଲା। ବୈଠକରେ ଉପରୋକ୍ତ ଦାବି ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ବର୍ଷ ହୋଇଥିବାସତ୍ତ୍ୱେ ସରକାରୀ କଳ ଚାଷୀଙ୍କ ଏଭଳି ହକ୍‌କୁ ଅଣଦେଖା କରିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହିକ୍ରମରେ ଶୁକ୍ରବାର ଭେଡ଼େନ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟାଳୟକୁ ଅଚଳ କରିଦେବା ପାଇଁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ରାଜେଶ ପାଢ଼ୀ, ରାଜ ବେହେରା ନନ୍ଦିଘୋଷ ମିଶ୍ର, ଆନନ୍ଦ ସୁନା, ଭରତ ପ୍ରଧାନ, ପ୍ରକାଶ ପ୍ରଧାନ, ନିର୍ମଳ ପ୍ରଧାନ, ବିଶ୍ୱଜିତ ହୋତା, ସୁଶିଲ ଧରୁଆ, ରବି ଦାଶ, ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ମହାପାତ୍ର, ବିରେନ କର, ବୁଦ୍ଧଦେବ ନନ୍ଦ, ଭୁବନ ପ୍ରଧାନ, ଅମୂଲ୍ୟ ସ୍ୱାଇଁ, ଉତ୍ତର ପ୍ରଧାନ, କାଳିଆ ପ୍ରଧାନ, ନାରାୟଣ ସାହୁ, କେଶବ ସାହୁ, କେ. ସଂକୃତି, ସୁରେନ ସ୍ୱାଇଁ, ଭୋଜରାଜ ସାହୁ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ରମଣୀ ହୋତା, ଦଶରଥ ଭୋଇ, ପ୍ରଦୀପ ସାହୁ, ଭରତ ମଲ୍ଲିକ, ଦେବେନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ପକ୍ଷୀ ଶିକାର କରି ଜେଲଗଲେ ଯୁବକ



**ବେଲପଡା,୨୧।୩ (ମନୋଜ କୁମାର ମିଶ୍ର)**

ପକ୍ଷୀ ଶିକାର କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଚାଚେରବେଙ୍ଗ ଗାଁର ପର୍ଶୁରାମ ମାଝି(୨୦)ଙ୍କୁ ଗିରଫ କରିଛି। ଗୁରୁବାର ବେଲପଡା ଥାନା ଏସଆଇ କୁନୁ ସାହୁ ଓ ତାଙ୍କ ଟିମ ପାଟ୍ରୋଲିଂ କରୁଥିବାବେଳେ ପର୍ଶୁରାମ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲରେ ବନ୍ଧୁକରେ ପକ୍ଷୀ ଶିକାର କରୁଥିବା ଖବର ପାଇ ପହଞ୍ଚିଥିଲେ। ପୋଲିସକୁ ଦେଖି ଶିକାର କରିଥିବା ଏକ ପକ୍ଷୀକୁ ପର୍ଶୁରାମ ଫିଙ୍ଗି ଦେଇଥିଲେ। ପୋଲିସ ଉକ୍ତ ମୃତ ପକ୍ଷୀ ଓ ବନ୍ଧୁକକୁ ଜବତ କରିଛି। ଥାନାରେ ଏକ ମାମଲା(୮୧/୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଛାତ୍ରୀଛାତ୍ରଙ୍କ ଦ୍ୱାରା କଣ୍ଢେଇ ପ୍ରଦର୍ଶିତ କରାଯାଉଛି।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ, କଣ୍ଢେଇ ଦିବସ ପାଳିତ

**ପଦ୍ମପୁର, ୨୧।୩ (ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ଚତୁର୍ଥ ପର୍ଯ୍ୟାୟ ଓ କଣ୍ଢେଇ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଶିଶୁ ବାଟିକା ବିଭାଗ ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ମାତାପିତାଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଲିଲି ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସଭାପତି ପୃଥ୍ୱୀରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୮ ଜଣ ନୂତନ ଅଭିଭାବିକା ଅଭିଭାବିକା ଯୋଗଦେଇଥିଲେ। କଣ୍ଢେଇ ଦିବସ ପାଳନ ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ତୂଳା, ମାଟି, କପଡ଼ା ଓ କାଠରେ ତିଆରି କଣ୍ଢେଇ ପ୍ରଦର୍ଶିତ ହୋଇଥିଲା।

## ପିଆର୍‌ସିସି କ୍ରିକେଟ: ବଗାଇଜୁରି ଚାମ୍ପିୟନ

**ପଦ୍ମପୁର, ୨୧।୩(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ କବିବରପୁର ଗ୍ରାମରେ ପିଆରସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆରେ ୧୮ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ବଗାଇଜୁରି ଓ କବିବରପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବଗାଇଜୁରି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବରେ କବିବରପୁର ୯ ଉଇକେଟ ହରାଇ ୫୮ରନ କରି ପରାଜିତ ହୋଇଥିଲା।



ଟ୍ରଫି ସହିତ ଚାମ୍ପିୟନ ଓ ରନର ଅପ ଦଳର ଖେଳାଳିମାନେ।

ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ୭୪ରନ କରିଥିବା ବଗାଇଜୁରୀର ରିତେନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଏବଂ ଚୁଡ଼ାଙ୍କ ମ୍ୟାନ ଅଫ ଦ ସିରିଜ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

### ଗଛ ଲଗାଇ ଯତ୍ନ ନେଇଥିବା ଛାତ୍ରୀଛାତ୍ର ପୁରସ୍କୃତ

**ଜମଲା ଡିଗ୍ରୀ କଲେଜରେ ବିଶ୍ୱ ବନ ଦିବସ ପାଳିତ**

**ପଦ୍ମପୁର, ୨୧।୩(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଅନ୍ତର୍ଗତ ଜମଲା ଡିଗ୍ରୀ କଲେଜରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ପ୍ରକୃତିମିତ୍ର ମୀନକେତନ ସାହୁ ଯୋଗଦେଇ ପରିବେଶର ମହତ୍ତ୍ୱ ଉପରେ ଆଲେକପାତ କରିଥିଲେ। ଅଧ୍ୟାପିକା ସୁରେଖା ଭୁଏ ସ୍ୱାଗତ ଭାଷଣ ଦେଇଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ପୂର୍ବରୁ ପାଳିତ ବନ ମହୋତ୍ସବରେ ଗଛ ଲଗାଇ ଯତ୍ନ ନେଉଛନ୍ତି ସେମାନଙ୍କୁ ପ୍ରମାଣପତ୍ର ସ୍ୱରୂପ ଏକ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଆୟୋଜନରେ ଅଧ୍ୟାପକ ସଦାନନ୍ଦ ସେଠ, ଫରେନ୍ଦ୍ର ସାହୁ, ଝସକେତନ ସାହୁ ସାହାଯ୍ୟ କରିଥିଲେ। ଶେଷରେ ଏନଏସଏସ ପ୍ରେଗାମ ଅଫିସର ଆଶିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବାକୁ ସଚେତନତା

**ଝାରବନ୍ଧ, ୨୧।୩(ଦେବେନ୍ଦ୍ର ସାହୁ)**

ଗ୍ରୀଷ୍ମଋତୁରେ ଜଙ୍ଗଲକୁ ନିଆଁ ଲାଗିବାରୁ ରକ୍ଷା କରିବାକୁ ଗୁରୁବାର ବରଗଡ ଜିଲା ଝାରବନ୍ଧ ବ୍ଲକର ପଲ୍ଲିପାନି, ସୂର୍ଯ୍ୟମଣିପୁର, ନାଲିପାନି, ଦାଓପାଲି, କୁର୍ଲୁପାଲି ଆଦି ଗ୍ରାମରେ ସଚେତନତା ସଭାମାନ ଆୟୋଜିତ ହୋଇଥିଲା। ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ନେଚର୍ ବ୍ଲେସିଂଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ, ବିଶିଷ୍ଟ ପରିବେଶବିତ୍ ଡ଼. ସୁଜିତ କୁମାର ଶତପଥୀ, ନେଚର୍ ବ୍ଲେସିଂ ଟ୍ରଷ୍ଟ କର୍ମକର୍ତ୍ତା କିଶୋର ଯାଦବ, ଅନି ମହାପାତ୍ର, ମମତା ସାହୁ, ଗୋବିନ୍ଦ ବାଗ, ଗଣେଶ ରାମ ଉପସ୍ଥିତ ଥିଲେ। ଜଙ୍ଗଲ ନିଆଁ ରୋକିବା ପ୍ରକୃତିର ସୁରକ୍ଷା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।

## ଗଞ୍ଜେଇ ଜବତ, ୩ ଗିରଫ

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ଗଞ୍ଜେଇ ଚାଲାଣବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଚିରଗୁଡ଼ିମହନ ଗ୍ରାମର ଆଶିଷ ସେଲମା, ବିକାପଦର ଗ୍ରାମର ଅଶାନ୍ତ ଗୁରୁ ଏବଂ ଭଦ୍ରକ ଜିଲା ଚାନ୍ଦବାଲିର ବିଜୟ ଦାସ। ସେମାନଙ୍କ ପାଖରୁ ୧୫କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ବରଗଡ଼ ରେଳ ଷ୍ଟେଶନ ରାସ୍ତାରେ ଯାଉଥିବା ସମୟରେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା। ସଡ଼କପଥରେ ପୋଲିସ ବ୍ୟାପକ ତନାଘନା ଚଲାଇଥିବାବେଳେ ଅଭିଯୁକ୍ତମାନେ ଟ୍ରେନରେ ଏହା ଚାଲାଣ କରିବାକୁ ଏବେ ଅଭିନବ ପନ୍ଥା ଆଦରି ନେଇଥିବା ଚର୍ଚ୍ଚା ଚାଲିଛି ।



୩ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

## ମୋବାଇଲ ଚୋରି ଅଭିଯୋଗ, ଜଣେ ଗିରଫ

**ଦେବଗଡ,୨୧।୩,(ଶଶାଙ୍କ ଶେଖର ଝାଙ୍କର)**

**୨ ବାଇକ୍, ଗୋଟିଏ ଲାପଟପ ଓ ୭ ମୋବାଇଲ ଜବତ**

ମୋବାଇଲ ଚୋରୀ ଘଟଣାରେ ଦେବଗଡ଼ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ମୋହିତ ବେହେରା ଓରଫ ରୋହିତ(୨୧)। ତାଙ୍କ ନିକଟରୁ ପୋଲିସ ୭ଟି ଦାମୀ ସ୍ମାର୍ଟ ଫୋନ, ଗୋଟିଏ ଲାପଟପ୍ ଏବଂ ୨ ଟି ବାଇକ୍ ଜବତ କରିଛି। ଏନେଇ ପୂର୍ବାହ୍ନରେ ଆଦର୍ଶ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ଏସଡିପିଓ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଗତ ୧୬ ତାରିଖ ପୂର୍ବାହ୍ନରେ ଦେବଗଡ ସହର ମଧ୍ୟସ୍ଥଳୀ ପୁରୁଣାପୋଷ୍ଟ ଅଫିସ ଛକ ନିକଟରେ ଥିବା ତୁଷାରକାନ୍ତ ସଂଗ୍ରାମ କେଶରୀ କପରଦାରଙ୍କ ମୋବାଇଲ ଦୋକାନରୁ ଏକ ମୋବାଇଲ ଚୋରି ହୋଇଥିଲା। ଏନେଇ କପରଦାର ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରଜୁ କରି ଦୋକାନ ନିକଟରେ ଲାଗିଥିବା ସିସି ଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଚଳାଇଥିଲା। ଦେବଗଡ ଥାନା ଇନ୍ସପେକ୍ଟର ସରୋଜ ସେଠୀଙ୍କ ତତ୍ତ୍ୱାବଧାନରେ ସବ୍ ଇନ୍ସପେକ୍ଟର ଦିବ୍ୟ ଓରାମ ଏହି ଘଟଣାର ତଦନ୍ତ କରି ଚୋରକୁ ଚିହ୍ନଟ କରିଥିଲେ। ତାଙ୍କୁ ଆଦର୍ଶ ଥାନାରେ ଅଟକ ରଖି ପଚରା ଉଚରା କରିଥିଲେ। ପଚରା ଉଚରା ସମୟରେ ରୋହିତ ମୋବାଇଲ ଫୋନ ଚୋରି କରିଥିବା ଏବଂ ଦେବଗଡ ସମେତ ସୁନ୍ଦରଗଡ, ରାଉରକେଲା ଆଦି ଅଞ୍ଚଳରୁ ନିୟମିତ ଭାବେ ଚୋରୀ କରୁଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଲ୍ଲିକଙ୍କ ସମେତ ତଦନ୍ତକାରୀ ସବ୍ ଇନ୍ସପେକ୍ଟର ଦିବ୍ୟ ଓରାମ ମଧ୍ୟ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ।

## ବିଶ୍ୱ କବିତା ଦିବସ ପାଳିତ

**ଦେବଗଡ,୨୧।୩( ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଟାଉନ କ୍ଲବ ଗୃହରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ତରଫରୁ ବିଶ୍ୱ କବିତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଡ.ଭାରତ ଭୂଷଣ ନନ୍ଦ, ମୁଖ୍ୟ ଅତିଥି ଡ. ବିଜୟ କୁମାର ମହାରଣା, ସମ୍ମାନିତ ଅତିଥି ଉପଦେଷ୍ଟା ନିରଞ୍ଜନ ଦ୍ୱିବେଦୀ, ସଂଯୋଜିକା ସୁମିତ୍ରା ପୁରୋହିତ ମଞ୍ଚାସିନ ଥିଲେ। ଅତିଥି ବୃନ୍ଦ ବିଶ୍ୱ କବିତା ଦିବସର ଆଭିମୁଖ୍ୟକୁ ଆଲୋକପାତ କରିଥିଲେ। ଏଥିସହିତ ସ୍ୱରଚିତ କବିତା ପାଠ କରିଥିଲେ ଡ. ରାମଚନ୍ଦ୍ର ମହାପାତ୍ର, ଫକୀର ମୋହନ ଦେହୁରୀ, ରୁବି ଦାଶ, ଅଶୋକ କୁମାର ମିଶ୍ର, ଜଗମୋହନ ସାହୁ, ଭ୍ରାତୃ କୁମାର ପ୍ରଫୁଲ୍ଲ, ପୁଷ୍ପାଞ୍ଜଳି ଦେବତା, ସୋନାଲିନ ସାହୁ, ମିନାକ୍ଷୀ ମିଶ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ରାମଚନ୍ଦ୍ର ପ୍ରଧାନ, ଭୁପେନ୍ଦ୍ର ବାଗ,ଭ୍ରାତୃ କୁମାର ସୁଧିର, ହିମାଂଶୁ ଶେଖର ବିଶ୍ୱାଳ,ଡ. ସନ୍ତୋଷ କୁମାର ଦେବତା,ମାର୍କଣ୍ଡେଶ୍ୱର ଶତପଥି, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଭୂତି ଗଙ୍ଗଦେବ,ଟିକେଶ୍ୱର ସାହୁ, ସଂପାଦକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ. ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ମାଷ୍ଟର ଟ୍ରେନର ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ତେଜରାମ ସା, ରାଧେଶ୍ୟାମ ବାରିକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରି ମଞ୍ଚାସୀନ ଥିଲେ। ଇକୋ କ୍ଲବର ମାଷ୍ଟର ଟ୍ରେନର ଖମାରୀ ଆନ୍ତର୍ଜାତୀୟ ବନ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଏବଂ ଜୈବ ବିବିଧତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନାୟକ ଏବଂ ଅନ୍ୟ ଶିକ୍ଷକବୃନ୍ଦ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା, ସଂରକ୍ଷଣ ସମ୍ବନ୍ଧୀୟ ତଥ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ଜୀବଜନ୍ତୁ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ତୃପ୍ତିମୟୀ ପ୍ରଧାନ ପ୍ରଥମ, ଅଦ୍ୟାଶା ଭୋଇ ଦ୍ୱିତୀୟ ଏବଂ ରୋଜା ମେହେର ଓ ମାନସୀ ପଟେଲ ଯୁଗ୍ମ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଏବଂ ହୋମି ଭାବା ବିଜ୍ଞାନ କ୍ଲବର ସଦସ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ପଦ୍ମଲୋଚନ ବିଶି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଅନ୍ତର୍ଜାତୀୟ ବନ ଦିବସ ପାଳନ ସଭାରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

## ସଂକ୍ଷେପରେ

### ଆକ୍ରମଣ ମାମଲାର ରାୟ, ଅଭିଯୁକ୍ତଙ୍କୁ ୪ବର୍ଷ ଜେଲ

ଟିଟିଲାଗଡ଼, ୨୧।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ବିଜେପୁର ନିବାସୀ ଫକୀର ଛତ୍ରିଆଙ୍କୁ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସମ୍ପର୍କୀୟ ଭାଇ ସନ୍ତୋଷ ଛତ୍ରିଆଙ୍କୁ ଟିଟିଲାଗଡ଼ ସବଜଜ କୃଷ୍ଣଚନ୍ଦ୍ର ନାୟକ ୪ବର୍ଷ ଜେଲ ଦଣ୍ଡ ଓ ୫ ହଜାର ଟଙ୍କା ଜାରିମାନାଦେଶ କରିଛନ୍ତି। ଜରିମାନା ଅନାଦେୟ ୩ ମାସ ଜେଲ ଦଣ୍ଡ ଆଦେଶ ହୋଇଛି। ଘଟଣା ନେଇ ସରକାରୀ ଅଧିବକ୍ତା ରଘୁମଣି ରଥଙ୍କ ସୂଚନା କ୍ରମେ ଗତ ତା୨୪।୭।୨୧ରିଖରେ ଫକୀର ନିଜ ଚାଷ ଜମିରୁ ଫେରୁଥିବା ବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ଏକ ରଫାରେ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଏନେଇ ଉଭୟ ପକ୍ଷ ତଥା ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଅଭିଯୁକ୍ତ ସନ୍ତୋଷଙ୍କୁ ଆଇପିସି ଧାରା ୩୦୭, ୩୨୩, ୫୦୬ରେ ଦୋଷୀ ସାବ୍ୟସ୍ତ କରିଛନ୍ତି।

### ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖପ୍ରାଖୋଲ, ୨୧।୩(ଅଭୟ ତ୍ରିପାଠୀ)

ତେଲଙ୍ଗାନା ରାଜ୍ୟ ପଇଦାପଲ୍ଲୀରେ ଏକ ଇଟାଭାଟିରେ ଦାଦନ ଶ୍ରମିକଭାବେ କାମ କରୁଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁର ବୈଶାଖୁ ବରିହା (୪୫)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ଏ ନେଇ ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକାମାନଙ୍କଠାରୁ ଖବର ମିଳିଥିବା ମୃତକଙ୍କ ଭାଇ ସୁଶିଲ ବରିହା କହିଛନ୍ତି। ସମ୍ପର୍କୀୟଙ୍କ ସହ ସେ ଦୁଇମାସ ତଳେ ସେ ସେଠାକୁ କାମ କରିବାକୁ ଯାଇଥିଲେ। ମୃତ୍ୟୁ ଖବର ପାଇ ନାନ୍ଦୁପଲାରେ ଥିବା ବୈଶାଖୁଙ୍କ ସ୍ତ୍ରୀ ଓ ଦୁଇପିଲା ନିର୍ବାକ ହୋଇଯାଇଛନ୍ତି। ମୃତଦେହ ଏଠାକୁ ଫେରିଲା ପରେ କିଭଳି ମୃତ୍ୟୁ ଘଟିଲା ଜଣାପଡ଼ିବ ବୋଲି ପରିବାର ଲୋକେ କହିଛନ୍ତି।

### ନୂତନ ଜଙ୍ଗଲ ସୃଷ୍ଟି, ସୁରକ୍ଷାକୁ ଗୁରୁତ୍ୱ

ଖପ୍ରାଖୋଲ, ୨୧।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତରଫରୁ ବିଶ ଜଙ୍ଗଲ ଦିବସ ବନବିଭାଗ ସଭାଗୃହରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନପାଳ ରଞ୍ଜିତ କୁମ୍ଭାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ମୁଖ୍ୟବକ୍ତା ପରିବେଶ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନୀତ ଅତିଥି ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା, ସୁଧାକର ଦାଶ, ଜ୍ୟୋତିରଞ୍ଜନ ପଣ୍ଡା, ଅଶୋକ ବାଗ ଯୋଗଦେଇଥିଲେ। ଅତିଥିମାନେ ଜଙ୍ଗଲର ସଂରକ୍ଷଣ, ସୁରକ୍ଷା ଓ ପୁନଃଜନନ ଉପରେ ଆଲୋଚନା କରିଥିଲେ। ବନ୍ୟପ୍ରାଣୀ ଓ ପ୍ରାକୃତିକ ସମ୍ବଳ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଫକୀର ବିଶାଳ, ବନରକ୍ଷୀ ମଞ୍ଜୁ କୁମ୍ଭାର, ଉମା ଭୋଇ, ପାରା ବନ କର୍ମଚାରୀ ଉପସ୍ଥିତ ଥିଲେ।

### ୨୬ କେଜି ଗଞ୍ଜେଇ ଜବତ, ୩ଗିରଫ

ସର୍ଗିଗୁଡ଼ା, ୨୧।୩(ବୈକୁଣ୍ଠ ନାଗ)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନ ୩ନ ପ୍ଲାଟଫର୍ମରୁ ଆରପିଏଫ ଓ ଅବକାରୀ ବିଭାଗର ମିଳିତ ଚଢାଉରେ ୨୬କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ସେମାନେ ହେଲେ କୁସୁମ ହାଟ ମଧ୍ୟପ୍ରଦେଶର ଉଦୟରାଜ ପଟେଲ, ଛେଦି ମାହୁଲ ଉତ୍ତରପ୍ରଦେଶର ବୀରେନ୍ଦ୍ର କୁମାର କୁସବାହା ଓ କିଦାଇ ନଗର ଉତ୍ତରପ୍ରଦେଶର ଆନନ୍ଦ କୁମାର କୁସବାହା। ଏ ନେଇ ଏକ ମାମଲା(୨୨୮/୨୪) ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢାଉରେ ଆରପିଏଫ ଇନ୍ସପେକ୍ଟର ଧର୍ମେନ୍ଦ୍ର ମିଶ୍ର ଓ ଅବକାରୀ ବିଭାଗ ଏସଆଇ ଆଶିଷ ବେହେରା ସାମିଲ ଥିଲେ।

# କବିତା କରୁଣା, ସମ୍ବେଦନଶୀଳତାର ପ୍ରତିଫଳନ

ବଲାଙ୍ଗୀର, ୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବିଶ୍ୱ କବିତା ଦିବସ ଉପଲକ୍ଷେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସାରସ୍ୱତ ଏବଂ ସାଂସ୍କୃତିକ ଅନୁଷ୍ଠାନ ରଚନା ଏବଂ ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ବହୁଭାଷୀ କବିତା ସମ୍ମେଳନ ଅନୁଷ୍ଠିତ ହୋଇଥିଲା। କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମେଳନର ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ସୁପରିଚିତ କବି ବାସୁଦେବ ସୁନାନୀ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ବକ୍ତବ୍ୟ ରଖିଥିଲେ।

ମୁଖ୍ୟଅତିଥି ସୁନାନୀ ତାଙ୍କ ବକ୍ତବ୍ୟରେ ନିଜ ସାରସ୍ୱତ ଜୀବନର ପ୍ରେରଣା ଏବଂ ସଂଘର୍ଷ ସମ୍ପର୍କରେ କହିଥିଲେ। ନିଜ ପାରିବାରିକ ଜୀବନରେ ବାପାଙ୍କ ଠାରୁ ମହିମା ଭଜନରୁ କବି ଶବ୍ଦ ଶୁଣି ନିଜ ଭିତରେ ତିଆରି ଥିବା ଜିଜ୍ଞାସା ଏବଂ ସ୍କୁଲ ଶିକ୍ଷକଙ୍କ ପ୍ରେରଣାରେ କବିଟିଏ ହେବାର ସାମର୍ଥ୍ୟ ଜୁଟାଇଥିବା କହି ଉଭୟଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ପିଲାଦିନରୁ ଭୋକକୁ ଅତି ପାଖରୁ ଦେଖିବାର ଅନୁଭୂତି କ୍ରମଶଃ କବିତା ଓ ସାରସ୍ୱତ ଶବ୍ଦବିନ୍ୟାସର ରୂପ ନେବା ଭିତରେ କବି, ଲେଖକଟିଏ ହେବାର ଗୌରବ ସମ୍ପର୍କରେ କହିଥିଲେ। ଶବ୍ଦ ସାମର୍ଥ୍ୟ ଓ ଅନୁଭବ ଭିତରେ ମଣିଷ ଭିତରେ ଯେଉଁ କରୁଣା, ସମ୍ବେଦନଶୀଳତା ଏବଂ ପ୍ରତିକ୍ରିୟାଶୀଳତା ପ୍ରକଟିତ ହୁଏ ତାହାହିଁ କବିତାର ପ୍ରତିଫଳନ ବୋଲି କହିଥିଲେ। ବ୍ୟକ୍ତିଟିଏ ପ୍ରତିଷ୍ଠିତ ହେବା ପଛରେ ଲକ୍ଷାଧିକ ଲୋକଙ୍କ ଯେଉଁ ସହଯୋଗ ଓ ସଦିଚ୍ଛା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ସଭାପତୀୟ ଅଭିଭାଷଣରେ କବି ସାହୁ ମଣିଷର ଅନୁଭବ ହିଁ କବିତାର ଭାଷା ବୋଲି କହିଥିଲେ। ରଚନାର ସଭାପତି ସନାତନ ଠାକୁର ବିଶ୍ୱ କବିତା ଦିବସରେ ବହୁଭାଷୀ କବିତା ସମ୍ମେଳନର ପରିକଳ୍ପନା ସମ୍ପର୍କରେ କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ କବି ରତ୍ନମୟ ତ୍ରିପାଠୀ ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ରାଜୀବ ଲୋଚନ ଆଚାର୍ଯ୍ୟ ଏବଂ ସବିତା ମହରାଙ୍କ ସଂଯୋଜନାର ଅନୁଷ୍ଠିତ କବିତା ଆସରରେ କବି ଡା ଜ୍ୟୋତିର୍ମୟୀ ସାହୁ, ଡ ପ୍ରହ୍ଲାଦ ଶତପଥୀ, ଅଶୋକ କୁମାର ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ମୃଗେଶ ପାଣିଗ୍ରାହୀ, ରତ୍ନମୟ ତ୍ରିପାଠୀ, ମନୋରଞ୍ଜନ ଯୋଷୀ, କସ୍ତୁରୀ ରଥ, ସନାତନ ଠାକୁର, ଲୋକେଶ୍ୱର ପାଣ୍ଡେ, ଡ. ପ୍ରେମଚାନ୍ଦ ମହାନ୍ତି, ପୁରୁତମ ଜୁଆଡ଼ି, ଜୟଦେବ କର, ନବକିଶୋର ବେହେରା, ଆନନ୍ଦଚନ୍ଦ୍ର ସାହୁଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକା ଗାୟତ୍ରୀ ସରାଫ, ରଚନା ସଭାପତି ଭାଗିରଥି ମିଶ୍ର, ଲକ୍ଷ୍ମଣ ହୋତା, ରାଜେଶ ଝାଙ୍କର, ଶ୍ୟାମ ଗୁରୁ, ସୁରେନ୍ଦ୍ର ତ୍ରିପାଠୀ, ଅନ୍ୟ ସାରସ୍ୱତ ସାଧକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ବିଶ୍ୱ କବିତା ଦିବସ ଉପଲକ୍ଷେ ବଲାଙ୍ଗୀରରେ ଆୟୋଜିତ ବହୁଭାଷୀ କବିତା ସମ୍ମେଳନରେ ମଞ୍ଚାସୀନ ଅତିଥି।

**ବିଶ୍ୱ କବିତା ଦିବସ ଉପଲକ୍ଷେ ବହୁଭାଷୀ କବିତା ସମ୍ମେଳନ**

# ଆତ୍ମରକ୍ଷା ତାଲିମ ଶିବିର

ମୁରିବାହାଲ, ୨୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଜୁନିୟର କଲେଜ ସଭାଗୃହରେ ଗୁରୁବାର ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୧୪୮ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିର ଆଠଦିନ ଧରି ଚାଲିବ। ଛାତ୍ରୀମାନେ କିପରି ଆତ୍ମ ସୁରକ୍ଷା କରି ପାରିବେ, ନିଜକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ସୁରକ୍ଷିତ ରଖିପାରିବେ ତାହା ସୂଚନା ପ୍ରଦନ କରାଯାଇଥିଲା। କାର୍ଯକ୍ରମ ସଂଯୋଜିକା ଓଡ଼ିଆ ବିଭାଗ ଅଧାପକ ଭବାନୀ ପୋଡ଼ଙ୍କର ସଂଯୋଜନାରେ ମାଷ୍ଟରଟେନର ଗୌରୀ ରାଉତ, ଡାକପ୍ରିୟା ନାଗ, ତାଲିମ ପ୍ରଦାନ କରିବେ। ଅଧାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

# ମାଷ୍ଟର୍ସ କ୍ରୀଡାବିତ୍ ସନ୍ତୋଷ ସମ୍ବର୍ଦ୍ଧିତ

ଲୋଇସିଂହା, ୨୧।୩(ସୁଶାନ୍ତ ବାରିକ)

ଅନ୍ତର୍ଜାତୀୟ ମାଷ୍ଟର୍ସ କ୍ରୀଡାବିତ୍ ତଥା ଇଣ୍ଡିଆ ବୁକ ଅଫ ରେକର୍ଡ ବିଜେତା ସନ୍ତୋଷ କୁମାର ପଧାନଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ। ପଧାନ ଗତ ତୃତୀୟ ଖେଲୋ ଇଣ୍ଡିଆ ଜାତୀୟ ମାଷ୍ଟର୍ସ ଗେମ ଦିଲ୍ଲୀଠାରେ ଆୟୋଜିତ ହେଉଥିବା ପ୍ରତିଯୋଗୀତାରେ ରାଜ୍ୟ ପାଇଁ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ପୂର୍ବରୁ ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ମାଷ୍ଟର୍ସ ଆଥଲେଟ ଏବଂ ମାଷ୍ଟର୍ସ ଗେମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ସହ ଆନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ ଏବଂ ଗେମ ପ୍ରତିଯୋଗୀତାରେ ଏ ପର୍ଯ୍ୟନ୍ତ ସିଙ୍ଗାପୁର, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ, ଭୁଟାନ, ବଙ୍ଗଳାଦେଶ ଇତ୍ୟାଦି ଦେଶରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଆଗକୁ ବିଶ୍ୱ ମାଷ୍ଟର୍ସ ଆଥେଲେଟ ସ୍ୱିଡେନ ଏବଂ ତାଇପେ ପ୍ରତିଯୋଗୀତାରେ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଆଗାମୀ ବିଶ୍ୱ ଆଥେଲେଟିକ ପ୍ରତିଯୋଗିତା ଏବଂ ବିଶ୍ୱ ମାଷ୍ଟର୍ସ ଗେମ ପ୍ରତିଯୋଗିତା ପାଇଁ ବିଧାୟକଙ୍କଠାରୁ ଆଶୀର୍ବାଦ ଏବଂ ସହଯୋଗର କାମନା କରିଛନ୍ତି ସନ୍ତୋଷ।


କ୍ରୀଡାବିତ୍‌ଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ଡାକ୍ତରଖାନାରେ ଗଞ୍ଜେଇ ବେପାରୀ ମୃତ

ପାଟଣାଗଡ଼/ବେଲପଡା, ୨୧।୩(ସଚ୍ଚିଦାନନ୍ଦ ମହାକୁର)

- ପୋଲିସ ଗୋଡାଇବା ବେଳେ ବାଇକ ହୋଇଥିଲା ଦୁର୍ଘଟଣାଗ୍ରସ୍ତ
- ସଂଜ୍ଞାହୀନ ଅବସ୍ଥାରେ ବେପାରୀଙ୍କୁ ଧରିଥିଲା ପୋଲିସ
- ବାଇକରେ ଥିବା ଅନ୍ୟ ୨ଜଣ ଖସିଗଲେ

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଜଣେ ଗଞ୍ଜେଇ ବେପାରୀଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଗିରଫ କରି ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ଚିକିତ୍ସାଧୀନ ଆବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ମୃତକ କୋଟି ସୂନ୍ଦର(୩୪) ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଗୁରୁବାର ସକାଳେ ଯୋଗୀମୁଣ୍ଡାରୁ କପାଣୀ ରାସ୍ତା ଦେଇ ଏକ ବାଇକ ଯୋଗେ ୩ଜଣ ଯୁବକ ଏୟାର ବ୍ୟାଗ ଧରି କପାଣୀ ଛକର ଅନିତଦୂରରେ ଠିଆ ହାଇଥିଲେ। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ। ଅଟକି ଥିବା ଯୁବକମାନଙ୍କ ହାବଭାବ ଦେଖି ସେହି ରାସ୍ତାଦେଇ ଯାଉଥିବା ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବାଇକ ଯୋଗେ ଗୋଡ଼ାଇବା ବେଳେ ସେମାନେ ନୁନହାଡରୁ ସିହିନି ରାସ୍ତା ଦେଇ ଖସିଯିବାକୁ ଉଦ୍ୟମ କରୁଥିଲେ। ବୁଲାଣିରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେମାନେ ବାଇକ ଛାଡ଼ି ପାଖରେ ଥିବା ବିଲ ପଟକୁ ଦୌଡି ପଳାଉଥିଲେ। ୨ଜଣ ଜଣ ଖସି ପଳାଇଥିବା ବେଳେ ପୋଲିସ ବେପାରୀ କୋଟି ସୂନ୍ଦରଙ୍କୁ ତାଙ୍କ ଏୟାର ବ୍ୟାଗ ସହ କାବୁ କରିଥିଲା। କାବୁ କରିବା ବେଳକୁ ସେ ସଜ୍ଞାହୀନ ହୋଇ ପଡ଼ିଥିଲେ। ପୋଲିସ ତାଙ୍କୁ ବେଲପଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ଗୁରୁତର ହେବାରୁ ପାଟଣାଗଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ କୋଟିଙ୍କର ମୃତ୍ୟୁ ହୋଇଯାଇଛି। ପାଟଣାଗଡ଼ ପୋଲିସ ମୃତଦେହ ଜବତ କରି ଶବାଗାରରେ ରଖିଛି। ବେଲପଡା ପୋଲିସ କୋଟିଙ୍କ ଏୟାର ବ୍ୟାଗରୁ ୨କେଜି ଗଞ୍ଜେଇ ଜବତ ସହ ସେମାନେ ବ୍ୟବହାର କରୁଥିବା ବାଇକ ଜବତ କରିଛି। ଘଟଣା ସମ୍ପର୍କରେ ବେଲପଡ଼ା ଓ ପାଟଣାଗଡ଼ ଥାନାର ଥାନାଧିକାରୀ ଓ ପାଟଣାଗଡ଼ ଏସ୍‌ଡିପିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ମଧ୍ୟ ସେମାନେ ରିସିଭ କରୁ ନ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ଗ୍ରାମ ପଞ୍ଚାୟତ କର୍ମଚାରୀଙ୍କ ସମସ୍ୟା ସମାଧାନ କର

ଲାଠୋର, ୨୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ତଥା ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟା ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଦୀର୍ଘ ବର୍ଷ ଧରି ପ୍ରତ୍ୟେକ ପଞ୍ଚାୟତରେ ସଫେଇ, ରାତ୍ର ଜଗୁଆଳି ଏବଂ ପିଅନଭାବେ ସ୍ୱଳ୍ପ ମଜୁରୀରେ ସେମାନେ କାର୍ଯ୍ୟ କରି ଆସୁଥିଲେ ହେଁ ପରିଶ୍ରମ ଅନୁସାରେ ପାରିଶ୍ରମିକ ପ୍ରଦାନ କରାଯାଉ ନାହିଁ। ମାସିକ ୧୫ ଶହରୁ ୨୫ ଶହ ଟଙ୍କା ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରାଯାଉଛି। ଆଜିର ମାହାଙ୍ଗା ଯୁଗରେ ଏତିକି ଟଙ୍କାରେ ପରିବାର ଚଳାଇବା ସେମାନଙ୍କୁ କାଠିକର ହେଉଛି। ଏପରିକି ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀଠାରୁ ମଧ୍ୟ କମ୍ ପାରିଶ୍ରମିକ ସେମାନଙ୍କୁ ପ୍ରଦାନ କରାଯାଉଛି। ସମ୍ପୃକ୍ତ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ ଏହି କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ସହ ପୋର୍ଟାଲରେ ସମ୍ପୃକ୍ତ କର୍ମଚାରୀମାନଙ୍କ ତାଲିକାକୁ ପଞ୍ଜିକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଶ୍ରମ ଓ ନିୟୋଜନ ବିଭାଗ ଦାରା ଘୋଷିତ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ସରକାର ଚୁକ୍ତିଭିତ୍ତିକ ନିଯୁକ୍ତିକୁ ସମାପ୍ତ କରି ସାରିଥିବା ବେଳେ ଏହି କର୍ମଚାରୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରି ନ ଥିବା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନଙ୍କ ସମସ୍ୟା ସମାଧାନ ଶୀଘ୍ର କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ମୁରିବାହାଲ ସିଏଚ୍‌ସି ମୁଖ୍ୟ ଫଟକା ରାସ୍ତା ଶୋଚନୀୟ

ମୁରିବାହାଲ, ୨୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ପାଣି ଜମିଯାଉଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ, କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମୁରିବାହାଲ ବ୍ଲକର ୨୨ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ଆସିଥାନ୍ତି। ବହୁ ସଂଖ୍ୟାରେ ଗାଡିମୋଟରରେ ସେମାନେ ଆସୁଥିବାବେଳେ ଶୋଚନୀୟ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ଯଥାଶୀଘ୍ର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଆପଣାଯିବ ବୋଲି ମୁରିବାହାଲ ବିକାଶ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚେତାବନୀ ଦିଆଯାଇଛି।


ମୁଖ୍ୟ ଫାଟକ ରାସ୍ତାରେ ସୃଷ୍ଟ ଗର୍ତ୍ତରେ ପାଣି ଜମିଛି।

# ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା


ଦେଓଗାଁ କନ୍ଧପାଲିରେ ନାମଯଜ୍ଞ ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

ଦେଓଗାଁ, ୨୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କନ୍ଧପାଲିଠାରେ ୨୪ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର ସନ୍ଧ୍ୟାରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନ୍ଧପାଲି ଭୋଳାଶଙ୍କର ଯୁବକ ସଂଘ ଆୟୋଜନକ୍ରମେ ଅନୁଷ୍ଠିତ ହେବାକୁ ଥିବା ନାମଯଜ୍ଞ ପାଇଁ ଅପରାହ୍ଣ ୪ଟାରେ ଦେଓଗାଁ ଯୋଗୀସାଗରରୁ ଶତାଧିକ ମହିଳା ପୂର୍ଣ୍ଣକଳସ ଧାରଣ କରି ଏକ ଶୋଭାଯାତ୍ରାରେ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରି ପ୍ରହର ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ଅଧିବାସ ସମ୍ପନ୍ନ ହୋଇଥିଲା। ପ୍ରହରୀ କର୍ତ୍ତାଭାବେ ଉମେଶ ଚନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ମାଧୁରୀ ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶୁକ୍ରବାର ସକାଳ ୯ଟାରେ ନାମାରମ୍ଭ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

# ଜରାସିଂହା କଲେଜରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, ୨୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ୨ କଲେଜରେ ରେଡ ରିବନ କ୍ଲବ ଦ୍ୱାରା ଏଡସ୍ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ତଥା ଯୁଥ ରେଡକ୍ରସ ଚେୟାରମ୍ୟାନ ବସନ୍ତ କୁମାର ମନହୀରା ଯୋଗଦେଇଥିଲେ। ସଚେତନ ହୋଇ ଏଡସ୍ ସଂକ୍ରମଣରୁ ଦୂରେଇ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯୁଥ ରେଡକ୍ରସ କାଉନସେଲର ଦୂର୍ବାଦଳ ଘିବେଲା ଏଡସ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ପ୍ରାଧ୍ୟାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ଅଧ୍ୟାପିକା ଶୁଭଶ୍ରୀ ସାହୁ, ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତି, କମ୍ପ୍ୟୁଟର ପ୍ରଶିକ୍ଷକ ବାଳଶଙ୍କର ମେହେର କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।



ଏଡସ ସଚେତନତା ସଭାରେ ମଞ୍ଚାସୀନ ଅତିଥି।

# ଔଷଧୀୟ ବୃକ୍ଷ ଚିହ୍ନିଲେ ଛାତ୍ରୀଛାତ୍ର

ଖପ୍ରାଖୋଲ, ୨୧।୩(ଅଭୟ ତ୍ରିପାଠୀ)

**ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତରଫରୁ ହରିଶଙ୍କରରେ ପ୍ରକୃତି ଶିବିର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ରକୃତି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଛାତ୍ରୀଛାତ୍ରଙ୍କୁ ନେଇ ହରିଶଙ୍କରଠାରେ ଥିବା ବନବିଭାଗର ଔଷଧୀୟ ବଗିଚା ଓ ଡିଅର ପାର୍କ ବୁଲି ଦେଖିବା ସହ ତାର ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେମାନେ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳକୁ ଯାଇ ପ୍ରକୃତି ଓ ପରିବେଶ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ବିଭିନ୍ନ ଗୁଳ୍ମଲତା ଓ ତାର ଔଷଧୀୟ ଗୁଣ ସମ୍ପର୍କରେ ହରିଶଙ୍କର ଡେପୁଟି ରେଞ୍ଜ ଅଧିକାରୀ ସୁନିଲ କୁମାର ମିଶ୍ର, ପାରମ୍ପରିକ ବୈଦ୍ୟ ଯୁଗେଶ୍ୱର୍ ଧରୁଆ, ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀଙ୍କୁ ପଚାରି ବୁଝିଥିଲେ। ଶେଷରେ ବନବିଭାଗ କାର୍ଯ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଡେପୁଟି ରେଞ୍ଜ ଅଧିକାରୀ ମିଶ୍ର, ମୁଖ୍ୟବକ୍ତା ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ବନପାଳ ରଞ୍ଜିତ କୁମ୍ଭାର, ବିଜ୍ଞାନ ଶିକ୍ଷକ ଗୋପୀକୃଷ୍ଣ ଦଲାଇ ଯୋଗଦେଇ ପରିବେଶ ଓ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟସ୍ତରୀୟ ଗୀତ, ଦଳଗତ ଆଲୋଚନା, ବକ୍ତୃତା, ଦଳଗତ ନୃତ୍ୟ, ଏକକ ଅଭିନୟରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଦେବ ପତି, ଗଗନ ସାହୁ, ନିଳୀମା ମିଶ୍ର, ଅତଶି ସାହୁ, ଫକୀର ବିଶ୍ୱାଳ, ଉମା ଭୋଇ, ମଞ୍ଜୁ କୁମ୍ଭାର, ମହେନ୍ଦ୍ର କାଲସାଏ ପ୍ରମୁଖ ବନବିଭାଗ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀଛାତ୍ରଙ୍କୁ ବନ ବିଭାଗ କର୍ମଚାରୀ ଔଷଧୀୟ ବୃକ୍ଷ ସମ୍ପର୍କରେ କହୁଛନ୍ତି।

## ସଂକ୍ଷେପରେ

### ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

ବରପାଲି, ୨୧।୩(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ସନତନୀ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଛଅ ଜଣ ବଟୁଙ୍କୁ ବ୍ରତ କରାଯାଇଥିଲା। ସନ୍ଧ୍ୟାରେ ରୋଶଣୀ ଅନୁଷ୍ଠିତ ହୋଇଥିଲା ।ଏଥିରେ ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ସଦାନନ୍ଦ ଦାଶ, ପଣ୍ଡିତ ହେମନ୍ତ ମିଶ୍ର, ପିନାକୀ ଦାଶ, ଯୋଗେଶ ଚନ୍ଦ୍ର ଦାଶ, ଡକ୍ଟର ସରୋଜ କୁମାର ଦାଶ, ଦାମୋଦର ପଣ୍ଡା, ଧର୍ମରାଜ ତ୍ରିପାଠୀ ଓ ସଭ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

### ଗଛ ଲଗାଇ ଯତ୍ନ ନେଇଥିବା ଛାତ୍ରୀଛାତ୍ର ପୁରସ୍କୃତ

**ଜମଲା ଡିଗ୍ରୀ କଲେଜରେ ବିଶ୍ୱ ବନ ଦିବସ ପାଳିତ**

ପଦ୍ମପୁର, ୨୧।୩(ପ୍ରଦୀପ୍ତ ଦାଶ): ବରଗଡ ଜିଲା ପଦ୍ମପୁର ଅନ୍ତର୍ଗତ ଜମଲା ଡିଗ୍ରୀ କଲେଜରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ପ୍ରକୃତିମିତ୍ର ମୀନକେତନ ସାହୁ ଯୋଗଦେଇ ପରିବେଶର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁରେଖା ଭୁଏ ସ୍ୱାଗତ ଭାଷଣ ଦେଇଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ପୂର୍ବରୁ ପାଳିତ ବନ ମହୋତ୍ସବରେ ଗଛ ଲଗାଇ ଯତ୍ନ ନେଉଛନ୍ତି ସେମାନଙ୍କୁ ପ୍ରମାଣପତ୍ର ସ୍ୱରୂପ ଏକ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଆୟୋଜନରେ ଅଧ୍ୟାପକ ସଦାନନ୍ଦ ସେଠ, ଫରେନ୍ଦ୍ର ସାହୁ, ଝସକେତନ ସାହୁ ସାହାଯ୍ୟ କରିଥିଲେ। ଶେଷରେ ଏନଏସସ ପ୍ରେଗାମ ଅଫିସର ଆଶିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଶବ ସତ୍କାର କଲେ ସ୍ୱେଚ୍ଛାସେବୀ



ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ଗୁରୁବାର ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଜଣେ ଅଜଣା ଲୋକଙ୍କ ଶବ ସତ୍କାର କରାଯାଇଛି। ମୃତଦେହ ଗତ ରବିବାର ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବରାହଗୋଡ଼ା ବାଇପାସ୍ ରାସ୍ତାର ଏକ ଚାଷଜମିରୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ମୃତଦେହକୁ ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଥିଲା । ତେବେ ୩ଦିନ ପରେ ମଧ୍ୟ ମୃତକଙ୍କ ପରିଚୟ ନ ମିଳିବାରୁ ପୋଲିସର ଅନୁରୋଧକ୍ରମେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସତ୍କାର କରିଥିଲେ। ଉକ୍ତ ସାମାଜିକ ଅନୁଷ୍ଠାନର ବିକାଶ ଅଗ୍ରୱାଲ, ଜି. ରମେଶ, ନବୀନ ବୁଢ଼େକ, ରାଜକୁମାର ବନଛୋର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କ୍ଷତିପୂରଣ ଦାବି, ତେଜୁଛି ଚାଷୀ ଆନ୍ଦୋଳନ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବି ଧାନ ଫସଲ ଅମଳ ଆଉ ପ୍ରାୟ ଏକ ମାସ ପରେ ଆରମ୍ଭ ହୋଇଯିବ। କିନ୍ତୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଗତ ଖରିଫ ଧାନ ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲକ୍ଷତି ବାବଦ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡ଼ି ଚାଷୀଙ୍କୁ ମିଳିନାହିଁ। କ୍ଷୟକ୍ଷତି ଆକଳନରେ ତାହା ସୀମିତ ରହିଥିବାବେଳେ ସେଥିରେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରିଛି । ଏଭଳି ଅଭିଯୋଗ କରି ବୀମା କ୍ଷତିପୂରଣ ଏବଂ ଇନପୁଟ୍ ସହାୟତା ପ୍ରଦାନ ଦାବିରେ ଜିଲାରେ ଆନ୍ଦୋଳନ ଜୋର୍ ଧରି ବସିଛି। ଏହି ଦାବି ନେଇ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ଧାରଣା, ସ୍ମାରକପତ୍ର ପ୍ରଦାନ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ସହିତ ବୀମା କମ୍ପାନୀ, ପ୍ରଶାସନ ଏବଂ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ମଧ୍ୟ ବସିସାରିଛି। ମାତ୍ର କିଛି ସୁଫଳ ମିଳି ପାରି ନଥିବା ଚାଷୀ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

**ଜିଲାପାଳଙ୍କୁ ଭେଟିଲେ ଚାଷୀ ପ୍ରତିନିଧି**

- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା ଜାରି
- ତହସିଲ ଅଫିସରେ ତାଲା ପକାଇବେ ଚାଷୀ

ଉପରୋକ୍ତ ଦାବି ନେଇ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟରେ ତାଲା ପକାଇ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଧାରଣା ଗୁରୁବାର ନବମ ଦିନରେ ପହଞ୍ଚିଛି। ରାଜ୍ୟ କୃଷକ ସଂଗଠନ, ଅତାବିରା ଗୁରୁବାର ଧାରଣାର ନେତୃତ୍ୱ ନେଇଥିଲା। ସଙ୍ଗଠନର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ। ଜିଲାପାଳଙ୍କ ସହିତ ସେମାନେ ଅଦିନିଆ ବର୍ଷାଜନିତ ଫସଲକ୍ଷତି ବାବଦକୁ ବୀମା କ୍ଷତିପୂରଣ ଏବଂ ଇନପୁଟ୍ ସବସିଡ଼ି ଉପରେ ଆଲୋଚନା କରିଥିଲେ। ଆସନ୍ତା ୩ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ଫସଲବୀମା କ୍ଷତିପୂରଣ ପାଇବେ ବୋଲି ଜିଲାପାଳ କହିଥିଲେ । ତେବେ ବୀମା କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀ ପ୍ରତିନିଧିମାନେ କହିଥିଲେ।

ଅନ୍ୟପଟେ ଭେଡ଼େନ ଶିବ ମନ୍ଦିର ପ୍ରାଙ୍ଗଣରେ ଚାଷୀଙ୍କ ଏକ ବୈଠକ ବସିଥିଲା। ବୈଠକରେ ଉପରୋକ୍ତ ଦାବି ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ବର୍ଷ ହୋଇଥିବାସତ୍ତ୍ୱେ ସରକାରୀ କଳ ଚାଷୀଙ୍କ ଏଭଳି ହକ୍‌କୁ ଅଣଦେଖା କରିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହିକ୍ରମରେ ଶୁକ୍ରବାର ଭେଡ଼େନ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟାଳୟକୁ ଅଚଳ କରିଦେବା ପାଇଁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ରାଜେଶ ପାଢ଼ୀ, ରାଜ ବେହେରା ନନ୍ଦିଘୋଷ ମିଶ୍ର, ଆନନ୍ଦ ସୁନା, ଭରତ ପ୍ରଧାନ, ପ୍ରକାଶ ପ୍ରଧାନ, ନିର୍ମଳ ପ୍ରଧାନ, ବିଶ୍ୱଜିତ ହୋତା, ସୁଶିଲ ଧରୁଆ, ରବି ଦାଶ, ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ମହାପାତ୍ର, ବିରେନ କର, ବୁଦ୍ଧଦେବ ନନ୍ଦ, ଭୁବନ ପ୍ରଧାନ, ଅମୂଲ୍ୟ ସ୍ୱାଇଁ, ଉତ୍ତର ପ୍ରଧାନ, କାଳିଆ ପ୍ରଧାନ, ନାରାୟଣ ସାହୁ, କେଶବ ସାହୁ, କେ. ସଂକୃତି, ସୁରେନ ସ୍ୱାଇଁ, ଭୋଜରାଜ ସାହୁ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ରମଣୀ ହୋତା, ଦଶରଥ ଭୋଇ, ପ୍ରଦୀପ ସାହୁ, ଭରତ ମଲ୍ଲିକ, ଦେବେନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ପକ୍ଷୀ ଶିକାର କରି ଜେଲଗଲେ ଯୁବକ



ବେଲପଡା,୨୧।୩ (ମନୋଜ କୁମାର ମିଶ୍ର)

ପକ୍ଷୀ ଶିକାର କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଚାଚେରବେଙ୍ଗ ଗାଁର ପର୍ଶୁରାମ ମାଝି(୨୦)ଙ୍କୁ ଗିରଫ କରିଛି। ଗୁରୁବାର ବେଲପଡା ଥାନା ଏସଆଇ କୁନୁ ସାହୁ ଓ ତାଙ୍କ ଟିମ ପାଟ୍ରୋଲିଂ କରୁଥିବାବେଳେ ପର୍ଶୁରାମ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲରେ ବନ୍ଧୁକରେ ପକ୍ଷୀ ଶିକାର କରୁଥିବା ଖବର ପାଇ ପହଞ୍ଚିଥିଲେ। ପୋଲିସକୁ ଦେଖି ଶିକାର କରିଥିବା ଏକ ପକ୍ଷୀକୁ ପର୍ଶୁରାମ ଫିଙ୍ଗି ଦେଇଥିଲେ। ପୋଲିସ ଉକ୍ତ ମୃତ ପକ୍ଷୀ ଓ ବନ୍ଧୁକକୁ ଜବତ କରିଛି। ଥାନାରେ ଏକ ମାମଲା(୮୧/୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଛାତ୍ରୀଛାତ୍ରଙ୍କ ଦ୍ୱାରା କଣ୍ଢେଇ ପ୍ରଦର୍ଶିତ କରାଯାଉଛି।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ, କଣ୍ଢେଇ ଦିବସ ପାଳିତ

ପଦ୍ମପୁର, ୨୧।୩ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ଚତୁର୍ଥ ପର୍ଯ୍ୟାୟ ଓ କଣ୍ଢେଇ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଶିଶୁ ବାଟିକା ବିଭାଗ ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ମାତାପିତାଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଲିଲି ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସଭାପତି ପୃଥ୍ୱୀରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୮ ଜଣ ନୂତନ ଅଭିଭାବିକା ଅଭିଭାବିକା ଯୋଗଦେଇଥିଲେ। କଣ୍ଢେଇ ଦିବସ ପାଳନ ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ତୂଳା, ମାଟି, କପଡ଼ା ଓ କାଠରେ ତିଆରି କଣ୍ଢେଇ ପ୍ରଦର୍ଶିତ ହୋଇଥିଲା।

## ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବାକୁ ସଚେତନତା

ଝାରବନ୍ଧ, ୨୧।୩(ଦେବେନ୍ଦ୍ର ସାହୁ)

ଗ୍ରୀଷ୍ମଋତୁରେ ଜଙ୍ଗଲକୁ ନିଆଁ ଲାଗିବାରୁ ରକ୍ଷା କରିବାକୁ ଗୁରୁବାର ବରଗଡ ଜିଲା ଝାରବନ୍ଧ ବ୍ଲକର ପଲ୍ଲିପାନି, ସୂର୍ଯ୍ୟମଣିପୁର, ନାଲିପାନି, ଦାଓପାଲି, କୁଲୁପାଲି ଆଦି ଗ୍ରାମରେ ସଚେତନତା ସଭାମାନ ଆୟୋଜିତ ହୋଇଥିଲା। ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ନେଚର୍ ବ୍ଲେସିଂଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ, ବିଶିଷ୍ଟ ପରିବେଶବିତ୍ ଡ଼. ସୁଜିତ କୁମାର ଶତପଥୀ, ନେଚର୍ ବ୍ଲେସିଂ ଟ୍ରଷ୍ଟ କର୍ମକର୍ତ୍ତା କିଶୋର ଯାଦବ, ଅନି ମହାପାତ୍ର, ମମତା ସାହୁ, ଗୋବିନ୍ଦ ବାଗ, ଗଣେଶ ରାମ ଉପସ୍ଥିତ ଥିଲେ। ଜଙ୍ଗଲ ନିଆଁ ରୋକିବା ପ୍ରକୃତିର ସୁରକ୍ଷା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ସଭାକୁ କେନ୍ଦୁଲିଫ ଫରେଷ୍ଟର ସ୍ନେହଲତା ଯାଦବ ପରିଚାଳନା କରି ଜୈବ ବିବିଧତା ରକ୍ଷା କରି ଜଙ୍ଗଲର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ଗଞ୍ଜେଇ ଜବତ, ୩ ଗିରଫ



୩ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ଗଞ୍ଜେଇ ଚାଲାଣବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଚିରଗୁଡ଼ିମହନ ଗ୍ରାମର ଆଶିଷ ସେଲମା, ବିକାପଦର ଗ୍ରାମର ଅଶାନ୍ତ ଗୁରୁ ଏବଂ ଭଦ୍ରକ ଜିଲା ଚାନ୍ଦବାଲିର ବିଜୟ ଦାସ। ସେମାନଙ୍କ ପାଖରୁ ୧୫କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ବରଗଡ଼ ରେଳ ଷ୍ଟେଶନ ରାସ୍ତାରେ ଯାଉଥିବା ସମୟରେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା। ସଡ଼କପଥରେ ପୋଲିସ ବ୍ୟାପକ ତନାଘନା ଚଳାଇଥିବାବେଳେ ଅଭିଯୁକ୍ତମାନେ ଟ୍ରେନରେ ଏହା ଚାଲାଣ କରିବାକୁ ଏବେ ଅଭିନବ ପନ୍ଥା ଆଦରି ନେଇଥିବା ଚର୍ଚ୍ଚା ଚାଲିଛି ।

## ପିଆର୍‌ସିସି କ୍ରିକେଟ: ବଗାଇଜୁରି ଚାମ୍ପିୟନ

ପଦ୍ମପୁର, ୨୧।୩(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବ୍ଲକ କବିବରପୁର ଗ୍ରାମରେ ପିଆରସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆରେ ୧୮ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ବଗାଇଜୁରି ଓ କବିବରପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବଗାଇଜୁରି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବରେ କବିବରପୁର ୯ ଉଇକେଟ ହରାଇ ୫୮ରନ କରି ପରାଜିତ ହୋଇଥିଲା।



ଟ୍ରଫି ସହିତ ଚାମ୍ପିୟନ ଓ ରନର ଅପ ଦଳର ଖେଳାଳିମାନେ।

ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ୭୪ରନ କରିଥିବା ବଗାଇଜୁରୀର ରିତେନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଏବଂ ଚୁଡ଼ାଙ୍କ ମ୍ୟାନ ଅଫ ଦ ସିରିଜ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

## ସଟ୍ଟା ଏଜେଣ୍ଟ ଗିରଫ

ବେଲପଡା, ୨୧।୩
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଚାଚେରବେଙ୍ଗ ଗାଁର ସଟ୍ଟା ଏଜେଣ୍ଟ ଅଖଣ୍ଡ ମେହେର(୪୩)ଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଦୀର୍ଘଦିନରୁ ବେଆଇନଭାବେ ଏହି କାରବାର କରୁଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ସଟ୍ଟା ଖେଳୁଥିବା ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୩ହଜାର ଟଙ୍କା, ୨ ଗୋଟି ଚିଠାଖାତା ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାର ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଜନ୍ମଦିନରେ ଗୋଟିଏ ଚାରା ରୋପଣ କର



ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ପାଇକମାଳ, ୨୧।୩(ବଡ ଶତପଥୀ)

**ପାଇକମାଳ ହାଇସ୍କୁଲରେ ବିଶ୍ୱ ବନ ଦିବସ ପାଳିତ**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରକୃତିବନ୍ଧୁ ବିଭୂତିଭୂଷଣ ମୁଣ୍ଡ ଯୋଗଦେଇ ବନର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରଜତ କୁମାର ସାହୁ ଅରଣ୍ୟର ଭୌଗୋଳିକ ସ୍ଥିତି ଓ ଦିବସର ମହତ୍ତ୍ୱ ବିଷୟରେ କହିଥିଲେ। ଜନ୍ମଦିନରେ ଗୋଟିଏ ଲେଖାଏ ଚାରା ଗଛ ରୋପଣ କରି ଯତ୍ନ ନେବା ପାଇଁ ଏହି ଅବସରରେ ସେ ବିଦ୍ୟାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଲଳିତ ବିଶ୍ୱାଳ, ଆନନ୍ଦିନୀ ସେଠ, ନିରୂପମା ସାହୁ, ଜଗବନ୍ଧୁ ସ୍ୱାଧିନ, ମୀନା କୁମାରୀ ଦାସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ତ୍ରିଲୋଚନ ନାଏକ କାର୍ଯ୍ୟକ୍ରମ ପରିଚାଳନା ଓ ମଧୁସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମବାବାଙ୍କ ଫଗୁଣ ମେଳା ଉଦ୍‌ଯାପିତ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୁଶନପୁରୀସ୍ଥିତ ଶ୍ରୀ ଶ୍ୟାମ ବିହାରୀଙ୍କ ଫଗୁଣ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ବରଗଡ଼ରୁ ଭଟଲି ଅଭିମୁଖେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ନେଇ ଏକ ବିଶାଳ ପଦଯାତ୍ରା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୂର ଦୂରାନ୍ତରରୁ ଶ୍ୟାମବାବାଙ୍କ ଝଣ୍ଡା ଧରି ଶ୍ୟାମଭକ୍ତମାନେ ଚାଲିଚାଲି ଆସି ପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ୨ଟି ଭିନ୍ନରଥ ଟଣା ଯାଇଥିଲା। ଗୋଟିଏ ରଥରେ ବାବାଙ୍କ ଚଳନ୍ତି ପ୍ରତିମା ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ପୂଜା ପାଉଥିବାବେଳେ ଅନ୍ୟରଥରେ ୭ଜଣ ବ୍ରାହ୍ମଣ ଶିଶୁଙ୍କୁ ପଞ୍ଚୁ ପାଣ୍ଡବଭାବେ ବିରାଜମାନ କରାଯାଇଥିଲା।



ଶ୍ୟାମବାବାଙ୍କ ଫଗୁଣ ମେଳାରେ ଭକ୍ତମାନେ ଫଗୁ ଖେଳୁଛନ୍ତି।

ସମସ୍ତ ଶ୍ରଦ୍ଧାଳୁ ଫଗୁ ଖେଳରେ ମସଗୁଲ ହୋଇ ପଡ଼ିଥିଲେ। ସେହିପରି ଶ୍ରୀ ଶ୍ୟାମବାବାଙ୍କ ଫଗୁଣ ମେଳାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଶ୍ରୀ ଶ୍ୟାମବାବାଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରି ସେ ଆଶିର୍ବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଅଗ୍ରୱାଲ, ନିଲେଶ ମିତ୍ତଲ, କିଶୋର ଅଗ୍ରୱାଲ, ସନ୍ଦୀପ ସାଓ୍ୱଡ଼ିଆ ପ୍ରମୁଖ ବିଧାୟକ ଆଚାର୍ଯ୍ୟଙ୍କ ସହିତ ଉପସ୍ଥିତ ଥିଲେ । ଏହି ଅବସରରେ ଗୋପାଳ ଅଗ୍ରୱାଲ, ପ୍ରତାପ ଅଗ୍ରୱାଲ, ଅଭିଷେକ ଅଗ୍ରୱାଲ ପ୍ରମୁଖ କମିଟି ସଦସ୍ୟବୃନ୍ଦ ବିଧାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ମାଷ୍ଟର ଟ୍ରେନର ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ତେଜରାମ ସା, ରାଧେଶ୍ୟାମ ବାରିକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରି ମଞ୍ଚାସୀନ ଥିଲେ। ଇକୋ କ୍ଲବର ମାଷ୍ଟର ଟ୍ରେନର ଖମାରୀ ଆନ୍ତର୍ଜାତୀୟ



ଅନ୍ତର୍ଜାତୀୟ ବନ ଦିବସ ପାଳନ ସଭାରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

ବନ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଏବଂ ଜୈବ ବିବିଧତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନାୟକ ଏବଂ ଅନ୍ୟ ଶିକ୍ଷକବୃନ୍ଦ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା, ସଂରକ୍ଷଣ ସମ୍ବନ୍ଧୀୟ ତଥ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ଜୀବଜନ୍ତୁ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ତୃପ୍ତିମୟୀ ପ୍ରଧାନ ପ୍ରଥମ, ଅଦ୍ୟାଶା ଭୋଇ ଦ୍ୱିତୀୟ ଏବଂ ରୋଜା ମେହେର ଓ ମାନସୀ ପଟେଲ ଯୁଗ୍ମ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଏବଂ ହୋମି ଭାବା ବିଜ୍ଞାନ କ୍ଲବର ସଦସ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ପଦ୍ମଲୋଚନ ବିଶି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା ସାଜିଛି ପ୍ରହସନ**

# ଲାଗୁଛି ବହୁତ: ଜଳୁଛି କମ୍

ରାଉରକେଲା, ୨୧।୩(ଦିନେଶ ମିଶ୍ର)

ରାଉରକେଲା ସହରରେ ଅପରାଧମୂଳକ କାର୍ଯ୍ୟ ଓ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଛକରେ ସିସି କ୍ୟାମେରା ସାଙ୍ଗକୁ ଟ୍ରାଫିକ ସିଗ୍‌ନାଲର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ମାର୍ଟସିଟି ପକ୍ଷରୁ ଗତ ୨୦୨୨ରୁ ଯୋଜନା ହେବା ପରେ ୯୦ କୋଟି ଟଙ୍କା ଏହି ବାବଦକୁ ଖର୍ଚ୍ଚ କରାଯାଇଥିଲା। ମାତ୍ର ଆଜିକୁ ଦୀର୍ଘ ବର୍ଷ ପରେ ବି ସହରରେ ଏକାଧିକ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଓ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା କୌଣସି କାର୍ଯ୍ୟକାରୀ ହୋଇ ନ ଥିବାରୁ ତାହା ସତେ ଯେମିତି ସହରବାସୀଙ୍କ ପାଇଁ ପ୍ରହସନ ସାଜିଛି। ଏଭଳି ଦୃଶ୍ୟ ସହରରେ ପ୍ରମୁଖ ଛକ ପାନପୋଷ, ଡିଏଭି, ଛେଣ୍ଡ, ବିଶ୍ରା, ଆମ୍ବାଗାନ, ଉଦିତନଗର ଆମ୍ବେଦକର ଛକ, ଏସ୍‌ଟିଆଇ ଛକ, ହନୁମାନ ବାଟିକା ଛକ, ଆର୍‌ଏମ୍‌ସି ଛକ, ବିଏସ୍‌ଏନ୍‌ଏଲ ଛକରେ ଦେଖିବାକୁ ମିଳିଛି। ଏହି ଛକଗୁଡିକ ସହରର ପ୍ରମୁଖ ସ୍ଥାନ ହୋଇଥିବାବେଳେ ରାତି ପାହିଲେ ଅନେକ ସଂଖ୍ୟାରେ ବିଭିନ୍ନ ଯାନ ଯାତାୟତ କରିଥାଏ। ମାତ୍ର ଉକ୍ତ ଛକମାନଙ୍କରେ ସ୍ମାର୍ଟସିଟି ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲାଗିଥିବା ଟ୍ରାଫିକ ସିଗ୍‌ନାଲ ଓ ସିସି କ୍ୟାମେରା ବ୍ୟବସ୍ଥା ଆଜିଯାଏଁ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ଛକମାନଙ୍କରେ ଲାଗିଥିବା ସିଗ୍‌ନାଲଗୁଡିକ କୌଣସି କାର୍ଯ୍ୟକାରୀ ହେଉ ନ ଥିବାରୁ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଦୁର୍ଘଟଣାମାନ ଘଟୁଥିବା ସହ ଗାଡି ଚାଳକମାନଙ୍କୁ ପୋଲିସ ଧରିବାରେ ଅକ୍ଷମ ହେଉଛି। ରାଉରକେଲା ସହରରେ ଥିବା ବିଭିନ୍ନ ଛକରେ ଟ୍ରାଫିକ ସିଗନାଲ ଓ ସିସି କ୍ୟାମେରାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ମାର୍ଟସିଟି ପକ୍ଷରୁ ଏକ ଘରୋଇ ଠିକା କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କମ୍ପାନୀ ପକ୍ଷରୁ ସହରରେ ୧୧୦ଟି ସ୍ଥାନରେ ୪୫୦ଟି ସିସି କ୍ୟାମେରା ଓ ୧୩ଟି ସ୍ଥାନରେ ଟ୍ରାଫିକ



ରାଉରକେଲା ସହରରେ ଲାଗିଥିବା ସିସି କ୍ୟାମେରା, ଟ୍ରାଫିକ ସିଗ୍‌ନାଲ।

କଣ୍ଟ୍ରୋଲ ପାଇଁ ସିଗ୍‌ନାଲ ଲଗାଇଥିଲା। ଏହି ଯୋଜନାରେ ଅଟୋମେଟିକ ଚାଲାଣ କଟିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା। ଆଗକୁ ନିର୍ବାଚନ ଆସୁଥିବାବେଳେ ଆଜି ପର୍ଯ୍ୟନ୍ତ ସହରରେ ପ୍ରମୁଖ ଛକରେ ଲାଗିଥିବା ସିସି କ୍ୟାମେରା କାର୍ଯ୍ୟକାରୀ ନ ହେବା ଓ ଟ୍ରାଫିକ ସିଗନାଲଗୁଡିକ ନ ଜଳିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟ୍ରାଫିକ ସିଗନାଲ ଅଧିକ ଲାଗୁଥିବାବେଳେ ଜଳୁ ନ ଥିବାରୁ ଲୋକେ କହୁଛନ୍ତି, ଲାଗୁଛି ଅଧିକ, ଜଳୁଛି କମ୍। ସହରରେ ଲାଗିଥିବା ସିସି କ୍ୟାମେରା ଓ ସିଗନାଲଗୁଡିକ ସହରବାସୀଙ୍କର କୌଣସି କାମରେ ନ ଆସି ଅକାରଣରେ ଖରା,ବର୍ଷା ଖାଉଛି। ସହରକୁ ନିକଟରେ ରାଜ୍ୟପାଳ ଗସ୍ତ ସାଙ୍ଗକୁ ବିଶ୍ୱକପ ହକି ଭଳି ବଡଧରଣର ପ୍ରତିଯୋଗିତା ହେବା ପରେ ମଧ୍ୟ ସହରରେ ଟ୍ରାଫିକ ସିଗନାଲ ଓ ସିସି କ୍ୟାମେରା ବ୍ୟବସ୍ଥା ସେହିଭଳି ଆଖିଦୃଷ୍ଟିଆ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ସହରରେ ଲାଗିଥିବା ସିସି କ୍ୟାମେରା ଓ ଟ୍ରାଫିକ ସିଗନାଲ ବ୍ୟବସ୍ଥାକୁ ଆଜିଯାଏଁ ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟକାରୀ ନ କରି ଖାଲି ଅକାରଣରେ ଛକମାନଙ୍କରେ ଚଢାଉ ସହ ଜରିମାନା ଆଦାୟ କରି ବାହାବା ନେଉଥିବା ନଜିର ରହିଛି। ସହରରେ ଲାଗିଥିବା ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଓ ସିଗନାଲ ବ୍ୟବସ୍ଥାକୁ ଆସନ୍ତା ନିର୍ବାଚନ ପୂର୍ବରୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ରାଉରକେଲା ଏଡିଏମ୍ ତଥା ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଲାଗିଥିବା ସିସି କ୍ୟାମେରା ଓ ଟ୍ରାଫିକ ସିଗନାଲ ବ୍ୟବସ୍ଥା ପାଇଁ ପାନପୋଷ ହକି ଛକରେ ତିଆରି ହେଉଥିବା ସିଗନାଲ କଣ୍ଟ୍ରୋଲରୁମ୍‌ର କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୩ ମାସ ଭିତରେ ଉକ୍ତ କଣ୍ଟ୍ରୋଲ ରୁମରୁ ସହରର ସମସ୍ତ ଟ୍ରାଫିକ ସିଗନାଲ ଓ ସିସି କ୍ୟାମେରା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ୨ ଜଣ ଇନ୍ସପେକ୍ଟର ପରିଚାଳନା ଦାୟିତ୍ୱରେ ରହିବା ସହ ଅପରାଧମୂଳକ କାର୍ଯ୍ୟ ଓ ଅଟୋମେଟିକ ଚାଲାଣ ସିଷ୍ଟମକାର୍ଯ୍ୟ କରିବ ବୋଲି କୁଲକର୍ଣ୍ଣି କହିଥିଲେ।

## ଆର୍‌ଏସ୍‌ପିରେ ସ୍ୱଚ୍ଛତା, ସଫେଇ ଅଭିଯାନ

ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି ସ୍ୱଚ୍ଛତା ଅଭିଯାନ। ଅଭିଯାନରେ ଆର୍‌ଏସ୍‌ପିର ବିଭିନ୍ନ ୟୁନିଟ୍‌ରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ସଂଖ୍ୟକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ସ୍ୱଚ୍ଛତା ବଜାୟ ନେଇ ଶପଥପାଠ ହୋଇଥିଲା। ଅଭିଯାନର ନେତୃତ୍ୱ ନେଇଥିଲେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରା। ଏ ଅବସରରେ ସାଧାରଣ ପ୍ରଶାସନ ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଟ୍ରାଫିକ ଓ କଞ୍ଚାମାଲ ବିଭାଗରେ ଆୟୋଜିତ ହୋଇଥିବା ଅନ୍ୟ ଏକ ଶପଥ କାର୍ଯ୍ୟକ୍ରମରେ ଟିଏଣ୍ଡଆର୍‌ଏମ୍ ଇନଚାର୍ଜ ହିରାଲାଲ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆଧୁନିକୀକରଣ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ବିଭାଗରେ ମଧ୍ୟ ସ୍ୱଚ୍ଛତା ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହାକୁ ଅଗ୍ନିଶମ ବିଭାଗର ଜିଏମ୍ ଜେ.ବି ପଟ୍ଟନାୟକ ପରିଚାଳନା କରିଥିଲେ। ଏ ଅବସରରେ ବରିଷ୍ଠ ଅଧିକାରୀ ଏବଂ ୫୦ରୁ ଅଧିକ କର୍ମଚାରୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସେଭଳି ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ୍ ଇନଚାର୍ଜ ପି.କେ ମହାପାତ୍ର ବ୍ଲାଷ୍ଟ ଫର୍ଣ୍ଣେସ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ସଂକଳ୍ପ ପାଠ କରାଇଥିଲେ। ଏହି ସଂକଳ୍ପ ସମାରୋହ ଆୟୋଜନ କାର୍ମିକ ବିଭାଗରେ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ହଟଷ୍ଟ୍ରିପ ମିଲ-୨ରେ ମଧ୍ୟ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ସିଜିଏମ୍ ଆର.କେ ମୁଦୁଲି ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଯେଉଁଥିରେ ବହୁ ସଂଖ୍ୟକ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ୱଚ୍ଛତା ସଂକଳ୍ପ ଗ୍ରହଣ ମଧ୍ୟ କରାଯାଇଥିଲା।



ସ୍ୱଚ୍ଛତା ଅଭିଯାନ ସ୍ୱରୁପ ସଫେଇ ଚାଲୁଛି।

## କୀଟନାଶକ ପିଇ ମହିଳା ମୃତ

ରାଉରକେଲା, ୨୧।୩(ଦିନେଶ ମିଶ୍ର)

ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳରେ ଜଣେ ମହିଳା କିଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଲୋହାର(୭୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩।୨୪) ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଫର୍ଟିଲାଇଜର କ୍ୱାଟର୍ସ ବି-୧୮୭ରେ ମହିଳା ପରିବାର ସହ ବାସ କରୁଥିଲେ। ବୁଧବାର ମଧ୍ୟାହ୍ନରେ କୌଣସି କାରଣରୁ ସେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ବସନ୍ତ ସମାରୋହରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପଞ୍ଚ ଦିବସୀୟ ବସନ୍ତ ସମାରୋହ ଉଦ୍‌ଯାପିତ

ରାଉରକେଲା, ୨୧।୩(ଦିନେଶ ମିଶ୍ର)

**ବସନ୍ତ ଋତୁର ଅବସନ୍ନ ମନକୁ ପ୍ରସନ୍ନ କରିଥାଏ**

ଛେଣ୍ଡ ସ୍ଥିତ ମ୍ୟୁଜିକ୍ ସର୍କଲ ୪୭ତମ ବସନ୍ତ ସମାରୋହ ଉତ୍ସବର ପଞ୍ଚମ ସନ୍ଧ୍ୟା ସଭାପତି ଇଞ୍ଜିନିୟର ପ୍ରତାପ କୁମାର ରାଏଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବଣିକ ସଂଘର ସଭାପତି ସୁନୀଲ କୟାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ପି.ସି ମହାପାତ୍ର ଓ ଇଞ୍ଜିନିୟର ଅଭୟ କୁମାର ଦାସ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଦେବବ୍ରତ ପଟ୍ଟନାୟକ ଯୋଗଦେଇଥିଲେ। ଉତ୍ସବର ଆରମ୍ଭରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁଗମ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପୁରୀ ରଘୁରାଜପୁରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଗଜେନ୍ଦ୍ର ମୁର୍ମୁ ଓ ସାଥୀ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ଓ ମ୍ୟୁଜିକ ସର୍କଲର କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ପ୍ରିଙ୍ଗଭେଲି ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିନ୍ଦିତା ମାଇତି, ସୁନୀତା ସିଂ, ଗୁଡିଆ କଂସାରୀ, ସୋନାଲୀ ଦାସ, ଲାଇନ ରାକେଶ ସିଂ, ବିବେକାନନ୍ଦ ପଣ୍ଡା, ସ୍ନେହଲତା ନାୟକ, ଲକ୍ଷ୍ମଣନାଥ ଦାସ, ସନ୍ତୋଷ ମଲ୍ଲିକ, ଅଜୟ ପଟ୍ଟନାୟକ, ଶୁଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଅନୀଲ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ପି.କେ ନଡୁଲ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଭେଟିଲେ ପାନପୋଷ ମାର୍କେଟ ଦୋକାନୀ

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ(ଆର୍‌ଏମ୍ ସି) ପରିଚାଳିତ ପାନପୋଷ ମାର୍କେଟ ଟିଣସେଡ୍ ଦୋକାନୀମାନେ ଗୁରୁବାର ପୂର୍ବାହ୍ନରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଅନୀତା ନାଏକଙ୍କୁ ଭେଟିଥିଲେ। ଦୋକାନୀମାନଙ୍କ ନିବେଦନ ଅନୁଯାୟୀ, ପାନପୋଷ ମାର୍କେଟ ଟିଣସେଡ୍ ଦୋକାନରେ ସେମାନେ ଦୀର୍ଘ ଦିନରୁ ବ୍ୟବସାୟ କରୁଥିଲେ। ଉକ୍ତ ଦୋକାନର ମାଲିକମାନଙ୍କୁ ପାନପୋଷର ମାର୍କେଟର ସ୍ଥାୟୀ ଦୋକାନ ଆଲଟମେଣ୍ଟ ହୋଇଛି। ତେଣୁ ସେମାନଙ୍କୁ ଟିଣସେଡ୍ ଦୋକାନଗୁଡ଼ିକ ଛାଡିବାକୁ କୁହାଯାଇଛି। ଏଗୁଡ଼ିକ ନିର୍ବାଚନ ପର୍ଯ୍ୟନ୍ତ ଚାଲୁ ରଖିବାକୁ ଅନୁମତି ଦିଆଯାଉ ବୋଲି ଦୋକାନୀମାନେ ନିବେଦନ କରିଥିଲେ। ଚଳିତ ମାସ ୧୮ରେ ଆର୍‌ଏମ୍‌ସିରେ ଏକ ସ୍ମାରକପତ୍ର ଏହି ଦୋକାନୀମାନେ ଦେଇଥିବାବେଳେ ଗୁରୁବାର ଭେଟି ଆଲୋଚନା କରିଥିଲେ। ଅପରପକ୍ଷରେ, ଦୋକାନୀମାନଙ୍କୁ ନିୟମ ଅନୁଯାୟୀ ଟିଣସେଡ୍ ଛାଡିବାକୁ ପଡ଼ିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ଜଗଦୀଶ ପ୍ରସାଦ, ନିଶାନ୍ତ ସାହୁ, ଅଜୟ ଜେନା, ବିପିନ ସାହୁ, ଆନନ୍ଦ ସାହୁ, ସନାତନ ବାରିକ, ଏମ୍‌ଡ଼ି ସୋଏବ, ଦୀପକ ସାହୁ, କ୍ରିଷ୍ଣା ସାହୁ, ଅମରନାଥ ସାହୁ, ପରମିତ୍ ପାଣ୍ଡେଙ୍କ ସମେତ ଅନ୍ୟମାନେ ଭେଟିବାକୁ ଯାଇଥିଲେ।

## କୁଡ଼ମାଲୀ ସାଂସ୍କୃତିକ ଆଖଡ଼ା ପକ୍ଷରୁ ଜାତୀୟ ସମ୍ମିଳନୀ



ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମହତୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଅତିଥି।

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

**ଯୋଗଦେଲେ ୫ ରାଜ୍ୟର ଶତାଧିକ ସଦସ୍ୟ**

କୁଡ଼୍‌ମୀ ସମାଜକୁ ନେଇ ଗଠିତ ହୋଇଥିବା କୁଡ଼ମାଲୀ ସାଂସ୍କୃତିକ ଆଖାଡ଼ା ପକ୍ଷରୁ ଗୁରୁବାର ଜାତୀୟ ସମ୍ମିଳନୀ ସେକ୍ଟର-୨ ସାହନାଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ କୁଡମୀ ଭାଷା, ସଂସ୍କୃତି, ପରମ୍ପରା, କୁସଂସ୍କାର, ଶିକ୍ଷା, ଲିପି, ସାମାଜିକ ଓ ରାଜନୈତିକ ସ୍ଥିତି ସମେତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟରୁ ଶତାଧିକ କୁଡ଼ମୀମାନେ ଯୋଗଦେଇଥିଲେ। କୁଡ଼ମୀ ସମାଜର ମହାପୁରୁଷ ରଘୁନାଥ ମହତୋଙ୍କ ୨୮୬ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପୂର୍ବାହ୍ନରେ ପାରମ୍ପରିକ ବାଦ୍ୟ ଓ ବେଶଭୂଷା ସହ ଶୋଭାଯାତ୍ରାରେ ସେକ୍ଟର-୨ ସାହାନାଇ ମଣ୍ଡପରେ ପହଞ୍ଚି ସଦସ୍ୟମାନେ ମହାପୁରୁଷ ରଘୁନାଥ ମହତୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥି ଭାବେ କୋଲହାନ୍ ବିଶ୍ୱବିଦ୍ୟାଳୟର କୁଡ଼ମାଲୀ ବିଭାଗର ସହାୟକ ପ୍ରଫେସର୍ ସୁବାସ ଚନ୍ଦ୍ର ମହତୋ କୁଡ଼ମାଲୀ ଭାଷା, ସଂସ୍କୃତି, ଶିକ୍ଷା ଉପରେ ଅନ୍ୟ ସଂସ୍କୃତିର ପ୍ରଭାବ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବଣାଇ କଲେଜର ପ୍ରାକ୍ତନ ଶିକ୍ଷାବିତ୍ ତଥା କୁଡ଼ମୀ ସଂସ୍କାର ସମିତିର ଅଧ୍ୟକ୍ଷ ଧନେଶ୍ୱର ମହତୋ କୁଡ଼ମୀ ସଂସ୍କୃତିରେ କୁସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ନାଗରାପିଢ଼ୀ କୁଡ଼ମୀ ସମାଜର ସାଧାରଣ ସମ୍ପାଦକ ସୀତାରାମ ମହତୋ ସ୍ଥାନୀୟ ସମାଜର ସ୍ଥିତି ଓ ପ୍ରତିବନ୍ଧକ ବିଷୟରେ ଆଲୋକପାତ କରିଥିଲେ। କୁଡ଼ମୀ ସମାଜର ପାଲଲହଡ଼ା, ଅନୁଗୋଳର ଉପଦେଷ୍ଟା ପ୍ରତାପ କିଶୋର ମହତୋ ସମାଜରେ ଥିବା ବୈଷମ୍ୟତା ଓ ମତଭେଦକୁ ନେଇ ଆଲୋଚନା କରିଥିଲେ। ସେହିପରି କୁଡ଼ମାଲୀ ଲିପିର ଆବିଷ୍କାରକ ଶଙ୍କର ମହତୋ ବିଭିନ୍ନ କ୍ଷେତ୍ରୀୟ କୁଡ଼ମୀ ସମାଜର ଲିପି ଓ ଏହାର ସାରମର୍ମ ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ଜୟନ୍ତୀ ସମାରୋହରେ ତୁଲସୀକାନି, ଡୁମେରତା, ମହିପାଣି, ଜଲଦା ଆଦିରୁ ଝୁମର ନୃତ୍ୟ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ସର୍ଦ୍ଦାର ପଟେଲ କଲଚରାଲ ଆସୋସିଏଶନ୍‌ର ଅଧ୍ୟକ୍ଷ ସୁବାସ ମହତୋ, ସାଧାରଣ ସମ୍ପାଦକ ମନୋରଞ୍ଜନ ମହତୋ, ଗଣେଶ୍ୱର ମହତୋ, ତାରିଣୀସେନ୍ ମହତୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ଏନ୍‌ଜିଏସ୍ ବୈଠକ ନିଷ୍ଫଳ ନେଇ ଶ୍ରମିକ ସଙ୍ଗଠନ ନିରୁତ୍ସାହିତ

ରାଉରକେଲା, ୨୧।୩(ଦିନେଶ ମିଶ୍ର)

ଦିଲ୍ଲୀଠାରେ ବହୁ ପ୍ରତୀକ୍ଷିତ ଏରିୟର ସମ୍ବନ୍ଧୀୟ ଏନ୍‌ଜିଏସ୍ ସବ୍ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବାରୁ ବିଭିନ୍ନ ଶ୍ରମିକ ସଙ୍ଗଠନ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ବୈଠକରେ କର୍ତ୍ତୃପକ୍ଷ ୩୯ ମାସର ଏରିୟର ଅଧିକ ୧ଟି ଇନକ୍ରିମେଣ୍ଟ ତଥା ଭାଇଜାଗ୍ ଶ୍ରମିକଙ୍କ ଦରମା ଦେୟ ଦେବାକୁ ସମ୍ପୂର୍ଣ୍ଣ ଭାବରେ ଏଡାଇ ଦେଇଥିଲେ। ଉକ୍ତ ବୈଠକରେ ବହୁ ଆଲୋଚନା ଓ ପ୍ରତ୍ୟାଲୋଚନା ପରେ ସମସ୍ତ ୟୁନିୟନ ମିଳିତ ଭାବେ ସେଲ୍ କର୍ତ୍ତୃପକ୍ଷଙ୍କ ଶ୍ରମିକ ବିରୋଧୀ ମନୋଭାବକୁ ବିରୋଧ କରିଥିଲେ। ୨୦୧୩ ପରେ ଓ ନୂତନ ଶ୍ରମିକମାନଙ୍କୁ ଘରଭଡା ଭତ୍ତା ନ ଦେବା ୨୦୧୨ ଏନ୍‌ଜିଏସ୍ ଚୁକ୍ତିନାମା ଅନୁଯାୟୀ ଦରମା ଉପରେ ଘରଭଡା ଭତ୍ତା ପ୍ରସ୍ତାବ ଦେଇଥିଲେ। ରାତ୍ରକାଳିନ ଭତ୍ତା ଦିନକୁ ୧୬୦ ଟଙ୍କାରୁ ଅଧିକ ଦେବାକୁ କର୍ତ୍ତୃପକ୍ଷ ମନା କରିଥିଲେ। ପରେ ସମସ୍ତ ୟୁନିୟନ ଶ୍ରମନିର୍ଦ୍ଦେଶ ଅନୁଯାୟୀ ବିନା ସର୍ତ୍ତରେ ୩୯ ମାସର ଏରିୟର ଗୋଟିଏ ଇନକ୍ରିମେଣ୍ଟ ପ୍ରଦାନ ଦାବି କରିଥିଲେ। ଏହା ବିରୋଧରେ ଇସ୍ପାତ ଶ୍ରମିକ ଦଳମତ ନିର୍ବିଶେଷରେ ନିଜର ହକ ଦାବି ହାସଲ ପାଇଁ ଲଗାତାର ଧର୍ମଘଟକୁ ଯିବାପାଇଁ ସିଆଇଟିୟୁ ରାଷ୍ଟ୍ରଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଆହ୍ୱାନ ଦେଇଛନ୍ତି।

## ଇଲେକ୍ଟୋରାଲ ବଣ୍ଡ ବ୍ୟବହାର କରି ପାଣ୍ଠି ସଂଗ୍ରହ କରୁଛନ୍ତି ଭାଜପା, ବିଜେଡି

**ଜବାବ ଦେବ କଂଗ୍ରେସ**

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ଚଳିତ ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ଇଲେକ୍ଟୋରାଲ ବଣ୍ଡକୁ ବ୍ୟବହାର କରି ଦଳ ପାଇଁ ପାଣ୍ଠି ସଂଗ୍ରହ କରିବାରେ ଲାଗିଛନ୍ତି। ବଡ଼ବଡ଼ କମ୍ପାନୀଗୁଡ଼ିକ ଦଳୀୟ ପାଣ୍ଠି ଯୋଗାଣରେ ନିଜର ସହଭାଗିତା ଦେଉଛନ୍ତି। କଂଗ୍ରେସ ଦଳ ଏହାର ଉଚିତ୍ ଜବାବ ଦେବ ବୋଲି ଗୁରୁବାର ଆହୂତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରାଉରକେଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ବୀରେନ ସେନାପତି, ଆର୍‌ପି ସିଂହ, ଗୋପାଳ ଦସେ, ଅଶୋକ କୁମାର, ଆଶୀଷ ମହାନ୍ତି, ନିହାର ଦାସ, ଏସ୍‌କେ ଫିରେଦୌସ, ଭୀମ ମହତୋ ପ୍ରମୁଖ ମଞ୍ଚାସୀନ ଥିଲେ। ଡିସିସି ସଭାପତି ରାୟ କହିଲେ, ରାଜ୍ୟରେ ଚିଟ୍ ଫଣ୍ଡ, ଖଣି ଦୁର୍ନୀତିକୁ ଘଣ୍ଟ ଘୋଡାଇବାରେ ଭାଜପା ସହଯୋଗ କରୁଛି। କେନ୍ଦ୍ର ନିକଟରେ ଇଡ଼ି,



ସେକ୍ଟର-୨୧ ଡିସିସି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ସିବିଆଇ ଓ ଅନ୍ୟ ଶକ୍ତିଶାଳୀ ଏଜେନ୍ସି ଥିବାବେଳେ ରାଜ୍ୟ ସରକାରଙ୍କ ନିକଟରେ ରହିଛି ବଳଶାଳୀ ପ୍ରଶାସନିକ ଅଧିକାରୀ। ରାଜ୍ୟରେ ଶିକ୍ଷିତ ଯୁବକ, ମହିଳା, ଛାତ୍ର, କୃଷକ ଦିଶାହୀନ ହୋଇପଡୁଛନ୍ତି। ମହିଳାଙ୍କୁ ସୁରକ୍ଷା, ନ୍ୟାୟ ମିଳୁନି। ଅପରପକ୍ଷରେ ରାଜ୍ୟରେ ଖଣିଖାଦାନ ଲୁଣ୍ଠିତ ହୋଇଚାଲିଛି ବୋଲି ରାୟ କହିଥିଲେ। ସେହିପରି ପୂର୍ବତନ ବିଧାୟକ ମହାପାତ୍ର କହିଥିଲେ, ରାଉରକେଲାରେ ତୃଣମୂଳସ୍ତରରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବଢ଼ିଚାଲିଛି। ଏହାର ଉଦାହରଣ ଭାବେ ରାଉରକେଲା ସରକାରୀ ଡାକ୍ତରଖାନାକୁ ରାଜ୍ୟ ସରକାର ବାରମ୍ବାର ସମ୍ପ୍ରସାରଣ କରିବା ଘୋଷଣା କରୁଥିଲେ ମଧ୍ୟ ତାହା ଫଳଶୂନ୍ୟ ରହିଛି। ସେହିପରି ସହର ଓ ଆଖପାଖରେ ୨୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଥିଲେ ମଧ୍ୟ ଏଠାରେ ବିଶ୍ୱବିଦ୍ୟାଳୟ ହୋଇପାରୁନାହିଁ ବୋଲି ମହାପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ଡିସିସି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିକୁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାର

ରାଉରକେଲା, ୨୧।୩(ବିପ୍ଳବରଞ୍ଜନ ଦାଶ)

ନୂଆଦିଲ୍ଲୀଠାରେ ଆୟୋଜିତ ଗ୍ଲୋବାଲ କ୍ଲିନ ଏନର୍ଜି ସମ୍ମିଳନୀ ୨୦୨୪ର ଗ୍ଲୋବାଲ ପରିବେଶ ପୁରସ୍କାର ୨୦୨୪ ଅନ୍ତର୍ଗତ ଆର୍‌ଏସପିକୁ ମିଳିଛି ସମ୍ମାନଜନକ ପ୍ଲାଟିନମ ପୁରସ୍କାର। ଆର୍‌ଏସପି ତରଫରୁ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଭିଭି ଆରମୂର୍ତ୍ତି ଓ ବିଜିନେସ ଏକ୍ସଲେନ୍ସ ବିଭାଗର ଜିଏମ୍ ଅନୁବିନ୍ଦ ମହାନ୍ତି ପ୍ରାପ୍ତ ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପି ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା ଏବଂ ସର୍ବୋଚ୍ଚ ପୁରସ୍କାର ଅର୍ଥାତ ପ୍ଲାଟିନମ୍ ପୁରସ୍କାର ଲଭିଥିଲା। ପ୍ରତ୍ୟେକ କ୍ଷେତ୍ରରେ ପରିବେଶ ପରିଚାଳନାରେ ଆର୍‌ଏସ୍‌ପିର ଉତ୍କୃଷ୍ଟ ପ୍ରୟାସର ଏକ ସ୍ୱୀକୃତି ଭାବେ ପୁରସ୍କାର ପ୍ରଦାନ କରାଯାଉଛି। ଆର୍‌ଏସପି ସ୍ଥାପନା ହେବା ଦିନ ଠାରୁ ପ୍ରଗତିଶୀଳ ଭାବେ ଅତ୍ୟାଧୁନିକ ପରିବେଶ ଅନୁକୂଳ ଇସ୍ପାତ ପ୍ରସ୍ତୁତି ଜ୍ଞାନକୌଶଳ ଗ୍ରହଣ କରିଆସୁଛି। ଆର୍‌ଏସ୍‌ପି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବ୍ୟାପକ ବାୟୁ ପ୍ରଦୂଷଣ



ସେଲ ଆରଏସ୍‌ପିକୁ ଗ୍ଲୋବାଲ ପୁରସ୍କାର ପ୍ରଦାନ କରାଯାଉଛି।

ନିୟନ୍ତ୍ରଣ ପଦକ୍ଷେପଗୁଡିକରେ ମଲ୍ଟି ସାଇକ୍ଲୋନ ଓୈଟ ସ୍କ୍ରବର, ବ୍ୟାଗ ହାଉସ, ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର ଏବଂ ଡ୍ରାଇ ଫଗ ସପ୍ରେସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ପ୍ଲାଣ୍ଟ ନିର୍ଗମନ ଉପରେ ନଜର ଓ ନିୟନ୍ତ୍ରଣ ପାଇଁ ଅତ୍ୟାଧୁନିକ ପ୍ରଣାଳୀ ଅନଲାଇନ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ ଓ ଅନଲାଇନ କଣ୍ଟିନିୟସ ଷ୍ଟାକ ଏମିସନ ମନିଟରିଂ ସିଷ୍ଟମ ପରିଚାଳନା ହେଉଛି। ଆହୁରୀ ମଧ୍ୟ ଉତ୍ସର୍ଗୀକୃତ ବର୍ଜ୍ୟଜଳ ଟ୍ରିଟମେଣ୍ଟ ପ୍ଲାଣ୍ଟ ରଣନୈତିକ ଭାବେ ୟୁନିଟ ଗୁଡିକରେ ସ୍ଥାନିତ ହୋଇଛି। ବିଶୋଧିତ ଜଳର ଉତ୍ପାଦନ ପ୍ରକ୍ରିୟାରେ ପୁନସଞ୍ଚାଳନ ସୁନିଶ୍ଚିତ କରୁଛି। ଅନଲାଇନ ଏଫ୍ଲୁଏଣ୍ଟ କ୍ୱାଲିଟି ମନିଟରିଂ ସିଷ୍ଟମ ମାଧ୍ୟମରେ ଆର୍‌ଏସ୍‌ପି କଠୋର ମନିଟରିଂ ଏବଂ କଂଟ୍ରୋଲ ମାନକ ଅନୁପାଳନ କରୁଛି। ସମସ୍ତ ଅନଲାଇନ ମନିଟରିଂ ସିଷ୍ଟମ ଉଭୟ ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭର ସହ ସଂଯୁକ୍ତ ରହିଛି। ପରିବେଶ ପ୍ରତି ଅଙ୍ଗୀକାରବଦ୍ଧତା ଜାରି ରଖି ଆର୍‌ଏସ୍‌ପି ସକ୍ରିୟ ଭାବେ ମହତ୍ୱପୂର୍ଣ୍ଣ ଜିରୋଲିକ୍ୱିଡ ଡିସଚାର୍ଜ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ବର୍ଜ୍ୟଗ୍ୟାସ ପୁନରୁଦ୍ଧାର ପ୍ରଣାଳୀ ପ୍ରୟୋଗ କାରଖାନାକୁ ସବୁଜ ଶକ୍ତି ଉତ୍ପାଦନ ପାଇଁ ସକ୍ଷମ କରିଛି। ଯେପରି ବ୍ଲାଷ୍ଟ ଫର୍ଣ୍ଣେସ ଟପ ରିକୋଭରୀ ଟର୍ବୋ ଜେନେରେଟର-୫, କୋକ ଓଭେନ ବ୍ୟାଟେରୀ ସିଡିସିପିରେ ବ୍ୟାକପ୍ରେସର ଟର୍ବୋ ଜେନେରେଟର ଓ ବ୍ଲାଷ୍ଟଫର୍ଣ୍ଣେସ ବର୍ଜ୍ୟଗ୍ୟାସ ବ୍ୟବହାର କରୁଥିବା ପିବିଏସ୍‌ରେ ଶକ୍ତି ଉତ୍ପାଦନ। ଏଥିସମେତ ବ୍ଲାଷ୍ଟ ଫର୍ଣ୍ଣେସ, କୋକ ଓଭେନ ଓ ଷ୍ଟିଲ ମେଲ୍ଟିଂଶପ-୨ରୁ ନିର୍ଗତ ବର୍ଜ୍ୟଗ୍ୟାସ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ ହେଉଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ କ୍ଷେତ୍ରରେ, ଆରଏସପି ଉତ୍ସରୁ ମୌଳିକ କଞ୍ଚାମାଲ ବ୍ୟବହାର ହ୍ରାସ କରିବାରେ ପ୍ରାଥମିକ ଭାବରେ ଧ୍ୟାନ ଦେଇ ୪ ଆର ଅର୍ଥାତ୍ ରିଡ୍ୟୁସ, ରିୟୁଜ, ରିସାଇକେଲ ଓ ରିକଭର ନୀତି ଗ୍ରହଣ କରିଛି। ଏହି ରଣନୀତିକ ଉପାୟ କେବଳ ସମ୍ବଳ ବ୍ୟବହାରକୁ କମ୍ କରିନି ବରଂ ବର୍ଜ୍ୟବସ୍ତୁ ନିଷ୍କାଷନ ସହ ଜଡିତ କ୍ଷତିକାରକ ପ୍ରଭାବରୁ ପରିବେଶକୁ ରକ୍ଷା କରିଛି। ସବୁଜିମାକୁ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ଆର୍‌ଏସପି ପ୍ରାୟ ୫୨ଲକ୍ଷ ବୃକ୍ଷରୋପଣ କରି ଉଭୟ ଇସ୍ପାତ କାରଖାନା ପରିସର ଓ ଇସ୍ପାତ ସହରାଞ୍ଚଳ ମଧ୍ୟରେ ୪୦ ସୁନ୍ଦର ବଗିଚା ଓ ପାର୍କ ବିକଶିତ କରି ବ୍ୟାପକ ବନୀକରଣ ପ୍ରୟାସ କରିଛି।

# ସଂକ୍ଷେପରେ

## ଛତିଶଗଡ଼ରେ ସମ୍ବଲପୁରର ସିଦ୍ଧିଙ୍କ କୃତିତ୍ୱ




ସମ୍ବଲପୁର,୨୧।୩(ପ୍ରମୋଦ ବହିଦାର): ଛତିଶଗଡ଼ର ରାୟପୁରଠାରେ ଆୟୋଜିତ 'କିଡ୍ସ ଷ୍ଟାର ଫେସ୍ ଅଫ୍ ଛତିଶଗଡ଼' ଫ୍ୟାଶନ ପ୍ରତିଯୋଗିତାରେ ଟାଇଟଲ ହାସଲକରି ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି ସିଦ୍ଧି ସମ୍ପୂର୍ଣ୍ଣା ନାୟକ। ପିଲାଟି ବେଳୁ ନୃତ୍ୟ ଓ ମଡେଲିଂ ପ୍ରତି ଆଗ୍ରହ ରଖୁଥିବା ଧନୁପାଲିର ଚୈତନ୍ୟ ନାୟକ ଓ ବିନ୍ଦିଆରାଣୀ ନାୟକଙ୍କ କନ୍ୟା ସିଦ୍ଧି ସମ୍ପୂର୍ଣ୍ଣା ଗୁରୁ ସେହେବାଜ ଖାନଙ୍କ ନିକଟରୁ ମଡେଲିଂ ପ୍ରଶିକ୍ଷଣ ନେଉଛନ୍ତି। ରାୟପୁରର ହୋଟେଲ ଗ୍ରାଣ୍ଡ ଅର୍ଜୁନରେ ଛତିଶଗଡ଼ର ମମତା ପଟେଲ ଓ ଦଳ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ତିନୋଟି ଯାକ ପ୍ରଶ୍ନୋତ୍ତର ରାଉଣ୍ଡରେ ସେ ଉତ୍ତମ ପ୍ରଦର୍ଶନ କରି ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ନୃତ୍ୟ, ବଲିଉଡ୍ ଓ ପାଶ୍ଚାତ୍ୟ ଆଦି ବର୍ଗର ଚାଲିର ପ୍ରଦର୍ଶନ ରାଉଣ୍ଡରେ ସେ କୃତକାର୍ଯ୍ୟ ହୋଇ ଏହି ଟାଇଟଲ ବିଜୟୀ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଛତିଶଗଡ଼ୀ ସିନେମା 'ଚାହତ'ର ନାୟକ ଆକାଶ ସୋନୀ ଓ ନାୟିକା ୟସ୍ମିନ ଜୟସ୍ୱାଲଙ୍କ ସମେତ ସିନେମା ଲେଖକ ରାଜା ଖାନ, ପ୍ରଯୋଜକ ରିଙ୍କୁ ରାଜା ଓ ଅଭିନେତା ୟାକୁବ୍ ଖାନ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସାମାନ୍ୟ ବର୍ଷା ପବନରେ ଅଞ୍ଚଳ ଅନ୍ଧାର

ପଡିଆବାହାଲ, ୨୧।୩(ରାଧାମୋହନ ଷଡ଼ଙ୍ଗୀ)– ୟୁଯୁମୁରା ବ୍ଲକ ପଡିଆବାହାଲ ଅଞ୍ଚଳରେ ସାମାନ୍ୟ ବର୍ଷା ପବନ ହେଲେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ଏଇ ସପ୍ତାହରେ ଏହି ସମସ୍ୟା ସୀମା ଟପିଛି। ବିନା କାରଣରେ ଦିନରେ ଚାରିରୁ ପାଞ୍ଚଥର ଲାଇନ କଟୁଛି। ପୁଣି ଝଡ଼ବର୍ଷା ହେଲେ ଏହାର ମାତ୍ରା ଅଧିକ ହୋଇପଡ଼େ। ବୁଧବାର ରାତିତମାମ ଅଞ୍ଚଳ ଅନ୍ଧାରରେ ଥିଲାବେଳେ ଗୁରୁବାର ସକାଳେ ପ୍ରାୟ ଦୁଇଘଣ୍ଟା ଲାଇନ ଆସି ପୁଣି କଟିଯାଇଛି। ବିଭାଗୀୟ ଜେଇ ତାଲପାଲି ମାନେଶ୍ୱର ଗ୍ରୀଡ୍ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ପଡି ଯାଇଥିବାରୁ ମରାମତି ପାଇଁ କଟାଯାଇଥିବା ଓ ସନ୍ଧ୍ୟା ସୁଦ୍ଧା ସଂଯୋଗ ଦିଆଯିବ ବୋଲି କହିଥିଲେ। ହେଲେ ୬ଟା ୫୦ ମିନିଟ ସୁଦ୍ଧା ସଂଯୋଗ ଦିଆଯାଇନାହିଁ । ଅଞ୍ଚଳରେ ଡିବିରୀ ଜାଳିବାକୁ କିରୋସିନ ମିଳୁ ନ ଥିବା ବେଳେ ବିଦ୍ୟୁତ୍ ଆଲୋକରେ ଅଭ୍ୟସ୍ତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀ ତୁରନ୍ତ ଏ ଦିଗରେ ପ ଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସ୍କିଲ ଇଣ୍ଡିଆ ଯୋଜନାରେ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ

ସମ୍ବଲପୁର,୨୧।୩ (ଭବାନୀ ଶଙ୍କର ଭୋଇ) ବେକାର ଯୁବକଙ୍କ ଦକ୍ଷତା ବୃଦ୍ଧି ପାଇଁ ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ଯୋଜନାରେ ସମ୍ବଲପୁରର ୩୫ ଯୁବତୀଯୁବକଙ୍କୁ ଏଡ୍ଏଟ୍ ଆକ୍ସନ ପକ୍ଷରୁ ମାଗଣା ମୋବାଇଲ ଓ କମ୍ପ୍ୟୁଟର ମରାମତି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧ ଜଣ ପ୍ରଶିକ୍ଷଣ ପରେ କୃତକାର୍ଯ୍ୟ ହେଇଥିବା ବେଳେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ସହରର ଏକ ହୋଟେଲଠାରେ ଗୁରୁବାର ଉତ୍ସବ ଆୟୋଜିତ ହୋଇଥିଲା। ଏଡ୍ଏଟ୍ ଆକ୍ସନର ଆଞ୍ଚଳିକ ପରିଚାଳକ ବଳବନ୍ତ କୁମାର ସିଂ ସଂଯୋଜନା କରିଥିଲେ। ସମ୍ବଲପୁର କାନାରା ବ୍ୟାଙ୍କ ଏଜିଏମ୍ ଅଜିତ କୁମାର ଜଗା ମୁଖ୍ୟଅତିଥି ଓ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଡ୍ଏଟ୍ ଆକ୍ସନର ସମ୍ବଲପୁର ଶାଖା ପ୍ରଶିକ୍ଷକ ଶୁଭେନ୍ଦୁ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂସ୍ଥାର କେନ୍ଦ୍ର ପରିଚାଳକ ଅଜିତ ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଆନ୍ତଃ ଜିଲା ଅପରାଧୀଙ୍କ ସମେତ ୩ ଗିରଫ

## ଦେଶୀ ବନ୍ଧୁକ, ଗୁଳି ସହ ବାଇକ୍ ଜବତ

କୁଚିଣ୍ଡା,୨୧।୩(ବିରଞ୍ଚି ଦର୍କା)

କୁଚିଣ୍ଡା ପୋଲିସ ୨ ଆନ୍ତଃ ଜିଲା ଅପରାଧୀଙ୍କ ସମେତ ୩ଜଣଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ସଦର ଥାନା ଅନୁଆପଡା ଗ୍ରାମର ଉମେଶଚନ୍ଦ୍ର ସାହୁ ଓରଫ ମୁଟୁରା (୩୬), ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ମୂଷାଟିକିରି ଗ୍ରାମର ଅଶିତ କୁମାର କର ଓରଫ ଲିପୁଆ (୩୭) ଓ ସେମାନଙ୍କୁ ସୁରକ୍ଷା ଦେଇଥିବା ମହୁଲପାଲି ଥାନା ବୁରୋଡିହି ଗ୍ରାମର ସଞ୍ଜିତ କୁମାର ପଟେଲ(୪୮)। ଏ ନେଇ ପୋଲିସ କୁଚିଣ୍ଡା ଥାନାରେ ଧାରା ୩୯୨/୧୨୦(ବି) ଆଇପିସି ୨୫ ଆର୍ମ୍ସ ଆକ୍ଟରେ ମାମଲା (ନଂ.୧୩୨/୨୪) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ଏକ ଦେଶୀ ପିସ୍ତଲ, ୩ ଜୀବନ୍ତ ଗୁଳି, ପଲସର ବାଇକ୍ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ଓ କୁଚିଣ୍ଡା ଆଇଆଇସି ଦିଲୀପ କୁମାର ସ୍ୱାଇଁ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।




ଗିରଫ ୩ ଅଭିଯୁକ୍ତ ଓ ଜବତ ଦେଶୀ ବନ୍ଧୁକ।

ସେମାନେ ଆହୁରି କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ କୁଚିଣ୍ଡା ସହର ଟାଉନ ହଲଠାରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସୁନ୍ଦରଗଡ ଜିଲା ଭଷ୍ମା ଥାନା ଜାମତଲିଆ ଗ୍ରାମର ରାଜେନ୍ଦ୍ର କୁମାର ନାୟକ ସ୍ତ୍ରୀଙ୍କ ସହ ଆସିଥିଲେ। ରାଜେନ୍ଦ୍ର ଗାଡି ପାର୍କିଂ କରୁଥିବା ସମୟରେ ତାଙ୍କ ସ୍ତ୍ରୀ ରାସ୍ତା କଡରେ ଛିଡା ହୋଇଥିଲେ। ଏହି ସମୟରେ ଏକ ପଲସର ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ରାଜେନ୍ଦ୍ରଙ୍କ ସ୍ତ୍ରୀ ବେକରୁ ସୁନାହାରକୁ ଝାମ୍ପିଥିଲେ। ମାତ୍ର ମହିଳା ଜଣକ ଦୁର୍ବୃତ୍ତଙ୍କ ହାତକୁ ଧରିଦେବାରୁ ହାରଟି ଛିଣ୍ଡିଯାଇଥିଲା। ଦୁର୍ବୃତ୍ତମାନେ ସୁନାହାରର ଏକ ଛିଣ୍ଡା ଅଂଶ ଧରି ସେଠାରୁ ଫେରାର ମାରିଥିଲେ। ଏ ସଂକ୍ରାନ୍ତରେ ରାଜେନ୍ଦ୍ର କୁଚିଣ୍ଡା ଥାନାରେ ଲିଖିତ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବୁରୋଡିହି ଗ୍ରାମର ସଞ୍ଜିତ ପଟେଲଙ୍କ ଘରେ ଚଢାଉ କରିଥିଲା। ପୋଲିସ ସେଠାରୁ ମୁଟୁରା ସହ ସଞ୍ଜିତଙ୍କୁ ଗିରଫ କରି ଏକ ଦେଶୀ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିଥିଲା। ଉଭୟଙ୍କୁ ଜେରା କରିବାରେ ଲିପୁଆ ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ପରେ ପୋଲିସ ଟିମ ଅନୁଗୋଳ ଜିଲାର ନିଶା ଥାନା ଅଞ୍ଚଳରୁ ଲିପୁଆଙ୍କୁ ଗିରଫ କରିଥିଲା। ମୁଟୁରା ନାମରେ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନାରେ ୨୫ ଆପରାଧିକ ମାମଲା ଥିବାବେଳେ ଲିପୁଆ ନାମରେ କଟକ ଜିଲାର ବିଭିନ୍ନ ଥାନାରେ ୨୨ ଆପରାଧିକ ମାମଲା ରହିଛି। ସେହିପରି ବୁରୋଡିହିର ସଞ୍ଜିତଙ୍କ ନାମରେ ପୂର୍ବରୁ କୁଚିଣ୍ଡା ଥାନାରେ ଏକ ମାମଲା ରହିଛି ଓ ସେ କିଛି ଦିନ ଧରି ଜେଲ ହାଜତରେ ମଧ୍ୟ ଥିଲେ। ଜାମିନରେ ମୁକୁଳି ଉପରୋକ୍ତ ଅପରାଧୀଙ୍କ ସହ ସମ୍ପର୍କ ସ୍ଥାପନ କରି କିଛିଦିନ ଧରି ତାଙ୍କ ଘରେ ଆଶ୍ରୟ ଦେଇ କୁଚିଣ୍ଡା ଅଞ୍ଚଳରେ ଡକାୟତି ଯୋଜନା କରିଥିଲେ। ଏହି ଗ୍ୟାଙ୍ଗ ମଙ୍ଗଳବାର ରାତିରେ କୁଚିଣ୍ଡା ବସଷ୍ଟାଣ୍ଡର ଏକ ସୁନା ଦୋକାନରେ ଡକାୟତି ଯୋଜନା ରଖିଥିବା ବେଳେ ବୈବାହିକ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ମହିଳାଙ୍କ ଉପରେ ନଜର ପଡିବାରୁ ସୁନାହାର ଲୁଟ ଉଦ୍ୟମ କରିଥିଲେ। ମାତ୍ର ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡଧରଣର ଡକାୟତି ଯୋଜନା ପଣ୍ଡ ହୋଇଥିବା ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ବିଶ୍ୱ କବିତା ଦିବସ




ମହାବିଦ୍ୟାଳୟରେ ବିଶ୍ୱ କବିତା ଦିବସ ଅବସରରେ ଅତିଥିମାନେ।

ସମ୍ବଲପୁର,୨୧।୩ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟରେ ଗୁରୁବାର ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପ୍ରଦୀପ ହରପାଲ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠିତ ଇଂରାଜୀ କବି ପ୍ରଫେସର ରାଜେନ୍ଦ୍ର ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଏହି ଦିବସର ପ୍ରାସଙ୍ଗିକତା ତଥା କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ଗୋପୀନାଥ ବାଗ ମୁଖ୍ୟବକ୍ତା ଓ ଦୁର୍ଗାପ୍ରସାଦ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି କବିମାନେ ସେମାନଙ୍କ ଲିଖିତ କବିତା ଆବୃତ୍ତି କରିବା ସହ କବିତା ଲିଖନ ଓ ପାଠ କରିବାର ଶୈଳୀ ବିଷୟରେ ସୂଚନା ଦେଇଥିଲେ। ଏହାପରେ ସାହିତ୍ୟ ସଂସଦର ସଂଯୋଜକ ବୀରସେନ ଦଳାଇଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧ୍ୟାପିକା ମେଞ୍ଜା ପୂର୍ତ୍ତି, ଅଲକା ଲୁଗୁନ, ମିନତୀ ଛତ୍ରୀଆ, ଅଧ୍ୟାପକ ସତ୍ୟରଞ୍ଜନ ଭୋଇ, ନିରଞ୍ଜନ ରାଉତ, ସୁରଥ ନାଗ ଏବଂ ଛାତ୍ରୀ ଯମୁନା ବାଗ, ସତ୍ୟବତୀ ବଗାର, ମିତାଲି ମହାନ୍ତି, ଛାତ୍ର ଅନୁରାଗ ନାଥ, ଜାଗରଣ ପୂଜାରୀ, ପ୍ରଦୀପ ରୋହିଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ବ୍ୟାପୁଛି କିଡ୍‌ନୀ ରୋଗ: ପହଞ୍ଚିଲା ଡାକ୍ତରୀଦଳ



ଚୁଡାପୁଡୁଗ ଗ୍ରାମରେ ଡାକ୍ତରୀଟିମ୍ ଲୋକଙ୍କୁ ସଚେତନ କରୁଛି।

ରେଢ଼ାଖୋଲ,୨୧।୩(ଅଚ୍ୟୁତାନନ୍ଦ ପୁରୋହିତ) ରେଢ଼ାଖୋଲ ବ୍ଲକର ବିଭିନ୍ନ ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ ଅନ୍ତର୍ଗତ ଭରତାପୁର ପଞ୍ଚାୟତର ଚୁଡାପୁଡୁଗ ଗ୍ରାମରେ ଗତ କିଛିମାସ ହେବ କିଡ୍‌ନୀ ରୋଗ ବୃଦ୍ଧି ପାଉଥିବା ସୂଚନାପାଇ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚିଥିଲା। ଏହି ଟିମ୍ ୩୬ ଜଣଙ୍କ ରକ୍ତ, ପରିସ୍ରା ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ଏଥିସହିତ ନଳକୂପ ଜଳ ସଂଗ୍ରହକରି ପରୀକ୍ଷା ପାଇଁ ସାଙ୍ଗରେ ନେଇଥିବାବେଳେ ଗ୍ରାମବାସୀଙ୍କୁ ରୋଗର ଲକ୍ଷଣ ଉପରେ ସଚେତନ କରିଥିଲା। ଏହି ଟିମ୍‌ରେ ଡାକ୍ତର ଜ୍ଞାନରଞ୍ଜନ ମହାନ୍ତିଙ୍କ ସହ ସ୍ୱାସ୍ଥ୍ୟ କର୍ମଚାରୀ ସତ୍ୟନାରାୟଣ ସାହୁ, ଆଶିଷ କୁମାର ପତି, ମାନସ କୁମାର ସାହୁ, ସାନ୍ତ୍ୱନା ସାହୁ, ଅକ୍ଷୟ ବଘାର, ରଞ୍ଜିତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ

# ପ୍ରଗତିଶୀଳ ବ୍ୟବହାରରେ ଉତ୍ସାହ ବଜାୟ ରଖିବାକୁ ହେବ

ସମ୍ବଲପୁର,୨୧।୩(ବି.ଶଙ୍କର)

ରାଜଭାଷା କାର୍ଯ୍ୟକାରୀ କମିଟିର ୭୯ତମ ବୈଠକ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାୱାଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗଦେଇଥିଲେ। ବୈଠକର ପ୍ରାରମ୍ଭରେ ରାଜଭାଷା ବିଭାଗ (ପୂର୍ବାଞ୍ଚଳ) ଗୃହ ମନ୍ତ୍ରଣାଳୟ , ଭାରତ ସରକାର ୨୦୨୨-୨୩ ମସିହାରେ ଉତ୍କୃଷ୍ଟ କାର୍ଯ୍ୟକାରିତା ପାଇଁ ନଗର ସରକାରୀ ଭାଷା କାର୍ଯ୍ୟକାରୀ କମିଟିକୁ ଦେଇଥିବା ପ୍ରଥମ ପୁରସ୍କାରକୁ ଏମ୍‌ସିଏଲ୍ ଅଧ୍ୟକ୍ଷ ଉଦୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ରାଜଭାଷା ସହିତ ଜଡିତ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ରାଜଭାଷାର ପ୍ରଗତିଶୀଳ ବ୍ୟବହାରରେ ଏମ୍‌ସିଏଲ୍‌କୁ ଉତ୍ସାହ ବଜାୟ ରଖିବାକୁ ହେବ। ସେହିପରି କାର୍ମିକ ନିର୍ଦ୍ଦେଶକ କହିଥିଲେ, କମ୍ପାନୀ ପାଇଁ ଏହି ପୁରସ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରମାଣ କରେ ଯେ ଆମେ ରାଜଭାଷାର ପ୍ରଗତି ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ବୈଠକରେ ରାଜଭାଷାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ଆରମ୍ଭରେ ଜେନେରାଲ ମ୍ୟାନେଜର (ରାଜଭାଷା) ଶ୍ରୀକୃଷ୍ଣ ମୁରାରୀ ପ୍ରସାଦ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି କହିଥିଲେ, ଭବିଷ୍ୟତରେ ଆମକୁ ହିନ୍ଦୀରେ ଅଧିକରୁ ଅଧିକ ସରକାରୀ କାର୍ଯ୍ୟ କରିବାକୁ ପଡିବ । ଯାହା ଦ୍ୱାରା ରାଜଭାଷା ନୀତିର ଶତପ୍ରତିଶତ ପାଳନ କରାଯାଇପାରିବ। ଏହି ଅବସରରେ ଉନ୍ନତ ରାଜଭାଷା ପ୍ରଦର୍ଶନ ସହିତ କ୍ଷେତ୍ର ଓ ବିଭାଗଗୁଡିକକୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ମାନିତ କରାଯାଇଥିଲା । ଏହି ବୈଠକରେ ମୁଖ୍ୟାଳୟର ସାଧାରଣ ପରିଚାଳକ, ଆଞ୍ଚଳିକ ପର୍ସନାଲ ମ୍ୟାନେଜର, ନିଯୁକ୍ତ ରାଜଭାଷା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




ସମ୍ମାନିତ ହେବା ଅବସରରେ କମ୍ପାନୀ ଅଧିକାରୀ ।

## ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

ରେଢ଼ାଖୋଲ,୨୧।୩(ଅଚ୍ୟୁତାନନ୍ଦ ପୁରୋହିତ)– ରେଢ଼ାଖୋଲ ବସଷ୍ଟାଣ୍ଡ ଛକ ନିକଟ ୫୫ନଂ ଜାତୀୟ ରାଜପଥ କଡରେ ଥିବା ଖୁସି ମୋବାଇଲ ଦୋକାନରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୮୧/୨୪) ରୁଜୁ କରିବା ସହ ଏକ ୪ଜଣିଆ ଟିମ୍ ଗଠନ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି। ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ନେଇ ତଦନ୍ତ କରିଥିଲେ ହେଁ କୌଣସି ସୁରାକ ମିଳିନାହିଁ। ମୋବାଇଲ ଦୋକାନ ମାଲିକ ସୌମେନ୍ଦ୍ର ପଣ୍ଡା ରେଢାଖୋଲ ଥାନାରେ ଅଭିଯୋଗ କରିଛନ୍ତି ଯେ ବୁଧବାର ରାତିରେ ତାଙ୍କ ମୋବାଇଲ ଦୋକାନର ପଛପାଖ କାନ୍ଥକୁ ଦୁର୍ବୃତ୍ତମାନେ ଭାଙ୍ଗି ଦୋକାନରେ ଥିବା ବିଭିନ୍ନ କମ୍ପାନୀର ୫୦ରୁ ଊର୍ଦ୍ଧ୍ୱ ଦାମିକିଆ ମୋବାଇଲ ଫୋନ ଚୋରି କରି ନେଇଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ଦେଢବର୍ଷ ଭିତରେ ତାଙ୍କ ଦୋକାନରୁ ୩ଥର ଚୋରି ହୋଇଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଥିଲେ ହେଁ ସୁଫଳ ପାଇନାହିଁ।

## ୨୩ରୁ ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା

ସମ୍ବଲପୁର,୨୧।୩(ବି.ଶଙ୍କର) ସମ୍ବଲପୁର ଜିଲା ଚେସ୍ ସଂଘ ଏବଂ କୌଶଳ ଚେସ୍ ଏକାଡେମୀ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୩ ଓ ୨୪ ତାରିଖରେ ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମ୍ବଲପୁର ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପଠାରେ ହେବାକୁ ଥିବା ପ୍ରତିଯୋଗିତାରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗର ପ୍ରତିଯୋଗୀ ଭାଗ ନେବେ। ପ୍ରତିଯୋଗିତାରେ ଜିଲାର ଯେ କୌଣସି ଖେଳାଳି ଭାଗ ନେଇପାରିବେ। ଉତ୍ତମ ପ୍ରଦର୍ଶନ କରିଥିବା ସ୍କୁଲକୁ ଚାମ୍ପିୟନ ଟ୍ରଫି ଦିଆଯିବ। ଏଥିସହ ସ୍କୁଲ ଅଧ୍ୟକ୍ଷ ଓ କ୍ରୀଡ଼ା ଶିକ୍ଷକଙ୍କୁ ସମ୍ମାନିତ କରାଯିବ ସଂଘର ବିଧୁ ଭୂଷଣ ମିଶ୍ର ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

## ଉମେଶ ପ୍ରସାଦ ରଥଙ୍କୁ ନାଟ୍ୟ ଭବଭୂତି ଓ ଦଶରଥ ମେହେରଙ୍କୁ ମିଳିବ ନାଟନାଟୁଆ ସମ୍ମାନ

ସମ୍ବଲପୁର,୨୧।୩ (ଭବାନୀ ଶଙ୍କର ଭୋଇ) ସମ୍ବଲପୁରର ନାଟ୍ୟ ଅନୁଷ୍ଠାନଗୁଡ଼ିକୁ ନେଇ ପ୍ରତିଷ୍ଠିତ ନାଟନାଟୁଆ ଆସନ୍ତା ୨୭ରେ ବିଶ୍ୱ ନାଟ୍ୟ ଦିବସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଛି। ଏଥିପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜିଲା ସାମ୍ବାଦିକ ସଂଘ ସହଯୋଗରେ ସମ୍ବଲପୁରର ନାଟ୍ୟକର୍ମୀମାନଙ୍କୁ ନେଇ ବିଶ୍ୱ ନାଟ୍ୟ ଦିବସ ଆୟୋଜନ କରାଯିବ। ଏହି ଅବସରରେ ନାଟ୍ୟବିଭୂତି ଉମେଶ ପ୍ରସାଦ ରଥଙ୍କୁ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନାଟ୍ୟ ଭବଭୂତି ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଆବାହନୀ ସଙ୍ଗୀତ ପରିବେଷଣ କରି ନାଟକକୁ ସଫଳ କରିଆସିଥିବା ସେହେନାଇ ବାଦକ ଦଶରଥ ମେହେରଙ୍କୁ ନାଟନାଟୁଆ ସମ୍ମାନ ପ୍ରଦାନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ନାଟନାଟୁଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ଅତିଶ ଶତପଥୀ ଓ ବିରୁପାକ୍ଷ ପ୍ରଧାନ ବୈଠକରେ ସାମିଲ ହୋଇଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀମାନେ।

ନାକଟିଦେଉଳ,୨୧।୩(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ବିଭାଗ ତରଫରୁ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ମହିଳା ଦିବସ ଓ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଶ୍ରୀତା ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ବିଷ୍ଣୁମୋହନ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତକରି ସଚେତନତା ହିଁ ଏହାର ଏକମାତ୍ର ନିଦାନ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରେଡ୍‌କ୍ରସ୍‌ର ପ୍ରୋଗ୍ରାମ ଅଫିସର ସୁରେଶ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷା ବିଭାଗ ଅଧ୍ୟାପିକା ସ୍ୱାଗତିକା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

# ଷ୍ଟ୍ରବେରି ଚାଷ ଲୀନା ମାଝିଙ୍କୁ ସ୍ୱାବଲମ୍ବୀ କରିଛି

କୁଚିଣ୍ଡା,୨୧।୩(ବିରଞ୍ଚି ଦର୍କା)– ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଉପାନ୍ତ ଝାରମାଲ ଗ୍ରାମର ପୂର୍ବତନ ଜିଲା ପରିଷଦ ସଭ୍ୟା ତଥା ଏସ୍‌ଏଚ୍‌ଜି ସଦସ୍ୟା ଲୀନା ମାଝିଙ୍କୁ ଷ୍ଟ୍ରବେରି ଚାଷ ସ୍ୱତନ୍ତ୍ର ପରିଚୟ ଦେବା ସହ ସ୍ୱାବଲମ୍ବୀ କରିଛି। କୁଚିଣ୍ଡା ଉପଖଣ୍ଡ ଲଙ୍କା ମରିଚ, ଆମ୍ବ ଓ ଲିଚୁ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ କିଛି ବର୍ଷ ପୂର୍ବରୁ ସେଓ ଚାଷ ଯୋଗୁ ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତର ଗମ୍ଭିରାମୁଣ୍ଡା ଓ କୁଚିଣ୍ଡା ବ୍ଲକ ସାଲେଭାଡି ପଞ୍ଚାୟତର ବଡବାହାଲ ଗ୍ରାମ ଚର୍ଚ୍ଚାରେ ରହିଛି। ଏସବୁ ଚାଷ ପାଇଁ ଏଠାକାର ଜଳବାୟୁ ଅନୁକୂଳ ଥିବାରୁ ଏବେ କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଝାରମାଲ ଗ୍ରାମର ଲୀନା ମାଝିଙ୍କ ଷ୍ଟ୍ରବେରି ଚାଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଝାରମାଲ ଗ୍ରାମର 'ମା' ରାଜଶ୍ରୀ ଏସ୍‌ଏଚ୍‌ଜି'ରେ ସଦସ୍ୟା ଅଛନ୍ତି ଲୀନା। ସେ ଜିଲା ପ୍ରଶାସନ, କୁଚିଣ୍ଡା ବିଡିଓ ନିରଞ୍ଜନ ସା ଓ ଓଏଲ୍‌ଏମ୍ (ଓଡ଼ିଶା ଜୀବିକା ମିଶନ) ବିପିଏମ୍ ଷ୍ଟିଫେନ ବେହେରାଙ୍କଠାରୁ ଷ୍ଟ୍ରବେରି ଚାଷ ସମ୍ପର୍କରେ ପ୍ରୋତ୍ସାହିତ ହୋଇଥିଲେ। ଘରକୁ ଆସି ସ୍ୱାମୀ ଈଶ୍ୱର ମାଝିଙ୍କ ସହ ଆଲୋଚନା କରି ୟୁଟ୍ୟୁବ ଦେଖି ଏ ବାବଦରେ ଅଧିକ ଜ୍ଞାନ ଆହରଣକରି ଚାଷ ପାଇଁ ମନ ବଳାଇଥିଲେ। ଷ୍ଟ୍ରବେରି ଏକ ଲତାଜାତୀୟ ଚାଷ। ଲୀନା ତାଙ୍କ ସ୍ୱାମୀ ଈଶ୍ୱରଙ୍କ ସହଯୋଗରେ ଫୁଲବାଣୀରୁ ଚାରା ଆଣି ନିଜ ବାଡିରେ ଥିବା ପ୍ରାୟ ୮୦ଡେସିମିଲ ଜମିରେ ଷ୍ଟ୍ରବେରି ଚାଷ କରିଥିଲେ। ଜୈବିକ ପଦ୍ଧତିରେ ସେ ଏହି ଚାଷ କରିଥିଲେ ହେଁ ଏଥିପାଇଁ ତାଙ୍କୁ ପ୍ରାୟ ୪୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥିବା ସେ କହନ୍ତି। ପରୀକ୍ଷାମୂଳକ ଭାବେ ପ୍ରଥମଥର ପାଇଁ ସେ ଏହି ଚାଷ କରିଥିବା ବେଳେ ଷ୍ଟ୍ରବେରିର ଅନୁକୂଳ ସମୟ ହେଉଛି ସେପ୍ଟେମ୍ବର/ଅକ୍ଟୋବର। ମାତ୍ର ୧ମାସ ପରେ ନଭେମ୍ବର ଶେଷ ଭାଗରେ ସେ ଚାରା ଲଗାଇଥିବା ଉତ୍ପାଦନ କମ୍ ହୋଇଥିବା କହନ୍ତି। ଜାନୁଆରୀରୁ ଅଦ୍ୟାବଧି ସେ ପ୍ରାୟ ୨ କୁଇଣ୍ଟାଲ ଷ୍ଟ୍ରବେରି ବିକ୍ରି କଲେଣି। କେଜି ପ୍ରତି ୪୫୦ଟଙ୍କା ରହିଥିବା ବେଳେ ୨ଶହ ଗ୍ରାମ ପ୍ୟାକେଟ ମୂଲ୍ୟ ୮୦ଟଙ୍କାରେ ବିକ୍ରି କରୁଛନ୍ତି। ଷ୍ଟ୍ରବେରି ଚାଷରେ ଏବେ ବି ଫୁଲ ଫଳ ଧରିଛି ଓ ଏହା ଏପ୍ରିଲ ପର୍ଯ୍ୟନ୍ତ ଆମଦାନୀ ହେବ ବୋଲି ସେ କହିଛନ୍ତି। ସେ ବିଭିନ୍ନ ଏସ୍‌ଏଚ୍‌ଜି ମେଳା ପ୍ରଦର୍ଶନୀ ପାଇଁ ନେଇଥିବା ଷ୍ଟ୍ରବେରିକୁ ଲୋକେ ବହୁ ପସନ୍ଦ କରୁଥିବା ଏବଂ ଏହି ଚାଷ ଦେଖିବାକୁ ପ୍ରତିଦିନ ତାଙ୍କ ଘରେ ଗହଳି ଲାଗୁଥିବା ସ୍ୱାମୀ ଈଶ୍ୱର କହନ୍ତି। ଲୀନାଙ୍କ ଠାରୁ ଅନୁପ୍ରାଣିତ ହୋଇ କେହି ଯଦି ଷ୍ଟ୍ରବେରି ଚାଷ କରିବା ପାଇଁ ଇଚ୍ଛା କରନ୍ତି ତେବେ ସେ ତାଙ୍କୁ ତାଲିମ ଓ ଚାରା ଯୋଗାଇଦେବେ ବୋଲି କହନ୍ତି। ଷ୍ଟ୍ରବେରି ଏକ ଲାଭଜନକ ଚାଷ ହୋଇଥିବା ବେଳେ ଏଥିପାଇଁ ସେ ଖୁବ୍ ଆନନ୍ଦିତ ଓ ଭଲ ରୋଜଗାର କରି ସାବଲମ୍ବୀ ହୋଇଥିବା ଲୀନା କହନ୍ତି।



ସ୍ୱାମୀଙ୍କ ସହ ଲୀନା କ୍ଷେତରୁ ଷ୍ଟ୍ରବେରି ତୋଳୁଛନ୍ତି।



ପ୍ୟାକେଟ କରୁଛନ୍ତି ଲୀନା।

## ସଂକ୍ଷେପରେ

### ପୋଷଣ ପକ୍ଷ ପାଳିତ



ବାଉଁଶୁଣୀ,୨୧।୩(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବଘିଆପଡା ଅଙ୍ଗନବାଡ଼ି ସେକ୍ଟରର କନକପୁର ଅଙ୍ଗନବାଡି କେନ୍ଦ୍ରରେ ଗୁରୁବାର ଦିନ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ସିଡିପିଓ ମୀନତି ଦେଓଙ୍କ ନେତୃତ୍ୱରେ ସୁପରଭାଇଜରମାନେ ପୋଷଣ ପକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୋଷଣ ପକ୍ଷ ଅବସରରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ଏହି ଅବସରରେ ନବଜାତ ଶିଶୁମାନଙ୍କୁ ଅନ୍ନପ୍ରାସନ,ଗର୍ଭବତୀ ମହିଳାମାନଙ୍କ ଶୁଆଦିଆ ଖାଦ୍ୟ ଉତ୍ସବ ଆଦି ଆୟୋଜିତ ହୋଇଥିଲା । ପୋଷଣ ପକ୍ଷ ଅବସରରେ ବାଉଁଶୁଣୀ ସୁପରଭାଇଜର ଲିଲି ବେରିଆ, ପୋଷଣ ବିପିସି ବର୍ଷାରାଣୀ ଦାନୀ, ବଘିଆପଡା ସୁପରଭାଇଜର କମଳିନୀ ମିଶ୍ରଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ବୌଦ୍ଧ,୨୧।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ବୌଦ୍ଧ ଜିଲା ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଦୁଇ ସହକାରୀ ଶିକ୍ଷକଙ୍କ ବହିଷ୍କାର ଦାବିରେ ଗୁରୁବାର ଦିନ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା ।

ପ୍ରକାଶ ଯେ, କଣ୍ଟାମାଳ ବ୍ଲକର ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଗତ ଫେବୃୟାରୀ ୧୪ ତାରିଖ ସରସ୍ୱତୀ ପୂଜା ଦିନ ଜଣେ ଦଳିତ ଛାତ୍ରଙ୍କୁ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ବୌଦ୍ଧ ଜିଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଥିଲା। ପାଣଗଣ୍ଡା ବିକାଶ ପରିଷଦ ପକ୍ଷରୁ ସମ୍ପୃକ୍ତ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଦୁଇ ଜଣ ସହକାରୀ ଶିକ୍ଷକ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଘଟଣାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍କୃତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏନେଇ ଗତ ୧୮ ତାରିଖରେ ପାଣଗଣ୍ଡା ବିକାଶ ପରିଷଦ



ପାଣଗଣ୍ଡା ସମାଜ ବିକାଶ ପରିଷଦର ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

**ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ପକ୍ଷରୁ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଗୁରୁବାର ଦିନ ବିକାଶ ପରିଷଦର ସମ୍ପାଦକ ସୁଧାଂଶୁ ଡାଗଙ୍କ ନେତୃତ୍ୱରେ ପରିଷଦ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ଆନ୍ଦୋଳନକାରୀଙ୍କ ସହ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ ଆଲୋଚନା କରି ସଂପୃକ୍ତ ସଂସ୍କୃତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିଛି। ବର୍ତ୍ତମାନ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଆନ୍ଦୋଳନକାରୀମାନେ ଚାଲି ଯାଇଥିଲେ। ଆନ୍ଦୋଳନରେ ସଂଗଠନର ଉପସଭାପତି ମକରଧ୍ୱଜ ମହାନନ୍ଦିଆ, ଦଶରଥ ବେହେରା, ରାମଚନ୍ଦ୍ର ତାଣ୍ଡି, ନନ୍ଦିନୀ ନାଏକ, ଧରଣୀଧର ବିଭାର, ରମେଶ ମହାନନ୍ଦିଆ ଓ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

# ମାଜିଷ୍ଟ୍ରେଟ ଓ ପୋଲିସର ସମନ୍ୱୟ ବୈଠକ

ଘଣ୍ଟାପଡ଼ା,୨୧।୩(ପ୍ରଭାତ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟଠାରେ ମାଜିଷ୍ଟ୍ରେଟ ଓ ପୋଲିସର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରିଚାଳନା ପାଇଁ କଣ୍ଟାମାଳ ବ୍ଲକ ଅଞ୍ଚଳର ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀ ଓ ପୋଲିସ ଅଧିକାରୀଙ୍କ ଦାୟିତ୍ୱ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳରେ ଆଗାମୀ ସାଧାରଣ ନିର୍ବାଚନର ସଫଳ ପରିଚାଳନା, ଅସାମାଜିକ ବ୍ୟକ୍ତିଙ୍କ ସ୍ଥିତି, ଆଇଶୃଙ୍ଖଳା ପରିସ୍ଥିତି ଆଦି ନେଇ ସମୀକ୍ଷା କରାଯାଇଥିଲା । ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀମାନେ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ସହିତ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡି, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ଇଂ ଅଜିତ କୁମାର ସେଠୀ, ଇଂ ଦିବ୍ୟଲୋଚନ ନାୟକ, ଜୟଦେବ ପ୍ରଧାନ, ଜ୍ଞାନରଞ୍ଜନ ମିଶ୍ର, ଇଂ ଦେଶବନ୍ଧୁ ନାୟକ, ସୁଶାନ୍ତ ବେହେରାଙ୍କ ସମେତ ସମସ୍ତ ସେକ୍ଟର ଅଫିସର,ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀ ଓ ଘଣ୍ଟାପଡ଼ା ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି, କଣ୍ଟାମାଳ ଥାନାଧିକାରୀ ଭାବାନନ୍ଦ ପ୍ରଧାନ ଓ ମନମୁଣ୍ଡା ଥାନାଧିକାରୀ ରାମ କୁମାର ମୁର୍ମୁ ପ୍ରମୁଖ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।


କଣ୍ଟାମାଳ ବ୍ଲକର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମାଜିଷ୍ଟ୍ରେଟ ଓ ପୋଲିସ ।

# ଅଭାବୀ ବିକ୍ରିର ଶିକାର ସୂର୍ଯ୍ୟମୁଖୀ ଚାଷୀ



ଭବାନୀପାଟଣା,୨୧।୩(ଉତ୍ତମ କୁମାର ଦାଶ)

କଥାରେ ଅଛି, ଯିଏ ସୂର୍ଯ୍ୟମୁଖୀ ଫୁଲ ଚାଷ କରିଛି ଘରେ ତା'ର କେବେବି ଅଭାବ ରହେନି। ହେଲେ ବଜାର ବ୍ୟବସ୍ଥା କିମ୍ବା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି କଳାହାଣ୍ଡି ଜିଲାର ଅନେକ ଅଞ୍ଚଳର ସୂର୍ଯ୍ୟମୁଖୀ ଚାଷୀ। ଉଚିତ୍ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ ହତାଶ ହେଉଛନ୍ତି। ଜିଲାର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବହୁଳ ଭାବେ ସୂର୍ଯ୍ୟମୁଖୀ ଚାଷ କରାଯାଏ। ଭବାନୀପାଟଣାରୁ ଲାଞ୍ଜିଗଡ଼ ରାସ୍ତାର ଉଭୟ ପାର୍ଶ୍ୱରେ ଏକର ଏକର ଜମିରେ ସୂର୍ଯ୍ୟମୁଖୀ ଖିଲି ଖିଲି ହସୁଥିବା ଦେଖିବାକୁ ମିଳେ। ଯାହାକୁ ଦେଖି ରାସ୍ତାରେ ଯାଉଥିବା ପଥିକ ମଧ୍ୟ ଘଡ଼ିଏ ଅଟକି ଯାଉଛି। ଯଦିଓ ସ୍ଥାନୀୟ ଅଞ୍ଚଳରେ ଚାଷ ଭଲ ହେଉଛି, କିନ୍ତୁ ତେଲ ବିକ୍ରି କରିବାକୁ ନାହିଁ ବଜାର। ବଜାର ଅଭାବରୁ ଏଠିକାର ସୂର୍ଯ୍ୟମୁଖୀ ଚାଷୀ ନିଜ ଫସଲର ଉଚିତ୍ ମୂଲ୍ୟ ପାଉନାହାନ୍ତି। ଫଳରେ ସଞ୍ଜରେ ସୂର୍ଯ୍ୟମୁଖୀର ମୁହଁ ଭଳି ମଳିନ ପଡିଯାଉଛି ଚାଷୀଙ୍କ ବେଉଶା। ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଅଧିକ ଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହି ଚାଷ କରି କିଏ ଲାଭବାନ ହେଉଛି ତ ଆଉ କେଉଁଠି ଉପଯୁକ୍ତ ତାଲିମ ଓ ଅଭାବୀ ବିକ୍ରି ପାଇଁ କ୍ଷତି ସହୁଛି ଚାଷୀ। ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କିମ୍ବା ସୂର୍ଯ୍ୟମୁଖୀ ତେଲ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା କରାଯାଇ ପାରିଲେ ଲାଞ୍ଜିଗଡ ଅଞ୍ଚଳରେ ଦିନେ ସୂର୍ଯ୍ୟମୁଖୀ ଚାଷ ଲୋକଙ୍କ ମଧ୍ୟରେ ବେଶ ଆଦୃତ ଲାଭ କରିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଭଲ ରୋଜଗାର ଦେବ ବୋଲି କୁହାଯାଇଛି। ସୂର୍ଯ୍ୟମୁଖୀ ଚାଷ କେବଳ ଯେ ଲାଞ୍ଜିଗଡ଼ ଅଞ୍ଚଳରେ ନୁହେଁ ବରଂ ଜିଲାର ଥୁଆମୂଳ ରାମପୁର, କଳମପୁର, ଜୟପାଟଣା ଭଳି ଅନେକ ଅଞ୍ଚଳରେ ବହୁଳ ଚାଷ କରାଯାଏ। କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ତାଲିମ, ପ୍ରୋତ୍ସାହନ ଓ ସୂର୍ଯ୍ୟମୁଖୀର ମାର୍କେଟିଂ ବ୍ୟବସ୍ଥା କରାଗଲେ ଭଲ ଦୁଇ ପଇସା ରୋଜଗାର କରିପାରନ୍ତେ ବୋଲି ଚାଷୀ କହିଛନ୍ତି।

# ଘଣ୍ଟାପଡ଼ା ଥାନାରେ ନୂତନ ଥାନାଧିକାରୀ

ଖୁଣ୍ଟିଗୋରା/ଘଣ୍ଟାପଡା,୨୧।୩
(ମକରନ୍ଦ ସାହୁ/ପ୍ରଭାତ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଥାନାରେ ମାଧବ ଚନ୍ଦ୍ର ଟାକ୍ରି ନୂତନ ଥାନାଧିକାରୀ ଭାବେ ନିକଟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ବ୍ରହ୍ମପୁର ପୋଲିସ ଜିଲାର ଦିଗପହଣ୍ଡିରେ ଏଏସଆଇ ଭାବେ କାର୍ଯ୍ୟ କରୁଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରାଯିବ ଏବଂ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ଆହୁରି ସୁଦୃଢ କରାଯିବ ବୋଲି ନୂତନ ଥାନା ଅଧିକାରୀ ଟାକ୍ରି କହିଛନ୍ତି। ଏହି ଅବସରରେ ତାଙ୍କୁ ଘଣ୍ଟାପଡା ଥାନା ଅଞ୍ଚଳର ଖବରଦାତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# ମିଶନ ଶକ୍ତି ଗୃହର ତାଲା ଭାଙ୍ଗି ଚୋରି ଅଭିଯୋଗ

ବାଉଁଶୁଣୀ,୨୧।୩(ଦେବାଶିଷ ନେପାକ)

ବୁଧବାର ବୌଦ୍ଧ ବ୍ଲକ ବହିରା ଗ୍ରାମରେ ନବନିର୍ମିତ ମିଶନ ଶକ୍ତି ଗୃହର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସେଠାରେ ଥିବା ନିର୍ମାଣ ସାମଗ୍ରୀ ଚୋରି କରି ନେଇଛନ୍ତି । ଗୁରୁବାର ଏ ନେଇ ଠିକାଦାର ବାସୁଦେବ ବାରିକ ବାଉଁଶୁଣୀ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ତାଲା ଭାଙ୍ଗି ୧୦ ବସ୍ତା ସିମେଣ୍ଟ, ୫ ପେଟି ଟାଇଲ, କୋଡି, ଶାବଳ ଆଦି ଚୋରି ହୋଇଥିବା ଦର୍ଶାଇଛନ୍ତି। ଏହିସବୁ ସାମଗ୍ରୀ ନିର୍ମାଣ ପରେ ହସ୍ତାନ୍ତର ନ ହୋଇ ସେଠାରେ ରଖାଯାଇଥିଲା। ଚୋରି ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଡୁଙ୍ଗୁରିପାଲି ପୋଲିସ ପକ୍ଷରୁ ଦୁଇଚକିଆ ଯାନ ଯାଞ୍ଚ

ଡୁଙ୍ଗୁରିପାଲି,୨୧।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ପକ୍ଷରୁ ଗୁରୁବାର ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି ଅଙ୍ଗ ନଦୀ ବ୍ରିଜ ନିକଟରେ ଦୁଇଚକିଆ ଯାନ ଯାଞ୍ଚ କରାଯାଇଛି । ଟ୍ରାଫିକ ନିୟମକୁ ଉଲ୍ଲଂଘନ କରି ବାଇକ୍ ଚଳାଇବା ଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ ଡୁଙ୍ଗୁରିପାଲି ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ ବେଳେ ଟ୍ରାଫିକ ନିୟମ ନ ମାନି ବାଇକ୍‌ରେ ତିନି ଜଣଙ୍କୁ ବସାଇ ଯାଉଥିବା ୪ ଗୋଟି ବାଇକରୁ ଚାଲାଣ କଟା ଯାଇଥିବା ବେଳେ ହେଲମେଟ ନ ପିନ୍ଧି ବାଇକ୍ ଚଳାଉଥିବା ୮ ଜଣ ବାଇକ୍ ଚାଳକଙ୍କ ଚାଲାଣ କଟାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବୀରମହାରାଜପୁରରେ ପୋଲିସର ଫ୍ଲାଗମାର୍ଚ୍ଚ


ବୀରମହାରାଜପୁରରେ ପୋଲିସ ଫ୍ଲାଗମାର୍ଚ୍ଚ କରୁଛି ।

ଅମରପାଲି,୨୧।୩(ପୀତାମ୍ବର ସାହୁ)

ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ, ଶାନ୍ତିଶୃଙ୍ଖଳା ଓ ଅପରାଧ ମୁକ୍ତ କରାଯିବା ନେଇ ସ୍ଥାନୀୟ ପୋଲିସ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପୋଲିସ ତତ୍ପର ହୋଇଛି । ଏହି ପରିପ୍ରେକ୍ଷୀରେ ବୀରମହାରାଜପୁର ଥାନା ତରଫରୁ ଗୁରୁବାର ଦିନ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଥାନା ଅଧିକାରୀ ଶୋଭକର ସେଠ, ଏସଆଇ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ଏଏସଆଇ ପି.କେ ସାହୁ, ପି ବାରଲେବେଡିଆଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ, ଗୃହରକ୍ଷୀ ବାହିନୀ ବୀରମହାରାଜପୁର ଥାନା ପରିସରରୁ ବାହାରି ତ୍ରିବେଣୀ ଛକ, ମୁଖ୍ୟ ଛକ, ଟାଙ୍ଗର ସାହି, ଚମ୍ପାପୁର ଦେଇ ପୁଣି ଥାନା ପର୍ଯ୍ୟନ୍ତ ଆସିଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଫ୍ଲାଗମର୍ଚ୍ଚ କରାଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ୧୦ ବାଳକଙ୍କ ସାମୂହିକ ବ୍ରତୋପନୟନ

ସୋନପୁର,୨୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ଶୈବପୀଠ ପରିସରରେ ସାମୂହିକ ବ୍ରତୋପନୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରାଲି ରଥ ଓ ଅର୍ଜୁନ ରଥଙ୍କ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଣ୍ଡିତ ଗଣେଶ ଦାଶ, ରାମାନୁଜ ପୂଜାରୀ, ଆନନ୍ଦ ପୂଜାରୀ, ବାସୁଦେବ ଶତପଥୀ, କରୁଣାକର ରଥ, ନୀଳମଣି ହୋତା, ଦେବଦତ୍ତ ପଣ୍ଡା, ରାଧେଶ୍ୟାମ ମିଶ୍ର, ବିଶ୍ୱପାଲ ପଣ୍ଡା, ରାଧାମୋହନ ପଣ୍ଡା ଓ ପ୍ରମୋଦ ପଣ୍ଡା ପ୍ରମୁଖ ହୋମଯଜ୍ଞ ସହିତ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ବଲାଙ୍ଗୀର ଜିଲା ତୁଷୁରାର ମନୋଜ ମିଶ୍ର, ସୋନୁ ଦାଶ, ଲରମ୍ଭାର ରୋଷନ ପଣ୍ଡା, ସୁବର୍ଣ୍ଣପୁର ଜିଲା କୁଳିପାଲିର ବିଷ୍ଣୁ ରଥ, ବାଦଲ ରଥ, ନୂଆଗାଁର ରିଙ୍କୁ ପୂଜାରୀ, ସର୍ଗୁଣାମୁଣ୍ଡାର ରିଙ୍କୁ ଦାଶ, ଅରଖପଦର ର ଆଲୋକ ଶତପଥୀ, କମସରାର ପ୍ରତ୍ୟୁଷ ସାମନ୍ତରା ଓ ରାଏକେଡାର ଅଞ୍ଚଳର ଦୀପକ ମିଶ୍ରଙ୍କର ବ୍ରତୋପନୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ବୃନ୍ଦାବନରୁ ସ୍ୱରୂପାନନ୍ଦ ସରସ୍ୱତୀ, ପୁରୀ ରାମଜୀ ମଠର ବଂଶୀଧର ମହାରାଜ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକଙ୍କ ସମେତ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।


ସୁବର୍ଣ୍ଣମେରୁ ଶୈବପୀଠରେ ବ୍ରତୋପନୟନ ହୋଇଥିବା ବାଳକ ମାନେ।

# ଆଜିଠୁ ପଞ୍ଚମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ

ଅମରପାଲି,୨୧।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାସ୍ଥିତ ଦୋଳମଣ୍ଡପ ପଡିଆରେ ଶୁକ୍ରବାରଠାରୁ ଆରମ୍ଭ ହେବ ଲୋକ ଗୀତର ମହାପାର୍ବଣ ପଞ୍ଚମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ। ଢୋଲ, ନିଶାନ, ତାସା ଆଦି ପଞ୍ଚ ବାଦ୍ୟ ସହିତ ଲୋକନୃତ୍ୟରେ ଦୁଲୁକିବ ସାଂସ୍କୃତିକ ମଞ୍ଚ। ତିନି ଦିନ ଧରି ହେବାକୁ ଥିବା ଏହି ଲୋକମହୋତ୍ସବ ପାଇଁ ପ୍ରସ୍ତୁତି ଏକ ପ୍ରକାର ଚୂଡାନ୍ତ ହୋଇ ସାରିଛି। ଏହାର ପରିଚାଳନା ପାଇଁ ଗଠିତ ହୋଇଛି ଏକ ପରିଚାଳନା କମିଟି। ସର୍ବସମ୍ମତି କ୍ରମେ ପଦ୍ମଲୋଚନ ମିଶ୍ରଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଏହାସହିତ ହରିହର କର୍ଣ୍ଣଙ୍କୁ ଉପସଭାପତି, ଶ୍ରୀନିବାସ ଚାନ୍ଦଙ୍କୁ ସମ୍ପାଦକ,ଗିରିଶ ଦାସ ଙ୍କୁ ସହ ସମ୍ପାଦକ ଏବଂ ପୀତାମ୍ବର ପଧାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ବଳଦେବ ବେଦବାକ, ବେଣୀମାଧବ ବେଦବାକ,ଗୋବିନ୍ଦ ମିଶ୍ର, କୃତ୍ତିବାସ ମିଶ୍ର ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ପ୍ରାୟ ୭.୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚଳିତବର୍ଷର ଲୋକ ମହୋତ୍ସବ ହେବାର ସ୍ଥିରୀକୃତ ହୋଇଛି। ଶୁକ୍ରବାର ସକାଳୁ ଚମ୍ପାମାଳର ଚମ୍ପେଶ୍ୱର ମନ୍ଦିର, କୋଟସମଲେଇର ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ର, କୁତମେଣ୍ଡାର ମେଟାକାନି ମନ୍ଦିର ଓ ଧର୍ମଶାଳାସ୍ଥିତ କଳାପାଟ ମନ୍ଦିରରୁ ଆଜ୍ଞାମାଳ ଆଣି ସାଂସ୍କୃତିକ ମଣ୍ଡପରେ ସ୍ଥାପନ କରାଯିବ। ସନ୍ଧ୍ୟାରେ ଆୟୋଜକ ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାରୀ ମୁଖ୍ୟଅତିଥି ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ। ଏହାସହିତ ସୁବର୍ଣ୍ଣପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଯମୁନା ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର ସ୍ଥିରୀକୃତ ହୋଇଛି। ଏହାବ୍ୟତୀତ ସାଂସ୍କୃତିକ ସନ୍ଧ୍ୟାରେ ବୌଦ୍ଧର ବଉଳି କଳା ପରିଷଦ ,ସମ୍ବଲପୁରର ପଞ୍ଚବାଦ୍ୟ ନୃତ୍ୟ ପରିଷଦ, ଉଲୁଣ୍ଡା ବ୍ଲକ ଅଁଇଲାଛାଟର କରମା ନୃତ୍ୟ, ଫୁଲବାଣୀ ନଟରାଜର ଓଡ଼ିଶୀ ନୃତ୍ୟ, ଆଦିବାସୀ ନୃତ୍ୟ ଦଳ, ଡାଲଖାଇ ନୃତ୍ୟ ଦଳ ମଞ୍ଚରେ ଲୋକନୃତ୍ୟ ପରିବେଷଣ କରିବେ। ଦ୍ୱିତୀୟ ସନ୍ଧ୍ୟାରେ ସୋନପୁରର ରୁମକୁଝୁମାନା,ବଲାଙ୍ଗୀର ଜିଲା ତୁଷରାର ସାନବଡ଼ ଘୁଡକା, ସୋନପୁରର ପଇଁରି, ଉଲୁଣ୍ଡା ବ୍ଲକ ଦୀପପାଲିର ବାଏଧନ ଆଦି ଦଳ ନୃତ୍ୟ ପରିବେଷଣ କରିବେ। ସେହିପରି ତୃତୀୟ ସନ୍ଧ୍ୟାରେ ବୀରମହାରାଜପୁରର ନଚନିଆଁ, ବରଗଡ଼ର କଲଜୀବୀ, ଲୋଇସିଂହା ର ସଙ୍ଗୀତ ସାଧନା ଶଙ୍କର ବେହେରା ଓ ସାଥୀଙ୍କ ଦଳ, ବିନିକାର ପ୍ରିୟମ୍ବଦା ଲୋକନୃତ୍ୟ ଦଳ, ସୋନପୁରର ବୀଣାକାର ସୁଆଙ୍ଗ ଅନୁଷ୍ଠାନ ଦ୍ୱାରା ନୃତ୍ୟ ପରିବେଷଣ ହେବ। ପ୍ରତ୍ୟହ ସଂସ୍କୃତି ମଞ୍ଚରେ ଅଞ୍ଚଳର ପ୍ରମୁଖ ଜନପ୍ରତିନିଧି,ପ୍ରଶାସନିକ ଅଧିକାରୀ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିବେ। ମୀନାବଜାର ସହିତ ବିଭିନ୍ନ ସୌଖୀନ ଦ୍ରବ୍ୟର ଦୋକାନ, ଚଟପଟି ଖାଦ୍ୟର ପସରା ଆଦି ଲାଗିବ। ହଜି ଯାଉଥିବା ଲୋକନୃତ୍ୟ,ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବା ଏବଂ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ପାଇଁ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ କମିଟିର ପ୍ରୟାସ ବୋଲି ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ର ପ୍ରକାଶ କରିଛନ୍ତି।


ଦେଶ୍‌ଫାଲ୍ ଲୋକ ମହୋତ୍ସବ କମିଟିର ସଦସ୍ୟମାନେ।

**ପଞ୍ଚବାଦ୍ୟ, ଲୋକନୃତ୍ୟରେ ଦୁଲୁକିବ ସାଂସ୍କୃତିକ ମଞ୍ଚ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ କିଆରି ପାଚିଲା**
**ଚଷା ମାଇପ ନାଚିଲା।**

ଧାନ ଅମଳ ହେବା ପୂର୍ବରୁ ଚାଷୀ ଘରର ସ୍ତ୍ରୀଲୋକ ଭଲ ଫସଲ ଅମଳ ହେବା ନେଇ ମନରେ ଅନେକ ଆଶା ରଖିଥାନ୍ତି। ଏପରି ସ୍ଥିତିରେ ଅଧିକ ଅମଳ ହେବା ନେଇ ସେମାନେ ଉତ୍‌ଫୁଲ୍ଲ ହୋଇ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଆଁ ଧପଡ଼କୁ ମାଣ୍ଡିଆ ଜାଉ**
**ବସିଲା ଲୋକ ଡବଡ ଖାଉ।**

ଅଭାବ ଅନଟନରେ ଚଳୁଥିବା ବ୍ୟକ୍ତି କଠିନ ପରିଶ୍ରମ କରି ନିଜର ତଥା ନିଜ ପରିବାରର ଭରଣପୋଷଣ କରିବା ସହ ପେଟକୁ ଦି'ମୁଠେ ଦାନା ଯୋଗାଇଥାଏ। କିନ୍ତୁ ଅୟସରେ ରହୁଥିବା ବ୍ୟକ୍ତି ଖିରି ପୁରିରେ ଭାସିବା ସହ ମଉଜ ମଜଲିସରେ ଜୀବନ ଅତିବାହିତ କରୁଥିବା ଦେଖିବାକୁ ମିଳିଥାଏ। ଏହାହିଁ ଏ ଯୁଗର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୧।୩
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ୨୦୨୧ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯାଇଥିଲା। ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଗୁରୁବାର ଏହି ମାମଲାର ଶୁଣାଣି କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଖଜୁରିପଡା ଥାନା ଲାଇନପଡା ବରସାହିର ବବଲୁ ନାୟକ। ଅନ୍ୟପକ୍ଷରେ ବିଚାରପତି ପୀଡିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୧ ଫେବୃଆରୀ ମାସରେ ଫିରିଙ୍ଗିଆ ଥାନା ଅଞ୍ଚଳର ନାବାଳିକା ଜଣଙ୍କ ଗ୍ରାମ ନିକଟସ୍ଥ ଏକ ମନ୍ଦିର ପାଖରେ କାମ କରୁଥିଲେ। ବବଲୁ ମଧ୍ୟ ସେଠାରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ବବଲୁ ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ ପ୍ରଲୋଭନ ଦେଖାଇ ନିକଟସ୍ଥ ଜଙ୍ଗଲକୁ ନେଇ ବାରମ୍ବାର ବଳାତ୍କାର କରିଥିଲେ। ପରେ ଜୁନ୍ ୨୬ ତାରିଖରେ ଏକ ଅଟୋରିକ୍ସା ଯୋଗେ ତାଙ୍କୁ ଅପହରଣ କରି ଘରକୁ ନେଇ ଯାଇଥିଲେ । ଏ ସମ୍ପର୍କରେ ସେ ନାବାଳିକାଙ୍କ ବାପାଙ୍କୁ ଫୋନ ଯୋଗେ ଜଣାଇବା ସହ ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୀଡିତାଙ୍କ ବାପା ଜୁନ ୨୮ ତାରିଖରେ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳିକାଙ୍କୁ ବବଲୁଙ୍କ ଘରୁ ଉଦ୍ଧାର କରିବା ସହ ତାଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଚାରପତି ୧୨ଜଣଙ୍କ ସାକ୍ଷ୍ୟ, ଡାକ୍ତରୀ ରିପୋର୍ଟ ଓ ଅନ୍ୟ ତଥ୍ୟ ପ୍ରମାଣକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଅବସରପ୍ରାପ୍ତ ବିଡିଓ, ପିଇଓଙ୍କୁ ୪ବର୍ଷ ଜେଲ

### ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ଅର୍ଥ ହେରଫେର ମାମଲା

ଜୟପୁର, ୨୧।୩ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ହୋଇଥିବା ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହାର ଗୁରୁବାର ଶୁଣାଣି ହୋଇଛି । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅବସରପ୍ରାପ୍ତ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ଓ ଅନକାଡେଲି କାର୍ଯ୍ୟରତ ପିଇଓ ଗୌରହରି ରାଉତ (୫୮)ଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି । ବିଭିନ୍ନ ଦଫାରେ ଉଭୟଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ୧ ଲକ୍ଷ ୫୫ ହଜାର ଟଙ୍କା ଆର୍ଥିକ ଜରିମାନା କରାଯାଇଛି। ଏହା ଅନାଦେୟ ହେଲେ ଅଧିକ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ମାମଲା ବିବରଣୀରୁ ଜଣାପଡିଛି, ନାରାୟଣପାଟଣା ବ୍ଲକରେ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ଓ ବର୍ତ୍ତମାନର ଅନକାଡେଲି ପିଇଓ ଗୌରହରି ରାଉତ (୫୮) ସେଠାରେ କାର୍ଯ୍ୟ କରୁଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ୬ ଲକ୍ଷ ଟଙ୍କା ହେରଫେର କରିଥିଲେ। ନାରାୟଣପଟଣା ବ୍ଲକର ବିଜାଘାଟି ପଞ୍ଚାୟତର ଟଭାପଦର ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ, ପୋଡାପଦର ଗ୍ରାମର ମାଙ୍କିଡିଠାରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ଶୁଣାଣି କରିଛନ୍ତି।

# ଡବଲ ମର୍ଡର ମାମଲା | ବାପା, ୪ ପୁଅଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୧।୩ (ସୁବାସ ଚନ୍ଦ୍ର ପାଢ଼ୀ)



ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ।

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳରେ ୨୦୧୩ରେ ପାରିବାରିକ ଶତ୍ରୁତାରୁ ବାପପୁଅଙ୍କୁ ହତ୍ୟା କରାଯାଇଥିଲା। ଏହି ଡବଲ ମର୍ଡର ମାମଲାର ଚୂଡାନ୍ତ ରାୟ ଗୁରୁବାର ପ୍ରକାଶ ପାଇଛି। ବ୍ରହ୍ମପୁର ଏଡିଜେ-୧ ଡ. ଇନ୍ଦୁ ଶର୍ମା ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଜଗନ୍ନାଥପୁର ଗ୍ରାମର ଧନୁ ସ୍ୱାଇଁ, ତାଙ୍କର ୪ ପୁଅ ଭଗବାନ ସ୍ୱାଇଁ, ସରୋଜ ସ୍ୱାଇଁ, ଅମିନ ସ୍ୱାଇଁ ଓ କାର୍ତ୍ତିକ ସ୍ୱାଇଁ। ମାମଲାର ଅଭିଯୁକ୍ତା ଥିବା ସରୋଜଙ୍କ ସ୍ତ୍ରୀ ଲକ୍ଷ୍ମୀ ସ୍ୱାଇଁ, ଅମିନଙ୍କ ସ୍ତ୍ରୀ ସୁନିତା ସ୍ୱାଇଁ ଓ କାର୍ତ୍ତିକଙ୍କ ସ୍ତ୍ରୀ ଅବନ୍ତି ସ୍ୱାଇଁଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପାଟପୁର ଥାନା ପାଇକ ଜଗନ୍ନାଥପୁର ଗ୍ରାମର ଗୋଲା ସ୍ୱାଇଁ ଓ ଧନୁ ସ୍ୱାଇଁ ୨ ପଡୋଶୀ ଥିଲେ। ଦୁଇ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ୨୦୧୩ରେ ଗଣ୍ଡଗୋଳ ହୋଇଥିଲା। ଗୋଲା ଓ ତାଙ୍କ ପୁଅମାନେ ଧନୁ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ମାମଲା ହୋଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ଧନୁ ଓ ତାଙ୍କ ପରିବାର ଲୋକେ ଯୋଜନା କରିଥିଲେ। ୨୦୧୩ ଡିସେମ୍ବର ୨୮ ତାରିଖରେ ଗୋଲା, ତାଙ୍କ ସ୍ତ୍ରୀ ମାୟା ସ୍ୱାଇଁ, ପୁଅ ରାଜୀବ ସ୍ୱାଇଁ ଓ ନାତୁଣୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଧନୁ ଓ ତାଙ୍କର ୪ ପୁଅ ଠେଙ୍ଗା, କାତି, କୁରାଢ଼ି ଧରି ପୋଖରୀ ତୁଠକୁ ଯାଇ ଅତର୍କିତ ଭାବେ ଗୋଲା ଓ ରାଜୀବଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବାପପୁଅଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀ ଓ ପୁଅଙ୍କୁ ରକ୍ଷା କରିବାକୁ ଯାଇଥିବା ମାୟା ମଧ୍ୟ ଅଭିଯୁକ୍ତମାନଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। ଏ ନେଇ ଗୋଲାଙ୍କ ଅନ୍ୟ ଏକ ପୁଅ ପଞ୍ଚୁ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପାଟପୁର ଥାନାରେ ଧନୁଙ୍କ ସମେତ ତାଙ୍କ ପୁଅବୋହୂ ୮ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପୋଲିସ ପ୍ରଥମେ ଅଭିଯୁକ୍ତ ୩ ଭାଇ ସରୋଜ, ଅମିନ ଓ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟ ୫ ଅଭିଯୁକ୍ତ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ସମସ୍ତ ୮ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ମୋଟ ୧୯ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ନକଲି ଗୋଇନ୍ଦା,ପୋଲିସ ଅଧିକାରୀ କହି ଟଙ୍କା ଠକେଇ:ଅଭିଯୁକ୍ତ ଗିରଫ

ବାଲିମେଲା,୨୧।୩ (ଶିବଦତ୍ତ ସାହୁ)



ନବୀନ ଦାସ

ନିଜକୁ ଗୋଇନ୍ଦା ଓ ପୋଲିସ ଅଧିକାରୀ ପରିଚୟ ଦେଇ ଲୋକଙ୍କୁ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଗୁରୁବାର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଲେ ମାଲକାନଗିରି ଜିଲା ଓର୍‌କେଲ ଥାନା ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସଦର ଫାଣ୍ଡି ଅଞ୍ଚଳରେ ରହୁଥିବା ନବୀନ ଦାସ। ତାଙ୍କ ନାମରେ ଓର୍‌କେଲ ଥାନାରେ ନଂ. ୧୩୦/୨୪ ଓ ୧୩୨/୨୪ ଦଫା ୪୧୯,୪୨୦,୨୯୪ ଓ ୫୦୬ରେ ମାମଲା ରୁଜୁ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ନବୀନ ଦୀର୍ଘ ବର୍ଷ ଧରି କୁଡୁମୁଲୁଗୁମ୍ମା ଅଞ୍ଚଳରେ ରହି ଆସୁଛନ୍ତି। ପ୍ରାୟ ୧ ବର୍ଷ ପୂର୍ବେ ସେ ନିଜକୁ ଗୋଇନ୍ଦା ବିଭାଗର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ପରିଚୟ ଦେଇ ଓର୍‌କେଲ ଥାନା ଅନ୍ତର୍ଗତ ନୀଳାଦ୍ରିନଗର ଗ୍ରାମରେ ରହୁଥିବା ମଳୟ ପଣ୍ଡା ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ପଣ୍ଡାଙ୍କୁ ୨୫ ଲକ୍ଷ ଟଙ୍କାର ଏକ ଲୋନ୍ କରାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେ ବାବଦରେ ବିଭିନ୍ନ ଆଳ ଦେଖାଇ ସେମାନଙ୍କଠାରୁ ଫୋନ୍ ପେ' ଓ ନଗଦ ଆକାରରେ ପର୍ଯ୍ୟାୟକ୍ରମେ ୩ ଲକ୍ଷ ୬୭ ହଜାର ଟଙ୍କା ଠକି ନେଇଥିଲେ। ପରେ ମଧୁସ୍ମିତା ତାଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ମଳୟଙ୍କୁ ଏନ୍‌କାଉଣ୍ଟର କରି ମାରିଦେବେ କହି ନବୀନ ଧମକ ଦେଇଥିଲେ। ଡିଜି, ଡିଆଇଜି ଓ ଏସ୍‌ପି ମୋ ସହ ଚା' ପିଉଛନ୍ତି, ତେଣୁ ତୁ ଯାହା ନିକଟରେ ଅଭିଯୋଗ କରିବାର ଅଛି କର ବୋଲି ତାଙ୍କୁ କହିଥିଲେ। ଗତ ୧୯ ତାରିଖରେ ମଧୁସ୍ମିତା ନବୀନଙ୍କ ବିରୋଧରେ ଓର୍‌କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ମାଲକାନଗିରି ଜିଲା ଖଇରପୁଟ ବ୍ଲକ ରାସବେଡ଼ା ପଞ୍ଚାୟତ କୁପୁଲିଗୁଡ଼ା ଗ୍ରାମର ଧନ ମାଛଙ୍କ ସହ ପ୍ରାୟ ୧ ବର୍ଷ ପୂର୍ବେ ନବୀନ ନିଜକୁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଭାବେ ପରିଚୟ ଦେବା ସହ ତାଙ୍କ ଭଉଣୀ ପ୍ରମିଳାଙ୍କୁ ହୋମଗାର୍ଡ ଚାକିରି କରାଇଦେବେ କହି ୧ ଲକ୍ଷ ଟଙ୍କା ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଧନ ତାଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରମିଳାଙ୍କର ଚାକିରି ନ ହେବାରୁ ସେ ଦେଇଥିବା ଟଙ୍କା ନବୀନଙ୍କୁ ଫେରସ୍ତ ମାଗିଥିଲେ। ତେବେ ଧନ ଟଙ୍କା ମାଗିବାରୁ ନବୀନ ତାଙ୍କୁ ଧମକଚମକ ଦେଇଥିଲେ। ଧନ ଶେଷରେ ବାଧହୋଇ ବୁଧବାର ଓର୍‌କେଲ ଥାନାର ଦ୍ୱାରସ୍ଥ ହୋଇ ନବୀନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର କୁଡୁମୁଲୁଗୁମ୍ମା ଅଞ୍ଚଳରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ନବୀନଙ୍କୁ ଗିରଫ କରି ଓର୍‌କେଲ ଥାନାକୁ ଆଣିଥିଲେ। ଗୁରୁବାର ପୋଲିସ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଛି। ଠକିଥିବା ୪ ଲକ୍ଷ ୧୭ ହଜାରରୁ କୌଣସି ଟଙ୍କା ଆଦାୟ ହୋଇ ନ ଥିବା ଜଣାପଡ଼ିଛି।

# ଲାଞ୍ଚ ନେଇ ପ୍ରାଣୀଧନ ଚିକିତ୍ସାଧିକାରୀ ଗିରଫ

ଦେବଗଡ଼,ରିଆମାଳ,୨୧।୩
( ଶଶାଙ୍କ ଶେଖର ଝାଙ୍କର/ ନିରଞ୍ଜନ ବେହେରା)



ପ୍ରାଣୀଧନ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ସୁସ୍ମିତା ସେଠୀ

କୁକୁଡା ଫାର୍ମ ପାଇଁ ବିଦ୍ୟୁତ୍ ସଂଯୋଗ ଓ ସବ୍‌ସିଡି ପ୍ରଦାନ ପାଇଁ ଜଣେ ଚାଷୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦେବଗଡ଼ ଜିଲା ରିଆମାଳ ସଦର ମହକୁମା ପ୍ରାଣୀଧନ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ସୁସ୍ମିତା ସେଠୀ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଏକ ମାମଲା( ୫/୨୪)ରୁଜୁ କରି ବିଭାଗ ଅଧିକ ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁଯାୟୀ, ନାଉଲିପଡା ପଞ୍ଚାୟତ ତେଲିମୁଣ୍ଡାର ସଚ୍ଚିଦାନନ୍ଦ ସାହୁ ନିଜର କୁକୁଡା ଫାର୍ମ ପାଇଁ ବିଦ୍ୟୁତ୍ ସଂଯୋଗ ଓ ସବ୍‌ସିଡି ପାଇଁ ଡା. ସେଠୀଙ୍କୁ କିଛିଦିନ ତଳେ ଯୋଗାଯୋଗ କରିଥିଲେ। ସମସ୍ତ କାମ କରିବା ପାଇଁ ଡା. ସେଠୀ ତାଙ୍କଠାରୁ ୫ ହଜାର ଟଙ୍କା ଦାବି କରିଥିଲେ। ହେଲେ ସେ ୫ ହଜାର ଟଙ୍କା ଦେଇ ପାରିବେ ନାହିଁ ବୋଲି କହିଥିଲେ। ଏନେଇ ସେ ରାଉରକେଲା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ସଚ୍ଚିଦାନନ୍ଦ ଗୁରୁବାର ଡା. ସେଠୀଙ୍କୁ ଅଫିସରେ ୫ ହଜାର ଟଙ୍କା ଦେବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କଠାରୁ ଲାଞ୍ଚ ନେଉଥିବା ୧୦ଟି ୫ ଶହ ଟଙ୍କିଆ ନୋଟ ଜବତ କରାଯାଇଛି। ପରେ ଭିଜିଲାନ୍ସ ଟିମ୍ ଗିରଫ ଡା. ସେଠୀଙ୍କୁ ଦେବଗଡ ନେଇଯାଇଛି। ଦେବଗଡ ଭିଜିଲାନ୍ସ ଡିଏସପି ଯୋଗେଶ ପଟେଲଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢଉରେ ଝାରସୁଗୁଡା ଭିଜିଲାନ୍ସ ଇନ୍ସପେକ୍ଟର ସସ୍ମିତା ରଙ୍ଗୋଲୀଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ ।

# ୧୮ ଲକ୍ଷର ଗଞ୍ଜେଇ ଜବତ, ୨ ଗିରଫ

### ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

ସମ୍ବଲପୁର,୨୧।୩
(ପ୍ରମୋଦ ବହିଦାର)



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ଗୁରୁବାର କ୍ଷେତରାଜପୁର ଅଞ୍ଚଳରେ ଚଢ଼ାଉ କରି ୧୭୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କ୍ଷେତରାଜପୁର ଲେଭଲକ୍ରସିଂ ଅଞ୍ଚଳର ସୁରେଶ ଅଗ୍ରୱାଲ(୫୮) ଓ ସୁମିତ ପୋଦ୍ଦାର(୨୫)। ଏ ସମ୍ପର୍କରେ ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ଅତିରିକ୍ତ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇ କହିଛନ୍ତି, ସୁରେଶଙ୍କ ଘରେ ବ୍ୟାପକ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତଦନୁସାରେ ଅବକାରୀ କର୍ମଚାରୀଙ୍କ ଏକ ଦଳ ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ଦୁଇଟି ଧଳା ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ବେଆଇନ ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତି ଅଭିଯୋଗରେ ଘରମାଲିକ ସୁରେଶ ଓ ସୁମିତଙ୍କୁ ଗିରଫ କରାଯାଇଛି। ଉଭୟେ ସମ୍ପର୍କରେ ବାପା ଓ ପୁଅ ହୋଇଥିବା ବେଳେ ପୁଅ ସୁମିତଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ସନ୍ତୋଷ ପୋଦ୍ଦାର ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ମାତ୍ର ସନ୍ତୋଷଙ୍କ ମୃତ୍ୟୁ ପରେ ସୁମିତ ଘରକୁ ଫେରି ଗଞ୍ଜେଇ ବ୍ୟବସାୟରେ ବାପା ସୁରେଶଙ୍କୁ ସହଯୋଗ କରୁଥିଲେ। ଗିରଫ ପରେ ସେମାନଙ୍କ ନିକଟରୁ ନଗଦ ୫୭ ହଜାର ୩ ଶହ ଟଙ୍କା ଓ ଦୁଇଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ ଜବତ କରାଯାଇଛି। ଏହାକୁ ନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନମ୍ବର ୧୧୨୮/୨୪ରେ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତଦ୍ୱୟ ଉକ୍ତ ଗଞ୍ଜେଇକୁ ବୌଦ୍ଧ ଜିଲା କଣ୍ଟାମାଳରୁ ଆଣି ରାୟପୁରକୁ ଚାଲାଣ ପାଇଁ ଗଚ୍ଛିତ ରଖିଥିବା ସ୍ୱୀକାର କରିଛନ୍ତି। ଏହି ଚୋରା ବ୍ୟବସାୟରେ ଏକ ର୍‍ୟାକେଟ୍ ଥିବା ସନ୍ଦେହ କରାଯାଉଥିବାବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନେ ଗିରଫ ହେବେ ବୋଲି ଗୋଇନ୍ଦା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି।

# ୨୨୩ କାର୍ଟୁନ ବିଦେଶୀ ମଦ ଜବତ, ଯୁବକ ଗିରଫ

ଗୋପାଳପୁର,୨୧।୩
(ନବୀନ ରାଜ ଆଚାରୀ)

ବିଦେଶୀ ମଦ ଚୋରା ଚାଲାଣ ମାମଲାରେ ସୁନାପୁର ସାମୁଦ୍ରିକ ଥାନା ପୋଲିସ ପାତିସୁନାପୁର ଗ୍ରାମର ପି. ଗୋପୀଙ୍କୁ ଗିରଫ କରିଛି। ସୁନାପୁର ବ୍ରିଜ ନିକଟରେ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ସଦର ଏସଡିପିଓ ଶୁଭ୍ରାଂଶୁ ପରିଡା, ଭାରପ୍ରାପ୍ତ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ଅଧିକାରୀ ଚଢ଼ାଉ କରିଥିଲେ। ପାତି ସୁନାପୁର ଯାଉଥିବା ଏକ ଟାଟା ଏସଇକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ମଦ ମିଳିଥିଲା। ପୋଲିସ ବିଭିନ୍ନ ବ୍ରାଣ୍ଡର ୨୨୩ କାର୍ଟୁନ ବିଦେଶୀ ମଦ ଓ ଗାଡିକୁ ଜବତ କରିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ସଦର ଏସଡିପିଓ ପରିଡ଼ା କହିଛନ୍ତି। ତେବେ ଏହା ଅସଲି କି ନକଲି ତାହା ଜଣାପଡିନଥିବା ବେଳେ ମଦ ନମୁନାକୁ ଲବୋରେଟୋରୀକୁ ପଠାଯିବ ବୋଲି ଜଣାପଡିଛି। ଏହି ଘଟଣାରେ ଆଉ ୪ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସ୍ୱାଇଁ କହିଛନ୍ତି। ମାମଲା ନଂ.୧୫/୨୪ରେ ଗୋପୀଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ

### ୫-ଟି କାମ ବିଲ୍ ପାଇଁ ୪୦ ହଜାର ଟଙ୍କା ନେଉଥିଲେ

ଭବାନୀପାଟଣା/ ଗୋଲାମୁଣ୍ଡା, ୨୧।୩ (ଉତ୍ତମ କୁମାର ଦାଶ/ ବଟକୃଷ୍ଣ ପଣ୍ଡା)



ଦ୍ରୋଣ ତାଣ୍ଡି

ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲେଡେର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ରୋଣ ତାଣ୍ଡି। ସ୍କୁଲରେ ହୋଇଥିବା ୫-ଟି କାମର ବିଲ୍ କରିଦେବା ପାଇଁ ପ୍ରଧାନ ଶିକ୍ଷକ ତାଣ୍ଡି ଠିକାଦାର ଜୟରାମ ସାହୁଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ଏକକାଳୀନ ସ୍କୁଲ ଅଫିସ ଓ ତାଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଅନେକ କାଗଜ ପତ୍ର ଯାଞ୍ଚ କରିଥିବାବେଳେ ବର୍ତ୍ତମାନ ଚଢ଼ାଉ ଜାରି ରହିଥିବା ଜଣାପଡିଛି। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଭିଜିଲାନ୍ସ ବିଭାଗ ଅଟକ ରଖି ପଚରାଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ୫-ଟି ଅଧୀନରେ ହେଉଥିବା ନୂତନ ସ୍କୁଲ ଗୃହ କୋଠା ନିର୍ମାଣ କାମର ବିଲ୍ କରିଦେବା ପାଇଁ ଠିକାଦାର ସାହୁଙ୍କଠାରୁ ପ୍ରଧାନ ଶିକ୍ଷକ ତାଣ୍ଡି ଲାଞ୍ଚ ଆକାରରେ ୪୦ ହଜାର ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରିବାକୁ କହିଥିଲେ। ଠିକାଦାର ସାହୁ ବ୍ୟାଙ୍କରେ ଡିପୋଜିଟ କରି ସ୍ଲିପ୍ ଆଣି ଦେଖାଉ ଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷକ ତାଣ୍ଡି ବ୍ୟାଙ୍କ ସ୍ଲିପ୍ ଗିଳିଦେଇଥିଲେ। ହେଲେ ପ୍ରଧାନ ଶିକ୍ଷକ ତାଣ୍ଡିଙ୍କ ମୋବାଇଲକୁ ୪୦ ହଜାର ଟଙ୍କା କ୍ରେଡିଟ ହୋଇଥିବା ମେସେଜ ଆସିବା ପରେ ଲାଞ୍ଚ ନେବା ବିଷୟରେ ଜଣାପଡିଥିଲା।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଓଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୭ ତାରିଖ: ୨୦।୦୩।୨୦୨୪

ତା୨୯।୦୩।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
| --- | --- |
| ଚକ୍ରଧରପୁର ଡିଭିଜନ | ତା୨୯।୦୩।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1250) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/145,ତା.18.03.2024ରିଖ

(1) ଟେଣ୍ଡର ସଂ.e-Tender-CENTKUR-459-2023,ତା.12.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଢେଙ୍କାନାଳ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସାଲୋ ସ୍କ୍ରିନିଙ୍ଗ, ଟ୍ରାକ୍ ର ଲିଫ୍ଟିଙ୍ଗ, ଥ୍ରୁ ପ୍ୟାକିଙ୍ଗ, ରେଲ ଜଏଣ୍ଟଗୁଡ଼ିକର ୱେଲ୍ଡିଙ୍ଗ, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଟାମ୍ପିଙ୍ଗ କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକର ଓଭରହଲିଙ୍ଗ, ବାଲାଷ୍ଟର ବଲ୍କିଙ୍ଗ ଏବଂ ପ୍ରୋଫାଇଲିଙ୍ଗ, ରେଲ୍ ଏବଂ ସ୍ଲିପରଗୁଡ଼ିକର ସମୟାନୁକ୍ରମିକ ନବୀକରଣ ଭଳି ବିବିଧ P.Way କାର୍ଯ୍ୟ ଏବଂ ଅନ୍ୟ P.Way ସମ୍ପର୍କିତ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 202.86 ଲକ୍ଷ, EMD(ଟଙ୍କାରେ) : 2,51,400/-।

(2) ଟେଣ୍ଡର ସଂ.etenderestatekur-454-2023,ତା.12.03.2024ରିଖ

ବିବରଣୀ : ରେଳ କୁଞ୍ଜ କଲୋନୀ, ଭୁବନେଶ୍ୱରଠାରେ ଟାଇପ୍-V (ଡୁପ୍ଲେକ୍ସ) କ୍ୱାର୍ଟର (ଅର୍ଥାତ୍ 12 ୟୁନିଟ୍ ନିମନ୍ତେ)ଗୁଡ଼ିକର ସମ୍ପ୍ରସାରଣ ନିମନ୍ତେ ଏକ (01) ଅତିରିକ୍ତ ପ୍ରକୋଷ୍ଠର ପ୍ରସ୍ତାବିତ ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 222.19 ଲକ୍ଷ, EMD(ଟଙ୍କାରେ) : 2,61,100/-।

(3) ଟେଣ୍ଡର ସଂ.etenderestatekur-455-2023,ତା.12.03.2024ରିଖ

ବିବରଣୀ : ଭୁବନେଶ୍ୱର ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ ଭବନ (ରେଳ ସଦନ) ନିମନ୍ତେ ଅଗ୍ନି ନିର୍ବାପକ ପ୍ରଣାଳୀ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 166.70 ଲକ୍ଷ, EMD(ଟଙ୍କାରେ) : 2,33,400/-।

ଶେଷ ହେବା ଅବଧି : 11 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2 ଏବଂ 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.04.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-1194/O/23-24

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/144,ତା.18.03.2024ରିଖ

(1) ଟେଣ୍ଡର ସଂ.eTender-CenKUR-452-2023,ତା.12.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ (Fan shaped) ଲେଆଉଟ୍‌ସ ଏବଂ ଗ୍ଲୁଡ୍ ଜଏଣ୍ଟଗୁଡ଼ିକର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 263.41 ଲକ୍ଷ, EMD(ଟଙ୍କାରେ) : 2,81,700/-।

(2) ଟେଣ୍ଡର ସଂ.eTender-CenKUR-453-2023,ତା.12.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ (Fan shaped) ଲେଆଉଟ୍‌ସ, CMS କ୍ରସିଙ୍ଗ ଏବଂ ଗ୍ଲୁଡ୍ ଜଏଣ୍ଟଗୁଡ଼ିକର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 149.09 ଲକ୍ଷ, EMD(ଟଙ୍କାରେ) : 2,24,600/-।

(3) ଟେଣ୍ଡର ସଂ.e-Tender-CENTKUR-457-2023,ତା.12.03.2024ରିଖ

ବିବରଣୀ : ବାରଙ୍ଗ ଠାରୁ ଖୋର୍ଦ୍ଧା ରୋଡ୍ ଷ୍ଟେସନ ମଧ୍ୟରେ ଆବର୍ଜନା (Rag) ଉଠାଇବା (ୟାର୍ଡ ଅଂଶ ବ୍ୟତୀତ ଅର୍ଥାତ୍ ହୋମ୍ ସିଗ୍ନାଲ ଠାରୁ ହୋମ୍ ସିଗ୍ନାଲ ପର୍ଯ୍ୟନ୍ତ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 22.72 ଲକ୍ଷ, EMD(ଟଙ୍କାରେ) : 45,400/-।

(4) ଟେଣ୍ଡର ସଂ.e-Tender-CENTKUR-458-2023,ତା.12.03.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର ନ୍ୟୁ-ଖୋର୍ଦ୍ଧା ରୋଡ୍ ମଧ୍ୟରେ ମେନ୍ (Main) ଲାଇନ୍‌ରେ କି.ମି.421.950 ଠାରୁ କି.ମି.450.201 ପର୍ଯ୍ୟନ୍ତ 30/09/2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 125.22 ଲକ୍ଷ, EMD(ଟଙ୍କାରେ) : 2,12,600/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ), 24 ମାସ (କ୍ରମ ସଂ.3 ପାଇଁ) ଏବଂ 05 ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.04.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-1192/O/23-24

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଦାନ୍ତ ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ

ଭୁବନେଶ୍ୱର,୨୧।୩ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଛତିଶଗଡ଼ ଏବଂ ଓଡ଼ିଶା ୟୁନିଟ୍‌ଗୁଡ଼ିକରେ ମଧ୍ୟ ବିଶ୍ୱ ବନ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଛତିଶଗଡ଼ର କୋର୍ବା ଜିଲାରେ ଅବସ୍ଥିତ ଭାରତର ଆଇକନିକ୍ ଆଲୁମିନିୟମ୍ ଉତ୍ପାଦକ ବାଲ୍‌କୋ କାର୍ଯ୍ୟ ପରିସରରେ ସମ୍ପୂର୍ଣ୍ଣ କ୍ଷମତା ହାସଲ କରିଥିବାରୁ ୫ଟି ଫ୍ଲାଏ ପାଉଁଶ ସଂରକ୍ଷଣ କ୍ଷେତ୍ର କିମ୍ବା ପାଉଁଶ ପୋଖରୀରେ ବୃକ୍ଷରୋପଣ କରାଯାଇଥିଲାବେଳେ ୧୫୦ହେକ୍ଟରରୁ ଅଧିକ କ୍ଷେତ୍ର ବିସ୍ତାରକରି ପ୍ରାୟ ୨ଲକ୍ଷ ଚାରାରୋପଣ ମାଧ୍ୟମରେ ଜଙ୍ଗଲ ନ ଥିବା ସ୍ଥାନର ସ୍ଥାୟୀ ପୁନରୁଦ୍ଧାର ପାଇଁ ନୂତନ ପରିସର ସୃଷ୍ଟି କରାଯାଇଥିଲା। ସେହିଭଳି କମ୍ପାନୀର ଓଡ଼ିଶାର ଝାରସୁଗୁଡ଼ାଠାରେ ବେଦାନ୍ତ ଆଲୁମିନିୟମ କାରଖାନା, ଜିଲାର କ୍ଲୋରୋକ୍ସିଲନ୍ ସ୍ୱିଇଟେନିଆ ପରି ଅସୁରକ୍ଷିତ ଗଛ ପ୍ରଜାତିର ବୃକ୍ଷରୋପଣ କରିଛି। ଅଧିକନ୍ତୁ ଅନନ୍ୟ ମିଆୱାକି ପଦ୍ଧତି ଉପରେ ଆଧାରକରି ଏହା ପ୍ରଥମ ଥର ପାଇଁ ଓଡ଼ିଶାର ସୁନ୍ଦରଗଡ଼ ଜିଲାର ଜାମକାନି କୋଇଲା ଖଣି ପରିସରରେ ବ୍ୟାପକ ବୃକ୍ଷରୋପଣ ଉଦ୍ୟମ ଆରମ୍ଭ କରିଛି। ସେହିପରି କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ଠାରେ ଥିବା ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନେରିରେ ୨୦୦ରୁ ଅଧିକ ଫଳ ଗଛର ଚାରା ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ ହୋଇଥିବାବେଳେ କମ୍ପାନୀର ମାଇନ୍ସ ୟୁନିଟ୍‌ରେ କର୍ମଚାରୀମାନେ ଏକ ଫଟୋଗ୍ରାଫି ପ୍ରତିଯୋଗିତାରେ ଭାଗନେଇଥିଲେ। ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ପ୍ରକୃତି ଡକ୍ୟୁମେଣ୍ଟାରି ଏବଂ ବୃକ୍ଷରୋପଣର ସ୍କ୍ରିନିଂ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି,ଆମର ସ୍ଥିରତା ପ୍ରୟାସ ପରିବେଶର ଉନ୍ନତି ସହ ଏକ ସ୍ଥାୟୀ ଗ୍ରହ ପାଇଁ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରିଥାଏ। ଆମେ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟରେ ଜୈବ ବିବିଧତା ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଥାଉ ଏବଂ ଆଗାମୀ ପିଢ଼ି ପାଇଁ ସଂରକ୍ଷଣକୁ ଦୃଷ୍ଟିରେ ରଖି ପରିବେଶ ସଚେତନତା ଅଭ୍ୟାସ ନିମନ୍ତେ ମଧ୍ୟ ଲକ୍ଷ୍ୟ ରଖିଥାଉ। ଆମର ଏକ ଅଂଶ ଭାବେ ପ୍ଲାଣ୍ଟ ପରିସର ତଥା ବିଭିନ୍ନ ଇକୋସିଷ୍ଟମର କଲ୍ୟାଣ କରିବାକୁ ଆମ ଭିତର ପ୍ରୟାସକୁ ସୁନିଶ୍ଚିତ କରାଇଥାଉ।

ଏହି ଅବସରରେ କମ୍ପାନୀ ତା'ର ସ୍ଥାନୀୟ ଜୈବ ବିବିଧତା ରକ୍ଷା କରିବା ପାଇଁ କମ୍ପାନୀର କର୍ମଚାରୀ ତଥା ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ଅଧିକ ସଚେତନତା ଏବଂ କାର୍ଯ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ 'ଜଙ୍ଗଲ ଏବଂ ଉଦ୍ଭାବନ:ଏକ ଉତ୍ତମ ବିଶ୍ୱ ପାଇଁ ନୂତନ ସମାଧାନ' ବିଷୟବସ୍ତୁ ଉପରେ ସଚେତନତା ଅଧିବେଶନ ଆୟୋଜନ କରିବା ପାଇଁ ଓଡ଼ିଶାର ଝାରସୁଗୁଡ଼ାଠାରେ ଡିଏଫ୍‌ଓ (ଡିଭିଜନାଲ ଫରେଷ୍ଟ ଅଫିସର)ଙ୍କ ସହ ସହଭାଗିତା କରିଛି।

# ବ୍ରହ୍ମପୁର ନରାକାସ୍ କମିଟିର ଦ୍ୱିତୀୟ ଅର୍ଦ୍ଧବାର୍ଷିକ ବୈଠକ



ଭୁବନେଶ୍ୱର,୨୧।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବା ଏସ୍‌ବିଆଇ ବ୍ରହ୍ମପୁର ସଂଯୋଜନାରେ ବ୍ରହ୍ମପୁରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ)ର ଦ୍ୱିତୀୟ ଅର୍ଦ୍ଧବାର୍ଷିକ ବୈଠକ ବୁଧବାର ଏସ୍‌ବିଆଇ ବ୍ରହ୍ମପୁର ପ୍ରଶାସନିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ନଗର ରାଜଭାଷା ସମିତିର ଅଧ୍ୟକ୍ଷ ତଥା ଏସ୍‌ବିଆଇର ଉପମହାପ୍ରବନ୍ଧକ ସନ୍ଦୀପ କୁମାର ଚୌବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଇଆର୍‌ଏଲ୍‌ର ମହାପ୍ରବନ୍ଧକ ସିଭିଆର୍ ମୂର୍ତ୍ତି, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମନୀଷ କୁମାର, କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ଆଞ୍ଚଳିକ ଭବିଷ୍ୟନିଧି କମିଶନର ପ୍ରକାଶ ନାରାୟଣ ସିଂହ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଉପମଣ୍ଡଳ ପ୍ରମୁଖ ପ୍ରଦୀପ କୁମାର ଦାସ, କାନାରା ବ୍ୟାଙ୍କର ମଣ୍ଡଳ ପ୍ରବନ୍ଧକ ପବନ କୁମାର ଝା, କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ପ୍ରଧାନାଚାର୍ଯ୍ୟ ଅଶ୍ୱିନୀ କୁମାରଙ୍କ ସମେତ କେନ୍ଦ୍ର ସରକାର, ବ୍ୟାଙ୍କ, ଉପକ୍ରମ, ବୀମା କମ୍ପାନୀର ୨୫ଟି କାର୍ଯ୍ୟାଳୟ ମୁଖ୍ୟ ତଥା ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଚୌବେ ଏବଂ ସମ୍ମାନିତ ଅତିଥି ସିଭିଆର୍ ମୂର୍ତ୍ତିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ନଗର ରାଜଭାଷା ସମିତିର ସଦସ୍ୟ ସଚିବ ଡ. ବନବିହାରୀ ସାହୁ ସ୍ୱାଗତ ଭାଷଣରେ ସମସ୍ତ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ସଦସ୍ୟ ସଚିବ ବିଗତ ଅର୍ଦ୍ଧବାର୍ଷିକୀ ମଧ୍ୟରେ ସଦସ୍ୟ କାର୍ଯ୍ୟାଳୟଗୁଡ଼ିକରେ ରାଜଭାଷାର ପ୍ରଚାରପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଚୌବେ ତାଙ୍କ ସମୀକ୍ଷାରେ ବ୍ରହ୍ମପୁରର ସଦସ୍ୟ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ରାଜଭାଷାର ଠିକ୍ ରିପୋର୍ଟିଂ ଓ କାର୍ଯ୍ୟକାରିତା ସମ୍ପର୍କରେ ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ଚୌବେ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ସେମାନଙ୍କ ସକ୍ରିୟ ଅବଦାନ ପାଇଁ ଧନ୍ୟବାଦ ଜଣାଇବା ସହ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

# ଓଜେଜିୟୁର ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ

ଭୁବନେଶ୍ୱର,୨୧।୩



ଦେଶର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ)ର ସହଯୋଗରେ ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି (ଓଜେଜିୟୁ) ସର୍ବବୃହତ୍ ମାନବ ଜାତୀୟ ପତାକା ତିଆରିକରି ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଓଜେଜିୟୁର ୭୩୬୮ଜଣ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ; ଯାହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ସଂସ୍ଥାର ଅଧିକାରୀମାନେ ଅନୁମୋଦନ କରିଥିଲେ। ଏହି ନିଆରା ଅବସରରେ ଓଜେଜିୟୁର ସମସ୍ତ ବିଦ୍ୟାଳୟ ଓ ଅନୁଷ୍ଠାନର ଛାତ୍ରୀଛାତ୍ର,କର୍ମଚାରୀ, ଅଧ୍ୟାପକ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଉତ୍ସାହର ସହ ଭାରତୀୟ ପତାକାର ରଙ୍ଗରେ ଏକାଠି ସାମିଲ ହୋଇଥିଲେ। ଏ ସମ୍ପର୍କରେ ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଚାନ୍ସେଲର ତଥା ଫ୍ଲାଗ୍ ଫାଉଣ୍ଡେଶନର ପ୍ରେସିଡେଣ୍ଟ ନବୀନ ଜିନ୍ଦଲ କହିଥିଲେ, ଉଡୁଥିବା ଜାତୀୟ ପତାକା ଆକୃତିର ଏକ ମାନବ ଚିତ୍ର ତିଆରି କରି ଆମେ ସଫଳତାର ସହ ଏକ ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟିକରି ପାରିଥିବାରୁ ମୁଁ ଓଜେଜିୟୁ ଏବଂ ଏଫ୍‌ଏଫ୍‌ଆଇକୁ ଅଭିନନ୍ଦନ ଜଣାଉଛି।

# ଡଲାର ବିଗ୍‌ବସ୍‌ର ନୂତନ ଟିଭିସି

ନୂଆଦିଲ୍ଲୀ,୨୧।୩

ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଟିଭି କ୍ୟାମ୍ପେନିଂ ବା ଟିଭିସି ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ବ୍ରାଣ୍ଡ୍‌ର ସର୍ବଶେଷ ବିଜ୍ଞାପନ ଅଭିଯାନ ସହ କମ୍ପାନୀ ଏକ ନୂତନ ମାନଦଣ୍ଡ ମଧ୍ୟ ସ୍ଥିର କରିଛି,ଯାହା ପୁନର୍ବାର ଡଲାର ବିଗ୍‌ବସ୍ ଉତ୍ପାଦ ଉପରେ ପର୍ଯ୍ୟବସିତ ହୋଇଛି। ଏ ସମ୍ପର୍କରେ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଥିଲେ, ଏହି ନୂତନ ଟିଭିସିକୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ କେବଳ ଅନ୍ତର୍ବସ୍ତ୍ର ନୁହେଁ ଆଥିଲେ ସିଜର, ଜିମ୍ ପରିଧାନ ଏବଂ ପୁରୁଷମାନଙ୍କ ପାଇଁ କାଜୁଆଲ ସହ ଆମର ବିଗ୍‌ବସ୍ ପରିସରକୁ ମଧ୍ୟ ବୃଦ୍ଧି କରିଛୁ। ସେହିଭଳି ଆମର ବ୍ରାଣ୍ଡ ଆମ୍ବାସାଡର ତଥା ସୁପରଷ୍ଟାର ଅକ୍ଷୟ କୁମାରଙ୍କ ସହ ଦୀର୍ଘ ଦଶନ୍ଧି ଧରି ସହଭାଗିତା ଜାରି ରହିଛି। ଉକ୍ତ ସହଭାଗିତା ମାଧ୍ୟମରେ ଆମର ବ୍ରାଣ୍ଡ୍‌ର ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ସେହିପରି ଡଲାର ବିଗ୍‌ବସ୍‌ର ଟେଲିଭିଜନ ଅଭିଯାନ ସମସ୍ତ ଅନ୍ତର୍ନିହିତ ମୂଲ୍ୟବୋଧକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ,ଡଲାର ବିଗ୍‌ବସ୍ ହେଉଛି ପୁରୁଷଙ୍କ ଅନ୍ତର୍ବସ୍ତ୍ରର ଏକ ଉଚ୍ଚ ଗୁଣାତ୍ମକ ସଂଗ୍ରହ ଏବଂ ବର୍ତ୍ତମାନ ଏହା ଆଥିଲେ ସିଜର, ଜିମ୍ ପୋଷାକ ଏବଂ କାଜୁଆଲ ପୋଷାକ ଦେଶରେ ପୁରୁଷଙ୍କ ଆଧୁନିକ ଜୀବନଶୈଳୀକୁ ପରିପୁଷ୍ଟ କରିବା ପାଇଁ ପରିକଳ୍ପିତ ହୋଇଛି।


# Classified Everyday

0674-2580101, 2549949


REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

**ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଖରୁ 2 କିଲୋମିଟର ଦୂର ମଙ୍ଗଳାଘାଟ ଛକ ନୂଆ ବସ୍‌ଷ୍ଟାଣ୍ଡ ପାଖରେ 12600 ବର୍ଗଫୁଟ ସ୍ଥିତିବାନ୍ ଘରବାଡ଼ି ଜମି 40 ଫୁଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରୟ କରାଯିବ। ଆପାର୍ଟମେଣ୍ଟ ବା ସ୍କୁଲ୍, କଲେଜ ପାଇଁ ଉପଯୁକ୍ତ। ଆଗ୍ରହୀ ଗ୍ରାହକ ଯୋଗାଯୋଗ କରନ୍ତୁ। 9438109040, 8144658008.** D-2831

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921

Gharabari plot Jagannath Nagar, Rasulgarh 2200sqft.- @ 3400 per sqft. Complete 5ft. boundary & boring. Mob- 9437278789, 9658464277, 9438389968. D-2826

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ Extension BDA Zoneରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ 17,40,000/-ରେ ବିକ୍ରି କରାଯିବ। 6370469894.** D-75929

Gharabari plot available Rudraska Vihar near Huluhulia Bridge Puri-2, plot size 25'X70'= 1750 @ 1600/- including Regd. + Electricity connection, boundary wall @ road 20ft. Contact Owner- 7873919666, 8895175246. D-76003

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706




Relax, Refresh your body, mind by expert therapist. Contact- 9938843929. D-76108

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of this affidavit before Sri Abani Kumar Rautray, Notary, Jatni on 02.08.2017, I want for correction of the spelling of my surname in my Railway service record and other records as Pramod Kumar Dash, S/o Late Gautam Dash instead of Pramod Kumar Das, S/o Late Gautam Kumar Das for future purpose. Pramod Kumar Dash S/o- Late Gautam Dash // Ramabila (Brahmana Sahi), Dist.-Nayagar, PIN 752065, Odisha. D-2830

By virtue of an affidavit No- 2265, dated 19.03.2024. I Pravat Nayak, S/o- Prafulla Nayak changed my name from Pravat Nayak to Prashanta Nayak. Henceforth I will be known as Prashanta Nayak for all purpose. D-2833

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସୌଦାମିନୀ ଦଳାଇ
(କୁଦିଆରୀ, ଜଟଣୀ, ଖୋର୍ଦ୍ଧା)
ଆବିର୍ଭାବ: ତା ୦୮.୦୩.୧୯୪୯
ତିରୋଧାନ: ତା ୧୬.୦୩.୨୦୨୨

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆପଣଙ୍କର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏହା ହିଁ ଆମର ବିନୀତ ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ୱାମୀ-ବ୍ରଜକିଶୋର ଦଳାଇ, ପୁତ୍ର, ଝିଅ, ଜ୍ୱାଇଁ, ନାତି/ ନାତୁଣୀ, ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ।

ଧ-୨୮୨୯

## ଶ୍ରଦ୍ଧାଞ୍ଜଳି

୧୫ତମ ଶ୍ରାଦ୍ଧବାର୍ଷିକୀ



✓ ରତ୍ନାକର ତ୍ରିପାଠୀ
ରତାଦିଆ ଖଣ୍ଡସାହି, କେନ୍ଦ୍ରାପଡ଼ା
ଆବିର୍ଭାବ - ୧୮.୦୨.୧୯୪୨
ତିରୋଧାନ - ୦୯.୦୩.୨୦୦୯

ଆପଣଙ୍କ କର୍ମପ୍ରବଣତା ଏବଂ ମୂଲ୍ୟବୋଧ ଆମର ପ୍ରେରଣା ହୋଇ ରହୁ ଏବଂ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ବନ୍ଧୁ ଓ ପରିବାର ବର୍ଗ

ସୌଜନ୍ୟ : ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଏକାମ୍ର ବିହାର, ଭୁବନେଶ୍ୱର।

ଧ-୨୮୨୭


# ୧୭ତମ ଭାରତୀୟ ସିଏମ୍‌ସି




ଭୁବନେଶ୍ୱର,୨୧।୩

ଦେଶର ସର୍ବବୃହତ୍ ବି୨ବି ଇ-କମର୍ସ କମ୍ପାନୀ ଏମ୍‌ଜଙ୍କ୍‌ସନ ସର୍ଭିସ୍ ଲିମିଟେଡ୍ ପକ୍ଷରୁ କୋଲକାତାର ତାଜ୍ ବେଙ୍ଗଲଠାରେ ଏକ ୨ଦିନିଆ କୋଲ୍ ମାର୍କେଟ କନ୍‌ଫରେନ୍ସ (ସିଏମ୍‌ସି) ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୧୭ତମ ଭାରତୀୟ ସିଏମ୍‌ସିର ବିଷୟବସ୍ତୁ 'ବ୍ଲାକ୍ ଟୁ ଗ୍ରୀନ୍: କୋଇଲା ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଠନ ଏବଂ କୋଇଲା କ୍ଷେତ୍ରର ପରିବର୍ତ୍ତନଶୀଳ ପରିବର୍ତ୍ତନଗୁଡ଼ିକର ମହତ୍ତ୍ୱକୁ ଜାଣିବା ପାଇଁ ଶିଳ୍ପପତିମାନଙ୍କୁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ଦେଇଛି।

ଏ ସମ୍ପର୍କରେ ଏମ୍‌ଜଙ୍କ୍‌ସନ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ବିନୟ ବର୍ମା କହିଛନ୍ତି, ଆଜି କେବଳ କୋଇଲା ଉତ୍ପାଦନ ପାଇଁ ନୁହେଁ, କୋଇଲା ଗ୍ୟାସିଫିକେଶନ, ଷ୍ଟିଲ୍ ତିଆରି ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟରେ କୋଇଲା ଚାହିଦା ରହିଛି। ସେହିଭଳି କୋଇଲା ମନ୍ତ୍ରଣାଳୟର ସଚିବ ଅମ୍ରିତ ଲାଲ ମୀନା କହିଛନ୍ତି, ଭାରତରେ କୋଇଲା ବ୍ୟବହାର ବହୁ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ,କିନ୍ତୁ ୨୦୪୦ ସୁଦ୍ଧା ଏହା ବୃଦ୍ଧି ପାଇବ। ଆମେ ବର୍ତ୍ତମାନ ଅନେକ ଘରୋଇ କ୍ଷେତ୍ରର କମ୍ପାନୀ ଗ୍ରହଣ କରୁଥିବା ଦେଖୁଛୁ। ବାଣିଜ୍ୟିକ କୋଇଲା ଖଣି ନିଲାମରେ ଭୂତଳ ଖଣି, କେବଳ ପରିବର୍ତ୍ତନ ପାଇଁ, ଜଙ୍ଗଲ ସଂରକ୍ଷଣ, ସୌର ପାର୍କ ସ୍ଥାପନ, ପମ୍ପ ସଂରକ୍ଷଣ ପ୍ରକଳ୍ପ ସ୍ଥାପନକରି ଜୀବିକା ରକ୍ଷା ପାଇଁ ବୈଜ୍ଞାନିକ ଭାବେ କୋଇଲା ଖଣି ବନ୍ଦ ହେବା ଆବଶ୍ୟକ। ସମଗ୍ର କୋଇଲା ପରିବର୍ତ୍ତନ ଏକ ଜଟିଳ ପ୍ରକ୍ରିୟା ଯାହା ବିଶ୍ୱର ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାକୁ ପଡ଼ିବ। ସେହିପରି କୋଲ୍ ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ବୈଷୟିକ) ଡ. ବି. ଭିରା ରେଡ୍ଡୀ କହିଛନ୍ତି, ୨୦୨୫-୨୬ ସୁଦ୍ଧା ଆମେ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ ଯୋଜନା କରୁଛୁ। ୨୦୩୦ ସୁଦ୍ଧା ଆମର କୋଇଲା ଲୋଡିଂ ସମ୍ପୂର୍ଣ୍ଣ ଯାନ୍ତ୍ରିକ ହେବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM**
**ମୁଦ୍ରା ଯୋଜନା ଅଧୀନରେ**
**1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।**
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୧।୩

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩୯ (୫୩୯.୫୦) ପଏଣ୍ଟ ବଢ଼ି ୭୨,୬୪୧(୭୨,୬୪୧.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୩ (୧୭୨.୮୫) ପଏଣ୍ଟ ବୃଦ୍ଧି ଘଟି ୨୨,୦୧୨(୨୨,୦୧୧.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ସୁଯୋଗର ଫାଇଦା ନେବାରେ ବିରୋଧୀ ବିଫଳ

## ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଗତ ଦୁଇ ଦଶନ୍ଧି ଧରି ପରୀକ୍ଷାନିରୀକ୍ଷାର ପ୍ରୟୋଗଶାଳା ହୋଇଆସୁଛି। ଏଥର ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗରେ ସେଭଳି ପବନ ବହିପାରେ ବୋଲି ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଯାଜପୁର ବିଧାୟକ ତଥା ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) କୋରେଇମୁହାଁ ହେଉଛନ୍ତି ବୋଲି ଆଲୋଚନା ଚାଲିଛି।

୨୦୦୪ ମେଣ୍ଟ ସମୟରେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ଭାଗରେ ପଡ଼ିଥିଲା ଓ ସଞ୍ଚିତା ମହାନ୍ତି ବିଜୟୀ ହୋଇଥିଲେ। ମେଣ୍ଟ ଭାଙ୍ଗିବା ପରେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି କ୍ରମାଗତ ପ୍ରାର୍ଥୀ ବଦଳ କରି ବିଜୟୀ ହୋଇଆସିଛି। ତେଣୁ ନିୟମିତ ପ୍ରାର୍ଥୀ ବଦଳ ପ୍ରକ୍ରିୟାରେ କୋରେଇର ବିକାଶ ସମ୍ଭବପର ହୋଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଭୋଟରଙ୍କ ରୋଷରୁ ବର୍ତ୍ତିବା ପାଇଁ ଉତ୍ତରଦାୟୀ ହେବାକୁ ବବି ଆଗେଇ ଆସୁଥିବା ପୂର୍ବ କେତେକ କାର୍ଯ୍ୟକ୍ରମରୁ ମନେହେଉଛି। ଏହାବାଦ୍ ତାଙ୍କ ପିତା ଅଶୋକ ଦାସ କୋରେଇରେ ୪ ଦଶନ୍ଧି ଧରି ନେତୃତ୍ୱ ନେଇଥିବାରୁ ବବିଙ୍କୁ ସମର୍ଥନ ମିଳିବା ନେଇ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ଏହା ହେଲେ ଅଭିନେତା ତଥା ପୂର୍ବତନ କୋରେଇ ବିଧାୟକ ଆକାଶ ଦାସନାୟକ ଏଥର ବିଜେଡି ଟିକେଟରୁ ବଳି ପଡ଼ିପାରନ୍ତି ବୋଲି କୁହାଯାଉଛି। ଏହାସହ ବିଧାୟକ ଅଶୋକ ବଳ, ବ୍ୟାସନଗର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷା ତଥା ଜିଲା ମହିଳା ବିଜୁ ଜନତା ଦଳ ଅଧ୍ୟକ୍ଷା ସବିତା ରାଉତ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରମୁଖ ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ଯାଜପୁର ଆସନ ପାଇଁ କିଏ ପ୍ରାର୍ଥୀ ହେବେ, ତାହା ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି।

ଯାଜପୁର ପୌରପରିଷଦ, ବରୀ ବ୍ଲକର ୮ ଓ ଦଶରଥପୁର ବ୍ଲକର ୨୦ ପଞ୍ଚାୟତକୁ ନେଇ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ବିଗତ ନିର୍ବାଚନଗୁଡ଼ିକୁ ଯଦି ଏଠାରେ ଦେଖାଯାଏ, ତାହା ହେଲେ ବବି ଭୋଟ ପ୍ରଚାରରେ ସେତେଟା ସକ୍ରିୟ ନ ଥିଲେ ମଧ୍ୟ ନିରଙ୍କୁଶ ସଫଳତା ପାଇଆସୁଛନ୍ତି। ରାଜ୍ୟ ରାଜନୀତିରେ ସେ ସର୍ବଦା ସକ୍ରିୟ ଥିବାରୁ ଯାଜପୁରକୁ ତାଙ୍କ ସମର୍ଥକ ଓ ପରିବାର ସଦସ୍ୟଙ୍କ ହାତରେ ପ୍ରାୟ ଛାଡ଼ି ଦେଇଥିବା ଦେଖାଯାଇଛି। ଏଥିରେ ସେମାନେ ସଫଳତା ପାଉଥିବାରୁ ବବିଙ୍କ ଚିନ୍ତା ପ୍ରାୟ ରହୁନାହିଁ। ବିଶେଷକରି ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟ ନିର୍ବାଚନୀ ଯୁଦ୍ଧ ପୂର୍ବରୁ ହାତ ଟେକି ଦେଉଥିବା ଭଳି ମନେହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥନରେ ସମସ୍ତ ଜିଲା ପରିଷଦ ଆସନ ଏବଂ ପୌରପରିଷଦ ନିର୍ବାଚନରେ ପୌରାଧ୍ୟକ୍ଷାଙ୍କ ସମେତ ସମସ୍ତ କାଉନ୍‌ସିଲରଙ୍କ ବିଜୟ ଏହାକୁ ପ୍ରମାଣିତ କରୁଛି। କୁହାଯାଉଛି, ଏଠାରେ ଭାଜପା ଓ କଂଗ୍ରେସର ନେତୃତ୍ୱ ନେଉଥିବା ନେତାଙ୍କ ଲୋକପ୍ରିୟତା ଓ ଜନସମ୍ପର୍କ ଅଭିଯାନ ସେତେଟା ସଫଳ ହୋଇପାରି ନ ଥିବାରୁ ଭୋଟରଙ୍କ ଆସ୍ଥା ଜିଣିବା ସେମାନଙ୍କ ପକ୍ଷେ କଷ୍ଟକର ହେଉଛି। ଦେଖିବାକୁ ଗଲେ ଯାଜପୁର ବିଧାନସଭା କ୍ଷେତ୍ରରେ ବିଜେଡିର କୌଣସି ଜିଲା କାର୍ଯ୍ୟାଳୟ ନାହିଁ। ରାଜ୍ୟ ରାଜନୀତିରେ ସକ୍ରିୟ ଥିବା ବବି ପ୍ରାୟ ବାହାରେ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ତାଙ୍କୁ ସହଜରେ ଭେଟି ସାଧାରଣ ଜନତା ସେମାନଙ୍କ ସମସ୍ୟା ଜଣାଇବାକୁ ସମୟ ପାଉନାହାନ୍ତି। ଏହିସବୁ ସମସ୍ୟାର ସମାଧାନ କରିବାରେ ବବିଙ୍କ ପାଖଲୋକ ଯଥେଷ୍ଟ ହେଉଥିବା ଦେଖାଯାଇଛି। ଏସବୁ ଜାଣିବା ସତ୍ତ୍ୱେ ବିରୋଧୀ ଭାଜପା ଓ କଂଗ୍ରେସ ସୁଯୋଗର ଫାଇଦା ନେବାରେ ବିଫଳ ହେଉଥିବା କୁହାଯାଉଛି। ଏପରି କି ଭାଜପା ଓ କଂଗ୍ରେସର ଜିଲା କାର୍ଯ୍ୟାଳୟ ସଦର ମହକୁମାରେ ରହିଛି। ହେଲେ ଏହି ଦୁଇ ପ୍ରମୁଖ ବିରୋଧୀ ଦଳର ନେତୃବର୍ଗ ଭୋଟରଙ୍କୁ ଠିକ୍ ଭାବେ ପ୍ରଭାବିତ କରିପାରୁ ନ ଥିବା ଆଲୋଚନା ହେଉଛି । ୨୦୧୯ ବିଧାନସଭା ନିର୍ବାଚନରେ ବବି ୯୯,୭୩୮(୬୦.୨୪%), ଭାଜପାର ଗୌତମ ରାୟ ୫୯,୦୮୨(୩୫.୬୮%) ଓ କଂଗ୍ରେସର ସନ୍ତୋଷ ନନ୍ଦ ମାତ୍ର ୪,୭୪୮(୨.୮୭%) ଭୋଟ ପାଇଥିଲେ। ତେଣୁ ବିଜେଡିର ୬୦% ଭୋଟକୁ ଭାଙ୍ଗିବା ସହ କଂଗ୍ରେସ ହାତରୁ ଅଧିକ ଭୋଟ ଛଡ଼ାଇ ନ ଆଣିପାରିଲେ ଭାଜପା ଯାଜପୁରରେ ସଫଳତା ପାଇବା କଷ୍ଟକର ହୋଇପଡ଼ିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ଗୌତମଙ୍କ ନେତୃତ୍ୱରେ ଭାଜପା ଗତ ପୌରପରିଷଦ ଓ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିପାରିନାହିଁ। ଏଥିପାଇଁ ଦକ୍ଷ ତଥା ଯୁବ ସଂଗଠକ ହିଁ ଭାଜପାର ମଙ୍ଗୁଆଳ ହେବା ଆବଶ୍ୟକ ବୋଲି ଭାଜପା ଉଚ୍ଚ ନେତୃତ୍ୱ ଚିନ୍ତା କରୁଥିବା ଆଲୋଚନା ହେଉଛି। ଏହି କ୍ରମରେ କଂଗ୍ରେସରୁ ଆସିଥିବା ଭାଜପାର ପୁଲିନ ପୁହାଣ ଆଶାୟୀ ଅଛନ୍ତି। ଭାଜପା ବ୍ୟାନରରେ ସେ ବିଭିନ୍ନ କାର୍ଯ୍ୟକ୍ରମ କରି ଏବେ ଆଲୋଚନାର ଶୀର୍ଷରେ ରହିଛନ୍ତି। କଂଗ୍ରେସର ସନ୍ତୋଷ ନନ୍ଦ ଦଳୀୟ ଟିକେଟ ପାଇବାକୁ ଆଶାବାଦୀ ଥିବା କୁହାଯାଉଛି। ତେବେ ବବି ଯଦି କୋରେଇମୁହାଁ ହେବେ, ତାଙ୍କ ସ୍ଥାନରେ କିଏ ପ୍ରାର୍ଥୀ ହେବେ ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ।


ପ୍ରଣବ ପ୍ରକାଶ ଦାଶ


ପୁଲିନ ପୁହାଣ


ଗୌତମ ରାୟ


ସନ୍ତୋଷ ନନ୍ଦ

## ନବୀନ ନିବାସରେ ୪ଲୋକ ସଭା ଆସନ ପାଇଁ ରଣନୀତି

# ଆସିକା, ବ୍ରହ୍ମପୁର, ଭୁବନେଶ୍ୱର, କନ୍ଧମାଳ

ଭୁବନେଶ୍ୱର,୨୧।୩(ଅନିଲ ଦାସ)

ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ବିଜେଡି- ଭାଜପା ମେଣ୍ଟକୁ ନେଇ ଚର୍ଚ୍ଚା ଲାଗିରହିଛି। ଅନ୍ୟପକ୍ଷରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସଂସଦୀୟ କ୍ଷେତ୍ରର ନିର୍ବାଚନ ରଣନୀତି ନେଇ ସମୀକ୍ଷା ଚଳାଇଛନ୍ତି । ନବୀନ ନିବାସରେ ଗୁରୁବାର ପୂର୍ବାହ୍ନରେ ଗଞ୍ଜାମ ଜିଲାର ଦୁଇ ସଂସଦୀୟ କ୍ଷେତ୍ର ଆସିକା ଓ ବ୍ରହ୍ମପୁର ପାଇଁ ବୈଠକ ହୋଇଥିବା ବେଳେ ଅପରାହ୍ନରେ ଭୁବନେଶ୍ୱର ଓ କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ଆଲୋଚନା ହୋଇଛି।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ନେଇ ବିଜେଡିର ସମୀକ୍ଷା ଶେଷ ହେବା ପରେ ଗଜପତି ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ସମସ୍ତ ବିଧାନସଭା ଆସନ ନେଇ ଆଲୋଚନା ହୋଇଛି। ସମସ୍ତ ନିର୍ବାଚନମଣ୍ଡଳୀରେ କିଭଳି ବିଜୟ ହେବ ସେ ନେଇ ଆଲୋଚନା କରାଯାଇଛି। ସମସ୍ତ ଆସନରେ ଜିତିବା ପାଇଁ ମିଳିମିଶି କାମ କରିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ଆସିକା ଲୋକ ସଭା କ୍ଷେତ୍ର ସମୀକ୍ଷା ଶେଷ ହେବା ପରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କହିଛନ୍ତି, ବୈଠକରେ ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା ହୋଇଛି। ଲୋକ ସଭା ଓ ସମସ୍ତ ବିଧାନସଭାରେ କିଭଳି ଭାବେ ସଙ୍ଗଠନ ସୁଦୃଢ଼ ହେବ, ସେ ଦିଗରେ ଆଲୋଚନା ହୋଇଛି।

ଅନ୍ୟପକ୍ଷରେ ଚର୍ଚ୍ଚା ହେଉଛି ଯେ ଚନ୍ଦ୍ରଶେଖର ସାହୁଙ୍କୁ ଦଳ ପୁଣି ଥରେ ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଟିକେଟ ଦେଇପାରେ। ସେହିପରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୂର୍ଯ୍ୟ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କୁ ଦିଗପହଣ୍ଡି, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗୋପାଳପୁରରୁ ଟିକେଟ ମିଳିବା ନେଇ ଦଳୀୟ ମହଲରେ ଆଲୋଚନା ହେଉଛି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ବ୍ରହ୍ମପୁର ଏବଂ ଉଷା ଦେବୀଙ୍କ ପୁଅ ଶ୍ରୀରୂପଙ୍କୁ ଚିକିଟିରୁ ବିଜେଡି ମଇଦାନକୁ ପଠାଇପାରେ। ତେବେ ପରାଜିତ ସିଟ୍ ମୋହନା ଓ ପାରଳାଖେମୁଣ୍ଡି ପାଇଁ ପ୍ରାର୍ଥୀ ଖୋଜା ଚାଲିଥିବା କୁହାଯାଉଛି।

ଏହି ବୈଠକରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜଙ୍କ ସମେତ ଗଞ୍ଜାମ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୀପ ଅମାତ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଛତ୍ରପୁର ବିଧାୟକ ସୁବାସ ବେହେରା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଚିକିଟି ବିଧାୟିକା ଉଷା ଦେବୀ, ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସୋରଡ଼ା ବିଧାୟକ ପୂର୍ଣ୍ଣ ସ୍ୱାଇଁ, ବିଜେଡି ଗଞ୍ଜାମ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ନେତା ସୁବାସ ମହାରଣା, ବିପ୍ଳବ ପାତ୍ର, ନାରାୟଣ ଜେନା, ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ନବୀନ କନ୍ଧମାଳ ଓ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ସମୀକ୍ଷା କରିଛନ୍ତି।

ବୈଠକରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମନ୍ତ୍ରୀ ପ୍ରଦୀପ ଅମାତ, ବିଧାୟକ ଚକ୍ରମଣି କହଁର, ସାଲୁଗା ପ୍ରଧାନ, ଅଙ୍ଗଦ କହଁର, ମହୀଧର ରଣା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ମଧ୍ୟ ସମୀକ୍ଷା କରାଯାଇଛି। ତେବେ ଉଭୟ ବୈଠକରେ ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା ହୋଇଛି। ଲୋକ ସଭା ଓ ସମସ୍ତ ବିଧାନସଭାରେ କିପରି ସଙ୍ଗଠନ ଆହୁରି ମଜଭୁତ ହେବ ସେ ଦିଗରେ ଆଲୋଚନା ହୋଇଛି। ଭୁବନେଶ୍ୱର ଏମ୍‌ପି ସିଟ୍‌ରେ ଶ୍ରୀମୟୀଙ୍କୁ ପ୍ରାର୍ଥୀ କରାଯିବା ନେଇ ଆଲୋଚନା ହୋଇଥିବା କୁହାଯାଉଛି। ବୈଠକରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଜିତୁ ମିତ୍ର, ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବି ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

# ଆଦର୍ଶ ଆଚରଣ ବିଧି ମାନୁନି ବିଜେଡି

ଭୁବନେଶ୍ୱର, ୨୧।୩(ସୁନିତ୍ ମିଶ୍ର)

ଆଗାମୀ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିବା ମାତ୍ରେ ସମଗ୍ର ଦେଶରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଲାଣି । କିନ୍ତୁ ଏ ପର୍ଯ୍ୟନ୍ତ ବିଜେଡି ତଥା ଦଳୀୟ ସଭାପତିଙ୍କ ଫଟୋଚିତ୍ର ଥିବା ବଡ଼ ବଡ଼ ହୋର୍ଡିଂ ଓ ବିଜ୍ଞାପନ ସାଧାରଣ ସ୍ଥାନରୁ ହଟାଯାଉନାହିଁ। ସାଧାରଣ ସ୍ଥାନ, ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଆଦି ସ୍ଥାନରୁ ଶାସକ ଦଳର ନିର୍ବାଚନୀ ପୋଷ୍ଟର ଓ ବ୍ୟାନର ହଟା ନ ଯିବା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରିଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ଭାଜପା ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି। ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଭୟମୁକ୍ତ କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ) ଜାରି କରିଥିବା ନିୟମାବଳୀକୁ ସମସ୍ତେ ପାଳନ କରିବା ଉଚିତ। ଇସିଆଇ ସ୍ପଷ୍ଟଭାବେ କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଲାଣି। ସର୍ବସାଧାରଣ ସ୍ଥାନଗୁଡିକରେ ଲଗାଯାଇଥିବା ବିଜ୍ଞାପନ ହୋର୍ଡିଂଗୁଡ଼ିକୁ ଖୋଲାଯିବାର ନିର୍ଦ୍ଦେଶନାମା ରହିଛି। କିନ୍ତୁ ବିଜେଡି ଏହାର ଖୋଲାଖୋଲି ଉଲ୍ଲଂଘନ କରୁଛି। ଭୁବନେଶ୍ୱର ଏବଂ କଟକ ମହାନଗର ନିଗମର ବିଭିନ୍ନ ୱାର୍ଡ ଅଫିସରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଏବେ ସୁଦ୍ଧା ରହିଥିବା ଭାଜପା ଅଭିଯୋଗ କରିଛି।


ପୁରୀ ଲୋକ ସଭା କ୍ଷେତ୍ର ସଂକ୍ରାନ୍ତୀୟ ସମୀକ୍ଷା ବୈଠକ ପରେ ବିଜେଡିର ବରିଷ୍ଠ ନେତା ଅରୂପ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ, ନବନିଯୁକ୍ତ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଦଳୀୟ ନେତାମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଛନ୍ତି।

# ବିଜେଡି ନେତାଙ୍କ ଶ୍ରୀଜଗନ୍ନାଥ ଦର୍ଶନ

ପୁରୀ,୨୧।୩(ଅଜିତ୍ ମହାନ୍ତି)

କିଛି ଦିନ ତଳେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ସଂସଦୀୟ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ। ଏପରି କି ଏହି କ୍ଷେତ୍ର ପାଇଁ ଦଳର ପ୍ରାର୍ଥୀ ଚୟନ ହୋଇଥିବା କୁହାଯାଇଥିଲା। ପରେ ବ୍ରହ୍ମଗିରି ଓ ସତ୍ୟବାଦୀ ବିଧାନସଭା ଆସନକୁ ନେଇ ସଞ୍ଜୟ ଦାସବର୍ମା ଓ ଉମା ସାମନ୍ତରାୟଙ୍କ ମଧ୍ୟରେ ଥିବା ବିବାଦକୁ ପୁରୀଠାରେ ଅନୁଷ୍ଠିତ ଏକ ବୈଠକରେ ସାମଧାନ କରାଯାଇଥିଲା। ଏଭଳିସ୍ଥିତିରେ ଗୁରୁବାର ବିଜେଡି ସଂସଦୀୟ ଦଳର ନେତାମାନେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନେଇଛନ୍ତି। ଏଥିରେ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଆଶାୟୀ ବିଧାୟକଙ୍କ ସହ ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ଆଲୋଚନା ହେଉଥିବାବେଳେ ଅରୂପ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ପୁରୀରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି, ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ର ମହାରଥୀ, ରଣପୁରରୁ ସତ୍ୟନାରାୟଣ ପ୍ରଧାନ, ଚିଲିକାରୁ ପ୍ରସନ୍ନ ପାଟ୍ଟଶାଣୀ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ତେବେ ଗୁରୁବାର ଚିଲିକାରୁ ପ୍ରାର୍ଥୀ ହେବାକୁ ଥିବା ପ୍ରସନ୍ନ ପାଟ୍ଟଶାଣୀଙ୍କୁ ଛାଡ଼ି ସବୁ ପ୍ରାର୍ଥୀ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଆସନ୍ତା ନିର୍ବାଚନରେ ପୁରୀ ସଂସଦୀୟ କ୍ଷେତ୍ରର ସବୁ ଆସନ ବିଜେଡି ଜିତିବ ବୋଲି ଜିଲା ବିଜେଡି ସଭାପତି ଦିବାକର ପାତ୍ର କହିଛନ୍ତି।

ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପ୍ରତିକ୍ରିୟା ଦେଇ ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ କହିଛନ୍ତି, 'ପ୍ରାର୍ଥୀ ଘୋଷଣା ମୁଖ୍ୟମନ୍ତ୍ରୀ କରିବେ। ମୁଖ୍ୟମନ୍ତ୍ରୀ ଯେଉଁଠୁ ଲଢ଼ିବାକୁ କହିବେ ଲଢ଼ିବୁ। ସାଂସଦ ପ୍ରାର୍ଥୀ ଆଶାୟୀ ଥିବା ଅରୂପ ପଟ୍ଟନାୟକ କହିଛନ୍ତି, ସେ ତାଙ୍କ ଜନ୍ମମାଟିକୁ ଫେରି ଆନନ୍ଦ ଅନୁଭବ କରୁଛନ୍ତି। ସମସ୍ତଙ୍କ କଲ୍ୟାଣ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛି। ତେବେ ମହାପ୍ରଭୁଙ୍କ ସ୍ଥାନରେ କିଛି ରାଜନୈତିକ ମତ ଦେବା ଉଚିତ ନୁହେଁ ବୋଲି କହିଥିଲେ। ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି କି ପୁରୀ ସଂସଦୀୟ କ୍ଷେତ୍ରର ସବୁ ନେତା ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ଜନ କଲ୍ୟାଣକାରୀ ଯୋଜନାକୁ ନେଇ ବିଜେଡି ଆଗାମୀ ନିର୍ବାଚନରେ ବିପୁଳ ବିଜୟ ହାସଲ କରିବ। ତେବେ ଏହି ଅବସରରେ ସଞ୍ଜୟ ଦାସ ବର୍ମା ଓ ନୟାଗଡ଼ ବିଧାୟକ ଅରୁଣ ସାହୁ କୌଣସି ପ୍ରତିକ୍ରିୟା ନ ଦେଇ ଚାଲିଯାଇଥିଲେ।

# ୧୦ ବର୍ଷରେ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆସିଛି: ଭାଜପା

ଭୁବନେଶ୍ୱର, ୨୧।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଭାରତବର୍ଷରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି। ୨୦୧୪ରେ ୭,୫୬୨ଟି ମୋବାଇଲ ଟାୱାର ଓଡ଼ିଶାରେ ଥିବାବେଳେ ଏବେ ପାଖାପାଖି ୪ ଗୁଣରୁ ଅଧିକ ଟାୱାର ଅର୍ଥାତ୍ ୨୭ ହଜାର ୫୧୩ଟି ବସିଛି। ସେହିପରି ବ୍ରଡ୍ ବ୍ୟାଣ୍ଡ ସଂଯୋଗ ମାତ୍ର ୬ ଲକ୍ଷରୁ କମ୍ ଥିବାବେଳେ ଆଜି ୨ କୋଟି ୩୬ ଲକ୍ଷ ଲୋକଙ୍କ ପାଖରେ ବ୍ରଡ୍ ବ୍ୟାଣ୍ଡ ସଂଯୋଗ ପହଞ୍ଚିପାରିଛି। ଓଡ଼ିଶାର ୫୧ ହଜାର ୧୭୬ଟି ଗାଁରୁ ୪୬ ହଜାର ୮୦୧ଟି ଗାଁକୁ ଇଣ୍ଟରନେଟ୍ ସଂଯୋଗୀକରଣ କରାଯାଇଛି। ଗତ ୧୦ ବର୍ଷରେ ଓଡ଼ିଶାର ୩ ହଜାର ଆଦିବାସୀ ଗାଁରେ ଟାୱାର ସ୍ଥାପନ ହୋଇଛି ବୋଲି ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂର୍ଯ୍ୟବଂଶୀ କହିଛନ୍ତି, ଓଡ଼ିଶାର ଅନେକ ଆଦିବାସୀ ଅଞ୍ଚଳରେ ଗମନାଗମନ, ମାଲ ପରିବହନ ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ସମ୍ଭବ ହୋଇପାରିନାହିଁ। କିନ୍ତୁ ସେ ଗାଁରେ ମଧ୍ୟ ଟାୱାର ବସିଛି। ଆଇଟି ପାଇଁ ଅପାର ସମ୍ଭାବନା ଥିବା ଓଡ଼ିଶାରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସଂକଳ୍ପର ସିଦ୍ଧି ହୋଇପାରୁନାହିଁବୋଲିସୂର୍ଯ୍ୟବଂଶୀ କହିଛନ୍ତି।


ସୂର୍ଯ୍ୟବଂଶୀ ସୂରଜ

# ସବୁ ଲୋକ ସଭା, ବିଧାନସଭା ଆସନରେ ପ୍ରାର୍ଥୀ ଦେବ ନାପ୍

ଫୁଲନଖରା,୨୧।୩
(ସତ୍ୟରଞ୍ଜନ ଦାସମହାପାତ୍ର)

ଆସନ୍ତା ସାଧାରଣ ନିର୍ବାଚନ ଲଢିବା ପାଇଁ ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ଗଠନ କରାଯାଇଛି। ଏହି ପାର୍ଟି ରାଜ୍ୟର ସମସ୍ତ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦେବ। ଏଥିସହ ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ ଅମୂଲ୍ୟ ମଲ୍ଲିକ ଓ କଳାହାଣ୍ଡି ଲୋକ ସଭା ଆସନ ନିମନ୍ତେ ବୀରେନ୍ଦ୍ର ଓରାଙ୍ଗଙ୍କୁ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଚୟନ କରାଯାଇଛି। ସେହିପରି ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ କରାଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଜିଲା ପାହାଳ ଥାନା ଅଞ୍ଚଳର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର ରାଷ୍ଟ୍ରୀୟ ସଭାପତି ଭଗତ୍ ସିଂହ ବିଷତ୍ ସୂଚନା ଦେଇଛନ୍ତି। ଉକ୍ତ ହୋଟେଲରେ ପାର୍ଟି ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପାର୍ଟିର ଓଡ଼ିଶା ପ୍ରଭାରୀ ଅଶୋକ କୁମାର ମିଶ୍ରା, ରାଷ୍ଟ୍ରୀୟ ସମ୍ପାଦକ ପ୍ରେମ ଆନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ଓଡ଼ିଶା ରାଜ୍ୟ ସଭାପତି ଭାବେ ସ୍ୱାଧୀନ କୁମାର ରାୟଙ୍କୁ ନିଯୁକ୍ତ କରାଯାଇଛି। ଏଥିସହ ପାର୍ଟିର ରାଜ୍ୟ ସମ୍ପାଦକ ଭାବେ ବିକାଶ ପୁହାଣ ଏବଂ ଯୁଗ୍ମ ସମ୍ପାଦକ ଭାବେ ଲକ୍ଷ୍ମୀଧର ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିଲା।

ଆଗାମୀ ଦିନରେ ଦଳ ଯଦି ସରକାର ଗଠନ କରେ ତେବେ ପ୍ରଥମେ କୃଷକଙ୍କର ଉନ୍ନତି, ଘରୋଇ ଉପଭୋକ୍ତାଙ୍କ ପାଇଁ ମାସିକ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ପ୍ରତ୍ୟେକ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଆଦି ବ୍ୟବସ୍ଥା କରାଯିବ ବୋଲି ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାର ଜାରି କରାଯାଇଛି।



ଖବରଦାତା ସମ୍ମିଳନୀରେ ପାର୍ଟିର ରାଷ୍ଟ୍ରୀୟ ସଭାପତି ଭଗତ୍ ସିଂହ ବିଷତ୍‌ଙ୍କ ସହ ଅନ୍ୟମାନେ।

# ରାଜନୈତିକ ସମୀକରଣ ଦେଖି ରଣନୀତି

## ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ



ଆଠମଲ୍ଲିକ,୨୧।୩ (ଉଦୀପ୍ତ ପୁରୋହିତ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରଠାରୁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ସାଧାରଣରେ ବହୁ ଆଲୋଚନା ଚାଲିଛି। ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଠମଲ୍ଲିକରେ ରାଜନୈତିକ ଅଙ୍କକଷା ଜାରି ରହିଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ମଧ୍ୟରେ ମେଣ୍ଟ ସମ୍ଭାବନା ସହ ଏଥର ଦ୍ୱିମୁଖୀ ନା ତ୍ରିମୁଖୀ ଲଢ଼େଇ ହେବ, ତାହାକୁ ନେଇ ଦଳୀୟ କର୍ମୀ ବିଭିନ୍ନ ଆକଳନ କରୁଛନ୍ତି। ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ଗଣମାଧ୍ୟମରେ ଦୈନିକ ନୂଆ ନୂଆ ଖବର ଆସୁଥିବାରୁ ଏହା ଉଭୟ ଦଳର କର୍ମୀଙ୍କୁ ଅଧିକ ଦ୍ୱନ୍ଦ୍ୱରେ ପକାଉଛି। ଏହି ପ୍ରମୁଖ ଦଳଗୁଡ଼ିକର ଛାମୁଆ ନେତାମାନେ ଅତ୍ୟନ୍ତ ମାପିଚୁପି ମନ୍ତବ୍ୟ ରଖିବା ସହ ନିଜ ନିଜର ସଙ୍ଗଠନକୁ ମଜଭୁତ କରିବା ଉପରେ ଜୋର୍ ଦେଉଛନ୍ତି। ତେବେ ରାଜନୀତିରେ ରୁଚି ରଖୁଥିବା ଲୋକେ ମେଣ୍ଟକୁ ନେଇ ଭିନ୍ନ ଭିନ୍ନ ମତପୋଷଣ କରିବା ସହିତ ମେଣ୍ଟ କାହିଁକି ଓ ମେଣ୍ଟ ଦଳ କାହା ସହିତ ଲଢ଼େଇ କରିବେ ବୋଲି ପ୍ରଶ୍ନ କରୁଥିବା ଦେଖାଯାଉଛି। ସେହିପରି ମେଣ୍ଟ ହେଲେ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ କାହା ଭାଗରେ ପଡ଼ିବ ଓ ଉକ୍ତ ଦଳ କାହାକୁ ପ୍ରାର୍ଥୀ କରିବ ଏବଂ କଂଗ୍ରେସରୁ ପ୍ରାର୍ଥୀ କିଏ ହେବେ ତାହାକୁ ନେଇ ରୀତିମତ ବିଚାରବିମର୍ଶ ଚାଲିଛି। ଆଗାମୀ ଦିନର ରାଜନୈତିକ ସମୀକରଣ ଦେଖିବା ପରେ ଦଳଗୁଡ଼ିକ ନିଜସ୍ୱ ରଣନୀତି କରିପାରନ୍ତି ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

ମେଣ୍ଟକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଲାଗି ରହିଥିବାବେଳେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପୂର୍ବତନ ପୂର୍ତ୍ତ ସଚିବ ତଥା ବିରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ସମାବେଶ ଉପରେ ଜୋର୍ ଦେଉଛନ୍ତି। ସେହିପରି ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ଦଳରେ ସାମିଲକରି ଶକ୍ତି ବୃଦ୍ଧି କରିବାରେ ଲାଗି ପଡ଼ିଛନ୍ତି। କଂଗେସରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପଛୁଆବର୍ଗ ସେଲ୍ ରାଜ୍ୟ ସଭାପତି ବିଜୟାନନ୍ଦ ଚାଉଳିଆ ପଞ୍ଚାୟତସ୍ତରୀୟ ନେତା ଓ କର୍ମୀଙ୍କୁ ଭେଟି ନିର୍ବାଚନ ସମ୍ପର୍କିତ ଆଲୋଚନା କରୁଥିବା ଦେଖାଯାଉଛି। ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଚଳିତ ନିର୍ବାଚନକୁ ବେଶ୍ ଗୁରୁତ୍ୱ ଦେଇ ସ୍ଥାନୀୟ ପ୍ରାର୍ଥୀ ଓ ରଣନୀତି ସମ୍ପର୍କିତ ଆଲୋଚନା ପାଇଁ ଆଞ୍ଚଳିକସ୍ତରରେ ନେତାମାନଙ୍କ ସହ ବୈଠକ ପରେ ବୈଠକ କରୁଥିବା ଦେଖିବାକୁ ମିଳୁଛି। ସେହିପରି ୨୦୦୦ ମସିହାରୁ କ୍ଷମତାରୁ ଦୂରରେ ରହିଥିବା କଂଗ୍ରେସ ଦଳ ବିଜେଡି ଓ ଭାଜପା ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ନେଇ ହେଉଥିବା ଚର୍ଚ୍ଚାର ଅନ୍ତିମ ଦୃଶ୍ୟପଟ ଅପେକ୍ଷା କରି ରହିଥିବା ବେଳେ ବିଜେଡି ଓ ଭାଜପା ସମର୍ଥକମାନେ ମଧ୍ୟ ମେଣ୍ଟ ହେବ ନା ନାହିଁ ତାହାର ସ୍ପଷ୍ଟତାକୁ ଅପେକ୍ଷା କରି ରହିଛନ୍ତି। ଯଦି ଚଳିତ ନିର୍ବାଚନରେ ନୂତନ ସମୀକରଣ ସୃଷ୍ଟି ହୁଏ, ତା'ହେଲେ କେତେଜଣ ଆଶାୟୀ ନେତାଙ୍କ ଶିବିର ପରିବର୍ତ୍ତନ ଭଳି ଘଟଣା ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

# ସାଉଥ୍ ଡର୍ବିରେ ସିଏସ୍‌କେ-ଆର୍‌ସିବି

ଚେନ୍ନାଇ,୨୧।୩ (ପି.ଟି.)

ବିଶ୍ୱର ସବୁଠାରୁ ଧନଶାଳୀ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୭ ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇର ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଦେଖିବାକୁ ମିଳିବ ସାଉଥ୍ ଡର୍ବି। ଦୁଇ ଦକ୍ଷିଣ ଭାରତୀୟ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଓ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପରସ୍ପରର ମୁକାବିଲା କରିବେ। ଆଇପିଏଲ୍‌ର ସବୁଠୁ ଲୋକପ୍ରିୟ ଦଳ ଆର୍‌ସିବି ଟ୍ରଫି ଶୂନ୍ୟ ରହିଥିବା ବେଳେ ପ୍ରଥମ ଟାଇଟଲ ଆଶାରେ ରହିବ। ଅନ୍ୟପକ୍ଷରେ ୫ ଟ୍ରଫି ସହ ଆଇପିଏଲ୍ ଇତିହାସର ସଫଳ ଦଳ ତଥା ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ମଧ୍ୟ ନିଜର ଅଭିଯାନ ଆରମ୍ଭ କରିବ। ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ପଦ ଛାଡିବା ସହିତ ରତୁରାଜ ଗାଏକ୍ୱାଡ୍‌ଙ୍କୁ ବାଟନ ପାସ୍ କରିଛନ୍ତି। ଧୋନୀଙ୍କ ପରାମର୍ଶରେ ଗାଏକ୍ୱାଡ୍ ସିଜନର ସଫଳ ଆରମ୍ଭ ପାଇଁ ଚେଷ୍ଟା କରିବେ। ଅନ୍ୟପକ୍ଷରେ ଓମେନ୍ସ ପ୍ରିମିୟର ଲିଗ୍‌ରେ ପ୍ରଥମ ଟାଇଟଲ ଜିତିଥିବା ଆର୍‌ସିବି ଆଇପିଏଲ୍‌ରେ ପୁରୁଷ ଦଳ ସହ ସମାନ ସଫଳତା ହାସଲ କରିବାକୁ ପ୍ରୟାସ କରିବ।

**ଆଜିଠୁ ଆଇପିଏଲ୍**

ମ୍ୟାଚ୍ ସ୍ଥାନ: ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ, ଚେନ୍ନାଇ
ସମୟ: ରାତି ୮.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଆଇପିଏଲ୍ କ୍ୟାପ୍ଟେନ୍ସ ଡେ' ସେରିମନିରେ ଉପସ୍ଥିତ ସମସ୍ତ ଦଳର ଅଧିନାୟକ।

ଧୋନୀଙ୍କ ଭୂମିକା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ସେ ଚଳିତ ସିଜନ ଶେଷରେ ଅବସର ନେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଆଉ ଏକ ଟାଇଟଲ ସହିତ ଆଇପିଏଲ୍‌ର ଶ୍ରେଷ୍ଠ ଅଧିନାୟକଙ୍କୁ ବିଦାୟ ଜଣାଇବାକୁ ଚାହିଁବ ସିଏସ୍‌କେ। ଡେଭନ୍ କନ୍‌ୱେଙ୍କ ଅନୁପସ୍ଥିତିରେ ରାଚିନ୍ ରବୀନ୍ଦ୍ରଙ୍କୁ ଟପ୍ ଅର୍ଡରରେ ଦେଖିବାକୁ ମିଳିବ। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ଡାରିଲ୍ ମିଚେଲ୍‌ଙ୍କୁ ମଧ୍ୟକ୍ରମରେ ଦେଖିବାକୁ ମିଳିପାରେ। ସେହିପରି ଗତ ସିଜନର ଷ୍ଟାର ଅଜିଙ୍କ୍ୟ ରାହାନେଙ୍କ ଅଭିଜ୍ଞତା ଓ ରତୁରାଜ ଗାଏକ୍ୱାଡ୍‌ଙ୍କ ଅଧିନାୟକତ୍ୱରୁ ଫାଇଦା ନେବାକୁ ପ୍ରୟାସ କରିବ। ଗାଏକ୍ୱାଡ୍ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋରର ଭାବେ ଆଇପିଏଲ୍ ଖେଳିବାକୁ ଯାଉଛନ୍ତି। ସେହିପରି ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ ସ୍ପିନରଙ୍କୁ ସୁହାଉଥିବା ବେଳେ ଚେନ୍ନାଇ ନିକଟରେ ଏକାଧିକ ସ୍ପିନ ବୋଲିଂ ଅଲରାଉଣ୍ଡର ବିକଳ୍ପ ଉପଲବ୍ଧ ରହିଛି। ରବୀନ୍ଦ୍ର ଜାଡେଜା, ମୋଇନ୍ ଅଲୀ, ମିଚେଲ ସାଣ୍ଟନର ଓ ମହୀଷ ଥିକ୍ସାନାଙ୍କ ଉପସ୍ଥିତି ଦଳକୁ ଶକ୍ତିଶାଳୀ କରୁଛି। ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କ ରୂପରେ ଦଳ ନିକଟରେ ଦୁଇ ପେସ୍ ବୋଲିଂ ଅଲରାଉଣ୍ଡର ରହିଛନ୍ତି। ତେବେ ଶ୍ରୀଲଙ୍କାର ସ୍ଲିଙ୍ଗର ମଥିଶା ପଥିରାନାଙ୍କୁ ମିସ୍ କରିବ ଚେନ୍ନାଇ।

ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଥିବା ଆଇପିଏଲ୍ ଫ୍ରାଞ୍ଚାଇଜି ଆର୍‌ସିବି ପାଇଁ ଆଶାର କିରଣ ରହିବେ ଅଧିନାୟକ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲି। ଉଭୟ ଖେଳାଳି ଦୁଇ ମାସର ବ୍ରେକ୍ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଚମତ୍କାର ଇନିଂସ ଆଶା କରିବେ ଫ୍ୟାନ୍। ସେହିପରି କାମେରନ୍ ଗ୍ରୀନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା। ମଧ୍ୟକ୍ରମରେ ରଜତ ପଟିଦାର ଓ ଦୀନେଶ କାର୍ତ୍ତିକଙ୍କ ଉପରେ ସଭିଙ୍କ ନଜର ରହିବ। ଚଳିତ ସିଜନରେ ଆର୍‌ସିବିର ପେସ୍ ବୋଲିଂ କିନ୍ତୁ ବେଶ୍ ଶକ୍ତିଶାଳୀ ରହିଛି। ମହମ୍ମଦ ସିରାଜଙ୍କ ନେତୃତ୍ୱରେ ଲୋକି ଫର୍ଗୁସନ, ଆଲଜାରି ଯୋଶେଫ, ଆକାଶ ଦୀପ ଓ ରିସି ଟପ୍‌ଲେଙ୍କ ପରି ଖେଳାଳି ରହିଛନ୍ତି। ତେବେ ଦଳର ସ୍ପିନ୍ ଆକ୍ରମଣ ସାମାନ୍ୟ ଦୁର୍ବଳ ମନେହେଉଛି। ହସରଙ୍ଗାଙ୍କୁ ଦଳ ରିଲିଜ୍ କରିଥିବା ବେଳେ କର୍ନ ଶର୍ମା ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଉପରେ ସ୍ପିନ ବୋଲିଂ ଭାର ରହିବ। ଦଳ ନିକଟରେ ହିମାଂଶୁ ଶର୍ମା ଓ ମୟଙ୍କ ଡାଗର ରହିଥିଲେ ମଧ୍ୟ ଉଭୟଙ୍କ ନିକଟରେ ଅଭିଜ୍ଞତାର ଅଭାବ ରହିଛି। ଉଲ୍ଲେଖଯୋଗ୍ୟ ଯେ ଗୁରୁବାର ଚେନ୍ନାଇରେ କ୍ୟାପଟେନ୍ସ ମିଟ୍ ହୋଇଥିବା ବେଳେ ୮ ଫ୍ରାଞ୍ଚାଇଜର ଅଧିନାୟକ ଯୋଗ ଦେଇଥିଲେ। ଶିଖର ଧାୱନଙ୍କ ଅନୁପସ୍ଥିତିରେ ପଞ୍ଜାବ କିଙ୍ଗ୍ସ ଉପ ଅଧିନାୟକ ଜୀତେଶ ଶର୍ମା କ୍ୟାପଟେନ୍ସ ମିଟ୍‌ରେ ଯୋଗ ଦେଇଥିଲେ।

## 'ଓଡ଼ିଆରେ କମେଣ୍ଟ୍ରି ଦାବି'

କଟକ,୨୧।୩ (କାର୍ତ୍ତିକ ସାହୁ)

ଆଇପିଏଲ୍‌ରେ ଓଡ଼ିଆ ଧାରା ବିବରଣୀବନ୍ଦ କରାଯାଇଥିବା ବେଳେ ଓଡ଼ିଆ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ଆଇପିଏଲ୍‌ରେ ଓଡ଼ିଆ ସମେତ ବାରଟି ଭାଷାରେ ଧାରା ବିବରଣୀ ଶୁଣିବାକୁ ମିଳିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ ଓଡ଼ିଆ ଭାଷା ବାଦ ପଡ଼ିଛି। ଓଡ଼ିଆ ଭଳି ଶାସ୍ତ୍ରୀୟ ଓ ଲୋକପ୍ରିୟ ଭାଷାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳରେ ଅଣଦେଖା କରାଯାଇଛି। ସୂଚନାଯୋଗ୍ୟ ଏଗାରଟି ଭାଷା ମଧ୍ୟରୁ କ୍ରିକେଟ ଧାରା ବିବରଣୀ ଶୁଣୁଥିବା ଓ ଦେଖୁଥିବା ଶ୍ରୋତା ଓ ଦର୍ଶକଙ୍କ ତୁଳନାରେ ଓଡ଼ିଆଙ୍କ ସଂଖ୍ୟା କିଛି କମ୍ ନୁହେଁ। ପୁଣି ଲୋକପ୍ରିୟତା ଦୃଷ୍ଟିରୁ କେତେକ ରାଜ୍ୟ ଫୁଟବଲ୍ ପ୍ରଧାନ ରାଜ୍ୟ ହୋଇଥିବା ବେଳେ ଓଡିଶାରେ କ୍ରିକେଟର ଲୋକପ୍ରିୟତା ରହିଛି। ଆଇପିଏଲରୁ ଓଡ଼ିଆ ଭାଷା ବାଦ ପଡିବାକୁ ନେଇ ଅଧ୍ୟାପକ ଗୋପୀନାଥ ପଣ୍ଡା, ଶିକ୍ଷାବିତ ଅନନ୍ତ ଚରଣ ଦାସ, ଡାକ୍ତର ନିର୍ମଳେନ୍ଦୁ କୁମାର ଦାଶ, ପ୍ରଫେସର ଉମାଶଙ୍କରର ମିଶ୍ର, ସାହିତ୍ୟିକ ସଞ୍ଜିତ ପଟ୍ଟନାୟକଙ୍କ ସମେତ ଅନ୍ୟ ମାନେ ପ୍ରତିବାଦ କରିଛନ୍ତି।


ଲକ୍ଷ୍ନୌ ସୁପର୍‌ଜାଏଣ୍ଟ୍ସ ନେଟ୍ସରେ କୃନାଲ ପାଣ୍ଡ୍ୟା।

## ଆଇପିଏଲ୍ କାର୍ଯ୍ୟସୂଚୀ (ପ୍ରଥମ ପର୍ଯ୍ୟାୟ)

| ତାରିଖ | ଟିମ୍ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | ସିଏସ୍‌କେ ବନାମ ଆର୍‌ସିବି | ଚେନ୍ନାଇ | ରାତି ୮ଟା |
| ମାର୍ଚ୍ଚ ୨୩ | ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୋହାଲି | ଅପରାହ୍ନ ୩ଟା ୩୦ |
| | କେକେଆର୍ ବନାମ ସନରାଇଜର୍ସ ହାଇଦ୍ରାବାଦ | କୋଲକାତା | ରାତି ୭ଟା ୩୦ |
| ମାର୍ଚ୍ଚ ୨୪ | ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଜୟପୁର | ଅପରାହ୍ନ ୩ଟା ୩୦ |
| | ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଅହମଦାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୫ | ଆର୍‌ସିବି ବନାମ ପଞ୍ଜାବ କିଙ୍ଗ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୨୬ | ସିଏସ୍‌କେ ବନାମ ଗୁଜରାଟ ଟାଇଟନ୍ସ | ଚେନ୍ନାଇ | ରାତି ୭ଟା ୩୦ |
| ମାର୍ଚ୍ଚ ୨୭ | ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ହାଇଦ୍ରାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୮ | ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଜୟପୁର | ରାତି ୭ଟା ୩୦ |
| ମାର୍ଚ୍ଚ ୨୯ | ଆର୍‌ସିବି ବନାମ କେକେଆର | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୩୦ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |
| ମାର୍ଚ୍ଚ ୩୧ | ଗୁଜରାଟ ଟାଇଟନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ | ଅହମଦାବାଦ | ଅପରାହ୍ନ ୩ଟା ୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସିଏସ୍‌କେ | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ମୁମ୍ବାଇ | ରାତି ୭ଟା ୩୦ |
| ଏପ୍ରିଲ ୨ | ଆର୍‌ସିବି ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ଏପ୍ରିଲ ୩ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କେକେଆର୍ | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୪ | ଗୁଜରାଟ ଟାଇଟନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଅହମଦାବାଦ | ରାତି ୭ଟା ୩୦ |
| ଏପ୍ରିଲ ୫ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ସିଏସ୍‌କେ | ହାଇଦ୍ରାବାଦ | ରାତି ୭ଟା ୩୦ |
| ଏପ୍ରିଲ ୬ | ରାଜସ୍ଥାନ ରୟାଲ୍ସ ବନାମ ଆର୍‌ସିବି | ଜୟପୁର | ରାତି ୭ଟା ୩୦ |
| ଏପ୍ରିଲ ୭ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୁମ୍ବାଇ | ଅପରାହ୍ନ ୩ଟା ୩୦ |
| | ଏଲ୍‌ଏସ୍‌ଜି ବନାମ ଗୁଜରାଟ ଟାଇଟନ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |

# ଧୋନୀ ଓହରିଲେ, ରତୁରାଜ ନୂଆ ଅଧିନାୟକ

ଚେନ୍ନାଇ,୨୧।୩(ପି.ଟି.)

ଭାରତୀୟ କ୍ରିକେଟର କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଯୁବ ଓପନର ରତୁରାଜ ଗାଏକ୍ୱାଡଙ୍କୁ ବାଟନ୍ ପାସ୍ କରିବା ସହିତ ଆଇପିଏଲ୍‌ର ସଫଳତମ ଅଧିନାୟକ ନିଜ ପଦ ଛାଡିଛନ୍ତି। ଆଇପିଏଲ୍‌ର ୧୭ତମ ସଂସ୍କରଣ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଧୋନୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ସଫଳତମ ଆଇପିଏଲ୍ ଅଧିନାୟକ ଭାବରେ ୫ ଥର ଆଇପିଏଲ୍ ଟ୍ରଫି ଜିତିଥିବା ଧୋନୀ ଓହରିବା ପରେ ସିଏସ୍‌କେରେ ଏକ ଯୁଗର ଅବସାନ ଘଟିଛି। ଅନ୍ୟପକ୍ଷରେ ଗାଏକ୍ୱାଡ ୨୦୧୯ରୁ ସୁପର କିଙ୍ଗ୍ସ ସ୍କ୍ୱାଡର ମୁଖ୍ୟ ଅଂଶ ଭାବେ ରହିଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଖବରକୁ ସ୍ପଷ୍ଟ କରାଯାଇଛି। ତେବେ ଚେନ୍ନାଇ ଘୋଷଣା କରିବା ପୂର୍ବରୁ ବିସିସିଆଇର 'ଏକ୍ସ' ହ୍ୟାଣ୍ଡେଲରେ ଏହି ଖବର ଦେଖିବାକୁ ମିଳିଥିଲା। କ୍ୟାପ୍‌ଟେନ୍ସ ମିଟ୍‌ରେ ରତୁରାଜ ଯୋଗ ଦେଇଥିବା ବେଳେ ପ୍ରଥମେ ବିସିସିଆଇ ଏହା ପୋଷ୍ଟ କରିଥିଲା।


ମହେନ୍ଦ୍ର ସିଂ ଧୋନୀଙ୍କ ସହ ରତୁରାଜ ଗାଏକ୍ୱାଡ।

ସୂଚନା ଅନୁଯାୟୀ, ଚଳିତ ସିଜନ ସମ୍ଭବତଃ ଧୋନୀଙ୍କ କ୍ୟାରିୟରର ଶେଷ ଆଇପିଏଲ୍ ହୋଇପାରେ। ତେଣୁ ସିଜନ ପୂର୍ବରୁ ରତୁରାଜଙ୍କୁ ପ୍ରସ୍ତୁତ କରିବା ପାଇଁ ଧୋନୀ କ୍ୟାପଟେନ୍ସି ଛାଡିଥିବା ଚର୍ଚ୍ଚା ହେଉଛି। ଭାରତ ପାଇଁ ୬ ଦିନିକିଆ ଓ ୧୯ ଟି୨୦ ଖେଳିସାରିଥିବା ୨୭ ବର୍ଷୀୟ ଗାଏକ୍ୱାଡ ଆଇପିଏଲ୍‌ର ୫ ସିଜନରେ ୫୨ ମ୍ୟାଚ ଖେଳିସାରିଛନ୍ତି। ଏସିଆନ୍ ଗେମ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇ ସେ ଦଳକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇଥିଲେ। ବିଗତ ସିଜନରେ ଗାଏକ୍ୱାଡ ଚମତ୍କାର ପ୍ରଦର୍ଶନ କରିବା ସହିତ ୧୬ ମ୍ୟାଚ୍‌ରୁ ୫୯୦ ରନ୍ ସ୍କୋର କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ଚମତ୍କାର ୧୪୭.୫୦ ରହିଥିଲା। ଏହା ପୂର୍ବରୁ ସେ ୨୦୨୧ରେ ୧୬ ମ୍ୟାଚ୍‌ରୁ ୬୩୫ ରନ୍ ସ୍କୋର କରିଥିଲେ। ଧୋନୀ ସିଏସ୍‌କେ ପାଇଁ ୨୫୦ ଆଇପିଏଲ ମ୍ୟାଚ୍ ଖେଳିସାରିଥିବା ବେଳେ ୧୩୫ ଷ୍ଟ୍ରାଇକ୍‌ରେଟ୍‌ରେ ୫୦୦୦ରୁ ଅଧିକ ରନ୍ ସ୍କୋର କରିଛନ୍ତି। ତେବେ ଆଣ୍ଠୁ ସମସ୍ୟା କାରଣରୁ ଧୋନୀ ବିଗତ ସିଜନରେ ୭ ଓ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଥିଲେ। ଧୋନୀ ସର୍ବଦା ଦଳର ହିତ ଚିନ୍ତା କରିଥାନ୍ତି। କ୍ୟାପଟେନ୍ସ ମିଟ୍‌ର ଠିକ୍ ପୂର୍ବରୁ ରତୁରାଜ ଅଧିନାୟକ ହେବା ନେଇ ଧୋନୀ ଘୋଷଣା କରିଥିଲେ। ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କରୁଛୁ ବୋଲି କହିଛନ୍ତି ସିଏସ୍‌କେର ମୁଖ୍ୟ କାର୍ଯ୍ୟନିର୍ବାହୀ କାଶୀ ବିଶ୍ୱନାଥ। ପୂର୍ବରୁ ୨୦୨୨ରେ ଧୋନୀ ଅଧିନାୟକତ୍ୱ ଛାଡିଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କୁ ଦଳର ନେତୃତ୍ୱ ମିଳିଥିଲା। ତେବେ ଦଳର ଖରାପ ପ୍ରଦର୍ଶନ ପରେ ୨୦୨୩ରେ ପୁନର୍ବାର ଅଧିନାୟକ ଭାର ଗ୍ରହଣ କରିଥିଲେ ଧୋନୀ। ବିଗତ ସିଜନରେ ଦଳକୁ ଚାମ୍ପିୟନ କରିବା ପରେ ଚଳିତ ସିଜନରେ ରତୁରାଜଙ୍କୁ ବାଟନ ପାସ୍ କରିଛନ୍ତି ମହେନ୍ଦ୍ର ସିଂ ଧୋନୀ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ: ସାଇକେଲ ଚାଳନାରେ ଓଡ଼ିଶାକୁ ୫ ପଦକ


କୋଚ୍ ଓ କର୍ମକର୍ତ୍ତାଙ୍କ ସହ ପଦକ ବିଜେତା ଖେଳାଳି।

ଭୁବନେଶ୍ୱର,୨୧।୩
(ସରୋଜ ଜେନା)

ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡାବିତ ସରିତା ରାଉତରାୟ ହରିୟଣାର ପଞ୍ଚକୁଲା ଠାରେ ଅନୁଷ୍ଠିତ ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତାର ୧ କିମି ଓ ୨ କିମି ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଦେବାଶିଷ ରୌପ୍ୟ ପଦକ ହାସଲ କରିଥିବା ବେଳେ ପଦାର୍ପଣରେ ନିମାପଡ଼ାର ରାକେଶ ସେଠୀ ଏବଂ ଭୁବନେଶ୍ୱରର ସିଦ୍ଧାର୍ଥ ମହାନ୍ତି ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ବିଜୟୀ ହୋଇ ହରିୟାଣା ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନୀତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, କ୍ରୀଡା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର ଏବଂ ବୋର୍ଡ ସଭ୍ୟ ମନତୋସ ବେହେରା, ତନ୍ମୟ ସେନାପତି ଓ ଦିପ୍ତିମୟୀ ରାଉତ ପ୍ରମୁଖ ଦଳର ପ୍ରଶିକ୍ଷକ କାଳନ୍ଦୀ ଚରଣ ଭୋଇ ଙ୍କ ମାଧ୍ୟମରେ ପଦକ ବିଜେତା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଏହି ଦଳର ଯାତ୍ରା, ଉପକରଣ ଏବଂ ଦୈନିକ ଖର୍ଚ୍ଚ ଆଦି ସହାୟତା ପ୍ରଦାନ କରାଯାଇଥିବାରୁ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶା ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଶରଥ ପତାକା ବାହକ, ମେରୀକମ ଚିଫ ଡି' ମିଶନ

**ନୂଆଦିଲ୍ଲୀ, ୨୧।୩ (ପି.ଟି.):** ପ୍ୟାରିସ ଅଲିମ୍ପିକ ଗେମ୍ସ ୨୦୨୪ ପାଇଁ ଭେଟେରାନ ଟେବୁଲ ଟେନିସ (ଟିଟି) ଖେଳାଳି ଶରଥ କମଲ ପତାକା ବାହକ ଭାବେ ମନୋନୀତ ହୋଇଥିବା ବେଳେ କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍ ଭାରତୀୟ ଦଳର ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଶରଥ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଭାରତର ପତାକାବାହକ ଦାୟିତ୍ୱ ତୁଲାଇଥିଲେ। ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନିକଟରେ ଭାରତର ଉଭୟ ପୁରୁଷ ଓ ମହିଳା ଟିଟି ଦଳ ସେମାନଙ୍କ ର୍‍ୟାଙ୍କିଂ ଭିତ୍ତିରେ ପ୍ରଥମ ଥର ଅଲିମ୍ପିକ ଟିମ୍ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ୬ଥର ବିଶ୍ୱ ଚାମ୍ପିୟନ ମେରୀକମ୍ ହେଉଛନ୍ତି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା। ତାଙ୍କୁ ସହାୟତା କରିବା ଲାଗି ଲୁଗର ଶିବା କେଶବନ ଡେପୁଟି ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ମିଳିଛି। କେଶବ ଲ୍ୟୁଗ୍‌ରେ ଜଣେ ପୂର୍ବତନ ଅଲିମ୍ପିଆନ। ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ଦଳର ପରିଚାଳନା ଓ ସମନ୍ୱୟ ରକ୍ଷା କରିବାରେ କ୍ଷେତ୍ରରେ ତାଙ୍କର ବିଶେଷ ଜ୍ଞାନ ରହିଛି।

# ଓସ୍‌ଜାର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୨୧।୩
(ବିଜୟ ରଣା)

ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫଆଇ)ର ଏକମାତ୍ର ଅନୁବନ୍ଧିତ ରାଜ୍ୟ ସଂଘ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ୧୧ଶ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ୨ ନିୟମିତ କାର୍ଯ୍ୟକ୍ରମ ପୁରସ୍କାର ପ୍ରଦାନ ଉତ୍ସବ ଓ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସରେ ସ୍ମରଣିକା ପ୍ରକାଶନକୁ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏକ ଆଞ୍ଚଳିକ କ୍ରୀଡ଼ା ସାମ୍ବାଦିକଙ୍କ କର୍ମଶାଳା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଜନା ଓ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ୨୦୨୪-୨୬ ଆର୍ଥିକ ବର୍ଷ ପାଇଁ ଓସ୍‌ଜାର ନୂଆ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସନ୍ଦୀପ ମିଶ୍ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ସସ୍ମିତ ମହାପାତ୍ର ନୂଆ କାର୍ଯ୍ୟକାରୀ ସଭାପତି ଏବଂ ସୁରେଶ ସ୍ୱାଇଁ ୩ୟ ଥର ସମ୍ପାଦକ ପଦକୁ ଫେରିଛନ୍ତି। ଦେବାଶିଷ ସୁନ୍ଦରାୟ କୋଷାଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଦେବୀ ପ୍ରସନ୍ନ ମହାନ୍ତି, ତପନ କୁମାର ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ ଉପସଭାପତି, ହିମାଂଶୁ ପତି ମିଶ୍ର, ସଞ୍ଜୀବ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ମିଶ୍ର ଯୁଗ୍ମ ସମ୍ପାଦକ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ କେ. ରବି, ସନାତନ ପାଣି, ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ମନୋରଞ୍ଜନ ଦାଶ, ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ ନିର୍ବାଚିତ ହୋଇଛନ୍ତି।



ଓସ୍‌ଜା ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ନିର୍ବାଚିତ କର୍ମକର୍ତ୍ତାଙ୍କ ଗହଣରେ ସଦସ୍ୟ ବୃନ୍ଦ।

# ଟିମ୍ ଇଣ୍ଡିଆର ଭବିଷ୍ୟତ

**ଫେବୃଆରୀରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଯଦିଓ ରନରଅପ୍ ହୋଇଥିଲା ତେବେ କେତେକ ପ୍ରତିଭା ସମ୍ପନ୍ନ ଖେଳାଳି ପ୍ରଦର୍ଶନର ଛାପ ଛାଡ଼ି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ଟିମ୍ ଇଣ୍ଡିଆର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ଉଦୀୟମାନ କ୍ରିକେଟରଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**



ରାଜ୍ ଲିମ୍ବାନୀ

ସଚିନ୍ ଧସ୍

ମୁଶିର୍ ଖାନ୍

ସୌମି ପାଣ୍ଡେ

ଉଦୟ ସାହରନ୍

ଜାନୁଆରୀ ୧୯ରୁ ଫେବୃଆରୀ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ ଦଳ ରନରଅପ୍ ହୋଇଛି। ୫ଥର ଚାମ୍ପିୟନ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୭୯ ରନ୍‌ରେ ହାରିଥିଲା। ମାତ୍ର ଏହି ଦଳରେ ସାମିଲ ଥିବା ଅନେକ ଖେଳାଳିଙ୍କୁ ଟିମ୍ ଇଣ୍ଡିଆର ଭବିଷ୍ୟତଭାବେ ବିବେଚନା କରାଯାଉଛି। ବ୍ୟକ୍ତିଗତ ପ୍ରଦର୍ଶନ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଥିବା ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

**ଉଦୟ ସାହରନ୍:** ଭାରତୀୟ ଦଳର ଅଧିନାୟକ ଥିବା ଉଦୟ ସାହରନ୍ ନିଜ ବୟସ ତୁଳନାରେ ଅଧିକ ଗମ୍ଭୀର ବ୍ୟାଟିଂ କରୁଛନ୍ତି। ପରିସ୍ଥିତି ଯେମିତି ଥାଉନା କାହିଁକି ଧୈର୍ଯ୍ୟ ନ ହରାଇବା ଏହି ଖେଳାଳିଙ୍କ ବିଶେଷତ୍ୱ। ଅନେକ ମ୍ୟାଚ୍‌ରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂକରି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ତିଆରି କରୁଥିଲେ ସାହରନ୍। ଟୁର୍ନାମେଣ୍ଟର ସର୍ବାଧିକ ରନ୍ ହାସଲକାରୀ ଖେଳାଳି ଭାବରେ ସାହରନ୍ ୩୯୭ ରନ୍ ସ୍କୋର କରିଥିଲେ। ସେମିଫାଇନାଲରେ ଚମତ୍କାର ବ୍ୟାଟିଂକରି ସେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।

**ସଚିନ୍ ଧସ୍:** ସଚିନ୍ ତେନ୍ଦୁଲକରଙ୍କ ନାମ ଅନୁସାରେ ଏହି କ୍ରିକେଟରଙ୍କ ନାମ ରଖାଯାଇଥିଲା। ତେବେ ଆକ୍ରମଣାତ୍ମକ ବ୍ୟାଟିଂ ଏହି ଖେଳାଳିଙ୍କ ଏକ୍ସ ଫ୍ୟାକ୍ଟର। ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୩୨ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ସଚିନ୍ ଧସ୍ ଚମତ୍କାର ୯୬ ରନ୍‌ର ଇନିଂସ ଖେଳି ଭାରତକୁ ଫାଇନାଲରେ ପହଞ୍ଚାଇଥିଲେ।

**ମୁଶିର୍ ଖାନ୍:** ସର୍ଫରାଜ ଖାନ୍‌ଙ୍କ ସାନଭାଇ ମୁଶିର୍ ଖାନ୍ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଟୁର୍ନାମେଣ୍ଟରେ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିବା ସହ ନିଜକୁ ଲମ୍ବା ରେସ୍‌ର ଘୋଡ଼ା ବୋଲି ପ୍ରମାଣିତ କରିଛନ୍ତି। ବିଶ୍ୱକପ୍‌ରେ ସେ ୩୬୦ ରନ୍ ସ୍କୋର କରିଥିଲେ।

**ସୌମି ପାଣ୍ଡେ:** ରାଜସ୍ଥାନର ଜଣେ ସ୍କୁଲ ଶିକ୍ଷକଙ୍କ ପୁଅ ସୌମି ପାଣ୍ଡେ। ଚଳିତ ବିଶ୍ୱକପ୍‌ରେ ନିଜ ଯାଦୁକରୀ ବାମହାତୀ ସ୍ପିନ୍ ବୋଲିଂ ଜରିଆରେ ନିୟମିତ ବ୍ୟବଧାନରେ ଉଇକେଟ ବାହାରକରି ସେ ଭାରତକୁ ଅନ୍ୟ ଦଳ ତୁଳନାରେ ଆଗୁଆ ରଖୁଥିଲେ। ନିୟମିତ ଥଣ୍ଡାଜ୍ୱରରେ ପଡୁଥିବାରୁ ଫିଟ୍ ରହିବା ପାଇଁ ପିତାଙ୍କ ପରାମର୍ଶରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ସୌମି। ବିଶ୍ୱକପ୍‌ରେ ୧୮ ଉଇକେଟ ସହ ସେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିଲେ।

**ଆର୍ଶିନ୍ କୁଲକର୍ନୀ:** ମହାରାଷ୍ଟ୍ର ସୋଲାପୁରର ଏହି ପେସ୍ ବୋଲିଂ ଅଲରାଉଣ୍ଡର ୧୯ ବର୍ଷରୁ କମ୍ କ୍ରିକେଟରେ ନିଜ ଛାପ ଛାଡ଼ିବା ଆଗରୁ ହିଁ ଆଇପିଏଲ୍ କଣ୍ଟ୍ରାକ୍ଟ ହାତେଇ ସାରିଥିଲେ। ଭାରତ ପାଇଁ ବ୍ୟାଟିଂରେ ଓପନ୍ କରୁଥିବା ବେଳେ ଉପଯୋଗୀ ମିଡିୟମ ପେସ୍ ବୋଲିଂ କରିଥାନ୍ତି। କୁଲକର୍ନୀଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିକଳ୍ପ ଭାବେ ବିବେଚନା କରାଯାଉଛି।

**ରାଜ୍ ଲିମ୍ବାନୀ:** ଡାହାଣହାତୀ ପେସର୍ ରାଜ ଲିମ୍ବାନୀ କଚ୍ଛର ରଣ ଇଲାକାର ବାସିନ୍ଦା। ନୂଆ ବଲ୍‌ରେ ଚମତ୍କାର ସୁଇଂ କରୁଥିବା ଏହି ଖେଳାଳି ଜଣଙ୍କ ନିଜ ସ୍ୱପ୍ନ ପୂରଣ ପାଇଁ ରଣ ଛାଡ଼ି ବରୋଦାରେ ରହୁଛନ୍ତି। ବଲ୍‌କୁ ସୁଇଂ କରି ଉଇକେଟ ନେବାରେ ସିଦ୍ଧହସ୍ତ ଲିମ୍ବାନୀ ନିମ୍ନକ୍ରମରେ ଆକ୍ରମଣାତ୍ମକ ବ୍ୟାଟିଂ ମଧ୍ୟ କରିପାରନ୍ତି।

**ନମନ ତିୱାରୀ:** ଯଶପ୍ରୀତ୍ ବୁମ୍‌ରାଙ୍କୁ ନିଜର ଆଦର୍ଶ ମାନୁଥିବା ନମନ ତିୱାରୀ ୟର୍କର ପକାଇବାରେ ମାହିର। ବୁମ୍‌ରାଙ୍କ ସହ ଅଭ୍ୟାସ କରିବାର ସୁଯୋଗ ପାଇଥିବା ନମନ ବିଶ୍ୱକପ୍‌ରେ ୧୯.୮୩ ଆଭରେଜ୍‌ରେ ୧୨ ଉଇକେଟ ନେଇଛନ୍ତି। ନମନଙ୍କ ପିତା ଜଣେ ଜୀବନ ବୀମା ଏଜେଣ୍ଟ।

**ପ୍ରିୟାଂଶୁ ମୋଲିୟା:** ରାଜ୍ ଲିମ୍ବାନୀଙ୍କ ପରି ପ୍ରିୟାଂଶୁ ମଧ୍ୟ ବରୋଦାର ଖେଳାଳି ଅଟନ୍ତି। ପ୍ରଥମ ଶ୍ରେଣୀରେ ୧୪୪ ତାଙ୍କର ସର୍ବୋଚ୍ଚ ସ୍କୋର। ଜଣେ ମଧ୍ୟକ୍ରମ ବ୍ୟାଟର ଓ ଉପଯୋଗୀ ସ୍ପିନର ଭାବେ ମୋଲିୟା ପ୍ରସିଦ୍ଧ। ତେବେ ବିଶ୍ୱକପ୍‌ର ପ୍ରାୟ ସମସ୍ତ ମ୍ୟାଚ୍‌ରେ ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିବା ବେଳେ ମୋଲିୟାଙ୍କୁ ସୁଯୋଗ ମିଳି ନ ଥିଲା।

**ମୁରୁଗନ ଅଭିଷେକ:** ହାଇଦ୍ରାବାଦର ଏହି ଯୁବ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ନିଜର ଆଦର୍ଶ ବୋଲି ମାନିଥାନ୍ତି। ଦକ୍ଷିଣ ଆଫ୍ରିକାରେ ଅଭିଷେକ ଅଧିକ ଉଇକେଟ ନେବାରେ ସକ୍ଷମ ହୋଇ ନ ଥିଲେ ମଧ୍ୟ ମିତବ୍ୟୟୀ ବୋଲିଂ କରିଥିଲେ।

**ଆରାଭେଲୀ ଅବିନାଶ ରାଓ:** ହାଇଦ୍ରାବାଦର ଏହି ଉଇକେଟ୍‌କିପର ବ୍ୟାଟର ରବି ଶାସ୍ତ୍ରୀ ଓ ଆର. ଶ୍ରୀଧରଙ୍କ ଏକାଡେମୀର ଛାତ୍ର। ହାଇଦ୍ରାବାଦ ପାଇଁ ଲିଷ୍ଟ ଏ କ୍ରିକେଟ ଖେଳିସାରିଥିବା ଅବିନାଶଙ୍କୁ ଆଇପିଏଲରେ କିଣିଛି ଚେନ୍ନାଇ ସୁପର କିଙ୍ଗ୍ସ। ଏହା ତାଙ୍କ ଦକ୍ଷତାକୁ ପ୍ରମାଣିତ କରୁଛି।

**ଆଦର୍ଶ ସିଂ:** କାନପୁରର ଆଦର୍ଶ ବାମହାତୀ ବ୍ୟାଟିଂ କରୁଥିବା ବେଳେ ଭାରତୀୟ ଦଳ ପାଇଁ ଓପନ୍ କରନ୍ତି। ବାଂଲାଦେଶ ବିପକ୍ଷରେ ୭୬ ରନ୍‌ର ଇନିଂସ ଖେଳିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମଧ୍ୟ ଧୈର୍ଯ୍ୟପୂର୍ଣ୍ଣ ୪୭ ରନ୍ ସ୍କୋର କରିଥିଲେ। କୋଭିଡ୍ ସମୟରେ ପିତା ଓ ଭାଇଙ୍କ ଚାକିରି ପଳାଇ ଯାଇଥିଲେ ମଧ୍ୟ ଆଦର୍ଶଙ୍କୁ ଖେଳିବାକୁ ଉତ୍ସାହିତ କରିଥିଲା ପରିବାର। ଏପରିକି ଏକ ଜମି ବିକ୍ରିକରି ଆଦର୍ଶଙ୍କ ଖେଳିବାର ବ୍ୟବସ୍ଥା କରିଥିଲା ପରିବାର।

**ରୁଦ୍ର ପଟେଲ:** ରୁଦ୍ର ପଟେଲ ବିଶ୍ୱକପ୍‌ରେ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଗୁଜରାଟକୁ ୧୬ ବର୍ଷରୁ କମ୍ କ୍ରିକେଟ୍‌ରେ ଚାମ୍ପିୟନ କରାଇବା ସହ ଭିନୁ ମଙ୍କଡ ଟ୍ରଫିରେ ଲଗାତାର ୩ ଶତକ ଓ ଗୋଟିଏ ଦ୍ୱିଶତକ ମାରିଥିଲେ।

**ଇନେଶ ମହାଜନ:** ଭାରତୀୟ ଦଳରେ ରିଜର୍ଭ ଉଇକେଟ୍‌କିପର ଭାବରେ ରହିଥିଲେ ଦିଲ୍ଲୀର ଇନେଶ ମହାଜନ। ଧୋନୀଙ୍କୁ ନିଜର ଆଦର୍ଶ ମନେକରୁଥିବା ଏହି ବାମହାତୀ ବ୍ୟାଟରଙ୍କୁ ମଧ୍ୟ ଗୋଟିଏ ବି ମ୍ୟାଚ୍‌ରେ ସୁଯୋଗ ମିଳି ନ ଥିଲା।

**ଧନୁଷ ଗୌଡ଼ା:** ବେଙ୍ଗାଲୁରୁର ଏହି ପେସ୍ ବୋଲର ଜାଭାଗଲ ଶ୍ରୀନାଥ ଓ ଆର. ବିନୟ କୁମାରଙ୍କୁ ଅନୁସରଣ କରନ୍ତି। ବିଶ୍ୱକପ୍‌ରେ ଧନୁଷଙ୍କୁ ଅଧିକ ସୁଯୋଗ ମିଳି ନ ଥିଲେ ହେଁ ତାଙ୍କୁ ଅନ୍ୟତମ ପ୍ରତିଭାବାନ୍ କ୍ରିକେଟର ଭାବେ ଗଣାଯାଏ।

**ଆରାଧ ଶୁକ୍ଲା:** ଜଣେ ଗଣିତ ଶିକ୍ଷକଙ୍କ ପୁଅ ଆରାଧ ଉଚ୍ଚତା ବଢ଼ାଇବା ପାଇଁ କ୍ରିକେଟ୍‌କୁ ବାଛିଥିଲେ। ସିକେ ନାୟୁଡୁ ଟ୍ରଫି ଓ କୁଚ୍‌ବେହାର ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ ଭାରତୀୟ ଦଳରେ ସୁଯୋଗ ପାଇଥିଲେ।

## ଦୌଡ଼ରାଣୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

–ଇଭାନ୍ କୁମାର

ଭାରତର ଦୌଡ଼ରାଣୀ ଭାବେ ବିଶେଷ ପରିଚିତ କେରଳର ପ୍ରଖ୍ୟାତ ଆଥ୍ଲେଟ୍ ପି.ଟି. ଉଷା। ୧୯୭୯ରୁ ୨୦୦୦ ମସିହା ମଧ୍ୟରେ ସେ ଭାରତ ପାଇଁ ୧୦୩ଟି ଅନ୍ତର୍ଜାତୀୟ ପଦକ ବିଜୟିନୀ ହୋଇଥିଲେ। ସେଥିରେ ୨ଟି ଏସୀୟ କ୍ରୀଡ଼ାର ୪ ସ୍ୱର୍ଣ୍ଣ ଓ ୭ ରୌପ୍ୟ ପଦକ ରହିଛି। ଅଲିମ୍ପିକ୍ କ୍ରୀଡ଼ା ସହିତ ଉଷାଙ୍କ ସମ୍ପର୍କ ଘନିଷ୍ଠ ଥିଲା। ଅଲିମ୍ପିକ୍ ୪ଶହ ମିଟର ଦୌଡ଼ରୁ ପଦକ ଜିଣିବାକୁ ତାଙ୍କ ଲକ୍ଷ୍ୟ ସଫଳ ହୋଇ ନ ଥିଲେ ବି ତିନୋଟି ଅଲିମ୍ପିକ୍ ସଂସ୍କରଣରେ ଭାରତରୁ ପ୍ରତିନିଧିତ୍ୱ କରିବା ଏକ ଐତିହାସିକ ଘଟଣା। ଦେଶର ପ୍ରଥମ କନିଷ୍ଠ ପ୍ରତିଯୋଗୀ ଭାବେ ମାତ୍ର ୧୬ ବର୍ଷ ବୟସରେ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ୧୯୮୦ ଦଶକରେ ଭାରତ ସମେତ ଏସିଆରେ ୪ଶହ ମିଟର ଦୌଡ଼ରେ ତାଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ଭାରତ ସରକାର ତାଙ୍କୁ ଅର୍ଜୁନ ପୁରସ୍କାର ଓ ପଦ୍ମଶ୍ରୀ ପଦକ ଦେଇ ସମ୍ମାନିତ କରିଥିଲେ। ପିଟି ଉଷା ଏବେ ଭାରତୀୟ ଅଲିମ୍ପିକ୍ ସଂଘର ଅଧ୍ୟକ୍ଷ। ଦୌଡ଼କୁଦ କ୍ଷେତ୍ରରେ ତାଙ୍କର ସାମଗ୍ରିକ ଯୋଗଦାନ ପାଇଁ ତାଙ୍କୁ ଜୀବନବ୍ୟାପୀ ସାଧନା



ପୁରସ୍କାର ଗ୍ରହଣ ଅବସରରେ ପିଟି ଉଷା

ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସ୍‌ଜେଏଫ୍‌ଆଇ) ଓ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ପକ୍ଷରୁ ମିଳିତ ଭାବେ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀରେ ଭାରତର ଜାତୀୟ କ୍ରୀଡ଼ା କ୍ଲବ୍ ପରିସରରେ ଶୁଟିଂ ତାରକା ତଥା ଅଲିମ୍ପିକ୍ ପଦକ ବିଜେତା ଯଶପାଲ ରାଣା ମାନପତ୍ର ଓ ସ୍ମାରକୀ ଫଳକ ପ୍ରଦାନକରି ସମ୍ମାନିତ କରିଥିଲେ। ବିସିସିଆଇ ଉପାଧ୍ୟକ୍ଷ ଓ ସାଂସଦ ରାଜୀବ ଶୁକ୍ଳା ଅତିଥି ଭାବେ ଉପସ୍ଥିତ ଥିଲେ। ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘର ଏହା ୫ମ ପୁରସ୍କାର। ଏହାପୂର୍ବରୁ ଟେନିସ ଖେଳାଳି ବିଜୟ ଅମୃତରାଜ, ବ୍ୟାଡ୍‌ମିଣ୍ଟନ ପ୍ରତିଭା ପ୍ରକାଶ ପାଦୁକୋନ୍, ମହାନ୍ କ୍ରିକେଟର ସୁନୀଲ ଗାଭାସ୍କର ଓ ଅଲିମ୍ପିଆନ୍ ମିଲ୍‌ଖା ସିଂ ଏହି ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସେମାନଙ୍କ ଗହଣରେ ୫ମ କ୍ରୀଡ଼ା ବ୍ୟକ୍ତିତ୍ୱ ଭାବେ ରହିବାକୁ ପିଟି ଉଷା ସଫଳ ହୋଇଛନ୍ତି। ତାଙ୍କ ସଫଳତା ଉପରେ ଦୃଷ୍ଟିପାତ କରାଯାଇଥିବାରୁ ଉଷା କୃତଜ୍ଞତା ପ୍ରକାଶ କରିଥିଲେ।

# ବୋପାନ୍ନାଙ୍କ ପ୍ରତୀକ୍ଷାର ଅବସାନ

ବେଙ୍ଗାଲୁରୁ ଟେନିସ୍ ତାରକା ରୋହନ ବୋପାନ୍ନାଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ୨୦୦୦ରେ ବୋପାନ୍ନା ଅନ୍ତର୍ଜାତୀୟ ପେସାଦାର ଟେନିସ୍‌ରେ ପ୍ରବେଶ କରିଥିଲେ। ସେତେବେଳେ ସେ ଥିଲେ ୨୦ ବର୍ଷର ଯୁବ ଖେଳାଳି। ଶ୍ରେଷ୍ଠ ସଫଳତା ହାସଲ କରିବାକୁ ତାଙ୍କୁ ଦୁଇ ଦଶନ୍ଧି ସମୟ ଲାଗିଛି। ଗତ ଜାନୁଆରୀ ୨୭ରେ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଡବଲ୍ସରେ ଚାମ୍ପିୟନ ହୋଇ ସେ ତାଙ୍କ ଗ୍ରାଣ୍ଡସ୍ଲାମ ବିଜୟ ସ୍ୱପ୍ନ ସାକାର କରିଛନ୍ତି। ସେତେବେଳକୁ ତାଙ୍କ ବୟସ ୪୩ ବର୍ଷ ୩୨୯ ଦିନ ହୋଇଥିଲା। ଏହି ସଫଳତା ପରେ ବୋପାନ୍ନା ପ୍ରଥମ ବୟୋଜ୍ୟେଷ୍ଠ ଖେଳାଳି ଭାବେ ବିଶ୍ୱ ଟେନିସ୍‌ର ପୁରୁଷ ଡବଲ୍ସରେ ନଂ.୧ ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ହେବା ବୋପାନ୍ନାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ କୃତି। ଏଥିପୂର୍ବରୁ ସେ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମର ମିକ୍ସଡ ଡବଲ୍ସ ବର୍ଗରେ ଚାମ୍ପିୟନ ହୋଇଥିଲେ। ଏଥିରେ ସେ କାନାଡ଼ାର ମହିଳା ଖେଳାଳି ଗାବ୍ରିଏଲା ଡାବ୍ରୋସ୍କିଙ୍କୁ ନିଜ ପାର୍ଟନର କରିଥିଲେ। ବିଗତ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟଗୁଡ଼ିକରେ ବୋପାନ୍ନା ୨ଥର କ୍ୱାର୍ଟର, ୩ଥର ସେମିଫାଇନାଲ ଓ ୪ଥର ଫାଇନାଲ ଖେଳି ହାରି ଯାଇଥିଲେ। ୨୦୨୩ରେ ସେ ୟୁଏସ୍ ଓପନ୍ ଫାଇନାଲ ଓ ୱିମ୍ବଲଡନ୍ ଓପନ୍ ସେମିଫାଇନାଲରେ ପରାଜିତ ହୋଇଥିଲେ। ଦୁଇଟି ଗ୍ରାଣ୍ଡସ୍ଲାମ, ୨୪ଟି ଏଟିପି ଟାଇଟଲ ଏବଂ ଏସୀୟ କ୍ରୀଡ଼ା ଟେନିସ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା ବେଳେ ପୁରସ୍କାର ରାଶି ଓ କମ୍ପାନୀ ବିଜ୍ଞାପନରୁ ସେ ମୋଟ ୬୨ଲକ୍ଷ ପାଉଣ୍ଡ ରୋଜଗାର କରିଥିବା ଜଣାଯାଇଛି। ଇତିମଧ୍ୟରେ ୧୯ ଖେଳାଳି ବୋପାନ୍ନାଙ୍କର ଯୋଡ଼ିଦାର ହୋଇସାରିଲେଣି। ୨୦୨୨ ଶେଷଭାଗରେ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍‌ଙ୍କୁ ନୂଆ ଯୋଡ଼ିଦାର କରିବା ପରେ ବୋପାନ୍ନାଙ୍କ ପଥ ସୁଗମ ହୋଇଛି। ୨୦୨୩ରେ ଦୁହେଁ ରଟ୍ଟରଡାମ୍, ମାଡ୍ରିଡ୍, କାତାର ଓ ଇଣ୍ଡିଆନ ୱେଲ୍‌ସ ପରି ଏଟିପି ଟୁର୍ନାମେଣ୍ଟଗୁଡ଼ିକରେ ଚାମ୍ପିୟନ ହୋଇଥିଲେ। ବୋପାନ୍ନା ପ୍ରଶିକ୍ଷକ ସ୍କଟ୍ ଡେଭିଡଫ୍‌ଙ୍କ ସହ ୧୦ବର୍ଷରୁ ଅଧିକ ସମୟ ହେଲା ରହିଲେଣି। ଅନ୍ତର୍ଜାତୀୟସ୍ତରରେ ପ୍ରତିବର୍ଷ ଅନେକ ଏଟିପି ଟୁର୍ନାମେଣ୍ଟ ଚାଲିଛି। ତେବେ କେବଳ ଅଷ୍ଟ୍ରେଲିଆନ୍ ଓପନ, ୟୁଏସ୍ ଓପନ, ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ମର୍ଯ୍ୟାଦା ପାଇଛନ୍ତି। ବୋପାନ୍ନା ଏହି ୪ଟି ପ୍ରତିଯୋଗିତାର ବିଭିନ୍ନ ବର୍ଷର ଡବଲ୍ସ ଇଭେଣ୍ଟଗୁଡ଼ିକରେ ମୋଟ ୬୧ଥର ଅଂଶଗ୍ରହଣ କରିଛନ୍ତି। ହେଲେ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ହାତକୁ ଆସି ନ ଥିଲା। ଅଷ୍ଟ୍ରେଲିଆର ୩୬ ବର୍ଷୀୟ ମାଥ୍ୟୁ ଏବଡେନ୍‌ଙ୍କୁ ସାଥିକରି ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ଦୁଇ ଖେଳାଳିଙ୍କ ପାଇଁ ଏକ ବିଶେଷ ଅନୁଭୂତି। ସଂପ୍ରତି ଏବଡେନ୍ ବିଶ୍ୱ ମାନ୍ୟତାର ୨ନଂ. ସ୍ଥାନରେ ଅଛନ୍ତି। ଏକଦା ପାକିସ୍ତାନର ଐସାମ୍ ଉଲ କ୍ୟୁରେସୀ ବୋପାନ୍ନାଙ୍କ ସଫଳ ଯୋଡ଼ିଦାର ଥିଲେ। ଦୁହେଁ ୫ଟି ଏଟିପି ଟାଇଟଲ ଜିତିଥିଲେ। ମହେଶ ଭୂପତି, ଇଂଲଣ୍ଡର କଲିନ୍ ଫ୍ଲେମିଂ, କାନାଡ଼ାର ଡାନିଏଲ ନେଷ୍ଟର ଓ ଭାରତର ଡିଭିଜ୍ ଶରଣ ପ୍ରମୁଖ ବିଭିନ୍ନ ସମୟରେ ବୋପାନ୍ନାଙ୍କ ଯୋଡ଼ିଦାର ଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭରୁ ଫାଇନାଲ ଯାଏ ଦୁଇଜଣଙ୍କୁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ଇଟାଲୀର ସାଇମନ୍ ବୋଲେଲି ଓ ଆନ୍ଦ୍ରିଆ ଭାବାସୋରୀଙ୍କ ଯୋଡ଼ିକୁ ଫାଇନାଲରେ ୭-୬ ଓ ୭-୫ ପଏଣ୍ଟରେ ପରାସ୍ତ କରିଥିଲେ। ଏବଡେନ୍‌ଙ୍କୁ ସାଥି କରିବା ପରେ ବୋପାନ୍ନାଙ୍କ ବିଶ୍ୱ ମାନ୍ୟତାରେ ଯଥେଷ୍ଟ ଉନ୍ନତି ହୋଇଛି। ଅଷ୍ଟ୍ରେଲିଆନ୍ ଓପନ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ତାଙ୍କ ପାଇଁ ଏକ ଟର୍ନିଂ ପଏଣ୍ଟ ଥିଲା। ଏଥିରେ ସେ ତାଙ୍କ କ୍ୟାରିୟରର ୫ଶହ ଅନ୍ତର୍ଜାତୀୟ ମ୍ୟାଚ୍ ବିଜୟ ହାସଲ କରିଥିଲେ। ୨୦୨୧ରେ ଏଟିପି ସର୍କିଟ୍‌ରେ ରହିବା ନେଇ ସେ ଆଶଙ୍କାରେ ପଡ଼ିଥିଲେ। ମାତ୍ର ସେଇ ନକାରାତ୍ମକ ଚିନ୍ତାରୁ ମୁକୁଳିଯିବା ତାଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା। କର୍ନାଟକର ବେଙ୍ଗାଲୁରୁରେ ୧୯୮୦, ମାର୍ଚ୍ଚ ୪ରେ ତାଙ୍କର ଜନ୍ମ। ଭାରତୀୟ ଡେଭିସ୍ କପ୍ ଟେନିସ୍‌ରେ ବୋପାନ୍ନାଙ୍କ ଉଜ୍ଜ୍ୱଳ ପଦଚିହ୍ନ ରହିଛି। ସେ ଡେଭିସ୍ କପ୍ ଦଳର ଜଣେ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବିବେଚିତ ହୋଇଥିଲେ। ଯୋଗ ଅଭ୍ୟାସ, ଶୃଙ୍ଖଳିତ ଜୀବନଚର୍ଯ୍ୟା ଓ ଖାଦ୍ୟପେୟ ଜରିଆରେ ନିଜ ବୟସକୁ ଏଡ଼ାଇବାକୁ ଚେଷ୍ଟାକରି ବୋପାନ୍ନା ବେଶ୍ ସଫଳ ହୋଇଛନ୍ତି।

–ସ୍ୱାଗତ ସମ୍ପଦ



ଟ୍ରଫି ସହ ରୋହନ ବୋପାନ୍ନା ଓ ଗାବ୍ରିଏଲା ଡାବ୍ରୋସ୍କି।

## ଭିଟିଏଟ

ଫିଫା ସଭାପତି ଜି. ଇନ୍‌ଫାଣ୍ଟିନୋଙ୍କୁ
ଫିଫା ଦେଲା ଏକ୍ସଟ୍ରା ଭେଟି
ତେତିଶ ପ୍ରତିଶତ ବୃଦ୍ଧି ପରେ ହେଲା
ମୋଟ ଅଠତିରିଶ କୋଟି
ଏ ନିଉ ବେତନ ଚିଠି
ଫ୍ଲୋରିଡ଼ାରେ ରହି ଫୁଟବଲ ଖେଳର
ଜିଓନି ଚଳାଏ ଗୋଟି।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ
ପ୍ରଥମ
ଷୋହଳ ବର୍ଷରେ ଟ୍ରଫି
ଓଭରରେ ତିନି ଉଇକେଟ ପ୍ଲେୟର
ଅଫ୍ ଦି ଫାଇନାଲ ସୋଫି
ଛଅ କୋଟି ପାଇ ହାପି
ଡବ୍ଲ୍ୟୁପିଏଲ ଚାମ୍ପିୟନଙ୍କୁ ମିଳିଛି
ଦେଖି ଲେସ, ଅବା କାଫି।

ଶିକ୍ଷାଦାନ, କ୍ରୀଡ଼ା ପ୍ରଚାର ପାଇଁକି
ଉଡେ କୋଟି କୋଟି ଡେଲି
ଶିକ୍ଷା ଗୁରୁ, କ୍ରୀଡ଼ା କୋଚ୍ ଠକିଲେ
ମେରୁଦଣ୍ଡ ଯାଏ ହଲି
ଭୂତ ଖାଏ ଟଙ୍କା ଖାଲି
ଅନେକ ପ୍ରତିଭା ଲୁଚିଯାନ୍ତି ଏଠି
ଝଡ଼େ ଯେସ୍ନେ ବଣ ମଲ୍ଲୀ।

–ସୁବାସ ଚନ୍ଦ୍ର ପ୍ରଧାନ

# ହେମନ୍ତ, ରାକେଶ, ସାଇଦୀପଙ୍କ ଶତକ

ଭୁବନେଶ୍ୱର,୨୧।୩
(ସରୋଜ ଜେନା)


ହେମନ୍ତ ନାୟକ


ରାକେଶ ପଟ୍ଟନାୟକ


ସାଇଦୀପ ମହାପାତ୍ର

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆରମ୍ଭ ହୋଇଥିବା ସିନିୟର ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଏ, ଇକୋର୍ସା,ଖୋର୍ଦ୍ଧା, କଟକ ଏ, ଝାରସୁଗୁଡା ଓ ରାଉରକେଲା ବିଜୟୀ ହୋଇଛନ୍ତି। ଡାଇମଣ୍ଡ ଏ ଓ ବି ଗ୍ରୁପ୍‌ର ୬ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ହେମନ୍ତ ନାୟକ, ରାକେଶ ପଟ୍ଟନାୟକ ଓ ସାଇଦୀପ ମହାପାତ୍ର ଶତକ ହାସଲ କରିଛନ୍ତି।

କିଟ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ସମ୍ବଲପୁରକୁ ୭ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର ଏ। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଏ ୩୬ ଓଭରରେ ୧୫୭ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ହ୍ରିତିକ ପଟେଲ ୫୩ ରନ୍ କରିଥିଲେ। ଭୁବନେଶ୍ୱର ପକ୍ଷରୁ ଶୋଭନ ସ୍ୱାଇଁ, ବି ଶିବା ଓ ଅଂଶୁମାନ ବେଜ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମାନସ ନାୟକଙ୍କ ୭୦* ଓ ଶାନ୍ତନୁ ମିଶ୍ରଙ୍କ ୬୧* ରନ୍ ବଳରେ ଭୁବନେଶ୍ୱର ୭ ଉଇକେଟରେ ବିଜୟୀ ହୋଇଥିଲା।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଇକୋର୍ସା ୬୩ ରନ୍‌ରେ କଟକ ବିକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଇକୋର୍ସା ଅଭିଷେକ ଯାଦବ ୭୫, ସୁଜିତ ଲେଙ୍କା ୭୨ ଓ ଗିରିଜା ରାଉତଙ୍କ ୫୨ ରନ୍ ବଳରେ ୭ ଉଇକେଟରେ ୨୯୫ ରନ୍ କରିଥିଲା। ଜବାବରେ ସାଇଦୀପ ମହାପାତ୍ରଙ୍କ ୧୨୦ ରନ୍ ସତ୍ତ୍ୱେ କଟକ ବି ବିଜୟରୁ ୬୩ ରନ୍ ଦୂରରେ ରହି ଯାଇଥିଲା।

**ଆନ୍ତଃଜିଲା କଳାହାଣ୍ଡି କପ୍**

ବାରବାଟୀ ଷ୍ଟାଡିୟମରେ ଖୋର୍ଦ୍ଧା ୫ ଉଇକେଟରେ ସୁନ୍ଦରଗଡକୁ ପରାସ୍ତ କରିଛି। ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ କରି ଗୋବିନ୍ଦ ପୋଦ୍ଦାରଙ୍କ ୯୪ ରନ୍ ବଳରେ ୭ ଉଇକେଟରେ ୨୫୪ ରନ୍ କରିଥିଲା। ଜବାବରେ ରାକେଶ ପଟ୍ଟନାୟକଙ୍କ ୧୦୧ ଓ ହେମନାଥ ରାଠୀଙ୍କ ୫୮ ରନ୍ ବଳରେ ୫ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ଏ ୬୯ ରନ୍‌ରେ ବାଲେଶ୍ୱରକୁ ହରାଇଛି। କଟକ ପ୍ରଥମେ ବ୍ୟାଟିଂ କରି ୩୮ ଓଭରରେ ୯ ଉଇକେଟରେ ୨୩୫ ରନ୍ କରିଥିଲା। ଅଭିଷେକ ରାଉତ ସର୍ବାଧିକ ୬୭ ରନ୍ କରିଥିଲେ। ଜବାବରେ ଜାମଲ ମହାପାତ୍ରଙ୍କ ୫ ଉଇକେଟ ସଫଳତା ବଳରେ ବାଲେଶ୍ୱର ୧୬୬ ରନ୍‌ରେ ଅଲଆଉଟ ହୋଇଥିଲା। ସର୍ବେଶ୍ୱର ମହାନ୍ତି ୫୦ ରନ୍ କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡ ୧ରେ ଝାରସୁଗୁଡା ୪୩ ରନ୍‌ରେ ଯାଜପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ସନ୍ତୋଷ ଯାଦବ ୬୫ ରନ୍ କରିଥିଲେ। ଏସ୍ କେ ଆଖାରୁଦ୍ଦିନ ଓ ପ୍ରୀତି ରଞ୍ଜନ ନାୟକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଯାଜପୁର ୧୨୧ ରନ୍‌ରେ ଅଲଆଉଟ ହୋଇଥିଲା।

ଡ୍ରିମ୍ସ ଷ୍ଟାଡିୟମରେ ରାଉରକେଲା ୬୯ ରନ୍‌ରେ ଢେଙ୍କାନାଳକୁ ପରାସ୍ତ କରିଛି। ହେମନ୍ତ ନାୟକଙ୍କ ୧୦୬ ରନ୍ ବଳରେ ରାଉରକେଲା ୯ ଉଇକେଟରେ ୨୭୬ ରନ କରିଥିଲା। ଜବାବରେ ଢେଙ୍କାନାଳ ୨୦୭ ରନ୍‌ରେ ଅଲଆଉଟ ହୋଇଥିଲ।

# ପ୍ରଥମ ଭାରତୀୟ ଭାବେ ଜିତିଲେ ନେରୁର୍‌କର

ମୁମ୍ବାଇ, ୨୧।୩ (ପି.ଟି.)


ଏକ ମ୍ୟାଚ୍ ଅବସରରେ ଅଂଶ ନେରୁରକର (ଡାହାଣ)।

ପ୍ରାଗ୍ ଇଣ୍ଟନ୍ୟାଶନାଲ ଚେସ୍ ଫେଷ୍ଟିଭାଲର ଫ୍ୟୁଚର କାଟେଗୋରି ଜିତିବାରେ ୧୧ବର୍ଷୀୟ ଅଂଶ ନେରୁର୍‌କର ହେଉଛନ୍ତି ପ୍ରଥମ ଭାରତୀୟ। ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦଙ୍କ ସହ ସେ ଶ୍ରେଷ୍ଠ ଟିମ୍ ପୁରସ୍କାର ମଧ୍ୟ ଜିତିଛନ୍ତି। ନେରୁର୍‌କର ୯ ରାଉଣ୍ଡ ଖେଳରୁ ୭ ବିଜୟ ସହ ଦୁଇଟି ଡ୍ର ରଖିପାରିଛନ୍ତି। ସେ ୧୩୨ ଫିଡେ ରେଟିଂ ପଏଣ୍ଟ ଅର୍ଜନ କରିଛନ୍ତି। ତାଙ୍କ ପଏଣ୍ଟ ସଂଖ୍ୟା ୧୭୮୬ରେ ପହଞ୍ଚିଛି। ପୋଲାଣ୍ଡର ବ୍ରିଜେନିନା ପାୱେଲ (ଫିଡେ ୧୯୧୪) ଓ ସ୍ଲୋଭାକିଆର ଅନ୍ଦ୍ରେ ଟୋମାସ (ଫିଡେ ୧୯୧୫)ଙ୍କ ବିପକ୍ଷରେ ଅପରାଜେୟ ରହିଥିଲେ। ନେରୁର କର ଆହୁରି ମଧ୍ୟ ଆଗାମି ମାସ ଗୁଡ଼ିକରେ ଫିଡେରୁ ଲାଇଫ୍‌ଟାଇମ୍ ଟାଇଟଲ ଅଫ୍ କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ହାସଲ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ଇତିମଧ୍ୟରେ ଚେସ୍ ପ୍ରତିଯୋଗିତାରେ ୧୬୩ ବିଜୟ, ୪୭ ଡ୍ର ଏବଂ ୬୮ ପରାଜୟ ବରଣ କରିଛନ୍ତି। ୟୁରୋପିଆନ ଚେସ୍ ଫେଡେରେଶନ ଅଧୀନରେ ଚେକ୍ ଚେସ୍ ଫେଡେରେଶନ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳନା ହୋଇଥିଲା। ଫ୍ୟୁଚର କାଟେଗୋରି ବିଶ୍ୱର ୧୦ଜଣ ଖେଳାଳି ଭାଗ ନେଇଥାନ୍ତି। ରାଉଣ୍ଡ-ରବିନ ଫର୍ମାଟରେ ଟୁର୍ନାମେଣ୍ଟ ଖେଳାଯାଇଥାଏ। ଫିଡେ ରେଟିଂ ଓ ବୟସ ମାନଦଣ୍ଡ ବିଚାରକୁ ନିଆଯାଇ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ମନୋନୀତ କରାଯାଇଥାଏ। ଅର୍ଚିଡ ଦ ଇଣ୍ଟରନ୍ୟାଶନାଲ ସ୍କୁଲରେ ୬ଷ୍ଠ ଷ୍ଟାଣ୍ଡାର୍ଡରେ ଅଧ୍ୟୟନ କରୁଥିବା ନେରୁରକର ମାତ୍ର ୭ ବର୍ଷ ବୟସରେ ଚେସ୍ ଖେଳଚିବା ଆରମ୍ଭ କରିଥିଲେ। ସେ ୨୦୨୩ରେ ବିଶାଖାପାଟଣାରେ ଅନୁଷ୍ଠିତ ୧୧ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହା ପୂର୍ବରୁ ଜମ୍ମୁଠାରେ ଅନୁଷ୍ଠିତ ୧୦ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ନେରୁରକର ଆହୁରି ମଧ୍ୟ ୨୦୨୩ରେ ମୁମ୍ବାଇରେ ଅନୁଷ୍ଠିତ ମହାରାଷ୍ଟ୍ର ଚେସ୍ ରାପିଡ୍ ଚେସ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

# ଓଡ଼ିଶା ମହିଳା ଦଳକୁ ୨ ପଦକ


ପୂଜାସ୍ୱିନୀ ନାୟକ ଓ ଆଶା ସିଂ।

ଭୁବନେଶ୍ୱର,୨୧।୩
(ସରୋଜ ଜେନା)

**୧୬ତମ ଜାତୀୟ ହ୍ୱିଲଚେୟାର ଫେନ୍ସିଂ**

ତାମିଲନାଡୁର କୋଏମ୍ବାଟୋର ସ୍ଥିତ କେପିଆର ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିରେ ଅନୁଷ୍ଠିତ ଜାତୀୟ ହ୍ୱିଲ ଚେୟାର ଫେନ୍ସିଂର ମହିଳା ବର୍ଗରେ ଓଡ଼ିଶା ମହିଳା ଦଳ ପ୍ରଥମ ଦିନରେ ଦୁଇଟି ପଦକ ଜିତିଛନ୍ତି। ଆଶା ସିଂ ସ୍ୱର୍ଣ୍ଣ ଜିତିଥିବା ବେଳେ ପୂଜାସ୍ୱିନୀ ନାୟକ ରୌପ୍ୟ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ସାବ୍ରେ ବିଭାଗ- ବି ରେ ଆଶା ସିଂ ଗତ ସଂସ୍କରଣର ବିଜୟିନୀ ପୂଜାସ୍ୱିନୀଙ୍କୁ ୧୫-୧୦ରେ ପରାସ୍ତ କରିଥିଲେ। ଆମ ଖେଳାଳି ମନେ ଭଲ ପ୍ରଦର୍ଶନ କରିଛନ୍ତି। ପୂର୍ବ ବର୍ଷ ତୁଳନାରେ ଦଳ ଭଲ କରିବ ବୋଲି କୋଚ ପ୍ରଭାକର ବେହେରା କହିଛନ୍ତି।

# ଅଶୋକ, ପରମଜିତ୍‌ଙ୍କୁ ଅଲିମ୍ପିକ ଯୋଗ୍ୟତା

**ନୂଆଦିଲ୍ଲୀ, ୨୧।୩ (ପି.ଟି.):** ଇଜିପ୍ଟର ଶରମ ଏଲ୍. ଶେଖଠାରେ ଅନୁଷ୍ଠିତ ପାରା ପାୱାରଲିଫ୍ଟିଂ ୱାର୍ଲ୍ଡ କପ୍‌ରେ ଗୋଟିଏ ଲେଖାଏ ରୌପ୍ୟ ଜିତିବା ପରେ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ଅଶୋକ ଓ ପରମଜିତ କୁମାର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ୪୧କେଜି କାଟେଗୋରିରେ ଭାଗ ନେଇଥିବା ମନପ୍ରୀତ କୌର ୮୬କେଜି ଉତ୍ତୋଳନ କରି ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅଶୋକ ୧୯୨ ଓ ୧୯୬ କେଜି ଉତ୍ତୋଳନ କରି ରୌପ୍ୟ ପାଇଥିଲେ। ତାଙ୍କର ଦ୍ୱିତୀୟ ପ୍ରୟାସ 'ନୋ ଲିଫ୍ଟ' ଘୋଷଣା ପରେ ତୃତୀୟ ପ୍ରୟାସରେ ୧୯୬ କେଜି ଉଠାଇଥିଲେ। ୪୯କେଜି କାଟେଗୋରିରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପରମଜିତ୍ ପ୍ରଥମ ଦୁଇ ପ୍ରୟାସରେ ୧୬୦କେଜି ଓ ୧୬୬ କେଜି ଓଜନ ଉଠାଇ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ।

# ଓଡ଼ିଶାକୁ ୯ ପଦକ, ମୀନା ଶ୍ରେଷ୍ଠ ଲିଫ୍ଟର

ଭୁବନେଶ୍ୱର, ୨୧।୩
(ତପନ ସ୍ୱାଇଁ)


ପଦକ ଓ ଟ୍ରଫି ସହ ଓଡ଼ିଶା ଭାରୋତ୍ତୋଳନ ଦଳ।

ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଆନ୍ତଃ ଜୋନ୍ ଭାରୋତ୍ତୋଳନ ଜାତୀୟ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟରେ ଓଡ଼ିଶା ଭାରୋତ୍ତୋଳକମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ଦଳ ସିନିୟର ବିଭାଗରେ ଦଳଗତ ଚାମ୍ପିୟନ ହୋଇଥିବାବେଳେ ୟୁଥ୍ ବର୍ଗରେ ମୀନା ସାନ୍ତା ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ଓଡ଼ିଶା ପ୍ରତିନିଧି ଦଳରେ ୧୦ ଭାରୋତ୍ତୋଳକ ସାମିଲ ଥିଲେ। ସେମାନେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୯ ପଦକ ହାସଲ କରିଛନ୍ତି। ସିନିୟର ବର୍ଗରେ ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୟୁଥ୍ ବର୍ଗରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶା ଦଳର ନେତୃତ୍ୱ ନେଇଥିବା କୋଚ୍ ରବି କୁମାର କହିଛନ୍ତି ଯେ, ''ଦଳପାଇଁ ଏହା ଏକ ବଡ଼ ସଫଳତା। ଆମେ ଗତ କିଛି ସପ୍ତାହରେ କଠିନ ପରିଶ୍ରମ କରିଥିଲୁ। ଆମର ସମସ୍ତ ଆଥଲେଟ୍ ଶତ ପ୍ରତିଶତ ଦେଇଛନ୍ତି। କେତେକ କାରଣରୁ ଆମର ୪ ଆଥଲେଟ୍ ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲେ। ଏହା ସତ୍ତ୍ୱେ ଏପରି ଫଳାଫଳରେ ମୁଁ ଗର୍ବିତ। ଭରପୂର ସମର୍ଥନ ଯୋଗାଇ ଦେଇଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ନିକଟରେ ଆମେ କୃତଜ୍ଞ''। ୫୫ କେଜି ୟୁଥ୍ ବର୍ଗରେ ଶ୍ରେଷ୍ଠ ଲିଫ୍ଟର ବିବେଚିତ ମୀନା ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଥିବାକଥା କହିଛନ୍ତି। ଓଡ଼ିଶା ଟେନଭିକ୍ ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ଦୀର୍ଘଦିନଧରି ଟ୍ରେନିଂ ନେବାର ଏହା ଫଳ। ପ୍ରକାଶ ଯୋଗ୍ୟ ଯେ, ପଦକ ବିଜୟିନୀ ଝିଲୀ ଦଳବେହେରା, ସ୍ନେହା ସୋରେନ ଓ ଟିଙ୍କି ମୋହିନୀ ମଲିକ ମଧ୍ୟ ଓଡ଼ିଶା ଟେନଭିକ୍ ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରର କ୍ୟାଡେଟ।

# ବିସିସିଆଇ ଚୟନକର୍ତ୍ତା ଦୌଡ଼ରେ ମିଥୁନ୍, ନିଖିଲ, କ୍ରିଶନ

**ନୂଆଦିଲ୍ଲୀ,୨୧।୩(ପି.ଟି.):** ଜାତୀୟ ସିନିୟର ଦଳ ପାଇଁ ବିସିସିଆଇର ଏକ ଚୟନକର୍ତ୍ତା ପଦବୀ ଲାଗି ଦୌଡ଼ରେ ରହିଛନ୍ତି ଭାରତର ପୂର୍ବତନ ସ୍ପିନର ନିଖିଲ ଚୋପ୍ରା, ଦିଲ୍ଲୀ ଭେଟେରାନ ମିଥୁନ ମନହସ ଏବଂ ବର୍ତ୍ତମାନର ଜୁନିୟର ସିଲେକ୍ଟର କ୍ରିଶନ ମୋହନ। ୫ଜଣ ସଦସ୍ୟ ବିଶିଷ୍ଟ ସିଲେକ୍ସନ ପ୍ୟାନେଲର ଗୋଟିଏ ପଦବୀ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଜାନୁଆରୀରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ପଶ୍ଚିମାଞ୍ଚଳରୁ ଦୁଇ ଜଣ ସଲିଲ ଆଙ୍କୋଲା ଓ ଚେୟାରମ୍ୟାନ ଅଜିତ ଅଗରକର ପ୍ରତିନିଧିତ୍ୱ କରୁଛନ୍ତି। ବର୍ତ୍ତମାନ ଆଙ୍କୋଲୋ ଉତ୍ତରାଞ୍ଚଳରୁ ପ୍ରତିନିଧିତ୍ୱ କରିବା ପଥ ପରିଷ୍କାର ହୋଇଛି। ଖାଲିପଡ଼ିଥିବା ପଦବୀ ପାଇଁ ଆଶାୟୀଙ୍କ ମଧ୍ୟରେ ୨୦୨୧ ସେପ୍ଟେମ୍ବରରୁ ଜୁନିୟର ସିଲେକ୍ସନ ପ୍ୟାନେଲର ଅଂଶବିଶେଷ ରହି ଆସିଥିବା ପୂର୍ବତନ ପଞ୍ଜାବ କ୍ରିକେଟର ମୋହନ ଅନ୍ୟତମ ରହିଛନ୍ତି। ସେ ଏହି ପଦବୀ ପାଇଁ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଭାରତର ପୂର୍ବତନ ଉଇକେଟକିପର ଅଜୟ ରାତ୍ରା ମଧ୍ୟ ରହିଛନ୍ତି। ଆବେଦନପତ୍ର ଦାଖଲ ସମୟସୀମା ଜାନୁଆରୀ ୨୫ ରଖାଯାଇଥିଲା।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ